ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୨/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, August 22/2025 | Page 16 | ₹ 7.00 | BALASORE

୫୧ଶ ଭାଗ ୨୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 267 | ମୂଲ୍ୟ ₹୭/-

DADLS-44




# ଧନ୍ୟବାଦ
## ଶ୍ରୀ ନରେନ୍ଦ୍ର ମୋଦୀ ଜୀ
## ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଛଅ ଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ରିଙ୍ଗ ରୋଡ୍‌କୁ
## କେନ୍ଦ୍ର କ୍ୟାବିନେଟର ଅନୁମୋଦନ

- କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସହର ଦେଇ ଯାଉଥିବା ଭାରୀ ବାଣିଜ୍ୟିକ ଯାନବାହାନ ଗୁଡ଼ିକୁ ବିକଳ୍ପ ପଥ ପ୍ରଦାନ କରି ସହରର ଟ୍ରାଫିକକୁ ସୁନିୟନ୍ତ୍ରିତ କରାଯାଇ ପାରିବ
- ପ୍ରାୟ **୮,୩୦୮ କୋଟି** ଟଙ୍କା ବ୍ୟୟରେ ରାମେଶ୍ୱରରୁ ଟାଙ୍ଗି ପର୍ଯ୍ୟନ୍ତ ନିର୍ମାଣ ହେବ ପ୍ରାୟ **୧୧୧ କିଲୋମିଟର** ରିଙ୍ଗ ରୋଡ୍
- ଏନ୍‌ଏଚ୍‌-୫୫, ଏନ୍‌ଏଚ୍‌-୫୭, ଏନ୍‌ଏଚ୍‌-୬୫୫ ଏବଂ ଏସ୍‌ଏଚ୍‌-୬୫ ଏବଂ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ, ସାମାଜିକ ଓ ମଲ୍ଟି-ମୋଡାଲ୍ ଲଜିଷ୍ଟିକ୍ସ ପାର୍କ ଏବଂ ଲଜିଷ୍ଟିକ୍ସ କେନ୍ଦ୍ରଗୁଡ଼ିକୁ ଯୋଡ଼ିବ
- ସୃଷ୍ଟି ହେବ ପ୍ରାୟ **୭୪.୪୩ ଲକ୍ଷ** ପ୍ରତ୍ୟକ୍ଷ ଏବଂ **୯୩.୦୪ ଲକ୍ଷ** ପରୋକ୍ଷ ଶ୍ରମଦିବସ



OIPR-15001/13/0970/2526

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ଚାପୁଡ଼ା ମାରିବାରୁ ଶିକ୍ଷକଙ୍କୁ ଗୁଳିକଲେ ୯ମ ଶ୍ରେଣୀ ଛାତ୍ର

**ଡେରାଡୁନ୍, ୨୧।୮**

ଉତ୍ତରାଖଣ୍ଡର ଉଧାମ ସିଂ ନଗର ଜିଲା କାଶୀପୁରସ୍ଥିତ ଗୁରୁ ନାନକ ପ୍ରାଇଭେଟ ସ୍କୁଲରୁ ଏକ ଚାଞ୍ଚଲ୍ୟକର ଗୁଳିକାଣ୍ଡ ମାମଲା ସାମ୍ନାକୁ ଆସିଛି। ବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ପଢ଼ାଉଥିବା ଗଗନଦୀପ ସିଂ କୋହଲୀ କିଛିଦିନ ତଳେ ନବମ ଶ୍ରେଣୀ ଛାତ୍ର ସମର୍ଥ ବାଜୱାଙ୍କୁ ଚାପୁଡ଼ା ମାରିଥିଲେ। ସମର୍ଥ ଏହାର ପ୍ରତିଶୋଧ ନେବା ପାଇଁ ବୁଧବାର ଶ୍ରେଣୀଗୃହ ମଧ୍ୟରେ ଗଗନଦୀପଙ୍କୁ ଗୁଳି କରିଛନ୍ତି। ଗଗନଦୀପଙ୍କ ଡାହାଣ କାନ୍ଧରେ ଗୁଳି ଲାଗିଥିବାବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସମର୍ଥ ନିଜ ଟିଫିନ ବାକ୍ସ ମଧ୍ୟରେ ବନ୍ଧୁକ ଲୁଚାଇ ସ୍କୁଲକୁ ଆଣିଥିଲେ ବୋଲି ପୋଲିସ କହିଛି। ପୋଲିସ ବନ୍ଧୁକ ଜବତ କରିବା ସହ ସମର୍ଥଙ୍କୁ ଗିରଫ କରିଛି। ଗଗନଦୀପଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାବେଳେ ଆଇସିୟୁରେ ତାଙ୍କର ଚିକିତ୍ସା ଜାରି ରହିଛି ବୋଲି ଗୁରୁବାର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ସତୀଶ ଗୋଲ୍ଚା ହେଲେ ଦିଲ୍ଲୀ ପୋଲିସ କମିଶନର


ସତୀଶ ଗୋଲ୍ଚା

**ନୂଆଦିଲ୍ଲୀ, ୨୧।୮**

ବରିଷ୍ଠ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ସତୀଶ ଗୋଲ୍ଚାଙ୍କୁ ଗୁରୁବାର ଦିଲ୍ଲୀ ପୋଲିସର ନୂତନ କମିଶନର ଭାବେ ନିଯୁକ୍ତ କରାଯାଇଛି। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ସମ୍ପ୍ରତି ଦିଲ୍ଲୀ ପୋଲିସ କମିଶନର ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ଶଶୀଭୂଷଣ କୁମାର ସିଂଙ୍କୁ ଉକ୍ତ ପଦରୁ ହଟାଇ ଦିଆଯାଇଛି। ୧୯୯୨ ବ୍ୟାଚ୍ ଏଜିଏମ୍ୟୁଟି କ୍ୟାଡରର ସତୀଶ ସମ୍ପ୍ରତି ଦିଲ୍ଲୀର ଜେଲ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ବୁଧବାର ନିଜ ସିଭିଲ ଲାଇନ୍ସସ୍ଥିତ ବାସଭବନରେ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ତାଙ୍କ ଉପରକୁ ଆକ୍ରମଣ ହୋଇଥିଲା। ଏହି ଘଟଣାର ଦିନକ ପରେ ଦିଲ୍ଲୀ ପୋଲିସ କମିଶନରଙ୍କୁ ବଦଳା ଯାଇଛି।

**ଦିଲ୍ଲୀରେ ଆଜି**


ହିମାଚଳ ପ୍ରଦେଶ, ପଞ୍ଜାବ ଏବଂ ହରିୟାଣାରେ ପ୍ରବଳ ବର୍ଷା ଯୋଗୁ ଯମୁନାର ଜଳସ୍ତରରେ ବୃଦ୍ଧି ଘଟିଛି। ହରିୟାଣା ପକ୍ଷରୁ ହାଥନି ବ୍ୟାରେଜଠାରେ ଗେଟ୍ ଖୋଲାଯାଇଥିବାରୁ ଏହାର ପ୍ରଭାବରେ ଦିଲ୍ଲୀରେ ଯମୁନାର ଜଳସ୍ତର କ୍ରମାଗତ ଭାବେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। (ଫଟୋ–ଚମନ ଗୌତମ)

# ଶେଷ ହେଲା ମୌସୁମୀ ଅଧିବେଶନ


**ପାର୍ଲାମେଣ୍ଟ ଅନିର୍ଦ୍ଦିଷ୍ଟ କାଳ ମୁଲତବୀ**

**ଲୋକ ସଭାରେ ୧୨, ରାଜ୍ୟ ସଭାରେ ୧୫ ବିଲ୍ ଗୃହୀତ**

**ନୂଆଦିଲ୍ଲୀ,୨୧।୮(ପି.ଟି.)**

ଜୁଲାଇ ୨୧ରୁ ଆରମ୍ଭ ହୋଇଥିବା ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଗୁରୁବାର ଶେଷ ହୋଇଛି। ସଂସଦର ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଯାଇଛି। ଅପରେଶନ ସିନ୍ଦୂର, ବିହାରରେ ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପ୍ରସଙ୍ଗକୁ ନେଇ ଉଭୟ ଗୃହରେ ବିରୋଧୀ ସଦସ୍ୟମାନେ କ୍ରମାଗତ ଭାବେ ହଟ୍ଟଗୋଳ ଜାରି ରଖିବା ଓ କକ୍ଷତ୍ୟାଗ କରିବା ଆଦି କାରଣରୁ ଅଧିବେଶନର ଅନେକ ସମୟ ବରବାଦ ହୋଇଥିଲା। ଏହା ସତ୍ତ୍ୱେ ମାସେ ଧରି ଚାଲିଥିବା ଏହି ଅଧିବେଶନରେ ଲୋକ ସଭାରେ ୧୨ ବିଲ୍ ଗୃହୀତ ହୋଇଥିବାବେଳେ ରାଜ୍ୟ ସଭାରେ ୧୫ଟି ବିଲ୍‌କୁ ଅନୁମୋଦନ ମିଳିଥିଲା। ଲୋକ ସଭାରେ ଗୃହୀତ ବିଲ୍‌ଗୁଡ଼ିକ ମଧ୍ୟରେ ରହିଛି ଗୋଆ ରାଜ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଜାତି ପ୍ରତିନିଧିତ୍ୱର ସମାଯୋଜନ ବିଲ୍, ମର୍ଚ୍ଚାଣ୍ଟ ଶିପିଂ ବିଲ୍, ମଣିପୁର ଜିଏସ୍‌ଟି (ସଂଶୋଧନ) ବିଲ୍, ମଣିପୁର ବ୍ୟୟମଞ୍ଜୁରୀ(ନଂ.୨) ବିଲ୍, ଜାତୀୟ କ୍ରୀଡ଼ା ପରିଚାଳନା ବିଲ୍, ନ୍ୟାଶନାଲ ଆଣ୍ଟି–ଡୋପିଂ (ସଂଶୋଧନ) ବିଲ୍, ଆୟକର ବିଲ୍, ଟିକସ ଆଇନ (ସଂଶୋଧନ) ବିଲ୍, ଭାରତୀୟ ବନ୍ଦର ବିଲ୍, ଖଣି ଓ ଖଣିଜ(ବିକାଶ ଓ ନିୟାମକ) ସଂଶୋଧନ ବିଲ୍, ଆଇଆଇଏମ୍ (ସଂଶୋଧନ) ବିଲ୍ ଏବଂ ଅନ୍‌ଲାଇନ ଗେମିଂ ବିଲ୍। ସେହିପରି ରାଜ୍ୟ ସଭାରେ କ୍ୟାରେଜ୍ ଅଫ୍ ଗୁଡ୍ସ ବାଏ ସି ବିଲ୍, ଉପକୂଳ ଜାହାଜ ଚଳାଚଳ ବିଲ୍, ମଣିପୁର ଜିଏସ୍‌ଟି (ସଂଶୋଧନ) ବିଲ୍, ମଣିପୁର ବ୍ୟୟମଞ୍ଜୁରୀ ବିଲ୍, ଜାତୀୟ କ୍ରୀଡ଼ା ପରିଚାଳନା ବିଲ୍, ନ୍ୟାଶନାଲ ଆଣ୍ଟି ଡୋପିଂ (ସଂଶୋଧନ) ବିଲ୍, ଖଣି ଓ ଖଣିଜ (ସଂଶୋଧନ) ବିଲ୍, ଅନ୍‌ଲାଇନ ଗେମିଂ ବିଲ୍ ଇତ୍ୟାଦି।

ଏଥର ପାର୍ଲାମେଣ୍ଟରେ ସର୍ବାଧିକ ଅଚଳାବସ୍ଥା ଦେଖାଦେଇଥିଲା। ବିରୋଧୀ ସଦସ୍ୟମାନେ ଗୃହକାର୍ଯ୍ୟ ପରିଚାଳନାରେ ଆଦୌ ସହଯୋଗ କରି ନ ଥିଲେ। ଫଳରେ ସେମାନେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଲୋଚନାରେ ଭାଗନେଇ ପାରି ନ ଥିଲେ। ଜୁଲାଇ ୨୧ ତାରିଖରେ ଅଧିବେଶନ ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ହଠାତ୍ ଇସ୍ତଫା ଦେଇ ସମସ୍ତଙ୍କୁ ଚକିତ କରିଥିଲେ। ସେ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଉଛନ୍ତି ବୋଲି ଦର୍ଶାଇଥିବାବେଳେ ସରକାରଙ୍କ ସହ ତାଙ୍କ ମତଭେଦ ବଢ଼ିଥିବା ନେଇ ଚର୍ଚ୍ଚା ହେଉଛି। ଅଧିବେଶନ ଶେଷ ହେବାର ଦିନକ ପୂର୍ବରୁ ସରକାର ବୁଧବାର ୩ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୁରୁବାର ରାଜ୍ୟ ସଭାରେ ଉକ୍ତ ବିଲ୍ ଆଗତ କରିବା ପରେ ସେଗୁଡ଼ିକୁ ଅନୁଧ୍ୟାନ ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବା ପ୍ରସ୍ତାବ ଗୃହୀତ ହୋଇଥିଲା। ସେଥିରୁ ଗୋଟିଏ ହେଲା ଗୁରୁତର ଆପରାଧିକ ମାମଲାରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ୩୦ ଦିନ ଜେଲରେ ରହିଲେ, ସେମାନଙ୍କୁ ପଦ ଛାଡ଼ିବାକୁ ହେବ। ମାସେ ବ୍ୟାପୀ ଅଧିବେଶନରେ ଲୋକ ସଭା ମାତ୍ର ୩୧ ପ୍ରତିଶତ ଫଳପ୍ରଦ ହୋଇଛି। ୧୨୦ ଘଣ୍ଟା ସମୟ ମଧ୍ୟରୁ ମାତ୍ର ୩୭ ଘଣ୍ଟା ପାଇଁ ଆଲୋଚନା ହୋଇଥିଲା। ସେହିପରି ରାଜ୍ୟ ସଭା ୩୩ ପ୍ରତିଶତ ଫଳପ୍ରଦ ହୋଇଥିଲା।



# ନୂଆ ଆଧାର କାର୍ଡ ଜାରି କରିବନି ଆସାମ

**ଗୁଆହାଟୀ,୨୧।୮**

ଆସାମ ସରକାର ୧୮ ବର୍ଷରୁ ଊର୍ଦ୍ଧ୍ୱ ଯୁବପିଢ଼ିଙ୍କୁ ଆଉ ବର୍ଷେ ପାଇଁ ନୂଆ ଆଧାର କାର୍ଡ ଜାରି କରିବେ ନାହିଁ। ରାଜ୍ୟ କ୍ୟାବିନେଟ୍‌ରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗୁରୁବାର କହିଛନ୍ତି। କେବଳ ଅନୁସୂଚିତ ଜାତି, ଜନଜାତି ଓ ଚା' ବଗିଚା ଶ୍ରମିକମାନଙ୍କୁ ଆଧାର କାର୍ଡ ଜାରି ରହିବ। ଅନ୍ୟ ସମ୍ପ୍ରଦାୟର ଯେଉଁମାନେ ଏପର୍ଯ୍ୟନ୍ତ ଆଧାର କାର୍ଡ କରିନାହାନ୍ତି, ସେମାନଙ୍କୁ ସେପ୍ଟେମ୍ବର ମାସରେ ଆବେଦନ ପାଇଁ ସୁଯୋଗ ମିଳିବ। ଅତି ବିରଳ ମାମଲାରେ ଆବେଦନପତ୍ର ୱିଣ୍ଡୋ ବନ୍ଦ ହେବା ପରେ ଆଧାର କାର୍ଡ ଇସ୍ୟୁ ନେଇ ଜିଲା କମିଶନର ନିଷ୍ପତ୍ତି ନେବେ। ତେବେ ଏଥିପାଇଁ ଅନୁମୋଦନ କରିବା ପୂର୍ବରୁ କମିଶନରଙ୍କୁ ସ୍ପେଶାଲ ବ୍ରାଞ୍ଚ୍ ରିପୋର୍ଟ ଓ ଫରେନର୍ସ ଟ୍ରିବ୍ୟୁନାଲ ରିପୋର୍ଟକୁ ଯାଞ୍ଚ କରିବାକୁ ହେବ। ବେଆଇନ ବିଦେଶୀ ବିଶେଷ କରି ବାଂଲାଦେଶୀମାନେ ଯେପରି ଆସାମରେ ଆଧାର କାର୍ଡ ନ ପାଆନ୍ତି ଓ ନିଜକୁ ଭାରତୀୟ ନାଗରିକ ଭାବେ ଦାବି ନ କରନ୍ତି, ସେଥିପାଇଁ ସରକାର ଏଭଳି ନିଷ୍ପତ୍ତି ନେଇଥିବା ବିଶ୍ୱଶର୍ମା କହିଛନ୍ତି।

# ୮ ମାମଲାରେ ଇମ୍ରାନ୍‌ଙ୍କୁ ଜାମିନ

**ଇସଲାମାବାଦ, ୨୧।୮**


ଇମ୍ରାନ୍ ଖାନ୍

ପାକିସ୍ତାନ ସୁପ୍ରିମକୋର୍ଟ ଗୁରୁବାର ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପିଟିଆଇ ପ୍ରତିଷ୍ଠାତା ଇମ୍ରାନ୍ ଖାନ୍‌ଙ୍କୁ ୨୦୨୩ ମେ' ୯ରେ ହୋଇଥିବା ହିଂସାର ୮ ବିଭିନ୍ନ ମାମଲାରେ ଜାମିନ ପ୍ରଦାନ କରିଛନ୍ତି। ପୂର୍ବରୁ ଉକ୍ତ ମାମଲାଗୁଡ଼ିକରେ ଲାହୋର ହାଇକୋର୍ଟ ଇମ୍ରାନ୍‌ଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରିଥିଲେ। ସୁପ୍ରିମକୋର୍ଟ ଲାହୋର ହାଇକୋର୍ଟଙ୍କ ଉକ୍ତ ନିର୍ଦ୍ଦେଶକୁ ରଦ୍ଦ କରିଛନ୍ତି। ୨୦୨୩ ମେ'୯ରେ ଇମ୍ରାନ୍‌ଙ୍କ ଗିରଫଦାରି ପରେ ତାଙ୍କ ସମର୍ଥକମାନେ ଦେଶବ୍ୟାପୀ ହିଂସାତ୍ମକ ବିରୋଧ ପ୍ରଦର୍ଶନ କରିଥିଲେ, ଯାହାପରେ ଇମ୍ରାନ୍‌ଙ୍କ ବିରୋଧରେ ଉକ୍ତ ୮ ମାମଲା ରୁଜୁ କରାଯାଇଥିଲା। ତେବେ ସମ୍ପ୍ରତି ଇମ୍ରାନ୍ ବିଭିନ୍ନ ଅନ୍ୟାନ୍ୟ ମାମଲାରେ ମଧ୍ୟ ଅଭିଯୁକ୍ତ ଥିବାରୁ ସେ ଜେଲରୁ ମୁକୁଳି ନ ପାରନ୍ତି ବୋଲି ବିଭିନ୍ନରେ ରିପୋର୍ଟ ପ୍ରକାଶ ପାଇଛି।

# ପାକ୍‌ରେ ସଂଖ୍ୟାଲଘୁ ବିରୋଧୀ ହିଂସା ବଢ଼ିଛି

**ଲାହୋର, ୨୧।୮ (ପି.ଟି.)**

ପାକିସ୍ତାନ ମାନବାଧିକାର କମିଶନ (ଏଚ୍ଆର୍‌ସିପି)ର ସଦ୍ୟ ରିପୋର୍ଟ 'ଷ୍ଟ୍ରିଟ୍‌ସ୍ ଅଫ୍ ଫିଅର: ଫ୍ରିଡମ୍ ଅଫ୍ ରିଲିଜିଅନ୍ ଅର୍ ବିଲିଫ୍ ଇନ୍ ୨୪/୨୫' ଅନୁଯାୟୀ, ଗତ ବର୍ଷକ ମଧ୍ୟରେ ଦେଶରେ ହିନ୍ଦୁ, ଖ୍ରୀଷ୍ଟିଆନ ପରି ସଂଖ୍ୟାଲଘୁ ସମୁଦାୟର ଲୋକଙ୍କ ବିରୋଧରେ ହିଂସା ମାମଲାରେ ବୃଦ୍ଧି ଘଟିଛି। ସେହିପରି ପାକିସ୍ତାନର ପଞ୍ଜାବ ଏବଂ ସିନ୍ଧ ଅଞ୍ଚଳରେ ହିନ୍ଦୁ ଏବଂ ଖ୍ରୀଷ୍ଟିଆନ ଯୁବତୀଙ୍କୁ ଜବରଦସ୍ତ ଧର୍ମ ପରିବର୍ତ୍ତନ ଏବଂ କମ୍ ବୟସରେ ବିବାହ ପରି ମାମଲା ମଧ୍ୟ ଦ୍ରୁତ ଗତିରେ ବଢ଼ୁଥିବା ଏଚ୍ଆର୍‌ସିପି କହିଛି। ଦେଶରେ ବାଲ୍ୟ ବିବାହ ନିବାରଣ ଆଇନକୁ କାର୍ଯ୍ୟକାରୀ କରିବାରେ ଶାସନତନ୍ତ୍ରର ବିଫଳତାକୁ ଏହି ତଥ୍ୟ ଦର୍ଶାଉଥିବା ନେଇ ରିପୋର୍ଟରେ କୁହାଯାଇଛି।

# ୟୁକ୍ରେନ୍ ଯୁଦ୍ଧ ବନ୍ଦ ପାଇଁ ଭାରତ ଉପରେ ଟାରିଫ୍

**ୱାଶିଂଟନ, ୨୧।୮**

ରୁଷିଆରୁ ତୈଳ କିଣୁଥିବା ଦର୍ଶାଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀର ଆମଦାନି ଉପରେ ୨ଟି ପର୍ଯ୍ୟାୟରେ ୫୦% ଟାରିଫ ଲଗାଇଛନ୍ତି। ରୁଷିଆ–ୟୁକ୍ରେନ୍ ଯୁଦ୍ଧକୁ ବନ୍ଦ କରିବା ପାଇଁ ଭାରତ ଉପରେ ଉକ୍ତ ଟାରିଫ ଲଗାଯାଇଥିବା ହ୍ୱାଇଟହାଉସ୍ ପ୍ରେସ୍ ସେକ୍ରେଟାରୀ କାରୋଲିନ୍ ଲେଭିଟ୍ କହିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ୍ ରୁଷିଆ–ୟୁକ୍ରେନ୍ ଯୁଦ୍ଧକୁ ସମାପ୍ତ କରିବାକୁ ଚାହାଁନ୍ତି ବୋଲି ଅନେକବାର ସ୍ପଷ୍ଟ କରିଛନ୍ତି। ତେଣୁ ସେ ଭାରତ ଉପରେ ଟାରିଫ ଲଗାଇବା ସହ ଆହୁରି ଅନେକ ପଦକ୍ଷେପ ନେଇଛନ୍ତି ବୋଲି ହ୍ୱାଇଟହାଉସରେ ଖବରଦାତା ସମ୍ମିଳନୀ କରୁଥିବା ବେଳେ ଏକ ପ୍ରଶ୍ନର ଉତ୍ତରରେ କାରୋଲିନ୍ କହିଛନ୍ତି। ୟୁକ୍ରେନ୍‌କୁ ଆକ୍ରମଣ ବନ୍ଦ କରିବା ପାଇଁ ରୁଷିଆ ଉପରେ ଚାପ ପକାଇବା ଦିଗରେ ଏହା ଏକ ସୁଚିନ୍ତିତ ପ୍ରୟାସ ବୋଲି ସେ କହିଛନ୍ତି।

# ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଜେଡ୍ ଶ୍ରେଣୀ ସୁରକ୍ଷା

**ନୂଆଦିଲ୍ଲୀ, ୨୧।୮**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ବୁଧବାର ଆକ୍ରମଣ କରାଯିବା ପରେ ଗୁରୁବାର କେନ୍ଦ୍ର ସରକାର ତାଙ୍କୁ ଜେଡ୍ ଶ୍ରେଣୀ ସୁରକ୍ଷା ପ୍ରଦାନ କରିଛନ୍ତି। ଏବେ ରେଖାଙ୍କର ସୁରକ୍ଷା ଦାୟିତ୍ୱ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ସ୍ୱତନ୍ତ୍ର ଭିଆଇପି ସୁରକ୍ଷା ଗ୍ରୁପ୍ ନିକଟରେ ରହିବ। ତାଙ୍କ ସୁରକ୍ଷାରେ ସିଆର୍‌ପିଏଫ୍‌ର ୨୨ରୁ ୨୫ ସଶସ୍ତ୍ର କମାଣ୍ଡୋ ନିୟୋଜିତ ରହିବେ। ତେବେ ରେଖାଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତ ରାଜେଶ ଭାଇ ଖିମଜୀ ଭାଇ ଶକରିୟାଙ୍କୁ ଗୁରୁବାର ଦିଲ୍ଲୀର ଦ୍ୱାରକାସ୍ଥିତ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ୍ ଅଦାଲତରେ ହାଜର କରାଯାଇଥିଲା। ଅଦାଲତ ତାଙ୍କୁ ୫ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି।

# ନାମାଙ୍କନପତ୍ର ଦାଖଲକଲେ ସୁଦର୍ଶନ ରେଡ୍ଡୀ

**ଉପରାଷ୍ଟ୍ରପତି ନିର୍ବାଚନ**

**ନୂଆଦିଲ୍ଲୀ,୨୧।୮(ପି.ଟି.)**


ଜଷ୍ଟିସ୍ ସୁଦର୍ଶନ ରେଡ୍ଡୀ ନାମାଙ୍କନପତ୍ର ଦାଖଲ କରୁଥିବାବେଳେ ପାଖରେ ଅଛନ୍ତି କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ, ସୋନିଆ ଗାନ୍ଧୀ, ଏନ୍‌ସିପି(ଏସ୍‌ପି) ନେତା ଶରଦ୍ ପାୱାର।

ସେପ୍ଟେମ୍ବର ୯ରେ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନ ଲାଗି ବିରୋଧୀ ଦଳଗୁଡ଼ିକର ମିଳିତ ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀ ଗୁରୁବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ବୁଧବାର ଏନ୍‌ଡିଏ ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ଏହି ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଜଷ୍ଟିସ୍ ରେଡ୍ଡୀ ନାମାଙ୍କନ ଭରିବା ଅବସରରେ କହିଛନ୍ତି, ଲଢ଼େଇ କେବଳ ଜଣେ ବ୍ୟକ୍ତିବିଶେଷଙ୍କୁ ନେଇ ନୁହେଁ, ବରଂ ସଂସଦ ସଚ୍ଚୋଟତାର ସହ କାର୍ଯ୍ୟ କରିବା, ଅସହମତିକୁ ସମ୍ମାନ ମିଳିବା ଏବଂ ଅନୁଷ୍ଠାନଗୁଡ଼ିକ ନିରପେକ୍ଷ ଭାବେ ଜନସାଧାରଣଙ୍କ ସେବା କରିବା ନେଇ ଭାରତର ବିଚାରଧାରାକୁ ପୁନଃ ପୁଷ୍ଟି କରାଇବା। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ରେଡ୍ଡୀ ନାମାଙ୍କନପତ୍ର ଦାଖଲ କରିବା ସମୟରେ ତାଙ୍କ ସହ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ସୋନିଆ ଗାନ୍ଧୀ, ଏନ୍‌ସିପି(ଏସପି) ମୁଖ୍ୟ ଶରଦ ପାୱାର, ସମାଜବାଦୀ ପାର୍ଟି ନେତା ରାମଗୋପାଳ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

**ଫୁର୍‌ସତ୍**

# ଶୋଇଥିବା ଭିଡିଓ ଦେଖାଇ ଲକ୍ଷାଧିକ ରୋଜଗାର


ଡେବୋରା ପିକ୍ସୋଟୋ

**ବ୍ରାସିଲିଆ**

ବ୍ରାଜିଲର କଣ୍ଟେଣ୍ଟ କ୍ରିଏଟର ତଥା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଡେବୋରା ପିକ୍ସୋଟୋ (୩୨) ସମ୍ପ୍ରତି ନିଜର ଏକ ଅନନ୍ୟ ଷ୍ଟ୍ରିମିଂ ପାଇଁ ଚର୍ଚ୍ଚାରେ ରହିଛନ୍ତି। ସେ ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଶୋଇବା ବେଳର ନିଜ ଭିଡିଓ ଲୋକଙ୍କୁ ଦେଖାଇ ପ୍ରତିଦିନ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଡେବୋରା କହିଛନ୍ତି, ପ୍ରଶଂସକମାନେ ତାଙ୍କୁ ରାତିରେ ଶୋଇଥିବାବେଳେ ଦେଖିବା ପାଇଁ ପସନ୍ଦ କରୁଛନ୍ତି ଏବଂ ଏଥିପାଇଁ ସେମାନେ ତାଙ୍କୁ ଅର୍ଥ ଦେଉଛନ୍ତି। ସାରା ରାତି ତାଙ୍କ ଶୋଇବାର ଲାଇଭ୍ ଷ୍ଟ୍ରିମିଂ ଦେଖିବା ପାଇଁ ଡେବୋରା ତାଙ୍କ ପ୍ରତ୍ୟେକ ପ୍ରଶଂସକଙ୍କୁ ୮୪ ପାଉଣ୍ଡ (ପ୍ରାୟ ୧୦ ହଜାର ଟଙ୍କା) ଚାର୍ଜ କରିଥାନ୍ତି। ଡେବୋରା ଏହି ଷ୍ଟ୍ରିମିଂକୁ 'ନାଇଟ୍ ଟାଇମ୍ ରିୟାଲିଟି ଶୋ'ର ନାମ ଦେଇଛନ୍ତି, ଯେଉଁଥିରେ ପ୍ରତିଦିନ ସର୍ବାଧିକ ୪୦ ଜଣ ପ୍ରଶଂସକ ଏହି ନିଆରା ଲାଇଭ୍ ଷ୍ଟ୍ରିମିଂକୁ ଦେଖିବାର ସୁଯୋଗ ପାଇଥାନ୍ତି।

ଡେବୋରା କହିଛନ୍ତି, ତାଙ୍କ ପ୍ରଶଂସକମାନେ ଏଥିରେ ଏକ ଭିନ୍ନ ପ୍ରକାରର ଶାନ୍ତି ଓ ଆତ୍ମୀୟତାକୁ ଅନୁଭବ କରୁଛନ୍ତି। ତେଣୁ ଲୋକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି କିଛିଦିନ ତଳେ ଡେବୋରା ଏହାକୁ ଏକ ବ୍ୟବସାୟରେ ପରିଣତ କରିବାକୁ ଚିନ୍ତା କରିଥିଲେ। ସେ ତାଙ୍କ ଶୟନ କୋଠରିକୁ ଏପରି ଭାବରେ ସଜାଇଛନ୍ତି, ଯେପରି ଲାଇଭ୍ ଷ୍ଟ୍ରିମିଂରେ ଦର୍ଶକମାନେ ତାଙ୍କ ସହ ପୂରା କୋଠରିକୁ ଦେଖିପାରିବେ ଏବଂ ଉକ୍ତ କୋଠରିରେ ଥିବା ପରି ସେମାନଙ୍କୁ ଅନୁଭବ ହେବ।

DSPL-215

**ପର୍ବପର୍ବାଣୀ ଓ ଉତ୍ସବ ଆୟୋଜକଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ**

- ଅନାଧିକୃତ ବିଦ୍ୟୁତ୍ ସଂଯୋଗରୁ ଦୂରେଇ ରୁହନ୍ତୁ ଏବଂ ଉପଯୁକ୍ତ ଦେୟ୍ ପଇଠ କରି ଡିସ୍କମ୍ ରୁ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ।
- ଅସ୍ଥାୟୀ ପୂଜା ପେଣ୍ଡାଲ୍ ନିର୍ମାଣ କରିବା ଏବଂ ଭସାଣି ଉତ୍ସବ କରିବା ପୂର୍ବରୁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟକୁ ସୂଚନା ଦିଅନ୍ତୁ ଏବଂ ଆବଶ୍ୟକ ଅନୁମତି ନିଅନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର ସୁନିଶ୍ଚିତ କରାନ୍ତୁ।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଉତ୍ସବ ପାଳନ ସମୟରେ ଓଭରଲୋଡିଂ ଏବଂ ସମ୍ଭାବ୍ୟ ବ୍ଲାକଆଉଟ୍ ରୋକିବା ପାଇଁ ବୈଦ୍ୟୁତିକ ଲୋଡ୍‌କୁ ସଠିକ୍ ଭାବରେ ପରିଚାଳନା କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୭/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ସୁନିଶ୍ଚିତ କରନ୍ତୁ ଯେ ସମସ୍ତ ବୈଦ୍ୟୁତିକ ସ୍ଥାପନା ସଠିକ୍ ଭାବେ ଆର୍ଥିଙ୍ଗ୍ ହୋଇଛି କି ନାହିଁ।
- ସୁନିଶ୍ଚିତ କରନ୍ତୁ ଯେ ବୈଦ୍ୟୁତିକ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ସ୍ଥାପିତ ହୋଇଛି।
- ନିଶ୍ଚିତ କରନ୍ତୁ ଯେ ସମସ୍ତ ଉତ୍ସବ ପାଳନ ସ୍ଥାନ ଗୁଡିକୁ ବୈଦ୍ୟୁତିକ ସୁରକ୍ଷା ପାଇଁ ନଜରରେ ରଖାଯାଇଛି ଏବଂ ଯଦି କୌଣସି ସ୍ଥାନରେ ବୈଦ୍ୟୁତିକ ଇନଷ୍ଟାଲେସନ୍ ଅସୁରକ୍ଷିତ ଥାଏ, ତୁରନ୍ତ ଡିସ୍କମ୍ ଅଧିକାରୀଙ୍କୁ ଜଣାନ୍ତୁ।
- ବୈଦ୍ୟୁତିକ ସୁରକ୍ଷା ପରାମର୍ଶଗୁଡିକୁ ଅନୁସରଣ କରନ୍ତୁ ଏବଂ ଡିସ୍କମ୍ କର୍ମଚାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଉତ୍ସବ ପାଇଁ ସୁରକ୍ଷିତ ବୈଦ୍ୟୁତିକ ସେଟ୍‌ଅପ୍ କରନ୍ତୁ।
- ପୂଜା ସ୍ଥଳୀରେ ୧୦୦ ରୁ ଅଧିକ ଜନସମାଗମର ସମ୍ଭାବନାଥିଲେ ଏହାର ବୈଦ୍ୟୁତିକ ଉପକରଣର ସୁରକ୍ଷା ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍କୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0029/2526

ଧରିତ୍ରୀ 51 Years
# ଧରିତ୍ରୀ DHARITRI



# ଖୁବ୍‌ଶୀଘ୍ର ହାତୀ ସୁରକ୍ଷା ସ୍ୱତନ୍ତ୍ର ନୀତି: ମୁଖ୍ୟମନ୍ତ୍ରୀ

ରାଜ୍ୟରେ ହାତୀ-ମଣିଷ ସଂଘର୍ଷକୁ ରୋକିବା ଏବଂ ଏହି ଐତିହ୍ୟ ପ୍ରାଣୀଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ନୀତି ଖୁବ୍‌ଶୀଘ୍ର ଅଣାଯିବ। ଏଥିସହ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ନିକଟ ଗୋଡ଼ିବାରିରେ ସ୍ଥାପନ ହେବ ବିଶ୍ୱର ପ୍ରଥମ 'ଏସିଆନ୍ ଏଲିଫାଣ୍ଟ ସ୍ପେସିସ୍ ସର୍ଭାଇଭାଲ୍ ସେଣ୍ଟର'। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଘୋଷଣା କରିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ଦୁଇଦିନିଆ ମାନବ-ହାତୀ ସହାବସ୍ଥାନ ଅନ୍ତର୍ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ହାତୀମାନେ କେବଳ ପ୍ରାଣୀ ନୁହଁନ୍ତି, ସେମାନେ ଆମର ପରିଚୟ ଏବଂ ଇତିହାସ ଓ ଆଧ୍ୟାତ୍ମିକତାର ଅଂଶ। ଜାତୀୟ ଐତିହ୍ୟ ପ୍ରାଣୀ ଭାବେ ହାତୀ ପ୍ରକୃତରେ ଆମ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ତେବେ କୃଷି ପ୍ରସାର ଓ ଭିତ୍ତିଭୂମି ବିକାଶ ପାରମ୍ପରିକ ହାତୀ ବାସସ୍ଥାନକୁ ସଙ୍କୁଚିତ କରୁଛି, ଫଳରେ ମଣିଷ-ହାତୀ ସଂଘର୍ଷ ହେଉଛି। ହେବାକୁ ଥିବା ଏଲିଫାଣ୍ଟ ସର୍ଭାଇଭାଲ୍ ସେଣ୍ଟର ହାତୀଙ୍କ ସୁରକ୍ଷା ପାଇଁ ବେଶ୍ ସହାୟକ ହେବ। ସେମାନେ କିଭଳି ଜଙ୍ଗଲରେ ସୁରକ୍ଷିତ ରହିବେ, ଗାଁ କିମ୍ବା ସହରମୁହାଁ ହେବେନାହିଁ ସେନେଇ ଆବଶ୍ୟକ ପଦକ୍ଷେପ ନେବା ଦିଗରେ ଏହି କେନ୍ଦ୍ର ଗବେଷଣା କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଗୋଡ଼ିବାରିରେ ହେବ ଏସିଆନ୍ ଏଲିଫାଣ୍ଟ ସ୍ପେସିସ୍ ସର୍ଭାଇଭାଲ୍ ସେଣ୍ଟର



ମାନବ-ହାତୀ ସହାବସ୍ଥାନ ଅନ୍ତର୍ଜାତୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପେଣ୍ଟିଂ ପ୍ରଦାନ କରୁଛନ୍ତି ପିସିସିଏଫ୍ (ବନ୍ୟପ୍ରାଣୀ) ପି.କେ. ଝା।

**ଭୁବନେଶ୍ୱର,୨୧।୮(ବନ୍ଦନା ସେଠୀ)**

ଭୁବନେଶ୍ୱର ମେ ଫେୟାର ହୋଟେଲରେ ଗୁରୁବାର ଆୟୋଜିତ କର୍ମଶାଳାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଲିଫାଣ୍ଟ ସର୍ଭାଇଭାଲ୍ ସେଣ୍ଟର କେବଳ ଓଡ଼ିଶା ପାଇଁ ନୁହେଁ, ସମଗ୍ର ଦକ୍ଷିଣ ଏବଂ ଦକ୍ଷିଣପୂର୍ବ ଏସିଆ ପାଇଁ ଗବେଷଣା, ନୀତି ଓ ସର୍ବୋତ୍ତମ ଅଭ୍ୟାସକୁ ପ୍ରୋତ୍ସାହିତ କରିବ। ଏହି ପଦକ୍ଷେପ ଏସୀୟ ହାତୀ ସଂରକ୍ଷଣରେ ଏକ ନୂତନ ବିଶ୍ୱ ମାନଦଣ୍ଡ ସ୍ଥାପନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ହାତୀ କରିଡର ମ୍ୟାପିଂ, ଅବକ୍ଷୟ ଜଙ୍ଗଲର ପୁନରୁଦ୍ଧାର, ଗଜ ସାଥୀ ଏବଂ ବନ ସୁରକ୍ଷା ସମିତି ମାଧ୍ୟମରେ ସ୍ଥାନୀୟ ସୁରକ୍ଷା ଗୋଷ୍ଠୀକୁ ସଶକ୍ତ କରିବା, ଶିକାର ବିରୋଧୀ ସ୍କ୍ୱାଡ୍‌କୁ ସୁଦୃଢ଼ କରିବା ଏବଂ ହାତୀ ଗତିବିଧିକୁ ଟ୍ରାକ୍ କରିବା ପାଇଁ ଜିପିଏସ୍ କଲାର, ଡ୍ରୋନ୍ ଏବଂ ଏଆଇ କ୍ୟାମେରା ବ୍ୟବହାର ସହ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ହାତୀମାନେ ମୁକ୍ତ ଭାବେ ବିଚରଣ କରିବା, ଆମ ଜଙ୍ଗଲକୁ ସୁସ୍ଥ ରଖିବା ଏବଂ ସମ୍ପ୍ରଦାୟଗୁଡ଼ିକ ପ୍ରାଣୀମାନଙ୍କ ସହିତ ଶାନ୍ତିରେ ସହାବସ୍ଥାନ କରିବା ନେଇ ଓଡ଼ିଶା ପାଇଁ ଏକ ବିକାଶ ମଡେଲ ସୃଷ୍ଟି କରିବା ଆମର ଦୃଷ୍ଟିକୋଣ। ତେଣୁ ଏହି ମଡେଲ ବିଶ୍ୱର ଅନ୍ୟ ଦେଶକୁ ପ୍ରେରଣା ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଥିରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ ଯୋଗଦେଇ ପ୍ରମୁଖ ରଣନୀତି ମଧ୍ୟରେ ହାତୀଙ୍କ ବାସସ୍ଥାନର ପୁନରୁଦ୍ଧାର ଉପରେ ଗୁରୁତ୍ୱାରୋପ କରିଥିଲେ। ପିସିସିଏଫ୍ (ବନ୍ୟପ୍ରାଣୀ) ପି. କେ. ଝା ସ୍ୱାଗତ ଭାଷଣ ଦେଇଥିବାବେଳେ ଆଇୟୁସିଏନ୍ ସ୍ପେସିସ୍ ସର୍ଭାଇଭାଲ୍ ଉପାଧ୍ୟକ୍ଷ ହାଇଡି ରିଡ୍‌ଲେ ଯୋଗଦେଇ ସହଯୋଗପୂର୍ଣ୍ଣ ବିଶ୍ୱସ୍ତରୀୟ ପ୍ରୟାସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପିସିସିଏଫ୍ ସୁରେଶ ପନ୍ଥ ହାତୀ ସଂରକ୍ଷଣରେ ରାଜ୍ୟ ସରକାରଙ୍କ ପଦକ୍ଷେପ ସମ୍ପର୍କରେ କହିଥିଲେ। କଲମ୍ବସ ଚିଡ଼ିଆଖାନାର ପ୍ରାଣୀ ଯତ୍ନ ଉପାଧ୍ୟକ୍ଷ ଆଡାମ ଫେଲ୍ଟସ ସର୍ବୋତ୍ତମ ଅଭ୍ୟାସ ଉପରେ ଅନ୍ତର୍ଜାତୀୟ ଦୃଷ୍ଟିକୋଣ ସମ୍ପର୍କରେ କହିଥିଲେ। ଅତିରିକ୍ତ ବନ ମହାନିର୍ଦ୍ଦେଶକ ରମେଶ କୁମାର ପାଣ୍ଡେ, ଅତିରିକ୍ତ ☞ପୃଷ୍ଠା-୨

# ୧୮ରୁ ମୌସୁମୀ ଅଧିବେଶନ

**ଭୁବନେଶ୍ୱର,୨୧।୮ (ରବିନାରାୟଣ ଜେନା)**

- ଉଠିବ ଭୋଟ୍ ଚୋରି, ଅନାସ୍ଥା ଓ ନାରୀ ନିର୍ଯାତନା: ବିରୋଧୀ
- ଗଠନମୂଳକ ପ୍ରସ୍ତାବକୁ ସ୍ୱାଗତ କରିବୁ:ସଂସଦୀୟ ବ୍ୟାପାର ମନ୍ତ୍ରୀ

ବହୁ କଳ୍ପନା ଜଳ୍ପନା ପରେ ଚଳିତବର୍ଷ ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ସେପ୍ଟେମ୍ବର ୧୮ରୁ ଆରମ୍ଭ ହେବ। ଏହି ଅଧିବେଶନରେ ମାତ୍ର ୭ଟି କାର୍ଯ୍ୟଦିବସ ରହିଛି ବୋଲି ବିଧାନସଭା ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଏ ସଂକ୍ରାନ୍ତରେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ, ସେପ୍ଟେମ୍ବର ୧୮ ତଥା ଗୁରୁବାର ମୌସୁମୀ ଅଧିବେଶନ ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହେବ। ତେବେ ୧୮ ତାରିଖରେ ସରକାରୀ କାର୍ଯ୍ୟଦିବସ,୧୯ରେ ବେସରକାରୀ ବିଲ୍ ଓ ସଂକଳ୍ପ ଆଗତ ହେବାକୁ ରହିଥିବାବେଳେ ୨୦ରେ ସରକାରୀ କାର୍ଯ୍ୟଦିବସ ରହିଛି। ସେପ୍ଟେମ୍ବର ୨୧ ରବିବାର ପଡୁଥିବାରୁ ଉକ୍ତଦିନ ବିଧାନସଭା ପକ୍ଷରୁ କୌଣସି କାର୍ଯ୍ୟ ରଖାଯାଇନାହିଁ। ୨୨ରୁ ୨୫ ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟଦିବସ ରହିଛି। ତେବେ ଦୀର୍ଘଦିନ ଧରି ଅପେକ୍ଷାରେ ରହିଥିବା ବିରୋଧୀ ବିଜେଡି ଓ କଂଗ୍ରେସ ଏହି ସ୍ୱଳ୍ପକାଳୀନ ଅଧିବେଶନରୁ କିଭଳି ଫାଇଦା ଉଠାଇବେ ସେଥିପାଇଁ ଏବେଠାରୁ ରଣହୁଙ୍କାର ଦେଇଥିବାବେଳେ ଶାସକଦଳ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହାର କଡ଼ା ଜବାବ ରଖିଛନ୍ତି।

ମୌସୁମୀ ଅଧିବେଶନକୁ ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଏଥର ଭାଜପା ସରକାରଙ୍କ ଭୋଟ୍ ଚୋରିଠାରୁ ଆରମ୍ଭ କରି ବାଲେଶ୍ୱର ଛାତ୍ରୀ ଆତ୍ମାହୁତି, ବଲଙ୍ଗା ଛାତ୍ରୀପୋଡ଼ି ଭଳି ସମସ୍ତ ନାରୀ ନିର୍ଯାତନା ପ୍ରସଙ୍ଗକୁ କଂଗ୍ରେସ ଅସ୍ତ୍ର କରିବ। ରାଜ୍ୟରେ ନାରୀମାନେ କିଭଳି ଅସୁରକ୍ଷିତ ଅଛନ୍ତି, ସେହି ବିଷୟରେ ସ୍ୱର ଉଠାଯିବ। ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ଓଡ଼ିଶାରେ କିଭଳି ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ତାକୁ ନେଇ ସରକାରଙ୍କୁ ଜବାବ ମଗାଯିବ। ଏହାସହିତ ଭୋଟ ଚୋରି ଓ ନାରୀ ନିର୍ଯାତନା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ। ଏନେଇ ବିରୋଧୀଦଳ ବିଜେଡି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇ ରଣନୀତି ସ୍ଥିର କରାଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଶାସକଦଳ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ଏହା ସ୍ୱଳ୍ପକାଳୀନ ଅଧିବେଶନ ହୋଇଥିଲେ ହେଁ ଏହାର ଗୁରୁତ୍ୱ ଅଧିକ ରହିଛି। ବିରୋଧୀ ଦଳ ପକ୍ଷରୁ ଯାହା ସବୁ ଗଠନମୂଳକ ପ୍ରସ୍ତାବ ଦିଆଯିବ, ତାହା ଉପରେ ସରକାର ଆଲୋଚନା କରିବାକୁ ପ୍ରସ୍ତୁତ। ବିରୋଧୀ ବିରୋଧ କରିବାର ମନା ନାହିଁ, ହେଲେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସକାରାତ୍ମକ ଢଙ୍ଗରେ ଯେଉଁ ପ୍ରସ୍ତାବ ଉପରେ ଆଲୋଚନା କରିବାକୁ ଚାହିଁବେ, ସରକାର ସେଥିପାଇଁ ପ୍ରସ୍ତୁତ।

# ୩୧ରେ ଆଉ ୯ ନୂଆ ଏନ୍‌ଏସି ଘୋଷଣା: ମନ୍ତ୍ରୀ

**ଭୁବନେଶ୍ୱର,୨୧।୮ (ରବିନାରାୟଣ ଜେନା)**

**ଝାରସୁଗୁଡ଼ା ମହାନଗର ନିଗମ ଘୋଷଣା ହୋଇପାରେ**

ନଗର ଉନ୍ନୟନ ବିଭାଗ ପକ୍ଷରୁ ଆସନ୍ତା ୩୧ରେ ପାଳିତ ହେବାକୁ ଥିବା ସ୍ୱାୟତ୍ତଶାସନ ଦିବସ ଅବସରରେ ବଡ଼ଧରଣର ଘୋଷଣା ହେବ। ପୂର୍ବ ସରକାର ୨୧ଟି ସହରାଞ୍ଚଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ମାନ୍ୟତା ଦେବାକୁ ପ୍ରତିଶ୍ରୁତି ଦେଇଥିବାବେଳେ ରାଜ୍ୟରେ ଭାଜପା ସରକାର ଏହାଠାରୁ ଆଉପାଦେ ଆଗକୁ ଯିବାକୁ ଲକ୍ଷ୍ୟ ରଖିଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଗୁରୁବାର ଗଣମାଧ୍ୟମକୁ ମନ୍ତ୍ରୀ କହିଛନ୍ତି, ଆସନ୍ତା ୩୧ ତାରିଖ ସ୍ୱାୟତ୍ତ ଶାସନ ଦିବସରେ ରାଜ୍ୟର ଆଉ ୯ଟି ଏନ୍‌ଏସିର ନାଁ ଘୋଷଣା କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏହାବାଦ୍ ଆଉ କେତେକ ସହର ଯେଉଁ ଏନ୍‌ଏସି ପାଇଁ ଦାବି କରୁଛନ୍ତି ତାହାକୁ ମଧ୍ୟ ବିଚାର କରାଯାଉଛି। ଗତ ୧୬ ତାରିଖରେ ବିଭାଗ ପକ୍ଷରୁ ରାଜ୍ୟର ୧୨ଟି ନୂତନ ଏନ୍‌ଏସିର ଚିଠା ଘୋଷଣା ହୋଇଥିଲା। ସେଥିମଧ୍ୟରେ ଅନୁଗୋଳର ପାଲଲହଡ଼ା, ସୁବର୍ଣ୍ଣପୁରର ବୀରମହାରାଜପୁର, ବାଲେଶ୍ୱରର ସିମୁଳିଆ ଓ ବସ୍ତା, ମୟୂରଭଞ୍ଜର ବେତନଟୀ, ବାଙ୍ଗିରିପୋଷୀ, ଚିତ୍ରଡ଼ା, ରାୟଗଡ଼ାର ବିଷମକଟକ, ସମ୍ବଲପୁରର ବାମରା ଓ ରେଙ୍ଗାଲୀ, ଭଦ୍ରକର ତିହିଡ଼ି ଏବଂ ଧୂଷରୀ ରହିଥିଲା। ☞ପୃଷ୍ଠା-୨




# ପାଣିରେ ବୁଡ଼ି ମା' ଝିଅ ସମେତ ୩ ମୃତ

**ନନ୍ଦପୁର,୨୧।୮ (ତୁଷାର କାନ୍ତ ମହାନ୍ତି)**

କୋରାପୁଟ ଏବଂ ରାୟଗଡ଼ା ଜିଲାରେ ପାଣିରେ ବୁଡ଼ି ଗୁରୁବାର ମା'ଝିଅଙ୍କ ସହ ୩ ଜଣଙ୍କ ମୃତ୍ୟୁ ଘଟିଛି। କୋରାପୁଟ ଜିଲା ନନ୍ଦପୁର ଥାନା ଅଧୀନ ଲମତାପୁଟ ବ୍ଲକ୍ କୁମାରଗନ୍ଧନା ପଞ୍ଚାୟତର ବାଲିଆ ଗାଁରେ ଏକ ନୂତନ ପୋଖରୀରେ ବୁଡ଼ି ମା' ଝିଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନବୀନା ମାଝୀ (୪୦), ତାଙ୍କ ଝିଅ ଅମ୍ବିକା(୧୫)। ସେହିପରି ରାୟଗଡ଼ା ଜିଲା ଗୁଣପୁର ଦେଇ ପ୍ରବାହିତ ମହେନ୍ଦ୍ରତନୟା ନଦୀରେ ଭାସିଯାଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ହେଲେ ଗୁଣପୁର ବ୍ଲକ ଟିଟିମିରି ପଞ୍ଚାୟତ ଚନ୍ଦନପୁର ନିକଟ ମୁଣ୍ଡା ଗ୍ରାମର ଜହ୍ନିନ ଶବର(୬)।

ସୂଚନା ଅନୁଯାୟୀ, ନନ୍ଦପୁର ବ୍ଲକ୍ ବିଲାପୁଟ ପଞ୍ଚାୟତର ହରଗଣ୍ଡା ଗ୍ରାମର ସନୁ ମାଝୀଙ୍କ କିଛି ଜମି ବାଲିଆ ଗ୍ରାମରେ ଥିବାରୁ ସେଠାକୁ ୪ ଦିନ ହେବ ଅଦାଚାଷ କରିବାକୁ ସପରିବାର ଯାଇଥିଲେ। ମଙ୍ଗଳବାର ନବୀନା ଜମିରେ ଅଦାଚାଷ କରୁଥିବା ବେଳେ ତାଙ୍କ ଝିଅ ପୁଅ ଜମି ପାର୍ଶ୍ୱ ପୋଖରୀକୁ ଗାଧେଇବାକୁ ଯାଇଥିଲେ। ଏହି ସମୟରେ ଅମ୍ବିକା ପାଣି ଭିତରେ ବୁଡ଼ିଯାଇଥିଲେ। ପୁଅ ପାଟି କରିବାରୁ ନବୀନା ଝିଅକୁ ବଞ୍ଚାଇବାକୁ ପୋଖରୀ ଭିତରେ ପଶିଥିଲେ। କିନ୍ତୁ ସେ ମଧ୍ୟ ପାଣିରେ ବୁଡ଼ିଯାଇଥିଲେ। ନନ୍ଦପୁର ଅଗ୍ନିଶମ ବାହିନୀ ଓଆଇସି ହେମନ୍ତ କୁମାର ସାମଲଙ୍କ ନେତୃତ୍ୱାଧୀନ ଟିମ୍ ପୋଖରୀ ଭିତରୁ ୨ ମୃତଦେହ ଜବତକରି ପୋଲିସକୁ ହସ୍ତାନ୍ତର କରିଥିଲେ। ନନ୍ଦପୁର ପୋଲିସ ନଂ. ୧୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବିପଦକୁ ଆମନ୍ତ୍ରଣ**

DHARITRI YOUTH CONCLAVE 2025

DHARITRI YOUTH CONCLAVE 2025

ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ

ସ୍ଥାନୀୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ଓତପ୍ରୋତ ଭାବେ ଜଡ଼ିତ ରହି କାର୍ଯ୍ୟ କରୁଥିବା ଓଡ଼ିଶାର ଯୁବପିଢ଼ି ଏବଂ ସଂଗଠନଗୁଡ଼ିକଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି ।

ଆପଣ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଥିବା ସମ୍ପର୍କରେ (୨୫୦ରୁ ୩୫୦ଶବ୍ଦ ମଧ୍ୟରେ) ଏକ ସରଳ ବିବରଣୀ ଆମ ପାଖକୁ ପଠାନ୍ତୁ । ଏଥିସହ ୪ଟି ହାଇ ରିଜୋଲ୍ୟୁଶନ ଫଟୋ ଏବଂ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ନେଇଥିବା ପଦକ୍ଷେପ ସହ ଭବିଷ୍ୟତର ଯୋଜନା ସମ୍ପର୍କିତ ଗୋଟିଏ ଭିଡିଓ ମଧ୍ୟ ପଠାନ୍ତୁ, ଯାହାଦ୍ୱାରା ଆପଣମାନେ 'ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ'ରେ ବିଜୟୀ ହେବାର ସୁଯୋଗ ପାଇବେ ।

ଅନୁରୂପ ପ୍ରକ୍ରିୟା ଅନୁସରଣ କରି ଆପଣ ଅନ୍ୟ ଜଣଙ୍କୁ ମଧ୍ୟ ମନୋନୀତ କରିପାରିବେ ।

ମନୋନୀତ ବ୍ୟକ୍ତି କିମ୍ବା ସଂଗଠନକୁ ପ୍ରୋତ୍ସାହନ ସ୍ୱରୂପ ଆସନ୍ତା ନଭେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା 'ଧରିତ୍ରୀ ୟୁଥ୍ କନ୍‌କ୍ଲେଭ-୨୦୨୫'ରେ

ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ

ପୁରସ୍କାର ପ୍ରଦାନ କରାଯିବ ।

ଏହି ସ୍ୱୀକୃତି ଯୁବ ପରିବେଶବିତ୍‌ଙ୍କୁ ପରିବେଶ ଏବଂ ଜଳବାୟୁ ସୁରକ୍ଷା ଦିଗରେ ଅଧିକ ଅଗ୍ରସର କରାଇବ ।

ମନୋନୀତ ଯୁବ ପରିବେଶବିତ୍ ଏବଂ ସଂଗଠନକୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭରେ ଯୁବ ପରିବେଶ ଯୋଦ୍ଧା ଏବଂ ବିଶେଷଜ୍ଞମାନଙ୍କ ସହ ଆଲୋଚନାରେ ଭାଗ ନେବାକୁ ନିମନ୍ତ୍ରଣ କରାଯିବ ।

ଆବେଦନର ଶେଷ ତାରିଖ : ୧୦ ଅକ୍ଟୋବର ୨୦୨୫

ଦୟାକରି ନିଜ ବିବରଣୀ dharitriyouthconclave@gmail.com କୁ ପଠାନ୍ତୁ।

ଅଧିକ ଜାଣିବା ପାଇଁ www.dharitriyouthconclave.com କୁ ଦେଖନ୍ତୁ।

APPLY NOW

https://tinyurl.com/yk7ct969







V-Guard ତରଫରୁ ପ୍ରିମିୟମ୍ ହାଇ ସ୍ପିଡ୍ BLDC fan ସହିତ Insight-G, ପରିଚିତ କରାଯାଉଛି। ଏକ ମନମୋହକUI LED Interface ଏବଂ 12 ଟି ମନୋରମ ରଙ୍ଗର ଏକ ଚମତ୍କାର ପ୍ୟାଲେଟ୍ ସହିତ, ଏହି fan ସୌନ୍ଦର୍ଯ୍ୟକୁ ପୁନଃପରିଭାଷିତ କରେ। ଏହା ଅତ୍ୟାଧୁନିକ BLDC ମୋଟର ଟେକ୍ନୋଲୋଜି ଯୋଗୁଁ 370 RPM ର ହାଇ-ସ୍ପିଡ୍ ପ୍ରଦର୍ଶନ ମଧ୍ୟ ପ୍ରଦାନ କରେ, ଯାହା ଅସାଧାରଣ ଶକ୍ତି ଦକ୍ଷତା ସୁନିଶ୍ଚିତ କରେ। Insight G ଘରକୁ ଆଣନ୍ତୁ। ଘରକୁ ଏକ ଉତ୍ତମ ଭବିଷ୍ୟତ ଆଣନ୍ତୁ।

V-GUARD INDUSTRIES LTD., *Branch Office:* Plot No. 2863/3719, 3rd Floor, Gitanjali Complex, Bhubaneshwar, Pincode: 751002. Ph: 0674-2431130. Email: bbsr@vguard.in
*Registered Office:* 42/962, Vennala High School Road,Vennala, Ernakulam - 682 028. Kerala. Ph: 0484-2005000, 4335000. | Email: cutomercare@vguard.in
V-Guard Care : 0120-4850100 | 1860 180 3000 | CIN:L31200KL1996PLC010010

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ଏକ ଦିବସୀୟ ଶିଶୁ ସାହିତ୍ୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ସ୍ଥାନ: ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ ଟା।
- ଭଏସ୍‌ସ୍ ଏବଂ ଭୋଟସ୍ ପୁସ୍ତକ ଉନ୍ମୋଚନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଷ୍ଟ୍ରୀୟ ଅଭିଲେଖାଗାର ପକ୍ଷରୁ ୧୭ତମ ମାସିକ ଆଲୋଚନା ଚକ୍ର, ସ୍ଥାନ: ଅଭିଲେଖାଗାର ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ ଟା।
- ବିଶ୍ୱ ଫଟୋଗ୍ରାଫି ଦିବସ ଓ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ:ଅପରାହ୍ନ ୫ଟା ୩୦।
- ଦେବେନ୍ଦ୍ର ସ୍ମୃତିନ୍ୟାସ, ସ୍ଥାନ: ରେଡ୍‌କ୍ରସ ସଭାଭବନ, ସମୟ: ସନ୍ଧ୍ୟା ୬ଟା।
- ଶ୍ୱେତପଦ୍ମା ସଙ୍ଗୀତାଳୟ କଲଚରାଲ୍ ଟ୍ରଷ୍ଟ ପକ୍ଷରୁ ବର୍ଷା ସଙ୍ଗୀତ ଉତ୍ସବ ୨୦୨୫, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଶିକ୍ଷାସନ୍ଧାନ ପକ୍ଷରୁ ଭିନ୍ନ ଜଣେ ମଣିଷ ପୁସ୍ତକ ଉନ୍ମୋଚନ, ସ୍ଥାନ: ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ଆପଣମାନେ ଖୁସି ତ ?' ନାଟକ ମଞ୍ଚସ୍ଥ, ସ୍ଥାନ: ବିଜୁ ନାଟ୍ୟକେନ୍ଦ୍ର, ନୟାପଲ୍ଲୀ, ସମୟ: ସନ୍ଧ୍ୟା ୬ଟା ୩୦।
- ଯୁବ ଓଡ଼ିଶୀ ନୃତ୍ୟ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ
- କମଳାକାନ୍ତ ବିଦ୍ୟାପୀଠର ହୀରକ ଜୟନ୍ତୀ ଉଦ୍‌ଘାଟନ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, କାଳିଆବୁଦା, ସମୟ: ପୂର୍ବାହ୍ନ ୧୦ଟା।
- ହାଇକୋର୍ଟ ଅଧିବକ୍ତାଙ୍କ ପକ୍ଷରୁ ବର୍ଷାବାସରୀୟ କବିତା ପାଠୋତ୍ସବ. ସ୍ଥାନ: ହାଇକୋର୍ଟ ବାର୍ ଉପର ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୩୦।
- ଓଡ଼ିଶା ହାଇକୋର୍ଟ ପକ୍ଷରୁ ଜିଲା ଜଜ୍‌ମାନଙ୍କ ସମ୍ମିଳନୀ, ସ୍ଥାନ: ଜୁଡିସିଆଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମୋହରିର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ସବ୍-ରେଜିଷ୍ଟ୍ରାର ଅଫିସ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କର୍ମଶାଳାର ଚତୁର୍ଥ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତାହବ୍ୟାପୀ ଗଣଧାରଣାର ପଞ୍ଚମ ଦିବସ, ସ୍ଥାନ: ଜିଲାପାଳଙ୍କ ଦପ୍ତର ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଲଣ୍ଡା ଗୋସ୍ୱାମୀ ମଠ ପରିସର, ମଠସାହି, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ
- ଭାଜପା ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଚରମ୍ପା ଅଗ୍ରେସନ ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଇଣ୍ଡୋର ଷ୍ଟାଡିୟମ୍, ଧାମନଗର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ନବ ନିର୍ବାଚିତ ପ୍ରାଥମିକ ଶିକ୍ଷକ ସଂଘ ଜିଲା ସାଧାରଣ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ପାଟଣା ମୁଖ୍ୟାଳୟ ସରକାରୀ ବାଳିକା ବିଦ୍ୟାଳୟ, ସମୟ: ଅପରାହ୍ନ ୩ ଟା ୩୦।

## ମୟୂରଭଞ୍ଜ
- ହ୍ୟାଣ୍ଡିଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ହାତୀ ସୁରକ୍ଷାକୁ ନେଇ ସଚେତନତା ଶିବିର,ସ୍ଥାନ: ଖଇରୀ ରିସୋର୍ଟ, ବାଙ୍ଗିରିପୋଷି,ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ଦୋଳନ ଚଳଚ୍ଚିତ୍ରର ପ୍ରିମିୟର ଶୋ', ସ୍ଥାନ: ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ, ରାଇରଙ୍ଗପୁର,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର
- ବିଇଏମ୍‌ସି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ,ସମୟ: ସକାଳ ୯ଟା।
- ସାଇବର ନିରାପତ୍ତା କର୍ମଶାଳା, ସ୍ଥାନ: ସିଟି କଲେଜ,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ସ୍ୱାୟତ୍ତ ଶାସନ ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ଦିଗପହଣ୍ଡି ଏନ୍‌ଏସି କାର୍ଯ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ୩ ଟା।

## କନ୍ଧମାଳ
- ଶିକ୍ଷା ବିଭାଗ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ, ସ୍ଥାନ: ଫୁଲବାଣୀ ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୪ଟା।
- ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଉପରେ ବୈଠକ, ସ୍ଥାନ: ଫଲବାଣୀ ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର
- ଷଷ୍ଠ ଜିଲା ପରିଷଦ ସାଧାରଣ ବୈଠକ, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ଓ ଶିଶୁ ବିକାଶ ବିକାଶ ପକ୍ଷରୁ କ୍ୟାମ୍ପ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଡିଆନ ରେଲୱେ କେଟରିଂ ଟୁରିଜିମ କର୍ପୋରେସନ ଲିମିଟେଡ (ଆଇଆର୍‌ସିଟିସି) ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବ୍ୟାଙ୍କ ଲେନ ପାଖ ହୋଟେଲ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ନନ୍ଦୋତ୍ସବ, ସ୍ଥାନ: କଂସାର ଓ ଆୟେବା, ସମୟ: ପୂର୍ବାହ୍ନ ୧୦ଟା।
- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କରିଲୋପାଟଣା, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ଉପଲକ୍ଷେ ନାମଯଜ୍ଞ, ସ୍ଥାନ: ମାନପୁର, ଆଳି, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- କୃଷି ଓ କୃଷକଙ୍କ ସମସ୍ୟାକୁ ନେଇ ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ନୟାଗଡ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ୨ୟ ଦିବସ, ସ୍ଥାନ: ନୟାଗଡ ବ୍ଲକ ସଜନାପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା୩୦।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ୨ୟ ଦିବସ, ସ୍ଥାନ: ନୟାଗଡ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ଯୁକ୍ତ ଦୁଇ ବିଦ୍ୟାଳୟ, ଡମ୍ଫସରା, ସମୟ: ପୂର୍ବାହ୍ନ ୧୦ଟା।
- ଅମଲା ସଂଘର ଆନ୍ଦୋଳନକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ତହସିଲ ଅଫିସ, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ନବରଙ୍ଗପୁର
- ନବରଙ୍ଗପୁର ଜିଲା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଭଣ୍ଡାର ଘରଣୀ ମନ୍ଦିରରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ଯକ୍ଷ୍ମା ମୁକ୍ତ ପଞ୍ଚାୟତ ଗଠନ ନେଇ ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ, ସ୍ଥାନ: ବ୍ଲକ୍ ଅଫିସ ପରିସର, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମହାବିଦ୍ୟାଳୟରେ ଏନସିସି ଖୋଲିବାକୁ ଟିମ୍‌ର ପରିଦର୍ଶନ, ସ୍ଥାନ: ସେମିଳିଗୁଡ଼ା କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବୃତ୍ତି ସମ୍ବନ୍ଧୀତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସର, ସୁନାବେଡା, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି
- ବାଲ୍ୟ ବିବାହ ନିରାକରଣ ସମ୍ବନ୍ଧୀୟ ଏକ ଦିବସୀୟ ତାଲିମ ଶିବିର, ସ୍ଥାନ: ମାଲକାନଗିରି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ ଟା।
- କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଡ୍ରାଗନ ଫଳକୁ ନେଇ ସଚେତନତା, ସ୍ଥାନ: ଏମ୍‌ଭି ୯ ଗ୍ରାମ : ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଆଦିବାସୀ ସମାଜ ମହାସଂଘର ବିଭିନ୍ନ ସମସ୍ୟା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ସ୍ୱାଗତ, ସମୟ:ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ସମ୍ବଲପୁର ଜିଲା କ୍ରିକେଟ ସଂଘ ଆୟୋଜିତ ଜୁନିୟର ବାଳକ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୯ଟା।
- ସୁଇଟ ଆୟୋଜିତ ଦକ୍ଷତା କାର୍ଯ୍ୟକ୍ରମ, ସ୍ଥାନ : ଜ୍ୟୋତି ବିହାର ସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର
- ରାଜସ୍ୱ ଅମଲା ସଂଘର ଧାରଣା ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୦ଟା ୩୦

## ରାଉରକେଲା
- ହାଓ ପକ୍ଷରୁ ରାଜ୍ୟସ୍ତରୀୟ ହକି ଚାମ୍ପିୟନଶିପ୍‌ର ୩ୟ ଦିବସ, ସ୍ଥାନ: ବିର୍ସାମୁଣ୍ଡା ହକି ଷ୍ଟାଡିୟମ, ସମୟ: ସକାଳ ୮ଟା।
- ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨୧ ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଲାୟନ୍ସ କ୍ଲବର ଯୁଗ୍ମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବ୍ରାହ୍ମଣୀ କ୍ଲବ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଆର୍‌ଏସ୍‌ପି ପ୍ରାୟୋଜିତ ନାଟକ, ସ୍ଥାନ: ସେକ୍ଟର-୧୯ ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ଜୀବନ ଜିଜ୍ଞାସା ଆଲୋଚନାଚକ୍ର, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର,ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଯୋଜନା ଓ ସମନ୍ୱୟ ବିଭାଗର ସ୍ୱତନ୍ତ୍ର ସଚିବଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ଏସି ଘୋଷଣା ଦାବିରେ ଜୟପାଟଣା ବନ୍ଦ, ସ୍ଥାନ: ଜୟପାଟଣା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା।
- ଆଞ୍ଚଳିକ ବିକାଶ ପରିଷଦର ଶୋଭାଯାତ୍ରା, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ବେଟି ବଚାଓ ବେଟି ପଢାଓ ଜିଲାସ୍ତରୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼
- ଓଡ଼ିଶା ରାଜସ୍ୱ ଅମଲା ସଂଘ, ଦେବଗଡ଼ ଶାଖା ପକ୍ଷରୁ ଆନ୍ଦୋଳନ ସମ୍ବନ୍ଧୀୟ ସାଧାରଣ ସଭା, ସ୍ଥାନ: ରୋନୋକ ପ୍ଲାଜା ସଭାଗୃହ, ସମୟ: ମଧ୍ୟାହ୍ନ ୧୨ଟା।
- କାଉନ୍‌ସିଲର ଫୁଟ୍‌ବଲ କପ୍ ପ୍ରତିଯୋଗିତା, ସ୍ଥାନ: ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ବିନିକା ସ୍ପୋର୍ଟ୍‌ସ କ୍ଲବ, ସମୟ: ସକାଳ ୯ଟା।

## ନୂଆପଡ଼ା
- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ଦ୍ୱାଦଶ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ନୂଆପଡ଼ା ବାନର ସେନା ମଞ୍ଚ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ନାଏକପଡ଼ା ଗାଁ, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି କର୍ମକ୍ଷେତ୍ର କିମ୍ବା ପରିବାରରେ ଭୁଲ ବୁଝାମଣା କାରଣରୁ ସମସ୍ୟାର ସମ୍ମୁଖୀନ ହେବେ। ପ୍ରତିବନ୍ଧକ ଦେଖାଦେଲେ ମଧ୍ୟ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ।

**ବୃଷ** — କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଘଟିପାରେ। ଆକସ୍ମିକ ଆବଶ୍ୟକତା କାରଣରୁ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ସଭାସମିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ ଓ ଲାଭବାନ୍ ମଧ୍ୟ ହେବେ।

**ମିଥୁନ** — କର୍ମଜଞ୍ଜାଳ ବୃଦ୍ଧି କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଋଣ ପରିଶୋଧ କରିବା ସକାଶେ ବିଭିନ୍ନ ପ୍ରକାରର ଧନ୍ଦା କରିବାକୁ ମନ ବଳାଇବେ। ପାରିବାରିକ ସମସ୍ୟା ନିରାକରଣ ସକାଶେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି। ବ୍ୟବସାୟ, ଶିଳ୍ପ ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** — ଆଜି କର୍ମକ୍ଷେତ୍ରରେ ବ୍ୟତିକ୍ରମ ଓ ଆର୍ଥିକ ସମସ୍ୟା ନେଇ ଚିନ୍ତିତ ରହିବେ। ପାରିବାରିକ ସ୍ତରରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। କଳା, ସାହିତ୍ୟ,ସଙ୍ଗୀତ ତଥା ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ। ଆର୍ଥିକ ସ୍ଥିତି ପୂର୍ବପରି ରହିବା ହେତୁ ସାମୟିକ ମନ ଭାରାକ୍ରାନ୍ତ ରହିବ ।

**ସିଂହ** — ଆତ୍ମୀୟଙ୍କ ସକାଶେ ଯେତେ ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ସେମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ଗୁଡିଏ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସମସ୍ୟା ସମାଧନ ଦିଗରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ସହକର୍ମୀ କିମ୍ବା ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**କନ୍ୟା** — ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିବ। ବିବାଦୀୟ ପରିସ୍ଥିତି ହେତୁ ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଗୃହ ସଜ୍ଜା, ଗାଡି ମରାମତି, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିବେ, ସାମାଜିକ ସ୍ତରରେ ଟାଳଟୁଳ ନୀତିରେ କାମ କରି ବନ୍ଧୁଙ୍କ ଅପ୍ରିୟଭାଜନ ହେବେ।

**ତୁଳା** — ଘରୋଇ କାରଣକୁ କେନ୍ଦ୍ରକରି ମନ ଅସ୍ଥିର ରହିବ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ, ନଚେତ୍ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** — ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ରହିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। କ୍ରୀଡା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବାର ସୂଚନା ରହିଛି। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେଲେ ମଧ୍ୟ ବିଜୟୀ ହେବେ। ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ ଓ ଆଶାଜନକ ସୁଫଳ ମଧ୍ୟ ପାଇବେ।

**ଧନୁ** — ପାରିବାରିକ ଅଶାନ୍ତିକୁ କେନ୍ଦ୍ରକରି ମନ ଭଲ ରହିବ ନାହିଁ। ସଭାସମିତି କିମ୍ବା ଆଲୋଚନା ପରିସରରେ ଆପଣଙ୍କ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେବ। ଜମିଜମା, ବିଦ୍ୟୁତ୍ ଉପକରଣ, ବ୍ୟବସାୟରେ ଲକ୍ଷ୍ୟହାସଲ କରିବେ। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** — ବିଭିନ୍ନ ଦିଗରୁ ସାହାଯ୍ୟ ଲାଭକରି ଦୀର୍ଘଦିନରୁ ସ୍ଥଗିତ କାର୍ଯ୍ୟ ହାସଲ କରିବେ। ବନ୍ଧୁଙ୍କ କଥାକୁ ସହଜରେ ଗ୍ରହଣ କଲେ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକ୍ତୁଳି ଯାଇ ପାରନ୍ତି। ପାରସ୍ପରିକ ଆଲୋଚନା, ଗଠନମୂଳକ କାମ, ଲେଖାପଢା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ। ପରିବହନ, ଜମିଜମା, ଗଠନମୂଳକ କାମରୁ ଲାଭବାନ ହେବେ।

**କୁମ୍ଭ** — ପାରିବାରିକ ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ ଗତି କରିବାର ବହୁ ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ମଧ୍ୟ ପରୋକ୍ଷ ଶତ୍ରୁତା କାରଣରୁ ସନ୍ଦେହ ଓ ଭୁଲ୍ ବୁଝାମଣାଜନିତ ସମସ୍ୟା ବଢିବ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି। ବିଶେଷ କିଛି ଅସୁବିଧା ନ ଥିଲେ ସୁଦ୍ଧା ମାନସିକ ସ୍ତରରେ ଅଶାନ୍ତ ରହିପାରନ୍ତି।

**ମୀନ** — କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ର କରି ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ। ନିଜ ରହଣି ପରିସରସ୍ଥ ଆତ୍ମୀୟଙ୍କ ସହ ସୁସମ୍ପର୍କ ରଖିବାକୁ ଚେଷ୍ଟାକଲେ ଉପକୃତ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମା, ସଂଗଠନ, ଲେଖାପଢାରେ ସମସ୍ୟା ସମାଧାନ ହୋଇଯିବ।

ଆଜି ଅଗଷ୍ଟ ୨୨ ତାରିଖ, ଭାଦ୍ରବ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ଶୁକ୍ରବାର, ସପ୍ତପୁରୀ ଅମାବାସ୍ୟା, ଅମାବାସ୍ୟାର ନିଶାପାଳନ, ଶ୍ରୀଜୀଉଙ୍କର ସାତପୁରୀ ଡାଡ ବିଜେ। ରାଶି ନକ୍ଷତ୍ର-ଅଶ୍ଲେଷା/କର୍କଟ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୨ ଗତେ, ଘ.୦୬।୨୨ମଧ୍ୟେ, ଘ.୦୭।୧୨ ଗତେ, ଘ.୦୮।୪୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୫ ଗତେ, ଘ.୧୧।୪୯ ମଧ୍ୟେ ରାହୁକାଳ।

# ଶିଶୁ ସେବିକା ନିଯୁକ୍ତି ପାଇଁ ଜାରିହେଲା ମାର୍ଗଦର୍ଶିକା

ଭୁବନେଶ୍ୱର,୨୧।୮ (ସୁଚିସ୍ମିତା ସାହୁ)

ରାଜ୍ୟର ପ୍ରାକ୍ ପ୍ରାଥମିକ ଶିକ୍ଷା ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ଶିଶୁ ବାଟିକାରେ ନିଯୁକ୍ତ ହେବେ ଶିଶୁ ସେବିକା। ଏଥିପାଇଁ ଗୁରୁବାର ମାର୍ଗଦର୍ଶିକା ଜାରି କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ବିଭାଗୀୟ ସ୍ୱତନ୍ତ୍ର ସଚିବ ମନୋଜ କୁମାର ପାଢ଼ୀ ଓସେପା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଉକ୍ତ ମାର୍ଗଦର୍ଶିକା ପ୍ରଦାନ କରିଛନ୍ତି। ଶିଶୁ ସେବିକାମାନେ ବିଦ୍ୟାଳୟରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିବେ। ଶିଶୁଙ୍କ ସୁରକ୍ଷା, ପାଠପଢ଼ା ସହିତ ସେମାନଙ୍କ ଅନ୍ୟାନ୍ୟ ଯତ୍ନ ନେବେ। ଶିକ୍ଷକମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ସହାୟତା କରିବା ସହିତ ଶିଶୁଙ୍କୁ ପାଠ୍ୟ ଉପକରଣ ଓ ଖେଳନା ପ୍ରଦାନ କରିବେ। ଶିଶୁମାନେ ଶୌଚାଳୟ ଯିବା ବେଳେ ସେମାନେ ତାଙ୍କ ସାଥୀରେ ଯିବେ। ଯଦି ଶିଶୁମାନେ କୌଣସି ପ୍ରକାର ଅଣନିଶ୍ୱାସୀ ଅନୁଭବ କରନ୍ତି ତେବେ ଶିକ୍ଷକଙ୍କୁ ତୁରନ୍ତ ଜଣାଇବେ। ଏହାସହିତ ବିଦ୍ୟାଳୟର ଉତ୍ତମ ପରିବେଶ କିଭଳି ବଜାୟ ରହିବ ସେଦିଗରେ ଦୃଷ୍ଟି ଦେବେ। ତେବେ ପ୍ରତି ୩୦ରୁ ୧୦୦ଜଣ ଶିଶୁଙ୍କ ଲାଗି ଜଣେ ଲେଖାଏ ଶିଶୁ ସେବିକା ନିୟୋଜିତ ହେବେ। ୧୦୦ରୁ ଅଧିକ ଶିଶୁଙ୍କ କ୍ଷେତ୍ରରେ ୨ଜଣ ସେବିକା ନିଯୁକ୍ତି ହୋଇପାରିବେ। ଶିଶୁସେବିକାଙ୍କ ବୟସ ଏପ୍ରିଲ ୧ ସୁଦ୍ଧା ୧୮ବର୍ଷରୁ ଅଧିକ ଏବଂ ୪୫ ବର୍ଷରୁ କମ୍ ହୋଇଥିବ। ସେ ସ୍ଥାନୀୟ ଅଞ୍ଚଳ ବାସିନ୍ଦା କିମ୍ବା ସ୍ଥାନୀୟ ୱାର୍ଡର ହୋଇଥିବେ। ସେ ଶିକ୍ଷିତ ହେବା ସହ ଶାରିରୀକ ଓ ମାନସିକସ୍ତରରେ ସୁସ୍ଥ ହୋଇଥିବେ। ସେମାନେ ଓଡିଆ, ସ୍ଥାନୀୟ ଏବଂ ଆଞ୍ଚଳିକ ଭାଷା କହୁଥିବା ବାଧ୍ୟତାମୂଳକ। ବିଦ୍ୟାଳୟ ପରିଚାଳନା କମିଟିର ଦୁଇ-ତୃତୀୟାଂଶ ସଭ୍ୟଙ୍କ ଦ୍ୱାରା ଅନୁମୋଦିତ ସଦସ୍ୟାଙ୍କୁ ସେବିକା ଭାବେ ନିୟୋଜିତ କରାଯିବ। ତେବେ ଏହି ସମସ୍ତ କାର୍ଯ୍ୟକ୍ରମ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ଜରିଆରେ ହେବା ଆବଶ୍ୟକ। ଶିଶୁ ସେବିକାଙ୍କ ବୟସ ୬୦ ବର୍ଷ ହେଲେ ଓ ଦୀର୍ଘକାଳୀନ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଲେ କାର୍ଯ୍ୟରୁ ଅବ୍ୟାହତି ଦିଆଯିବ। ସେମାନେ ଜିଲା ପରିଷଦ ସଦସ୍ୟ, ସମିତି ସଦସ୍ୟ, ସରପଞ୍ଚଙ୍କ ପରିବାର ସଦସ୍ୟ, ସରକାରୀ କର୍ମଚାରୀଙ୍କ ପରିବାର ସଦସ୍ୟ କିମ୍ବା ସମ୍ପର୍କୀୟ ହୋଇଥିଲେ ତାଙ୍କୁ ଆୟୋଗ୍ୟ ଘୋଷଣା କରାଯିବ। ଫୌଜଦାରୀ ମାମଲା ବିଚାରାଧୀନ ଥିବା ବ୍ୟକ୍ତି ଶିଶୁ ସେବିକା ଭାବରେ ନିଯୁକ୍ତି ପାଇପାରିବେ ନାହିଁ। ଶିଶୁ ବାଟିକା ସମୟ ଅନୁଯାୟୀ ସ୍କୁଲ କାର୍ଯ୍ୟରେ ଯୋଗଦେବେ। ବିନା ଅନୁମତିରେ ଅନୁପସ୍ଥିତ ରହିଲେ କୌଣସି ମଜୁରୀ ଦିଆଯିବ ନାହିଁ। ଶିଶୁ ସେବିକା ଡାକ୍ତରୀ ଭାବରେ ଫିଟ୍ ନ ଥିଲେ ତାଙ୍କ ନିଯୁକ୍ତିକୁ ବାତିଲ କରାଯିବ ବୋଲି ମାର୍ଗଦର୍ଶିକାରେ ଲେଖାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଲବଙ୍ଗଲଟା, ଫୁଲ ଚହଟା,**
**ଫୁଲ କେଉଁଦିନ ଫୁଟିବ,**
**ଅନାଇ ଅନାଇ ବୟସ ଗଲା,**
**କାନ୍ତ କେଉଁଦିନ ଆସିବ।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ଦୀର୍ଘବର୍ଷ ଧରି ପ୍ରେମିକକୁ ପ୍ରତୀକ୍ଷା କରି ହତାଶ ହୋଇ ପଡ଼ିଥିବା ପ୍ରେମିକାର ବ୍ୟଥିତ ମନୋଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଲୁଚିଛି,**
**ନା ଗୋଡ଼ ଦି' ଟା ଦିଶୁଛି।**

ବ୍ୟକ୍ତି ଯେତେ ପାପ କରି ତାକୁ ଲୁଚାଇ ବସୁ ପଛେ, ତାହା ଦିନେ ନା ଦିନେ ଅନ୍ୟ ଆଖିରେ ଧରାପଡ଼ି ଯାଇଥାଏ। ପାପକୁ ଯେତେ ଲୁଚାଇଲେ ତାହା ଲୁଚିବା ଅସମ୍ଭବ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପୂଜା ମଣ୍ଡପରେ ପ୍ରଚାର ହେବ ସଡ଼କ ସୁରକ୍ଷା ବାର୍ତ୍ତା

କଟକ,୨୧।୮ (କାର୍ତ୍ତିକ ସାହୁ)

**ସମସ୍ତ ଜିଲାପାଳ, ଏସ୍‌ପିଙ୍କୁ ଚିଠି ଲେଖିଲେ ପରିବହନ ଆୟୁକ୍ତ**

ଆସୁଛି ପାର୍ବଣ। ପାର୍ବଣର ମାହୋଲରେ ସଡ଼କ ସୁରକ୍ଷାର ବାର୍ତ୍ତା ପ୍ରଚାର ପାଇଁ ଏକ ଅଭିନବ ଯୋଜନା ପ୍ରସ୍ତୁତ କରିଛି ରାଜ୍ୟ ପରିବହନ ବିଭାଗ। ପ୍ରତି ପୂଜା ମଣ୍ଡପରେ ଲାଗିବ ସଡ଼କ ସୁରକ୍ଷା ବାର୍ତ୍ତା। ମା'ଙ୍କ ଆଶୀର୍ବାଦ ସହ ପରିବାରର ସୁରକ୍ଷା ପାଇଁ ଶ୍ରଦ୍ଧାଳୁ ହେବେ ସଚେତନ। ଏଥିପାଇଁ ସମସ୍ତ ପୂଜା କମିଟିକୁ ଅନୁରୋଧ କରାଯିବ। ନିଜ ଅଞ୍ଚଳକୁ ଦୁର୍ଘଟଣା ମୁକ୍ତ କରିବା ଦିଗରେ ସହଯୋଗ କରିବାକୁ ସାହି ମୁରବିଙ୍କୁ ମଧ୍ୟ ଅନୁରୋଧ କରାଯିବ। ପାର୍ବଣ ସମ୍ପର୍କିତ ସମନ୍ୱୟ ବୈଠକରେ ପୂଜା କମିଟିଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବାକୁ ସମସ୍ତ ଜିଲାପାଳ, ଏସ୍‌ପିଙ୍କ ସମେତ କଟକ ଓ ଭୁବନେଶ୍ୱରର ଡିସିପିଙ୍କୁ ଚିଠି ଲେଖିଛନ୍ତି ପରିବହନ ଆୟୁକ୍ତ ଅମିତାଭ ଠାକୁର।

ସୂଚନାନୁସାରେ, ପରିବହନ ଆୟୁକ୍ତ ଠାକୁର ଚିଠିରେ ଉଲ୍ଲେଖ କରିଛନ୍ତି ସଡ଼କ ଦୁର୍ଘଟଣା ଚିନ୍ତାର କାରଣ ପାଲଟିଛି। ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ପାର୍ବଣ ସମୟରେ ବିଭିନ୍ନ ପୂଜା ମଣ୍ଡପରେ ବିପୁଳ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ତେଣୁ ଏହି ସମୟରେ ଅନେକ ଲୋକଙ୍କ ପାଖରେ ସଡ଼କ ସୁରକ୍ଷା ବାର୍ତ୍ତା ପହଞ୍ଚା ଯାଇପାରିବ। ଏହାକୁ ଦୃଷ୍ଟିରେ ରଖି ପୂଜା କମିଟିଗୁଡ଼ିକୁ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରସାର ପାଇଁ ଅନୁରୋଧ କରାଯାଇ ପାରିବ। ଏହି ଅଭିଯାନ ଜରିଆରେ ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷିତ ଯାତ୍ରା ପାଇଁ ନିୟମ ପାଳନର ଗୁରୁତ୍ୱ ସମ୍ପର୍କରେ ବାର୍ତ୍ତା ପ୍ରଦର୍ଶିତ ହେବ। ପୂଜା କମିଟିଗୁଡ଼ିକ ବିଭିନ୍ନ ଉପାୟରେ ଏହି ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇ ପାରିବେ। ସେହିଭଳି ଏହି ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ଦର୍ଶକଙ୍କୁ ସଡ଼କ ସୁରକ୍ଷା ନିୟମ ପାଳନ ପାଇଁ ଅନୁରୋଧ କରାଯାଇପାରିବ। ପାର୍ବଣ ସମ୍ପର୍କିତ ସମନ୍ୱୟ ବୈଠକରେ ଏ ପ୍ରସଙ୍ଗରେ ଆଲୋଚନା କରିବାକୁ କୁହାଯାଇଛି। ଜିଲାପାଳ ଓ ଏସ୍‌ପିମାନେ ଏ ଦିଗରେ ପୂଜା କମିଟିଗୁଡ଼ିକୁ ଉତ୍ସାହିତ କରିବାକୁ ପରାମର୍ଶ ଦିଆଯାଇଛି। ଏହାସହ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀମାନେ ସକ୍ରିୟ ଭାବରେ ଏହି ଅଭିଯାନରେ ସାମିଲ ହୋଇ ଅଧିକରୁ ଅଧିକ ଲୋକଙ୍କ ପାଖେ ସଡ଼କ ସୁରକ୍ଷା ବାର୍ତ୍ତା ପହଞ୍ଚାଇବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ଖୁବ୍‌ଶୀଘ୍ର ହାତୀ ସୁରକ୍ଷା...

ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ହାତୀ ସଂରକ୍ଷଣରେ ଓଡ଼ିଶାର ପ୍ରୟାସକୁ ପ୍ରଦର୍ଶିତ କରୁଥିବା କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ସହିତ ଏକ କଫି ଟେବୁଲ ବୁକ୍, ଗ୍ରନ୍ଥସୂଚୀ ଏବଂ ବ୍ରୋଚରକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଦୁଇଦିନିଆ କାର୍ଯ୍ୟକ୍ରମରେ ଏସିଆ ମହାଦେଶର ହାତୀ ଥିବା ଦେଶ, ଭାରତର ହାତୀ ବହୁଳ ରାଜ୍ୟ ଏବଂ ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନ ଓ ବନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ୧୫୦ରୁ ଅଧିକ ପ୍ରାଣୀ ସଂରକ୍ଷଣବିତ୍, ନୀତି ନିର୍ଦ୍ଧାରକ, ବୈଜ୍ଞାନିକ ଏବଂ ଗବେଷକମାନେ ଯୋଗଦେଇଛନ୍ତି। ସିସିଏଫ୍ (ବନ୍ୟପ୍ରାଣୀ) ଡକ୍ଟର ମନୋଜ ଭି ନାୟାର ଧନ୍ୟବାଦ ଅର୍ପଣ କରିଥିଲେ।

## ୩୧ରେ ଆଉ ୯...

ବାକି ରହିଥିବା ୯ ଏନ୍‌ଏସି ଘୋଷଣା ସହ ଅନ୍ୟ ଯେଉଁ ଜିଲାଗୁଡ଼ିକରେ କିଛି ଅଞ୍ଚଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଦାବି ହେଉଛି ତାକୁ ସରକାର ବିଚାରକୁ ନେଇଛନ୍ତି। ସେଠିକାର ଜନସଂଖ୍ୟା, ଯାହା ଯାହା ମାପଦଣ୍ଡ ରହିଛି ତାକୁ ଆଧାର କରି ବିଭିନ୍ନ ସମସ୍ୟାକୁ ଅନୁଧ୍ୟାନ ପରେ ଡ୍ରାଫ୍ଟ ନୋଟିସ ପ୍ରସ୍ତୁତ କରାଯିବ। ତା'ପରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅନୁମୋଦନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଡ୍ରାଫ୍ଟ ନୋଟିସ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଯାହାକିଛି ଘୋଷଣା କରାଯିବ। ଖାଲି ସବୁ ଛୋଟ ଛୋଟ ସହରକୁ ଏନ୍‌ଏସି ପାଇଁ ଦାବି କଲେ ହେବନି। ଏଥିପାଇଁ କିଛି ନିୟମ ଏବଂ ମାପଦଣ୍ଡକୁ ଭଲ ଭାବେ ତର୍ଜମା କରିବାର ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଆସନ୍ତା ସ୍ୱାୟତ୍ତଶାସନ ଦିବସକୁ ବିଭାଗ ପକ୍ଷରୁ ଜାକଜମକରେ ପାଳନ କରାଯିବ। ଏଥିପାଇଁ ଜନତା ମଇଦାନ, କଳିଙ୍ଗ ଷ୍ଟାଡିୟମ କିମ୍ବା ଲୋକସେବା ଭବନର ସମ୍ମିଳନୀ କକ୍ଷକୁ ନେବା ପାଇଁ ବିଭାଗ ପକ୍ଷରୁ ଚିନ୍ତା କରାଯାଉଛି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ କେବଳ ଯେ, ସେଦିନ ଏନ୍‌ଏସି ଘୋଷଣା ହେବ ତାହା ନୁହେଁ, ରାଜ୍ୟର ଦ୍ରୁତ୍ ଅଭିବୃଦ୍ଧି ସହର ଝାରସୁଗୁଡାକୁ ମହାନଗର ନିଗମ କରାଯିବାକୁ ବିଚାରବିମର୍ଶ ଚାଲିଛି। ଏହାସହିତ ଦକ୍ଷିଣ ଓଡ଼ିଶାର କେତେକ ଏନ୍‌ଏସିକୁ ମ୍ୟୁନିସିପାଲିଟି କରିବା ପାଇଁ ମଧ୍ୟ ବିଭାଗର ପ୍ରସ୍ତାବ ରହିଛି ବୋଲି କହିଛନ୍ତି।

## ପାଣିରେ ବୁଡ଼ି ମା' ଝିଅ...

ତଦନ୍ତ କରୁଥିବା ଥାନାଧିକାରୀ ମମତା ପଣ୍ଡା ସୂଚନା ଦେଇଛନ୍ତି। ସନ୍ଧ୍ୟା ହେବାରୁ ୨ ମୃତଦେହ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବଗୃହରେ ସୁରକ୍ଷିତ ରଖାଯାଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

ସେହିପରି ଜହ୍ନିନଙ୍କ ମା'ବାପା ଚାଷ ଜମିକୁ ଯାଇଥିବା ବେଳେ ସେ ତାଙ୍କ ପଛରେ ଚାଲି ଯାଇଥିଲେ। ମା'ବାପା ଚାଷ କରୁଥିବା ବେଳେ ଜହ୍ନିନ ନଦୀ ନିକଟରେ ଖେଳୁଥିବା ସମୟରେ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଗ୍ରାମବାସୀ ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ଗୁରୁବାର ନଦୀରେ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖି ଗୁଣପୁର ଅଗ୍ନିଶମ ବାହିନିକୁ ଖବର ଦେଇଥିଲେ। ପୁଟାସିଂ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବାରିପଦା ମାଟି ସହ ବହୁ ପରିଚିତ: ତଥାଗତ

## ଧରିତ୍ରୀ ସମ୍ପାଦକଙ୍କୁ ଭେଟିଲେ ବରିଷ୍ଠ ନାଗରିକ



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସହ ବରିଷ୍ଠ ନାଗରିକ ସଂଘର ସଦସ୍ୟମାନେ।

ବାରିପଦା,୨୧।୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ବରିଷ୍ଠ ନାଗରିକମାନେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କୁ ଗୁରୁବାର ଅପରାହ୍ନରେ ବାରିପଦାସ୍ଥିତ ସର୍କିଟ ହାଉସ୍‌ଠାରେ ସୌଜନ୍ୟମୂଳକ ସାକ୍ଷାତ୍ କରିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଶୁକ୍ରବାର ବାଙ୍ଗିରିପୋଷିସ୍ଥିତ ଖଇରୀ ରିସୋର୍ଟରେ ଆୟୋଜନ ହେବାକୁଥିବା ହାତୀ ଓ ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମରେ ସମ୍ପାଦକ ସତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ସେ ୨ ଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିବା ବେଳେ ବରିଷ୍ଠ ନାଗରିକମାନଙ୍କ ସହ ଭାବ ବିନିମୟ କରିଥିଲେ। ବରିଷ୍ଠ ନାଗରିକ ଦିବସ ପରିପ୍ରେକ୍ଷୀରେ କର୍ମକର୍ତ୍ତାମାନେ ସମ୍ପାଦକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ଏହି ଅବସରରେ ତଥାଗତ କହିଥିଲେ, ମୟୂରଭଞ୍ଜ ମାଟି ସହ ତାଙ୍କର ପୂର୍ବ ସମ୍ପର୍କ ଯୋଡ଼ି ହୋଇରହିଛି। ଏହା ହେଉଛି ତାଙ୍କ ଦ୍ୱିତୀୟ ଘର ସଦୃଶ। ଏଠାକାର ଲୋକମାନେ ଅତ୍ୟନ୍ତ ସରଳ। ସେମାନଙ୍କ ସହ କଥାବାର୍ତ୍ତା ହୋଇ ବେଶ୍ ଖୁସି ଲାଗୁଛି ବୋଲି ସେ କହିଥିଲେ।

ବରିଷ୍ଠ ନାଗରିକ ସଂଘର ବିକ୍ରମ କେଶରୀ ଜେନା, ସର୍ବେଶ୍ୱର ଭୂୟାଁ, ସୁବୋଧ ପଲେଇ, ରଘୁନାଥ ପଣ୍ଡା, କୁଞ୍ଜବନ ପୃଷ୍ଟି, ରବୀନ୍ଦ୍ର ନାଥ ନାୟକ, ରବୀନ୍ଦ୍ର ସାହୁ, ଶିଶିର ଲେଙ୍କା, ନନି ଗୋପାଲ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଦାସ, ଶ୍ରୀଧର ପରିଡ଼ା, ଈଶ୍ୱର ଚନ୍ଦ୍ର ଦାସ, କ୍ଷୀରୋଦ ପଣ୍ଡା, ଈଶ୍ୱର ଚନ୍ଦ୍ର ପାତ୍ର, ରମାକାନ୍ତ ମହାନ୍ତ, ଅଶ୍ୱିନୀ ପାତ୍ର, ହରିହର ମହାନ୍ତ, ଉପେନ୍ଦ୍ର ମାଝୀ, ଖଗେଶ୍ୱର ଦାସ, ଦୀପକ କୁମାର ଦାଶ, ଚନ୍ଦ୍ରମୋହନ ମୁର୍ମୁ, ଡା. କିଶୋର କୁମାର ପାତ୍ର, କ୍ଷମରାଜ ଅଗ୍ରୱାଲ ଓ ନିମାଇଁ ଚରଣ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରେଷ୍ଠ ୩୦ ଯୁବ ଜ୍ୟୋତିର୍ବିଜ୍ଞାନୀ ଇସ୍ରୋ ପରିଦର୍ଶନ କରିବେ

## ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣର ୧୯ତମ ସଂସ୍କରଣ ଶୁଭାରମ୍ଭ



ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ସହ ଅଧିକାରୀମାନେ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣର ଶୁଭାରମ୍ଭ କରୁଛନ୍ତି।

ଭୁବନେଶ୍ୱର,୨୧।୮ (ସୁଚିସ୍ମିତା ସାହୁ)

ଟାଟା ଷ୍ଟିଲ ପକ୍ଷରୁ ପଠାଣି ସାମନ୍ତ ପ୍ଲାନେଟୋରିୟମ ସହଭାଗିତାରେ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ(ୟାଟସ)ର ୧୯ତମ ସଂସ୍କରଣ ଗୁରୁବାର ଲୋକସେବା ଭବନସ୍ଥିତ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ କାର୍ଯ୍ୟାଳୟରେ ଶୁଭାରମ୍ଭ ହୋଇଛି। ପ୍ରତିଯୋଗିତାର ଶୁଭାରମ୍ଭ କରି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ, ସବୁ ବର୍ଗର ଛାତ୍ରୀଛାତ୍ରଙ୍କୁ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣରେ ସାମିଲ ହେବାର ସମାନ ସୁଯୋଗ ମିଳିବ। ଏହାଦ୍ୱାରା ଯୁବପିଢ଼ିଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି ହେବ। କିମ୍ବଦନ୍ତୀ ପୁରୁଷ ଓ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ଜ୍ୟୋତିର୍ବିଜ୍ଞାନ ପ୍ରତି ରହିଥିବା ଅତୁଳନୀୟ ଅବଦାନର ପ୍ରଚାରପ୍ରସାର ହେଉଛି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଚଳିତ ବର୍ଷର ବିଷୟବସ୍ତୁ 'ଆଜିର ନକ୍ଷତ୍ରଦର୍ଶୀ, କାଲିର ମହାକାଶଚାରୀ' ଶୀର୍ଷକ ଉପରେ ଏହି ସଂସ୍କରଣ ଆୟୋଜିତ ହେଉଛି। ବିଭିନ୍ନ ଜିଲା ଓ ବ୍ଲକ ସ୍ତରରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଏବଂ ନବମ-ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଓ ଅନ୍‌ଲାଇନ ଜରିଆରେ ପରୀକ୍ଷା କରାଯାଇ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ଚୟନ କରାଯିବ। ସେମାନଙ୍କ ମଧ୍ୟରୁ ପ୍ରତି ଜିଲାରୁ ଶ୍ରେଷ୍ଠ ୨ଜଣ ଛାତ୍ରୀଛାତ୍ରଙ୍କୁ ଆସନ୍ତା ଡିସେମ୍ବର ୧୩ରେ ଚୂଡ଼ାନ୍ତ ଚୟନ ପାଇଁ ଭୁବନେଶ୍ୱରକୁ ଆମନ୍ତ୍ରଣ କରାଯିବ। ବିଶେଷଜ୍ଞଙ୍କ ଦ୍ୱାରା ବ୍ୟକ୍ତିଗତ ଆଲୋଚନା, ପ୍ରସ୍ତୁତ ମଡେଲ ଓ ମୂଲ୍ୟାଙ୍କନ ଆଧାରରେ ଶ୍ରେଷ୍ଠ ୩୦ ଜଣ ବିଜେତାଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବ। ସେମାନେ ମଧ୍ୟ ଇସ୍ରୋ ଯାଇ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନର ସୁଯୋଗ ପାଇବେ। ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଶାସନ ସଚିବ ଭୂପିନ୍ଦର ସିଂ ପୁନିଆ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି ଓ ପୂଜା ମିଶ୍ର, ବିତ୍ତ ପରାମର୍ଶଦାତା ବିଦ୍ୟୁତ୍‌ପ୍ରଭା ରାଉତ, ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ନିର୍ଦ୍ଦେଶକ ଊର୍ମିପ୍ରଭା ମହାରଣା, ଚିନ୍ମୟୀ ଚେତନା ଦାସ, ଟାଟା ଷ୍ଟିଲର ମୁଖ୍ୟ ନିର୍ବାହୀ ଦେବାଶିଷ ଜେନା, ଅନନ୍ୟା ମିହିର ପ୍ରମୁଖ ଉପସ୍ଥିତ ଥିଲେ।

# ୨୪ରେ ଆଉ ଏକ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର,୨୧।୮ (ଅନୁରାଧା ମହାରଣା)

ରାଜ୍ୟରେ ଏବେ ମୌସୁମୀ ସକ୍ରିୟ ରହିଛି। ଏଥିସହ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପାଇଁ ବର୍ଷା ଜାରି ରହିଛି। ତେବେ ୨୪ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଏହା ପ୍ରଭାବରେ ପୁଣି ବର୍ଷା ପରିମାଣ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଶୁକ୍ରବାର ପୁରୀ, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଆଦି ଜିଲାରେ ପ୍ରବଳ ବର୍ଷା ସହ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ନୟାଗଡ଼, ଗଞ୍ଜାମ, ଗଜପତି, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିକୁ ୟେଲୋ ୱାର୍ନିଂ ରହିଛି। ଶନିବାରଠାରୁ ବର୍ଷାର ବିସ୍ତୃତି ଓ ପରିମାଣ ବଢ଼ିପାରେ।

# ରାଜ୍ୟରେ ସ୍ୱାସ୍ଥ୍ୟସେବା ନବସୃଜନ ବୃଦ୍ଧି କରିବ ଏମ୍ସ

## କିଟ୍-ଟିବିଆଇ ଏବଂ ବିସିକେଆଇସି ଫାଉଣ୍ଡେସନ ସହ ବୁଝାମଣାପତ୍ର ସ୍ୱାକ୍ଷର




ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏବଂ ବିସିକେଆଇସି ଅଧ୍ୟକ୍ଷ ତଥା କିଟ୍-ଟିବିଆଇ ସିଇଓ ମୃତ୍ୟୁଞ୍ଜୟ ସୁଆରଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨୧।୮
(ବନ୍ଦନା ସେଠୀ)

ସ୍ୱାସ୍ଥ୍ୟସେବା ନବସୃଜନକୁ ଆଗକୁ ବଢ଼ାଇବା ଏବଂ କ୍ଲିନିକାଲ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଦିଗରେ ଏମ୍ସ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏଥିପାଇଁ ଗୁରୁବାର କିଟ୍-ଟେକ୍ନୋଲୋଜି ବିଜ୍‌ନେସ ଇନ୍‌କ୍ୟୁବେଟର (କିଟ୍-ଟିବିଆଇ) ଏବଂ ଭୁବନେଶ୍ୱର ସିଟି ନଲେଜ ଇନୋଭେଶନ କ୍ଲଷ୍ଟର (ବିସିକେଆଇସି) ଫାଉଣ୍ଡେଶନ ସହିତ ଏମ୍ସ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ସ୍ୱାସ୍ଥ୍ୟସେବା ପ୍ରଯୁକ୍ତିବିଦ୍ୟା ବିକାଶ ଏବଂ ବିନିଯୋଗ ପାଇଁ ଏକ ଦୃଢ଼ ପ୍ଲାଟ୍‌ଫର୍ମ ସୃଷ୍ଟି କରିବା ଏବଂ ସ୍ୱାସ୍ଥ୍ୟସେବା ନବସୃଜନ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏହି ବୁଝାମଣାର ଲକ୍ଷ୍ୟ। ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ, ବିସିକେଆଇସି ଅଧ୍ୟକ୍ଷ ଏବଂ କିଟ୍-ଟିବିଆଇ ସିଇଓ ମୃତ୍ୟୁଞ୍ଜୟ ସୁଆରଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଏମ୍ସ ଭୁବନେଶ୍ୱର, କିଟ୍-ଟିବିଆଇ ଏବଂ ବିସିକେଆଇସି ମିଳିତ ଭାବରେ ନବସୃଜନ ଏବଂ ଷ୍ଟାର୍ଟଅପ କାର୍ଯ୍ୟକ୍ରମ, ବୁଟ୍‌କ୍ୟାମ୍ପ, ନିୟାମକ କର୍ମଶାଳା ଏବଂ ଷ୍ଟାର୍ଟଅପ୍-ନିବେଶକ ଗୋଲଟେବୁଲ ଆୟୋଜନ ଦିଗରେ କାର୍ଯ୍ୟ କରିବେ। ଏହାସହିତ ଟେଲିହେଲ୍‌ଥ ପ୍ଲାଟଫର୍ମର ବାସ୍ତବ-ବିଶ୍ୱ ପରୀକ୍ଷଣ, ଏଆଇ-ଆଧାରିତ ଡାଇଗ୍ନୋଷ୍ଟିକ ଉପକରଣ ଏବଂ ଦୂରବର୍ତ୍ତୀ ମନିଟରିଂ ଡିଭାଇସଗୁଡ଼ିକ ମଧ୍ୟ ବିକାଶ କରାଯିବ। ଏଥିସହ ଉଚ୍ଚସ୍ତରୀୟ ଡାଇଗ୍ନୋଷ୍ଟିକ ଉପକରଣ, କ୍ଲିନିକାଲ ବୈଧତା ପଥ ଏବଂ ଉନ୍ନତ ଗବେଷଣା ସୁବିଧା ସହିତ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହି ଅବସରରେ ବିସିକେଆଇସି ସିଇଓ ଏବଂ କିଟ୍-ଟିବିଆଇ ପରାମର୍ଶଦାତା ଡ. ନମ୍ରତା ମିଶ୍ର, ଏମ୍ସ ଭୁବନେଶ୍ୱରର ଡିନ୍ (ଗବେଷଣା) ଡା. ସତ୍ୟଜିତ ମିଶ୍ର, ଏମ୍ସ ଏମ୍‌ଓୟୁ କମିଟି ସଚିବ ଡା. ଋତୁପର୍ଣ୍ଣା ମାଇତି, କିଟ୍-ଟିବିଆଇ ପରିଚାଳିକା (ଟେକ-ଇନୋଭେଶନ) ଡ. ଜୟଲକ୍ଷ୍ମୀ ଦାଶ ଏବଂ ବିସିକେଆଇସି ପରିଚାଳକ ଅର୍ପଣ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ବୃଦ୍ଧା ମୃତ

ଚମ୍ପୁଆ,୨୧।୮ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନ ଉଖୁଣ୍ଡା ସେକ୍ସନର ବର୍ଦ୍ଧନାଠାରେ ହାତୀ ଆକ୍ରମଣରେ ବୁଧବାର ରାତିରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ଜଣକ ହେଲେ ଗ୍ରାମର ଶ୍ରଦ୍ଧାମଣୀ ଖିଲାର(୭୫)। ଏଥିସହ ହାତୀ ଘର ଭାଙ୍ଗିବା ସହିତ ଘର ଭିତରେ ଥିବା ସାମଗ୍ରୀ ନଷ୍ଟ କରିଦେଇଛି।

ସୂଚନା ଅନୁଯାୟୀ, ବର୍ଦ୍ଧନା ଅଞ୍ଚଳରେ ୩୧ ଗୋଟି ହାତୀ ଉପଦ୍ରବ କରୁଛନ୍ତି। ବୁଧବାର ରାତିରେ ଉକ୍ତ ହାତୀପଲରୁ ଏକ ଦନ୍ତା ହାତୀ ଗୋଠଛଡ଼ା ହୋଇ ଘର ଭାଙ୍ଗିବା ସହ ଫସଲ ନଷ୍ଟ କରିଚାଲିଛି। ରାତିରେ ହାତୀ ବର୍ଦ୍ଧନା ଗ୍ରାମର ରେଞ୍ଜର ଖିଲାରଙ୍କ ଘର ଭିତରକୁ ଧାନ ଖାଇବା ପାଇଁ ପଶିଥିଲା। ଏହି ସମୟରେ ଘରେ ଶୋଇଥିବା ବୃଦ୍ଧା ଶ୍ରଦ୍ଧାମଣୀଙ୍କୁ ଶୁଣ୍ଢରେ ଧରି କଚାଡ଼ି ଦେଇଥିଲା। ଫଳରେ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଭଣ୍ଡା ମେଡିକାଲ ଓ ପରେ କେନ୍ଦୁଝର ଜିଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଖୁଣ୍ଡା ଫରେଷ୍ଟର ପ୍ରଦୀପ ବାରିକ କହିଛନ୍ତି, ମୃତକଙ୍କ ସମ୍ପର୍କୀୟଙ୍କୁ ସରକାରୀ ନିୟମ ମୁତାବକ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ।

# ନିର୍ମାଣ ହେବ ୮୦୦ ବାତ୍ୟା ଆଶ୍ରୟସ୍ଥଳୀ: ମନ୍ତ୍ରୀ ପୂଜାରୀ

**ବିଜୁଳି ଅଣ୍ଡର ଗ୍ରାଉଣ୍ଡ କରିବାକୁ ପ୍ରାଥମିକ ସ୍ତରରେ ଖର୍ଚ୍ଚ ହେବ ୭ ହଜାର କୋଟି**

ଭୁବନେଶ୍ୱର, ୨୧।୮ (ସୁନିତ୍ ମିଶ୍ର)

ରାଜ୍ୟରେ ଆଉ ୮ ଶହ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହେବ। ଏନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ନୂଆଦିଲ୍ଲୀ ଗସ୍ତ ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନାକରି ଦାବି ଜଣାଇଥିବା ରାଜସ୍ୱ ମନ୍ତ୍ରୀ ପୂଜାରୀ କହିଛନ୍ତି।

ନୂଆଦିଲ୍ଲୀରୁ ଫେରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ବହୁମୁଖୀ ହେବ। ପ୍ରାକୃତିକ ବିପର୍ଯ୍ୟୟ ଅଞ୍ଚଳଗୁଡ଼ିକରେ ଥିବା ସ୍କୁଲ ପାଖରେ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ତିଆରି ହେବ। ଏହା ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକେ ସେଠାରେ କେମିତି ସୁରକ୍ଷିତ ଭାବେ ଆଶ୍ରୟ ନେବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଏହି ବାତ୍ୟା, ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ଅନ୍ୟ ସମୟରେ ସ୍କୁଲ ଓ ସ୍ଥାନୀୟ ଅଞ୍ଚଳର ସାମାଜିକ କାର୍ଯ୍ୟରେ ବ୍ୟବହାର ହେବ। ଏପରି ହେଲେ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ଅବହେଳିତ ଅବସ୍ଥାରେ ରହିବନାହିଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ସରକାର ଗଠନ ପରେ ପ୍ରଥମ ଥର ଦିଲ୍ଲୀ ଗସ୍ତକରି ରାଜସ୍ୱ ମନ୍ତ୍ରୀ କେନ୍ଦ୍ରମନ୍ତ୍ରୀ ଅମିତ ଶାହାଙ୍କୁ ସାକ୍ଷାତକରି ଓଡ଼ିଶାର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିବା ସହ ୭ଟି ବୁକ୍‌ଲେଟ୍ ପ୍ରଦାନ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟଜନିତ ସମସ୍ୟା ସମାଧାନ କେନ୍ଦ୍ର ପାଇଁ ସହଯୋଗ ମଧ୍ୟ ଲୋଡ଼ିଛନ୍ତି। ଆଗୁଆ ପାଣିପାଗ ସୂଚନାକୁ ଆଧୁନିକୀକରଣ ପାଇଁ ସହାୟତା ଲୋଡ଼ିଛନ୍ତି। ବାତ୍ୟା, ବନ୍ୟା ସମୟରେ ଶକ୍ତି ବିଭାଗ ଅଧିକ କ୍ଷତିଗ୍ରସ୍ତ ହେଉଛି, ଲମ୍ବା ସମୟ ପର୍ଯ୍ୟନ୍ତ ବିଜୁଳି କାଟ ହେଉଛି। ମୁଖ୍ୟତଃ ବନ୍ୟା ପ୍ରଭାବିତ ଅଞ୍ଚଳରେ ବିଜୁଳି ଅଣ୍ଡର ଗ୍ରାଉଣ୍ଡ କରିବା ପାଇଁ ସାଢେ ୭ ହଜାର କୋଟି ଟଙ୍କା ପ୍ରାଥମିକ ସ୍ତରରେ ଖର୍ଚ୍ଚ ହେବ। ସେଥିପାଇଁ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିବା ମନ୍ତ୍ରୀ ପୂଜାରୀ କହିଛନ୍ତି।









# ଗୋଚାଲାଣ ବେଳେ ଗାଡ଼ି ଜାଳିଦେଲେ

**୧୨ ଗୋରୁ ଉଦ୍ଧାର**

ଭଦ୍ରକ,୨୧।୮ (ସନାତନ ରାଉତ)

ଭଦ୍ରକ ଜିଲା ୧୬ନଂ. ଜାତୀୟ ରାଜପଥର ନଳାଙ୍ଗ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଭୋର ସମୟରେ ଗୋଚାଲାଣ ବେଳେ ଲୋକେ ଏକ ଗାଡ଼ିକୁ ଜାଳି ଦେଇଛନ୍ତି। ସେଥିରେ ଥିବା ୧୨ ଗୋରୁଙ୍କୁ ଉଦ୍ଧାର କରି ସେମାନେ ଗ୍ରାମାଞ୍ଚଳ ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ଯାଜପୁର ଜିଲା ପାଣିକୋଇଲି ଅଞ୍ଚଳରୁ ଏକ ଟାଟାଏସିଇ ୧୨ ଗୋରୁଙ୍କୁ ବୋଝେଇ କରି ଭଦ୍ରକ ଅଭିମୁଖେ ଆସୁଥିଲା। ବିଶେଷ ସୂତ୍ରରୁ ଖବର ପାଇ ସ୍ଥାନୀୟ ଲୋକେ ନଳାଙ୍ଗ ପୂର୍ବରୁ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଗାଡ଼ି ଡ୍ରାଇଭର ଓ ସହଯୋଗୀ ସେମାନଙ୍କୁ ଆକ୍ରମଣ କରିଥିଲେ। ଶେଷରେ ନଳାଙ୍ଗ ପେଟ୍ରୋଲ ପମ୍ପ ନିକଟରେ ଗାଡ଼ି ଅଟକିଥିଲା। ଡ୍ରାଇଭର ଓ ସେମାନଙ୍କ ମଧ୍ୟରେ ବଚସା ହେବା ପରେ ଲୋକେ ଗୋରୁଙ୍କୁ ଓହ୍ଲାଇ ଦେଇ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ଏହାର ସୁଯୋଗ ଦେଖି ଗାଡ଼ି ଡ୍ରାଇଭର ଓ ସହଯୋଗୀ ଫେରାର ହୋଇଯାଇଥିଲେ।



ଭଦ୍ରକର ନଳାଙ୍ଗଠାରେ ଜଳୁଥିବା ଗାଡ଼ି।

ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲା। ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ଉକ୍ତ ଗାଡ଼ିକୁ ଜବତ କରି ଥାନାକୁ ନେଇଛି। ଉଦ୍ଧାର ଗୋରୁଙ୍କୁ ବାଲେଶ୍ୱର ଜିଲା ମଇତାପୁର ଗୋଶାଳାରେ ଛାଡ଼ି ଦିଆଯାଇଛି। ଗୋଚାଲାଣ ଓ ଗାଡ଼ି ପୋଡ଼ିବା ନେଇ ପୋଲିସ ନିଜ ଆଡୁ ୨ଟି ମାମଲା ରୁଜୁ କରିଛି। ଗାଡ଼ି ନମ୍ବର ଯାଞ୍ଚ କରି ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ଦୟାନିଧି ଦାସ କହିଛନ୍ତି।




ପ୍ରତିବନ୍ଧକକୁ ଭୟ କରନାହିଁ। ନୈରାଶ୍ୟକୁ ମନରେ ସ୍ଥାନ ଦିଅନାହିଁ। ସ୍ଥିର ଓ ଶାନ୍ତ ଭାବେ ସାଧନା କରିଚାଲ। ଏବେ ଯାହା କଠିନ, ତାହା ପରେ ସହଜ ହୋଇଉଠିବ। -ଶ୍ରୀମା

-ଗୃହାଣାଂ ସପ୍ତପୁରୀ ଭୋଗ, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳ ନିଷେଧ



# ବିପଦକୁ ଆମନ୍ତ୍ରଣ



ରୋଗେରିଓ ଷ୍ଟୁଡାର୍ଟ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱରେ ଏକ ବାଣିଜ୍ୟିକ ଯୁଦ୍ଧ ଆରମ୍ଭ କରିଛନ୍ତି। ଏହି କ୍ରମରେ ଆମେରିକାକୁ ବ୍ରାଜିଲ ରପ୍ତାନି କରୁଥିବା ସାମଗ୍ରୀଗୁଡ଼ିକ ଉପରେ ସେ ୫୦% ଟାରିଫ୍ ଲାଗୁ କରିଛନ୍ତି। ଟ୍ରମ୍ପ୍ ସ୍ପଷ୍ଟ ଭାବେ କହିଛନ୍ତି, ବ୍ରାଜିଲର ନ୍ୟାୟିକ ବ୍ୟବସ୍ଥାକୁ ଭୟଭୀତ କରି ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କ ବିରୋଧରେ ଚାଲିଥିବା ଆପରାଧିକ ମକଦ୍ଦମାକୁ ରୋକିବା ପାଇଁ ଏହ ଶୁଳ୍କ ଲାଗୁ କରାଯାଇଛି। ଉଲ୍ଲେଖନୀୟ ଯେ, ୨୦୨୩ରେ ବଳପୂର୍ବକ କ୍ଷମତା ଦଖଲ ପାଇଁ ବୋଲସୋନାରୋ ଉସୁକାଇଥିବା ଅଭିଯୋଗକୁ ନେଇ ତାଙ୍କ ବିରୋଧରେ ମକଦ୍ଦମା ଚାଲିଛି। ଏହା ସହ ଟ୍ରମ୍ପ୍ ପ୍ରଶାସନ ବୋଲସୋନାରୋଙ୍କ ମାମଲା ଉପରେ ନିରୀକ୍ଷଣ କରୁଥିବା ବ୍ରାଜିଲ ସୁପ୍ରିମକୋର୍ଟ ବିଚାରପତି ଆଲେକ୍‌ଜାଣ୍ଡ୍ରେ ଡି ମୋରାଏସ୍‌ଙ୍କ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ବ୍ରାଜିଲର ଗଣତାନ୍ତ୍ରିକ ସଂସ୍ଥା ଉପରେ ଟ୍ରମ୍ପ୍‌ଙ୍କର ଏହି ବେପରୁଆ ଆକ୍ରମଣ କେବଳ ଏକ ସାର୍ବଭୌମ ଦେଶର ନ୍ୟାୟିକ ବ୍ୟବସ୍ଥାକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ କରାଯାଇନାହିଁ, ବରଂ ଡଲାରର ପ୍ରାଧାନ୍ୟ ଥିବା ଆର୍ଥିକ ବ୍ୟବସ୍ଥା ପ୍ରତି ବଢୁଥିବା ଆହ୍ୱାନକୁ ଦୂର କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ୫୦% ଟାରିଫ୍ ଲଗାଇ ଟ୍ରମ୍ପ୍ ବ୍ରାଜିଲକୁ ଧମକ ଦେବା ପରେ ଆମେରିକା ସେହି ଦେଶର ବେଆଇନ ବାଣିଜ୍ୟିକ କାରବାର ଉପରେ ଏକ ଔପଚାରିକ ତଦନ୍ତ ଆରମ୍ଭ କରିଛି, ଯେଉଁଥିରେ ଡିଜିଟାଲ ଟ୍ରେଡ୍ ଓ ଇଲେକ୍‌ଟ୍ରୋନିକ ପେମେଣ୍ଟ ସର୍ଭିସକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏଥିରୁ ବୁଝାପଡୁଛି , ବ୍ରାଜିଲର ତତ୍କାଳ ଡିଜିଟାଲ ପେମେଣ୍ଟ ସିଷ୍ଟମ୍ ପିକ୍ସ ଟ୍ରମ୍ପ୍‌ଙ୍କ କ୍ଷମତାର ଦକ୍ଷତା ପ୍ରତି ଏକ ବିପଦ।

ବ୍ରାଜିଲର ସେଣ୍ଟ୍ରାଲ ବ୍ୟାଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ପିକ୍ସ ବ୍ରାଜିଲରେ ଅର୍ଥ ନେଣଦେଣରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଅତିକମ୍‌ରେ ଏହି ସେବାକୁ ୭୬% ଲୋକ ବ୍ୟବହାର କରୁଛନ୍ତି। ନିକଟରେ ଅର୍ଥନୀତି ନେବୋଲ ବିଜେତା ପଲ କ୍ରୁଗ୍‌ମ୍ୟାନ କହିଛନ୍ତି, ପିକ୍ସ ତତ୍କାଳ ନେଣଦେଣକୁ ତ୍ୱରାନ୍ୱିତ କରୁଥିବାରୁ ଏହା ନଗଦ ଏବଂ କାର୍ଡଗୁଡ଼ିକୁ ହଟାଇ ଚାଲିଛି। ଏହା ବ୍ୟତୀତ ପାରମ୍ପରିକ ପଦ୍ଧତିରେ ବ୍ୟବସାୟୀମାନେ ଯାହା ଦେୟ ଦେଇଥାଆନ୍ତି, ତା' ତୁଳନାରେ ପିକ୍ସ ପଦ୍ଧତିରେ ବହୁତ କମ୍ ରହୁଛି। ଆଗକୁ ଲାଗୁ ହେବାକୁ ଥିବା 'ପିକ୍ସ ପାର୍ସେଲାଡୋ' ବିନା କ୍ରେଡିଟ୍ କାର୍ଡରେ କିସ୍ତିରେ ଦେୟକୁ ସୁଗମ କରିବ। ଏହା କ୍ରେଡିଟ୍ କାର୍ଡ ଇଣ୍ଡଷ୍ଟ୍ରି ବିଶେଷକରି ଆମେରିକାର ବୃହତ୍ ଭିଜା ଏବଂ ମାଷ୍ଟରକାର୍ଡ ପ୍ରତି ବିପଦ ସୃଷ୍ଟି କରିପାରେ। ଏକ ନୂଆ ପ୍ରକାର ମୁଦ୍ରା ବ୍ୟବସ୍ଥା ସୃଷ୍ଟି କରିବା ସକାଶେ ପିକ୍ସ ହେଉଛି ଏକ ପଦକ୍ଷେପ,




ଯେଉଁଥିରେ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ଅକାମୀ ହୋଇଯିବାର ସମ୍ଭାବନା ଅଧିକ। ଏହା ଟ୍ରମ୍ପ୍‌ଙ୍କର କୌଣସି ବୃହତ୍ ଟେକ୍ କମ୍ପାନୀ ସହଯୋଗୀଙ୍କ ଦ୍ୱାରା କରାଯାଇ ନ ଥିବାରୁ ଏଭଳି ଏକ ନୂତନତ୍ୱକୁ ସେ ପସନ୍ଦ କରୁନାହାନ୍ତି। ହେଲେ ଏହାର ବ୍ୟାପକ କାର୍ଯ୍ୟକାରିତା ଯୋଗୁ ଡଲାରର ପ୍ରାଧାନ୍ୟ ହ୍ରାସ ପାଇବାରେ ଲାଗିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକୀୟ ଡଲାର ବିଶ୍ୱ ବାଣିଜ୍ୟ ଓ ବିତ୍ତୀୟ ବ୍ୟବସ୍ଥାରେ ଏକ ଅଦ୍ୱିତୀୟ ମୁଦ୍ରା ହୋଇଗଲା। ଡଲାର ବିଶ୍ୱସ୍ତରରେ ରିଜର୍ଭ କରେନ୍ସି ବା ମୁଦ୍ରା ହୋଇଯିବା ହେତୁ ଆମେରିକାକୁ ବିପୁଳ ଲାଭ ପହଞ୍ଚାଇଥିଲା। ଫଳରେ ଆମେରିକା ସ୍ୱାଧୀନ ଭାବେ ଋଣ କରିପାରୁଛି। କେବଳ ଏତିକି ନୁହେଁ, ବିତ୍ତୀୟ ଯୁଦ୍ଧ ଏବଂ ଭୂରାଜନୈତିକ ସ୍ତରରେ ଏହାର ପ୍ରାଧାନ୍ୟ ବଜାୟ ରଖିଛି। କିନ୍ତୁ ଉକ୍ତ ଦଶନ୍ଧିରେ ଏହିବିଶେଷ ସୁବିଧା ହ୍ରାସ ପାଇବାରେ ଲାଗିଛି, ଯାହା କେତେକାଂଶରେ ଟ୍ରମ୍ପ୍‌ଙ୍କ ଯୋଗୁ ହେଉଛି।

ପ୍ରଥମେ ନିୟମ ଆଧାରରେ ନିର୍ଦ୍ଦିଷ୍ଟ ବିଷୟରେ ଆମେରିକା କଟକଣା ଲଗାଇଥିଲେ ମଧ୍ୟ ବିଂଶ ଶତାବ୍ଦୀରେ ଆତଙ୍କବାଦ ବିରୋଧୀ ପଦକ୍ଷେପ ଭାବେ ବିଶେଷକରି ୯/୧୧ ଆକ୍ରମଣ ପରେ ଏହାକୁ ତୀବ୍ର କରାଯାଇଛି। ୨୦୧୦ ଦଶନ୍ଧିରେ ଆର୍ଥିକ କଟକଣା ଆମେରିକାର ବୈଦେଶିକ ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା। ଆମେରିକାର ଶତ୍ରୁଦେଶ ଯଥା ଇରାନ୍, ରୁଷିଆ, ଭେନେଜୁଏଲା ଟ୍ରମ୍ପ୍‌ଙ୍କ ପ୍ରଥମ ରାଷ୍ଟ୍ରପତିତ୍ୱ ସମୟରେ ଅତ୍ୟଧିକ କଟକଣାର ସମ୍ମୁଖୀନ ହୋଇଥିଲେ। ଏପରିକି ପାଶ୍ଚାତ୍ୟର ପ୍ରାଧାନ୍ୟ ଥିବା ବିତ୍ତୀୟ ମେସେଜିଂ ବ୍ୟବସ୍ଥା ସ୍ୱିଫ୍ଟରୁ କେତେକ ଦେଶକୁ ବାଦ୍ ଦିଆଯାଇଥିଲା। ୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରେ ଆମେରିକା ଏବଂ ଏହାର ୟୁରୋପୀୟ ମିତ୍ରଦେଶଗୁଡ଼ିକ ରୁଷିଆର କେନ୍ଦ୍ରୀୟ ବ୍ୟାଙ୍କର ଗଚ୍ଛିତ ଅର୍ଥକୁ ଅଚଳ କରିଦେଇଥିଲେ ଏବଂ ତା' ଉପରେ ଅତ୍ୟଧିକ ବାଣିଜ୍ୟିକ କଟକଣା ଲଗାଇଥିଲେ। ଏହି କାରଣରୁ ଡଲାର ଏବଂ ଆମେରିକାର ବିତ୍ତୀୟ ବ୍ୟବସ୍ଥାର ବିକଳ୍ପ ଖୋଜିବା ପାଇଁ ବିଶ୍ୱସ୍ତରୀୟ ପ୍ରୟାସ ତୀବ୍ର ହୋଇଛି।

ଏହି ସମୟରେ ଆମେରିକାର ସରକାରୀ ଋଣ ବଢ଼ିଛି। ଟ୍ରମ୍ପ୍ ପ୍ରଥମେ ୨୦୧୭ରେ ରାଷ୍ଟ୍ରପତି ହେବାର ପ୍ରାରମ୍ଭିକ ସମୟରେ ଏହି ଋଣ ଥିଲା ୧୯.୮ ଟ୍ରିଲିୟନ ଡଲାର ଏବଂ ଏହା ବୃଦ୍ଧି ପାଇ ଜାନୁଆରୀ ୨୦୨୧ ସୁଦ୍ଧା ୨୮ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା। ପରେ ଜୋ ବାଇଡେନ୍‌ଙ୍କ ସମୟରେ ଏହା ବୃଦ୍ଧି ଘଟି ଜାନୁଆରୀ ୨୦୨୫ ସୁଦ୍ଧା ୩୬.୨ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା, ଯାହର ୩୦% ବିଦେଶୀ ତଥା ଅନ୍ତଃରାଷ୍ଟ୍ରୀୟ ନିବେଶକଙ୍କ ନିକଟରେ ରହିଛି। ଟ୍ରମ୍ପ୍‌ଙ୍କ ୱାନ ବିଗ୍ ବିଉଟିଫୁଲ ଆକ୍ଟ, ଧନିକଙ୍କ ପାଇଁ ଟିକସ ହ୍ରାସ ଇତ୍ୟାଦି ଯୋଗୁ ଆଗାମୀ ଶତାବ୍ଦୀ ମଧ୍ୟରେ ଏଥିରେ ଆଉ ଅଧିକ ୩.୪ ଟ୍ରିଲିୟନ ଡଲାର ଯୋଡ଼ି ହେବ। ଫଳରେ ଆମେରିକାର ବିତ୍ତୀୟ ବ୍ୟବସ୍ଥାକୁ ନେଇ ବୈଦେଶିକ ଋଣଦାତାମାନେ ସତର୍କ ହୋଇଗଲେଣି।

ଆମେରିକୀୟ ଡଲାର ଉପରେ ନିର୍ଭରଶୀଳତା କମାଇବା ପ୍ରକ୍ରିୟା ଦୀର୍ଘଦିନ ହେଲା ଅନ୍ତର୍ଜାତୀୟ ସ୍ତରରେ ଆଲୋଚନାର ବିଷୟ ହୋଇ ରହିଛି। ବିଶ୍ୱ ବ୍ୟାଙ୍କ ଏବଂ ଇଣ୍ଟର ଆମେରିକାନ୍ ଡେଭଲପ୍‌ମେଣ୍ଟ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ପରିଷଦରେ ବ୍ରାଜିଲ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବାବେଳେ ପ୍ରଥମେ ମୁଁ ଏହା ଲକ୍ଷ୍ୟ କରିଥିଲି। ଅନେକ ବର୍ଷଧରି ଦେଶଗୁଡ଼ିକ ସତର୍କତାର ସହ ଏବଂ ନୀରବରେ ଆଗଉଛନ୍ତି, କାରଣ ସେମାନଙ୍କ ଡଲାର ସ୍ଥିତି ଶୀଘ୍ର ଦୁର୍ବଳ ହୋଇଗଲେ ଡଲାରର ପ୍ରାଧାନ୍ୟ ଥିବା ସମ୍ପତ୍ତିର ମୂଲ୍ୟ ପୂରା କମିଯିବ ଏବଂ ଅନେକ ଟ୍ରିଲିୟନ ଡଲାର କ୍ଷତି ଘଟିବ। କିନ୍ତୁ ମୁକ୍ତ ବାଣିଜ୍ୟ ଉପରେ ଟ୍ରମ୍ପ୍‌ଙ୍କ ମନମୁଖି ଆକ୍ରମଣ ଏବଂ ଆମେରିକାର ବିପର୍ଯ୍ୟସ୍ତ ବିତ୍ତୀୟ ବ୍ୟବସ୍ଥା ପ୍ରତି ଉପେକ୍ଷାଭାବ ପୂରା ଗଣିତକୁ ଏପାଖସେପାଖ କରିଦେବ ବୋଲି ମନେହେଉଛି।

ପ୍ରଥମେ ୫ଟି ବ୍ରିକ୍ସ ଦେଶ ଯଥା ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକା ସ୍ଥାନୀୟ ମୁଦ୍ରାଗୁଡ଼ିକରେ ବାଣିଜ୍ୟ ସଞ୍ଚାଳନ କରିବା ଲାଗି ଗଢ଼ାଯାଇଥିବା ଏକ ବିକେନ୍ଦ୍ରିତ ବିତ୍ତୀୟ ମେସେଜିଂ ସିଷ୍ଟମ 'ବ୍ରିକ୍ସ ପେ' ବିଷୟରେ ଖୋଲାଖୋଲି ଆଲୋଚନା କରୁଛନ୍ତି। ଏହାର କାର୍ଯ୍ୟକାରିତା ଓ ସୀମାପାର ନେଣଦେଣ ଭିତ୍ତିଭୂମି ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଉଛି, ଯାହା ଆମେରିକାର ବିତ୍ତୀୟ ବ୍ୟବସ୍ଥା ଓ ଡଲାରକୁ ଟପିଯିବ। ଦେଖିବାକୁ ଗଲେ ପିକ୍ସର ସଫଳତା ସହ ସରକାରୀ ପ୍ରୋତ୍ସାହିତ ନେଣଦେଣ ବ୍ୟବସ୍ଥା ଡଲାରକୁ ଭୁଶୁଡ଼ାଇବା ଲାଗି ଏକ ପଦକ୍ଷେପ। ଟ୍ରମ୍ପ୍ ଏହିସବୁ ନିୟମ ଆଧାରିତ ବିଷୟକୁ ବୁଝନ୍ତୁ କି ନ ବୁଝନ୍ତୁ, ହେଲେ ସେ ଏହି ପରିବର୍ତ୍ତନ ସମ୍ପର୍କରେ ଆଭାସ ପାଇଛନ୍ତି। ପିକ୍ସ ଉପରେ ତଦନ୍ତ ଆରମ୍ଭ କରିବା ହେଉଛି ବିପଦରେ ଥିବା ଏବଂ ନିୟନ୍ତ୍ରଣ ବଜାୟ ରଖିବାରେ ହତାଶ ହୋଇପଡ଼ିଥିବା ଏକ ଦୁର୍ବଳ ଶାସନର ପଦକ୍ଷେପ। ବାଣିଜ୍ୟ ପାଇଁ ଯଦି ବିଶ୍ୱ ଡଲାର ଆବଶ୍ୟକ ନ କରେ, ତେବେ ଆମେରିକା ପ୍ରାଧାନ୍ୟ ବିସ୍ତାର ପାଇଁ ତାହାର ଦକ୍ଷତା ହରାଇବ ବୋଲି ଟ୍ରମ୍ପ୍ ଏବଂ ତାଙ୍କ ବିତ୍ତୀୟ ସହଯୋଗୀମାନେ ସଙ୍କେତ ପାଇଯାଇଛନ୍ତି। କିନ୍ତୁ ପିକ୍ସ ଉପରେ ଆକ୍ରମଣ କରି ଏବଂ ବ୍ରାଜିଲକୁ ଡରେଇ ଧମକେଇ ଟ୍ରମ୍ପ୍ ବିଶ୍ୱସ୍ତରରେ ଡଲାରର ପ୍ରାଧାନ୍ୟର ପତନ ପାଇଁ ବିପଦକୁ ଆମନ୍ତ୍ରଣ କରୁଛନ୍ତି।

**ସିନିୟର ଫେଲୋ, ବ୍ରାଜିଲିଆନ ସେଣ୍ଟର ଫର୍ ଇଣ୍ଟର୍ନ୍ୟାଶନାଲ ରିଲେଶନ**

# ନୀତିନିୟମ ବନାମ ମାନସିକତା



ଡ. ମୌସୁମୀ ପରିଡ଼ା

କାନାଡା, ନେଦରଲାଣ୍ଡ, ଇସ୍ରାଏଲ୍, ଜର୍ମାନୀ, ଅଷ୍ଟ୍ରେଲିଆ ଓ ଆମେରିକାର ଅତ୍ୟାଧୁନିକ କୃଷିପ୍ରଣାଳୀ ହେଉ ବା ଚାଇନାର ବିସ୍ତୃତ ବାଲୁକାଶଯ୍ୟାରେ ସବୁଜିମା ସୃଷ୍ଟିର ଅନନ୍ୟ ଉଦ୍ୟମ, ଅଲିମ୍ପିକ୍ସ ହେଉ ବା ବିଷୟଭିତ୍ତିକ ଗବେଷଣା ସେସବୁ ଏତେ ଉନ୍ନତ ଯେ ଆମଦେଶ ସେମାନଙ୍କଠାରୁ ପଛରେ। ବିଡ଼ମ୍ବନାର ବିଷୟ ଆମ ବୈଜ୍ଞାନିକମାନେ ସେସବୁକୁ କାର୍ଯ୍ୟକାରୀ କରାଇବା ଦିଗରେ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ପ୍ରଗତି କେବଳ କାଗଜ କଲମରେ ଚାଲିଛି, ବାସ୍ତବ ରୂପରେଖ କିନ୍ତୁ ଅଲଗା। ସ୍ୱାଧୀନ ଭାରତରେ ଆଖିଦୃଶିଆ ଉନ୍ନତି ହୋଇନାହିଁ। ଯୁବପିଢ଼ିଙ୍କଠାରେ ଆତ୍ମହତ୍ୟା ପ୍ରବଣତା। କର୍ମଜୀବୀମାନେ ଚାପଗ୍ରସ୍ତ। ଅନୁପ୍ରବେଶକାରୀଙ୍କ ପାଇଁ ଭାରତ ସ୍ୱର୍ଗ ପାଲଟିଛି! ସମ୍ବିଧାନର ନୀତିନିୟମ ସମସ୍ତଙ୍କ ପାଇଁ ସମାନ ନୁହେଁ ଏବଂ ସେ ଆଡ଼କୁ ପ୍ରଶାସନର ନିଘା ନାହିଁ। ବିଜ୍ଞାନ ଏତେ ଅଗ୍ରଗତି କରି ମଧ୍ୟ ରାସ୍ତାଗୁଡ଼ିକର ଦୁର୍ଦ୍ଦଶା କହିଲେ ନସରେ। ବର୍ଷାଦିନ ଆସିବା କ୍ଷଣି ପୋଖରୀର ଭ୍ରମ ସୃଷ୍ଟି କରୁଥିବା ରାସ୍ତାରେ ଦିନ ଦୁର୍ଘଟଣା।

ଅନେକ ସ୍ଥାନରେ ବର୍ଷା ଯୋଗୁ ରାସ୍ତା ବୁଡିରହିବାରୁ ଯୋଗାଯୋଗ ବିଚ୍ଛିନ୍ନ ହେଉଛି। ବର୍ଷା ଆସିବା କ୍ଷଣି ଲାଇନ୍ ରହୁନାହିଁ। କିନ୍ତୁ ମାସ ଶେଷରେ ବିଜୁଳି ଦେୟ ପୈଠ ନ କଲେ ଗାଡି, ଶିଡି ନେଇ ବିଦ୍ୟୁତ୍ ବିଭାଗୀୟ କର୍ମଚାରୀମାନେ ବିଜୁଳି କାଟିବାକୁ ଘରେ ହାଜର ହୋଇଯାଆନ୍ତି। ଯେତେବେଳେ ବିଜୁଳିର ବେଶି ଆବଶ୍ୟକତା ସେତେବେଳେ ଘଣ୍ଟାକୁ ଘଣ୍ଟା ବିଜୁଳି କାଟ ହୁଏ। ସମସ୍ୟା ଜଣାଇବାକୁ ଗଲେ କର୍ମଚାରୀ ନ ଥାନ୍ତି। ଏଭଳି ସବୁ ବିଭାଗ ସମସ୍ୟାରେ ବୁଡିଛି। ଜନସାଧାରଣ ନାହିଁ ନ ଥିବା ଛୋଟବଡ଼ ସମସ୍ୟାରେ ସନ୍ତୁଳି ହେଉଛନ୍ତି, ତେବେ ବି ବିଭାଗର ଚେତା ନାହିଁ। ନଦୀ ସଂଯୋଗୀକରଣ ସ୍ୱପ୍ନ ହୋଇ ରହିଯାଇଛି, ଯାହାପାଇଁ ପ୍ରତିବର୍ଷ ବନ୍ୟା ନ ହେଲେ ମରୁଡି। ସିଙ୍ଗାପୁରଠାରେ ବର୍ଜ୍ୟବସ୍ତୁକୁ ସୁନ୍ଦର ଭାବେ ପରିଚାଳନା କରାଯାଇ ସେଥିରୁ ବିଦ୍ୟୁତ୍ ଉତ୍ପାଦନ ସହିତ ରାସ୍ତା ନିର୍ମାଣ ସମ୍ଭବ ହୋଇପାରିଛି। ଜଳବାୟୁ ପ୍ରଦୂଷଣକୁ ଅତ୍ୟାଧୁନିକ ପ୍ରଣାଳୀରେ ରୋକା ଯାଇପାରିଛି, ଯାହା ଶିକ୍ଷଣୀୟ ଓ ଅନୁକରଣୀୟ। ଆମଦେଶରେ ଜନସଂଖ୍ୟା ବୃଦ୍ଧି ଅନୁସାରେ ବର୍ଜ୍ୟବସ୍ତୁ କାହିଁ କେତେ ଅଧିକ! ସେଗୁଡିକର ସୁଚାରୁ ପରିଚାଳନା ଆମ ଅର୍ଥନୀତିକୁ ସୁଦୃଢ଼ କରିବା ସହିତ ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରନ୍ତା। ଅନ୍ୟ ଦେଶଠାରୁ ଉନ୍ନତ ଜ୍ଞାନକୌଶଳ ଶିକ୍ଷାକରି ସେସବୁକୁ କାର୍ଯ୍ୟରେ ପରିଣତ କରାଗଲେ ଅଭୂତପୂର୍ବ ଲାଭ ହୁଅନ୍ତା।

ମହାରାଷ୍ଟ୍ର ଅନ୍ତର୍ଗତ ପୁଣେର ଜେଏମ୍ ରୋଡ୍ ଓ ଜଙ୍ଗଲୀ ମହାରାଜା ରୋଡ୍‌କୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏହି ରାସ୍ତା ଅଭିନବ ଉପାୟରେ ନିର୍ମାଣ କରାଯାଇଥିଲା। ୧୯୭୦ ଦଶକରେ ଜଣେ କଣ୍ଟ୍ରାକ୍ଟର୍ ରେକୋଣ୍ଡୋ ଦୁଇଜଣ ପାର୍ସୀ ଭାଇଙ୍କୁ ନେଇ ଏହି ରାସ୍ତା ଦୁଇଟିକୁ ଉନ୍ନତମାନର ଜିନିଷ ଓ ଆଧୁନିକ ଜ୍ଞାନକୌଶଳ ଦ୍ୱାରା ନିର୍ମାଣ କରିଥିଲେ। କେବଳ ସେତିକି ନୁହେଁ ପୁଣେର ମ୍ୟୁନିସିପାଲିଟିକୁ ଲିଖିତ ଭାବେ ଜଣାଇଥିଲେ ( ଗ୍ୟାରେଣ୍ଟି କୁହାଯାଇ ପାରେ ) କି ଯଦି ଆଗାମୀ ଦଶ ବର୍ଷ ଭିତରେ ରାସ୍ତାରେ କିଛି ଅସୁବିଧା ପରିଲକ୍ଷିତ ହେବ ତେବେ ସେମାନେ ବିନା ପାରିଶ୍ରମିକରେ ସେସବୁର ମରାମତି କରିବେ। ଦଶ ବର୍ଷ ତ ଦୂରର କଥା ଦୀର୍ଘ ୫୦ବର୍ଷ ଧରି ରାସ୍ତାରେ କୌଣସି ଫାଟ, ଖାଲଖମା କିମ୍ବା ଅନ୍ୟ ଅସୁବିଧା ପରିଲକ୍ଷିତ ହୋଇ ନ ଥିଲା। ତାହା ହିଁ ସଚ୍ଚୋଟତା, ଯାହା ଆମ ଦେଶରେ ଘୋର ଅଭାବ। ଏଭଳି ଠିକ୍ କାମ କରି ମଧ୍ୟ ରେକୋଣ୍ଡୋ ମ୍ୟୁନିସିପାଲ କର୍ପୋରେଶନ୍‌ରୁ ଆଗକୁ କୌଣସି କାମ ପାଇ ନ ଥିଲେ। ତା'ର କାରଣ ହେଉଛି ରୁଗ୍ଣ ମାନସିକତା। ଏଠି ପୋଲ କାମ ନ ସରୁଣୁ ଭୁଶୁଡି ପଡିବା କିମ୍ବା ବର୍ଷକ ଭିତରେ ରାସ୍ତାରେ ପୋଖରୀ ସଦୃଶ ଖାଲଖମା ସୃଷ୍ଟି ହେବା ଅତି ସାଧାରଣ କଥା। ବାରବାର କାମ ବାହାନାରେ ଅଳ୍ପ କିଛି ଗୋଡି ପିଚୁ ଢାଳି ରାସ୍ତା ମରାମତି ବାବାଦରେ କୋଟି କୋଟି ଟଙ୍କା ତୋସରପାତ ହୋଇଚାଲିଛି। କେବଳ ପ୍ରଶାସନ ଚାହିଁଲେ ସବୁ ସମସ୍ୟାର ସମାଧାନ ହେବନି। ସେସବୁକୁ କାର୍ଯ୍ୟକାରୀ କରିବାକୁ ଅଫିସରଙ୍କ ସମେତ ଲୋକଙ୍କ ଆନ୍ତରିକତା ଲୋଡ଼ା।

**ଜଗତ୍‌ସିଂହପୁର**
**ମୋ:୯୪୩୭୩୧୭୦୨୬**

## ଏଇ ଭାରତରେ


ଉତ୍ତରପ୍ରଦେଶ ବୁନ୍ଦେଲଖଣ୍ଡର ୩୦ ବର୍ଷୀୟ ରାମବାବୁ ତିୱାରୀ ଏବକାର ଜଳ ପ୍ରଦୂଷଣ ଓ ସଙ୍କଟକୁ ଲକ୍ଷ୍ୟ କରି ତାହାର ସମାଧାନ ପାଇଁ ପୋଖରୀ ପୁନରୁଦ୍ଧାର ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ନିଜ ଗାଁ ଅଧୱାନର ଲୋକଙ୍କ ସହାୟତାରେ ବୁନ୍ଦେଲଖଣ୍ଡର ୭୫ଟି ପୋଖରୀର ପୁନରୁଦ୍ଧାର କରିସାରିଲେଣି। ଅନେକ ପୋଖରୀରୁ ପଙ୍କ ବାହାର କରି ତାହାର ପାଣିକୁ ବ୍ୟବହାର ଉପଯୋଗୀ କରିପାରିଛନ୍ତି। ରାମବାବୁଙ୍କୁ ଯେତେବେଳେ ବୟସ ୧୭ ବର୍ଷ ସେତେବେଳେ ସେ ଦ୍ୱାଦଶ ଶ୍ରେଣୀରେ ପଢୁଥିଲେ ଏବଂ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ସେ ତାଙ୍କ ଗାଁରେ ଥିବା ପୁଷ୍କରିଣୀକୁ ପୁନରୁଦ୍ଧାର କରିଥିଲେ। ପରେ ଏହି ଅଭିଯାନକୁ ସେ ବୁନ୍ଦେଲଖଣ୍ଡର ବିଭିନ୍ନ ଅଞ୍ଚଳକୁ ସମ୍ପ୍ରସାରିତ କରିଥିଲେ। ସେ ପ୍ରଥମେ ଏହି କାର୍ଯ୍ୟ ଆରମ୍ଭ କରିଥିବାବେଳେ ଏହା ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରୂପାନ୍ତର ହେବ ବୋଲି କେବେ ବି ଚିନ୍ତା କରି ନ ଥିଲେ। ହେଲେ ତାହା ଏବେ ତାଙ୍କ ଜୀବନରେ ଏକ ମୁଖ୍ୟ ବିଷୟ ହୋଇଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୨ ଅଗଷ୍ଟ ୧୯୭୬**

- ନାଗାଲାଣ୍ଡରେ ବଳବତ୍ତର ଥିବା ରାଷ୍ଟ୍ରପତି ଶାସନ ମିଆଦକୁ ପୁନଃ ୬ ମାସ ବଢ଼ାଇବା ସଂକ୍ରାନ୍ତ ପ୍ରସ୍ତାବ ଲୋକସଭାରେ ଅନୁମୋଦିତ।
- ବ୍ୟାପକ ମରୁଡ଼ି ହେତୁ ଦକ୍ଷିଣ-ପଶ୍ଚିମ ଇଂଲଣ୍ଡ ଓ ୱେଲ୍ସରେ ପାନୀୟ ଜଳ ପରିସ୍ଥିତି ଗୁରୁତର।
- ଡିଏଗୋଗାର୍ସିଆ ଦ୍ୱୀପରେ ଆମେରିକାର ସାମରିକ ଘାଟୀ ପ୍ରତିଷ୍ଠା ଉଦ୍ୟମକୁ ଲାଓସର ବିରୋଧ।

# ବିନାଶ ରାସ୍ତାରେ ବିକାଶ



ଡ. ସୁବାସ ଚନ୍ଦ୍ର ପାତ୍ର

ବିକାଶ ଏବେ ଏକ ବହୁଳ ଉଚ୍ଚାରିତ ଓ ବହୁଳ ଅତ୍ୟାଚାରିତ ଶବ୍ଦ। ସାରା ଭାରତରେ (ଅବଶ୍ୟ ଦକ୍ଷିଣ ଭାରତରେ ଏହାର ପ୍ରତିଶବ୍ଦ ଥିବ) ଏହା ଏତେ ଗୁଞ୍ଜରିତ ଯେ ହୁଏତ ଅନେକେ ଭାବୁଥିବେ ଜୀବନର ମୋକ୍ଷ ପାଇଁ ଉଚ୍ଚାରିତ ମନ୍ତ୍ରର ଏହା ପ୍ରଥମ ଶବ୍ଦ!

ଏମିତି ଦେଖିଲେ ବିକାଶ ଚିନ୍ତା କିଛି ଖରାପ କଥା ନୁହେଁ, କିନ୍ତୁ ତାହା ଧାରଣକ୍ଷମ ହେବା ଉଚିତ। ବିକାଶ ତାହାର ଆନୁଷଙ୍ଗିକ ଶାଖା ପ୍ରଶାଖା ମେଲି ଏତେ ବିଶାଳ ରୂପ ନିଏ ଯେ ଏକ ସମୟରେ ସେ ତା' ନିଜ ବୋଝରେ ଭାଙ୍ଗିପଡ଼େ। ବିଶ୍ୱର ଅନେକ ପ୍ରମୁଖ ସଭ୍ୟତା ସେତେବେଳର ମାନଦଣ୍ଡରେ ବେଶ୍ ବିକଶିତ ରୂପ ନେଇ କିଛିଟା ପ୍ରାକୃତିକ, କିଛିଟା ବିକାଶଗତ କାରଣରୁ ଲୋପପାଇଯାଇଛନ୍ତି। ଓଡ଼ିଶା ବା ତାହାର କେତେକ ସ୍ଥାନ କିଛିବର୍ଷ ପରେ ସେହି ଅବସ୍ଥା ଆଡ଼କୁ ଚାଲିଯିବ। ବାଲେଶ୍ୱର କଥା ଦେଖାଯାଉ। ଏବେ ବାଲେଶ୍ୱର ଲୋକେ ଘର ତିଆରି ପାଇଁ ଚଣ୍ଡିଖୋଲରୁ ପଥର, ଚିପ୍ସ ଓ ଆନନ୍ଦପୁରରୁ ବାଲି ଆଣୁଛନ୍ତି। ବାଲେଶ୍ୱର ଆଖପାଖ ଅଞ୍ଚଳରୁ ଏହି ଦୁଇ ସ୍ଥାନର ଦୂରତ୍ୱ ପାଖାପାଖି ୨୦୦ କି.ମି. ଲେଖାଏ। ଆଗରୁ ବାଲେଶ୍ୱରଠୁ ୧୦ କି.ମି. ଦୂର ଫୁଲାଡ଼ି ପାଖରୁ ବାଲି ଓ ବାଲେଶ୍ୱରଠୁ ୨୦ କି.ମି. ମିତ୍ରପୁର ପାଖରୁ ଲୋକେ ପଥର ଚିପ୍ସ ଆଣୁଥିଲେ। ସେ ସ୍ଥାନରେ ୨୦୦ କି.ମି. ଦୂରରୁ ନିର୍ମାଣ ସାମଗ୍ରୀ ଆଣି ସାଧାରଣ ମଣିଷ କ'ଣ ଘର କରିବ? ଭଦ୍ରକ-ବାଲେଶ୍ୱର-ବାରିପଦା-ଜଳେଶ୍ୱର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥଗୁଡ଼ିକର ନିର୍ମାଣ ପାଇଁ ନୀଳଗିରି ପାହାଡ଼ର ପଥର ଓ ବାଲେଶ୍ୱରର ନନ୍ଦନଦୀର ବାଲିର ବହୁଳ ବ୍ୟବହାର ଯୋଗୁ ଆଜି ଏହି ବ୍ୟବସ୍ଥା। ଅର୍ଥାତ୍ ରାଷ୍ଟ୍ରର ବୃହତ୍ତର ବିକାଶର ବେଦୀରେ ସାଧାରଣ ମଣିଷର ମାମୁଲି ବିକାଶ ବଳିପଡୁଛି।

ବିକାଶର ମୂଳମନ୍ତ୍ର ହେଉଛି ଆବଶ୍ୟକତାର ମୂଲ୍ୟାୟନ (ନିଡ୍ ଆସେସ୍‌ମେଣ୍ଟ)। ବେଳେବେଳେ ରାଜନୈତିକ କାରଣରୁ ବା ଦେଖାଇହେବା ପାଇଁ ବିଶାଳ ଉଚ୍ଚାକାଂକ୍ଷୀ ପ୍ରକଳ୍ପ ସବୁ ହାତକୁ ନିଆଯାଏ ବା ପ୍ରସ୍ତାବିତ ହୁଏ ଯାହା ତୃଣମୂଳ ସ୍ତରରେ ବିକାଶକୁ ବାଧା ଜନ୍ମାଏ ବା ତା'ର ଗୁଣବତ୍ତା ହ୍ରାସକରେ, ମହଙ୍ଗା ମାଡ଼ର ପ୍ରଭାବରେ। ସେମିତି କିଛି ପ୍ରସ୍ତାବିତ ପ୍ରକଳ୍ପ ଯଥା ଓଡ଼ିଶା ଚାରିପଟେ ରିଂରୋଡ୍, ଓଡ଼ିଶାର ପୂର୍ବ-ପଶ୍ଚିମ ଓ ଉତ୍ତର-ଦକ୍ଷିଣ ମଧ୍ୟରେ ରାଜ୍ୟ ରାଜପଥ ନିର୍ମାଣ, ଭୁବନେଶ୍ୱରରେ ସବୁ ଜିଲା ପାଇଁ ଅତିଥିଶାଳା ନିର୍ମାଣ, ଦିଲ୍ଲୀର ଭାରତ ମଣ୍ଡପମ୍ ଢାଞ୍ଚାରେ ଭୁବନେଶ୍ୱରରେ ବିଶାଳ ପ୍ରେକ୍ଷାଳୟ ନିର୍ମାଣ ଇତ୍ୟାଦି ପ୍ରକଳ୍ପର ଜରୁରୀ ଆବଶ୍ୟକତା, ଏହାର ଗ୍ରାମାଞ୍ଚଳ ନିର୍ମାଣ ସମ୍ବନ୍ଧୀୟ କଞ୍ଚାମାଲ ଉପରେ ପ୍ରଭାବ- ଏସବୁକୁ ଅତି ଗମ୍ଭୀରତାର ସହ ଆକଳନକରି ପଦକ୍ଷେପ ନେବାକୁ ପଡ଼ିବ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ ବାଲେଶ୍ୱର-ଭଦ୍ରକ ନିର୍ମାଣାଧୀନ ଜାତୀୟ ରାଜପଥ ଧାର୍ଯ୍ୟ ସମୟଠୁ ବର୍ଷ ବର୍ଷ ଗଡ଼ିଯିବାର ମୁଖ୍ୟ କାରଣ ହିସାବରେ ନିର୍ମାଣକାରୀ ସଂସ୍ଥା କହି ଚାଲିଛି, ଏଠାରେ ନିର୍ମାଣ ସମ୍ବନ୍ଧୀୟ କଞ୍ଚାମାଲର ଘୋର ଅଭାବ। ବିକାଶକୁ ସାର୍ବଜନୀନ ତଥା ସୁଲଭକରିବା ପାଇଁ ଅତିଆବଶ୍ୟକ ନ ଥିବା ବୃହତ୍ ପ୍ରକଳ୍ପକୁ କିଛି ବର୍ଷ ଘୁଞ୍ଚାଇଦେଲେ ଜୀବନରେ ଥରେ ଘର କରୁଥିବା ମଣିଷମାନେ ନିଜ ସମ୍ବଳ ଭିତରେ ପକ୍କାଘରଟି କରିପାରିବେ, ଆପାତତଃ ଅପେକ୍ଷାକୃତ କମ୍ ଖର୍ଚ୍ଚରେ।

ଏବେ ନିର୍ମାଣ ସ୍ଥାପତ୍ୟ ଓ କାରିଗରି ବହୁ ବିକଶିତ ହେଲାଣି। ଇଟା, ବାଲି, ସିମେଣ୍ଟ, ପଥର, ଚିପ୍ସ ଭଳି ପ୍ରାକୃତିକ ସମ୍ବଳ କମ୍ ବ୍ୟବହାରକରି



ଷ୍ଟେନ୍‌ଲେସ୍ ଷ୍ଟିଲ୍ ଓ ଅନ୍ୟାନ୍ୟ କାରଖାନା ଉତ୍ପାଦ ମାଧ୍ୟମରେ ଗୃହନିର୍ମାଣ ଉପରେ ଗୁରୁତ୍ୱ ଆରୋପ କରାଯିବା ଉଚିତ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ, ଗୋପୀଚନ୍ଦ ଫାଉଣ୍ଡେଶନ ଆନୁକୂଲ୍ୟରେ ଭୁବନେଶ୍ୱରରେ ନିର୍ମିତ ବ୍ୟାଡ୍‌ମିଣ୍ଟନ ଷ୍ଟାଡିୟମକୁ ପୂରାପୂରି କଂକ୍ରିଟରେ ନିର୍ମାଣ ନ କରି ଅନ୍ୟ ଭାବରେ, ଆଧୁନିକ ଢଙ୍ଗରେ ସୁନ୍ଦର ଶୈଳୀରେ ନିର୍ମାଣ କରିହୁଅନ୍ତା। ବେଳେବେଳେ ଲାଗେ ଏଥିର ବ୍ୟବହୃତ ପାରମ୍ପରିକ ଗୃହ ନିର୍ମାଣ ସାମଗ୍ରୀ ଦ୍ୱାରା ହୁଏତ ଓଡ଼ିଶାର ଗୋଟିଏ ଜିଲାରେ ନିର୍ମାଣାଧୀନ ସମସ୍ତ ପାଣିଟାଙ୍କି ନିର୍ମାଣ ହୋଇପାରିଥାନ୍ତା!!

ଭାରତବର୍ଷରେ ଉଚ୍ଚାରିତ 'ବିକାଶ' ଶବ୍ଦର ହୃତ୍‌ପିଣ୍ଡ ହେଉଛି କଂକ୍ରିଟ। ବିକାଶ କହିଲେ କଂକ୍ରିଟକୈନ୍ଦ୍ରିକ ବିକାଶ କଥା କୁହାଯାଏ। ସେହି କ୍ରମରେ ରାସ୍ତା ବା କୋଠାବାଡ଼ି ନିର୍ମାଣବେଳେ ବହୁ ବୃକ୍ଷକୁ ଆହୁତି ଦେବାକୁ ପଡ଼େ ଏବଂ ପୂର୍ବ ବ୍ୟବହୃତ ପିଚୁମଖା ଅବା ସିମେଣ୍ଟ ଜାବୁଡ଼ା ପଥର ଚିପ୍ସଗୁଡ଼ିକୁ ରାସ୍ତାକଡ଼କୁ ଫିଙ୍ଗିଦିଆଯାଏ। ଦୁଃଖର କଥା ଏକଥା କରାଯାଏ ଯେତେବେଳେ ବୃହତ୍ ବୃହତ୍ ବୃକ୍ଷର ପୁନଃ ରୋପଣ ଓ ବ୍ୟବହୃତ ପଥର ଚିପ୍ସର ପୁନର୍ବ୍ୟବହାର କାରିଗରି ଉପଲବ୍ଧ। ଘଟଣାକ୍ରମେ ଥରେ କଲିକତା ଯିବା ବାଟରେ ଖଡ଼ଗପୁର ପାଖାପାଖି ଜାତୀୟ ରାଜପଥର ଏକ ଅଂଶକୁ ଏହି ବିଧିରେ ମରାମତି କରାଯାଉଥାଏ -ଅର୍ଥାତ୍ ରାସ୍ତା ଫାଟି ଢିଲା ହୋଇଯାଇଥିବା ପିଚୁଫଡ଼ାକୁ ଉଠାଇ ଏକ ମେଶିନରେ ପୂରାଇ ତାକୁ ପିଚୁମୁକ୍ତ ଟଟକା ପଥର ଚିପ୍ସରେ ପରିଣତ କରି ଆଉ ଏକ ମେଶିନରେ ପିଚୁ ସହ ଗୋଳେଇ ପୁଣି ରାସ୍ତା ଉପରେ ବିଛାଇ ଦିଆଯାଉଥାଏ। ଓଡ଼ିଶାରେ ବୃକ୍ଷଚ୍ଛେଦନ ଓ ପଥରମୁଣ୍ଡାକୁ ଆବର୍ଜନା ଭାବି ଫିଙ୍ଗିଦେବାକୁ ଗୁରୁତ୍ୱ ଦିଆଯାଏ!!

ଆମେରିକା ଓ ଚାଇନା ତାଙ୍କର ପ୍ରାକୃତିକ ସମ୍ବଳମାନ ସାଇତି ରଖି ଅନ୍ୟ ଦେଶରୁ ତାହା ଆମଦାନୀ କରୁଥିଲାବେଳେ ଆମେ ଅବିଚାରିତ ଭାବରେ ଫିଙ୍ଗାଫୋପଡ଼ା ଦରରେ ରପ୍ତାନିକରୁ ବା ସେହି ଢଙ୍ଗରେ ବ୍ୟବହାର କରୁଛୁ। ଦିନ ଆସିବ ପଥର କୋଇଲା ଆମଦାନୀ କଲା ଭଳି ପଥର ଚିପ୍ସ ଓ ବାଲିକୁ ମଧ୍ୟ ଅଷ୍ଟ୍ରେଲିଆରୁ ଆମଦାନୀ କରିବାକୁ ପଡ଼ିବ, କାରଣ ନିର୍ମାଣ ସାମଗ୍ରୀର ସୁସଂହତ ବ୍ୟବହାର ଉପରେ ଏଠି ଗୁରୁତ୍ୱ ଦିଆଯାଏ ନାହିଁ ଅବା ତା'ର ବିକଳ୍ପ ଉପାଦାନ ଖୋଜାଯାଏ ନାହିଁ। ଭୂପୃଷ୍ଠ ପରିବହନ କ୍ଷେତ୍ରରେ ଲେନ୍ ଡ୍ରାଇଭିଂର ପ୍ରଚଳନ ଏତେ ନାହିଁ। କଟକ, ଭୁବନେଶ୍ୱର ମଧ୍ୟରେ ଏହା ହବହବ କହି ହୋଇପାରିଲା ନାହିଁ। ଏଣେ ଲେନ୍ ସଂଖ୍ୟା ବଢ଼ାଅ, କାରଣ ଆମେ ଓଭରଟେକ୍ କରିବୁ ସାମ୍ନା ଗାଡ଼ିକୁ! ଆମକୁ ଖେଳପଡ଼ିଆ ମାପର ରାସ୍ତା ଦରକାର! ଅଥଚ ଆଭ୍ୟନ୍ତରୀଣ ମୁମ୍ବାଇରେ ବେଶ୍ 'ସରୁଲେନ୍'ରେ ଓଭରଟେକିଂର ଅନୁପସ୍ଥିତି ଯୋଗୁ ଗାଡ଼ିଘୋଡ଼ା ସୁରୁଖୁରରେ ଚାଲେ।

ବିକାଶ ରାସ୍ତାରେ ପ୍ରକୃତି ରୂପରେ ମୁଖ୍ୟତଃ ବଳି ପଡୁଛନ୍ତି ପାହାଡ଼, ନଦୀ, ମୃତ୍ତିକା ଓ ଜଙ୍ଗଲ। ପାହାଡ଼ ଖୋଳି ତା'ର ମୂଳ ତାଡ଼ି ସୃଷ୍ଟିକରାଯାଉଛି କୃତ୍ରିମ ହ୍ରଦ ଯାହା ବିଡ଼ମ୍ବନା କ୍ରମେ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ ହେଉଛି, ଉଦାହରଣ ସ୍ୱରୂପ ବାଲେଶ୍ୱର ମିତ୍ରପୁର ସନ୍ନିକଟ ବ୍ଲୁ ଲେକ୍। ସହର ଆଖପାଖର ଗାଁର ଲୋକେ ସକାଳୁ ଉଠି ଦେଖୁଛନ୍ତି ନିଜ ଜମିରୁ ମାଟି ଉଭାନ୍ ଆଉ କାରଖାନା ନିର୍ମାଣ, ରାସ୍ତା ପ୍ରଶସ୍ତୀକରଣ ଓ ଗୃହ ସାମଗ୍ରୀ ନିର୍ମାଣ ପାଇଁ ବଳିପଡୁଛି ଜଙ୍ଗଲ। ପାହାଡ଼- ନଦୀ-ମାଟି-ଜଙ୍ଗଲ ରହିତ ବିକାଶର ସଂଜ୍ଞା କ'ଣ? ଏହା କ'ଣ ବିନାଶ ନୁହେଁ?

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର**
**ମୋ: ୯୪୩୭୩୭୬୨୧୯**

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | 7 | | 4 | | |
| 9 | | | | | | | | 2 |
| 7 | 4 | | | | 5 | | | 1 |
| | 5 | 1 | | | 3 | | | |
| 8 | | | 6 | | | | | 3 |
| 6 | | | | | | | | |
| | | | | 5 | | | 2 | |
| | | 6 | | 1 | 4 | | 8 | 9 |
| | 8 | | | 9 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 7 | 1 | 5 | 6 | 3 | 2 | 9 |
| 9 | 2 | 1 | 4 | 3 | 7 | 5 | 8 | 6 |
| 6 | 5 | 3 | 9 | 8 | 2 | 1 | 4 | 7 |
| 3 | 7 | 6 | 5 | 4 | 8 | 9 | 1 | 2 |
| 2 | 1 | 4 | 6 | 9 | 3 | 7 | 5 | 8 |
| 5 | 8 | 9 | 7 | 2 | 1 | 6 | 3 | 4 |
| 4 | 9 | 2 | 3 | 7 | 5 | 8 | 6 | 1 |
| 7 | 6 | 5 | 8 | 1 | 4 | 2 | 9 | 3 |
| 1 | 3 | 8 | 2 | 6 | 9 | 4 | 7 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ୟାଙ୍କ କାରବାର ପାଇଁ ଜରୁରୀ କୋଡ୍

ମହାଶୟ,

ବ୍ୟାଙ୍କରେ ଖାତାଟିଏ ଖୋଲିବା ପରେ ସେଥିରୁ ଟଙ୍କା ଦେଣନେଣ କରିବା ପାଇଁ ଆମକୁ ନିଜ ଖାତା ନମ୍ବର, ବ୍ୟାଙ୍କ ଓ ଶାଖାର ନାମ ସହ ଭିନ୍ନ ଭିନ୍ନ ସମୟରେ ବ୍ରାଞ୍ଚ୍ କୋଡ୍ ଓ ଆଇଏଫ୍‌ଏସ୍‌ସି କୋଡ୍ ଆଦି ଲେଖିବା ଦରକାର ହୋଇଥାଏ। ଗୁରୁତ୍ୱପୂର୍ଣ୍ଣ କଥା ସମସ୍ତେ ଜାଣିବା ଉଚିତ, ବ୍ୟାଙ୍କଗୁଡ଼ିକର ବିଭିନ୍ନ ସ୍ଥାନରେ ଏକାଧିକ ଶାଖା ରହିଥିବାରୁ ପ୍ରତ୍ୟେକ ଶାଖାକୁ କୋଡ୍ ଦ୍ୱାରା ଚିହ୍ନିତ କରାଯାଏ। ପ୍ରତ୍ୟେକ ଶାଖାର କୋଡ୍ ସ୍ୱତନ୍ତ୍ର। କୌଣସି ଦୁଇଟି ଶାଖାର ବ୍ରାଞ୍ଚ୍ କୋଡ୍ ସମାନ ହୋଇପାରିବ ନାହିଁ।ସେହିପରି ଆଇଏଫ୍‌ଏସ୍ କୋଡ୍ ଇଣ୍ଡିଆନ ଫାଇନାନ୍ସିଆଲ ସିଷ୍ଟମ କୋଡ୍ ବା ଆଇଏଫ୍‌ଏସ୍‌ସି ନାମରେ ପରିଚିତ ଏହି ଏଗାର ସଂଖ୍ୟାବିଶିଷ୍ଟ କୋଡ୍‌ରେ ଅକ୍ଷର ଓ ଅଙ୍କ ଉଭୟ ଥାଏ। ଏହାର ପ୍ରଥମ ଚାରିଟି ସ୍ଥାନରେ ଥିବା ଚାରିଟି ଅକ୍ଷର ବ୍ୟାଙ୍କର ନାମକୁ ବୁଝାଏ। ଏଣୁ ଏହି କୋଡ୍ ଠିକ୍ ଭାବେ ଲେଖିବା ଜରୁରୀ। ଆଜିକାଲି ଅନେକ ଠକ ଅର୍ଥ ହାତସଫେଇ କରୁଥିବାର ଖବର ପ୍ରକାଶ ପାଉଛି। ତେଣୁ କୌଣସି ପରିସ୍ଥିତିରେ ଆପଣ ଅଜଣା ବ୍ୟକ୍ତିଙ୍କୁ ଆପଣଙ୍କର ଗୁରୁତ୍ୱପୂର୍ଣ୍ଣ ବ୍ୟାଙ୍କିଙ୍ଗ୍ ସୂଚନା ଓ ବ୍ୟାଙ୍କିଙ୍ଗ୍ କୋଡ୍ ଦିଅନ୍ତୁ ନାହିଁ।

**-ଡ. ତପନ କୁମାର ପାଳ, ଏସ୍‌ବିଆଇ ଷ୍ଟାଫ୍ କଲୋନି, ଦେଉଳ ସାହି, ତୁଳସୀପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜୀବନ ଗୋଟା ଲୋଡେ କରିବାକୁ ଖେଳଛୁଟି
ଧରାରେ ଯେଉଁ ହାସ
ବାର ମାସ ଉଠେ ଫୁଟି,
ପ୍ରଦୋଷ ଉଷା ପରେ ଫୁଲେ
ଫୁଲେ ଯାଏ ଲିହି
ଯେ ହାସ ପାଇଁ ତବ
ଅବୟବ ଗଢ଼େ ବିହି।
-(ମରଣ ପାଲି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ନାବାଳିକା ବିକ୍ରି ଉଦ୍ୟମ ପଣ୍ଡ**

ଖଇରା,(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ଥାନା ହରିପୁର ପଞ୍ଚାୟତ ଅଧୀନ କଳମଚୁଆ ଗ୍ରାମରେ ଜଣେ ନାବାଳିକାଙ୍କୁ ବିକ୍ରି ପାଇଁ ଉଦ୍ୟମ କରାଯାଉଥିବା ବେଳେ ବାଲେଶ୍ୱର ଚାଇଲ୍ଡ ଲାଇନର ସଦସ୍ୟମାନେ ପହଞ୍ଚି ପଣ୍ଡ କରିଛନ୍ତି। ଏହି ନାବାଳିକାଙ୍କ ଘର ରାୟଗଡା ଜିଲାର କଲ୍ୟାଣସିଂପୁର ଥାନା ଅଞ୍ଚଳରେ। କଳମଗଡିଆ ଗ୍ରାମର ଜଣେ ବ୍ୟକ୍ତି ନାବାଳିକାଙ୍କୁ ଆଣି ଘରେ ରଖି ବିକ୍ରି ପାଇଁ ପ୍ରସ୍ତୁତି ଚଳାଇଥିଲେ। ବୁଧବାର ରାତିରେ ଚାଇଲ୍ଡ ଲାଇନ ଟିମ୍‌ର ସଦସ୍ୟମାନେ ଖଇରା ପୋଲିସ ସହାୟତରେ ଉକ୍ତ ନାବାଳିକାଙ୍କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛନ୍ତି।

# ସ୍ତ୍ରୀଙ୍କୁ ପଥର ଚଟାଣରେ କଚାଡ଼ି ମାରିଲେ ସ୍ୱାମୀ

## ସ୍ୱାମୀଙ୍କ ଅନ୍ୟ ସ୍ତ୍ରୀ ସହ ସମ୍ପର୍କକୁ ବିରୋଧ କରୁଥିଲେ

ଯାଜପୁରରୋଡ୍,୨୧।୮
(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁରରୋଡ୍ ଥାନା ବ୍ୟାସନଗର ପୌର ପରିଷଦ ୯ନଂ.ୱାର୍ଡର କୋର୍ଟ ପଛପଟ ବିନାୟକ ବିହାର ମହରମ ଛକ ବସ୍ତିରେ ଗୁରୁବାର ସକାଳେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ପଥର ଚଟାଣରେ କଚାଡ଼ି ହତ୍ୟା କରିଛନ୍ତି। ମୃତା ମହିଳା ହେଲେ କିଷାନ ଦାସଙ୍କ ସ୍ତ୍ରୀ ଲକ୍ଷ୍ମୀ ଦାସ(୩୦)। ଲକ୍ଷ୍ମୀ ତାଙ୍କ ସ୍ୱାମୀଙ୍କ ଅନ୍ୟ ସ୍ତ୍ରୀ ସହ ସମ୍ପର୍କକୁ ବିରୋଧ କରିବାରୁ ଏହି ଘଟଣା ଘଟିଛି। ତେବେ ଲକ୍ଷ୍ମୀଙ୍କ ମୃତ୍ୟୁ ହୋଇଥିବା ଜାଣିବା ପରେ କିଷାନ ତାଙ୍କୁ ଏକ ଲୁଗାରେ ଘରେ ଟାଙ୍ଗି ଆତ୍ମହତ୍ୟାର ରୂପଦେବାକୁ ଚେଷ୍ଟା କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏଥିସହିତ କିଷାନଙ୍କୁ ଅଟକ ରଖି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ଆଶିଷ ସାହୁ କହିଛନ୍ତି।

ମହିଳାଙ୍କ ମୃତ୍ୟୁ ସମ୍ପର୍କରେ ସ୍ଥାନୀୟ କାଉନସିଲର ମଣିନ୍ଦ୍ର ସାହୁଙ୍କୁ କିଷାନଙ୍କ ପଡ଼ୋଶୀ ଖବର ଦେଇଥିଲେ। କାଉନସିଲର ସାହୁ ଯାଜପୁରରୋଡ୍ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମହିଳାଙ୍କ ମୃତଦେହ ଜବତ କରିଥିଲା। ଏହାପରେ ତାଙ୍କ ସ୍ୱାମୀ କିଷାନଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲା। କିଷାନ କହିଥିଲେ, ଉଭୟଙ୍କ ମଧ୍ୟରେ ବଚସା ହେବାରୁ ଲକ୍ଷ୍ମୀ ରାଗିଯାଇ ରାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ହେଲେ ତାଙ୍କ ପଡ଼ୋଶୀମାନେ କହିଥିଲେ, କିଷାନଙ୍କ ଅନ୍ୟ ସ୍ତ୍ରୀ ଲୋକଙ୍କ ସହ ସମ୍ପର୍କ ରହିଛି। ଏହାକୁ ନେଇ ଦମ୍ପତିଙ୍କ ମଧ୍ୟରେ ମାରପିଟ ଲାଗି ରହିଥିଲା। ସକାଳେ ମଧ୍ୟ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। ଏଥିରେ କିଷାନ ଉତ୍କ୍ଷିପ୍ତ ହୋଇ ଲକ୍ଷ୍ମୀଙ୍କୁ ଟେକିଆଣି ଘର ସମ୍ମୁଖରେ ଥିବା ଏକ ମାଙ୍କଡ଼ା ପଥର ଉପରେ କଚାଡ଼ି ଦେଇଥିଲା। ଫଳରେ ଲକ୍ଷ୍ମୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟପକ୍ଷରେ ଲକ୍ଷ୍ମୀଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମାଉସୀ ନାଗୁ ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ନଂ.୪୮୯/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

# ୨୯ ମାଓବାଦୀଙ୍କ ଆତ୍ମସମର୍ପଣ



ଆତ୍ମସମର୍ପଣ କରିଥିବା ମାଓବାଦୀ।

ମାଲକାନଗିରି,୨୧।୮
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦାନ୍ତେୱାଡା ଓ ନାରାୟଣପୁର ଜିଲାରେ ୫୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ୨୯ ମାଓବାଦୀ ଗୁରୁବାର ଆତ୍ମସମର୍ପଣ କରିଛନ୍ତି। ନାରାୟଣପୁର ଜିଲା ପୋଲିସ ନିକଟରେ ୮ ଜଣ ଆତ୍ମସମର୍ପଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୬ ପୁରୁଷ ଓ ୨ ମହିଳା ରହିଛନ୍ତି। ଏମାନଙ୍କ ଉପରେ ୩୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିବା ବେଳେ ଦାନ୍ତେୱାଡା ଜିଲାରେ ୨୧ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କ ନାମରେ ୨୫ ଲକ୍ଷର ପୁରସ୍କାର ଘୋଷଣା କରାଯାଇଛି। ଏଥିରେ ୮ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ କେୟେ ଓରଫ କେସା ଲେକାମ ମଧ୍ୟ ସାମିଲ ଅଛନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତଙ୍କୁ ସରକାରଙ୍କ ତରଫରୁ ପୁନର୍ବାସ ନୀତି ଅନୁଯାୟୀ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି।

ମାଓବାଦୀମାନେ କହିଛନ୍ତି, ବର୍ତ୍ତମାନ ସଂଗଠନ ଭୁଶୁଡ଼ିଯାଇଥିବା ବେଳେ ପୂର୍ବ ଆଦର୍ଶ ନ ଥିବା, ଛତିଶଗଡ଼ର ବିଭିନ୍ନ ସ୍ଥାନରେ ଯବାନମାନଙ୍କ କ୍ୟାମ୍ପ ପ୍ରତିଷ୍ଠା, ଛତିଶଗଡ଼ରେ ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତଙ୍କୁ ସୁବିଧା ସୁଯୋଗ ଯୋଗାଇଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ଟାଙ୍ଗିଆରେ ହାଣି ବାପାଙ୍କୁ ହତ୍ୟା

## ଟାଙ୍ଗିଆ ଜବତ, ଅଭିଯୁକ୍ତ ଅଟକ

ଦେବଗଡ଼,୨୧।୮
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅଧୀନ ଗୋହିଡା-ଜାମୁନାଳୀ ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ବୃଦ୍ଧ ବାପାଙ୍କୁ ଟାଙ୍ଗିଆରେ ହାଣି ପୁଅ ହତ୍ୟା କରିଛନ୍ତି। ମୃତକ ହେଲେ ବୁଧୁ କିଷାନ। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିବା ସହ ଅଭିଯୁକ୍ତ ପୁଅ ଦୁଃଖବନ୍ଧୁ କିଷାନଙ୍କୁ ଅଟକ ରଖିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ଘରେ କେହି ନ ଥିବାବେଳେ ବୁଧୁ ଏବଂ ଦୁଃଖବନ୍ଧୁଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ ଦୁଃଖବନ୍ଧୁ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ବାପାଙ୍କୁ ହାଣି ହତ୍ୟା କରିଥିଲେ। ପରେ ଘର ପଛପଟ ଏକ ଗାତ ଭିତରେ ମୃତଦେହକୁ ଫିଙ୍ଗି ଦେଇଥିଲେ। ପରିବାର ଲୋକେ ଫେରିବା ପରେ ଘର ଭିତରେ ରକ୍ତଛିଟା ପଡିଥିବା ଦେଖିଥିଲେ। ଏହାପରେ ବୁଧୁଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ରକ୍ତଛିଟା ବାରିରେ ପଡିଥିବା ଦେଖି ସେମାନେ ପୋଲିସକୁ ଖବର ଦେଇଥିଲେ।



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ଗୁରୁବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛି। ଏନେଇ ଦୁଃଖବନ୍ଧୁଙ୍କ ଭଉଣୀ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୧୮୬/୨୫) ରୁଜୁ କରିଛି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଥିବା ଆଇଆଇସି ଜୋହନ କୁଜୁର୍ କହିଛନ୍ତି।

# ୩ ନାବାଳିକା କନ୍ୟାଙ୍କୁ ଧରି ମହିଳାଙ୍କ ଆତ୍ମାହୁତି ଉଦ୍ୟମ

## ସ୍ୱାମୀଙ୍କ ପରକୀୟା ପ୍ରୀତି ସନ୍ଦେହ

ନିଶ୍ଚିନ୍ତକୋଇଲି,୨୧।୮
(ଅଶୋକ କୁମାର ମହାପାତ୍ର)

ସ୍ୱାମୀଙ୍କ ପରକୀୟା ପ୍ରୀତି ସନ୍ଦେହରେ ୩ଝିଅଙ୍କ ସହ ମା' ଆତ୍ମାହୁତି ଉଦ୍ୟମ କରିଛନ୍ତି। ଗ୍ରାମବାସୀ ସେମାନଙ୍କୁ କାବୁ କରିବା ସହ ମହିଳାଙ୍କୁ ପୋଲିସ ଜିମା ଦେଇଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ଏହିଥାନା ଅଞ୍ଚଳର ଜଣେ ବ୍ୟକ୍ତି ଓ ତାଙ୍କ ପଡ଼ୋଶୀ ଦୀର୍ଘଦିନ ହେବ ହାଇଦ୍ରାବାଦର ଏକ କମ୍ପାନୀରେ କାର୍ଯ୍ୟ କରନ୍ତି। ଉଭୟଙ୍କ ସ୍ତ୍ରୀ ଓ ପିଲାଛୁଆ ସେମାନଙ୍କ ଗାଁରେ ରୁହନ୍ତି। ଏପରିସ୍ଥଳେ ପଡ଼ୋଶୀ ସ୍ତ୍ରୀଙ୍କ ସହ ସମ୍ପୃକ୍ତ ବ୍ୟକ୍ତିଙ୍କର ପରକୀୟା ପ୍ରୀତି ଥିବା ନେଇ ସ୍ତ୍ରୀ ସନ୍ଦେହ କରିଆସୁଥିଲେ। ଗୁରୁବାର ସମ୍ପୃକ୍ତ ବ୍ୟକ୍ତି ହାଇଦ୍ରାବାଦରେ ଥିଲେ ମଧ୍ୟ ଉପରୋକ୍ତ ଘଟଣାକୁ ନେଇ ମାନସିକସ୍ତରରେ ଚିନ୍ତାଗ୍ରସ୍ତ ହୋଇ ତାଙ୍କ ସ୍ତ୍ରୀ ୩ ନାବାଳିକା କନ୍ୟାକୁ ସାଙ୍ଗରେ ନେଇ ଏକ ସ୍କୁଟି ଯୋଗେ ସ୍ଥାନୀୟ ଡିଲରଙ୍କ ଘରକୁ ଯାଇ କିରୋସିନ ଆଣିଥିଲେ। ଏହାପରେ ୩ କନ୍ୟାଙ୍କୁ ସାଥିରେ ନେଇ ସମ୍ପୃକ୍ତା ମହିଳା ତାଙ୍କ ପଡ଼ୋଶୀଙ୍କ ଘର ସମ୍ମୁଖରେ ପହଞ୍ଚି କଳିଝଗଡା କରିଥିଲେ। ଏହି ସମୟରେ ପଡ଼ୋଶୀଙ୍କ ମା'ଙ୍କ ଉପରେ ସମ୍ପୃକ୍ତା ମହିଳା ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିସହ ନିଜର ୩ କନ୍ୟାଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ୩ ନାବାଳିକାଙ୍କୁ ନେଇ ତାଙ୍କ ଜେଜେଙ୍କୁ ହସ୍ତାନ୍ତର କରିଛି। ଏଥିସହ ସମ୍ପୃକ୍ତା ମହିଳାଙ୍କୁ ପୋଲିସ ସାଙ୍ଗରେ ନେଇ ଥାନାରେ ତଦନ୍ତ କରିବା ସହ କଟକର ମନସ୍ତତ୍ତ୍ୱ କେନ୍ଦ୍ରରେ ଚିକିତ୍ସା କରାଇଛି। ଏହାପରେ ତାଙ୍କୁ ନେଇ ଘରେ ଛାଡ଼ିଦେଇଛି ବୋଲି ଥାନା ଅଧିକାରୀ ଯୁଗଳ କିଶୋର ଦାସ ସୂଚନା ଦେଇଛନ୍ତି।

# ଟ୍ରାପ୍ କ୍ୟାମେରାରେ ଧରାପଡ଼ିଲେ ୨ ଶିକାରୀ

## ବନ୍ଧୁକ ସହିତ ମାରଣାସ୍ତ୍ର ଉଦ୍ଧାର

ନୀଳଗିରି, ୨୧।୮(ପ୍ରଶାନ୍ତ ବିଶ୍ୱାଳ)

କୁଲଡ଼ିହା ଅଭୟାରଣ୍ୟ ମଧ୍ୟରେ ଶିକାରୀଙ୍କୁ ଜଗିଥିବା ଟ୍ରାପ କ୍ୟାମେରାରେ ଦୁଇଜଣ ଶିକାରୀଙ୍କୁ ଚିହ୍ନଟ କରି ବନବିଭାଗ ସେମାନଙ୍କୁ ଗିରଫ କରିଛି। ଅଗଷ୍ଟ ୧୫ତାରିଖ କୁଲଡ଼ିହା ବନବିଭାଗ ଦ୍ୱାରା ଅଭୟାରଣ୍ୟ ମଧ୍ୟରେ ରୁଟିନ୍ ଚେକ୍ ସମୟରେ ଟ୍ରାପ୍ କ୍ୟାମେରାରେ ଦୁଇଜଣ ଶିକାରୀ ଅଭୟାରଣ୍ୟ ମଧ୍ୟରେ ରାତି ପ୍ରାୟ ୧୧ଟା ୪୫ ମିନିଟ୍‌ରେ ସନ୍ଦିଗ୍ଧ ଅବସ୍ଥାରେ ନଜର ଆସିଥିଲେ। ପରେ ସେମାନଙ୍କୁ ଚିହ୍ନଟ କଲା ପରେ ଗତ ୧୯ତାରିଖ ସକାଳ ୬ଟା ୧୦ମିନିଟ୍ ସମୟରେ କୁଲଡ଼ିହା ବନବିଭାଗ ଦ୍ୱାରା ବରହମପୁର ଥାନା ନଟାପଡା ଗ୍ରାମର ଦୁଇଭାଇ କାଳନ୍ଦ୍ରୀ ହେମ୍ବ୍ରମ (୨୮) ଏବଂ ଭୁଣ୍ଡା ହେମ୍ବ୍ରମ(୨୫)ଙ୍କୁ ଗିରଫ କରିଛି।



ଗିରଫ ଦୁଇ ଅଭିଯୁକ୍ତ।

ସେମାନଙ୍କ ନିକଟରୁ ଗୋଟିଏ ଗୁଳି ଭର୍ତ୍ତି ବନ୍ଧୁକ(ଯାହା ପରେ ନିରାପତ୍ତା ପାଇଁ ଅକାମୀ କରାଯାଇଛି), ତନଖି ସମୟରେ କାଳନ୍ଦ୍ରିଙ୍କ ଛାତ ଉପରୁ ଗୋଟିଏ କାଣ୍ଡ, ୩ଟି ଧନୁତୀର, ୨ଟି ଜାଲ ଓ ଶିକାର ସରଞ୍ଜାମ ବନବିଭାଗ ଜବତ କରିଛି। ବନ୍ୟଜନ୍ତୁ ନିରାପତ୍ତା ଆଇନ୍ ୧୯୭୨ ଅନୁଯାୟୀ ଗିରଫ କରାଯାଇ ଅଧିକ ତଦନ୍ତ ଚାଲୁ ରହିଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

# ସ୍ତ୍ରୀଙ୍କୁ ପିଟି ହତ୍ୟା କଲେ ସ୍ୱାମୀ

ଚଣ୍ଡିଖୋଲ/ଛତିଆ/ବଡ଼ଚଣା,୨୧।୮
(ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟରଞ୍ଜନ ସାହୁ/ଦିଲୀପ କୁମାର ମହାନ୍ତି)

ଯାଜପୁର ଜିଲା ବୈରୀ ଥାନା ଶାଳପଡ଼ା ପଞ୍ଚାୟତ ବାଉଁଶମୂଳୀ ଗ୍ରାମରେ ଗୁରୁବାର ଏକ ହତ୍ୟାକାଣ୍ଡ ଘଟିଛି। ଚରିତ୍ରକୁ ସନ୍ଦେହକରି ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ପିଟି ହତ୍ୟା କରିଛନ୍ତି। ମୃତ ମହିଳା ହେଲେ ଗ୍ରାମର ସୁରେଶ ମଲ୍ଲିକଙ୍କ ସ୍ତ୍ରୀ ପିଙ୍କି ମଲ୍ଲିକ ଓରଫ୍ ରୁନି(୩୦)। ଘଟଣା ସମ୍ପର୍କରେ ଖବର ପାଇବା ପରେ ଥାନା ଅଧିକାରୀ ଅଂଶୁମାଳା ଦାସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଏହାପରେ ସୁରେଶଙ୍କୁ ଗିରଫ କରିଛନ୍ତି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

ସୂଚନା ମୁତାବକ, ପୂର୍ବରୁ ଦମ୍ପତିଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେଉଥିଲା। ସୁରେଶ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବାରୁ ୭ ଦିନ କିମ୍ବା ୧୫ ଦିନରେ ଥରେ ଘରକୁ ଆସୁଥିଲେ। ଗୁରୁବାର ସକାଳେ ସୁରେଶ ଗାଁ ବୁଲି ଘରକୁ ଫେରିବାବେଳକୁ ପିଙ୍କି ନ ଥିଲେ। ସେ ଡାକିବାରୁ ପିଙ୍କି ବାରିପଟୁ ବାହାରି ଆସିଥିଲେ। ଏହାପରେ ପିଙ୍କିଙ୍କ ଚରିତ୍ରକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ସମୟରେ ଘର ବାରଣ୍ଡାରେ ପଡ଼ିଥିବା ଏକ ଲୁହାପାଇପ ସାହାଯ୍ୟରେ ସୁରେଶ ପିଙ୍କିଙ୍କୁ ପିଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏହାଦେଖି ସୁରେଶ ନିଜ ମୁଣ୍ଡକୁ କାନ୍ଥରେ ପିଟି ଫଟାଇ ଦେଇଥିଲେ। ଏନେଇ ଥାନାରେ ନଂ.୧୮୬/୨୫ ରେ ଏକ ମାମଲା ରୁଜୁ ହୋଇଛି।



# ସାଲିମା ଅଧିନାୟିକା, ଓଡ଼ିଶାରୁ ସୁନେଲିତା

**ନୂଆଦିଲ୍ଲୀ, ୨୧।୮ (ପି.ଟି.)**

ଚାଇନାର ହାଙ୍ଗଝୋଠାରେ ସେପ୍ଟେମ୍ବର ୫ରୁ ୧୪ ପର୍ଯ୍ୟନ୍ତ ହେବାକୁଥିବା ଏସିଆ କପ୍ ମହିଳା ହକି ପ୍ରତିଯୋଗିତା ପାଇଁ ଗୁରୁବାର ୨୦ ଜଣିଆ ଭାରତୀୟ ଦଳ

**ଏସିଆ କପ୍ ମହିଳା ହକି**

ଘୋଷଣା କରାଯାଇଛି। ଦଳରେ ଓଡ଼ିଶାର ଖେଳାଳି ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ପୁରୁଖା ମିଡ୍ ଫିଲ୍ଡର ସାଲିମା ଟେଟେ ଅଧିନାୟିକା ପଦ ବଜାୟ ରଖିଛନ୍ତି। ଚାମ୍ପିୟନ ଦଳ ଏଫ୍ଆଇଏଚ୍ ୨୦୨୬ ମହିଳା ହକି ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବାକୁ ଥିବାରୁ ଏହି ଟୁର୍ନାମେଣ୍ଟର ଗୁରୁତ୍ୱ ରହିଛି। ଭାରତ ପୁଲ୍ 'ବି'ରେ ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁର ସହିତ ସ୍ଥାନ ପାଇଛି। ଦଳ ସେପ୍ଟେମ୍ବର ୫ରେ ଥାଇଲାଣ୍ଡ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଭାରତ ଏହାର ଅନ୍ତିମ ପୁଲ୍ ପର୍ଯ୍ୟାୟ ମ୍ୟାଚ ସେପ୍ଟେମ୍ବର ୮ରେ ସିଙ୍ଗାପୁର ବିପକ୍ଷରେ ଖେଳିବ। ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି, ହାଙ୍ଗଝୋ ମହିଳା ଏସିଆ କପ୍ ପାଇଁ ମନୋନୀତ ହୋଇଥିବାରୁ ଦଳ ଉତ୍ସାହିତ ଅଛି। ୨୩ ବର୍ଷୀୟା ସାଲିମା ଦଳର ଜଣେ ପ୍ରମୁଖ ଖେଳାଳି। ଗତ ବର୍ଷ ମଧ ସେ ଦଳର ନେତୃତ୍ୱ ନେଇଥିଲେ। ଉଭୟ ଅଭିଜ୍ଞ ଓ ଯୁବ ପ୍ରତିଭା ଖେଳାଳିଙ୍କୁ ନେଇ ଦଳ ବେଶ୍ ସନ୍ତୁଳିତ। ଟୁର୍ନାମେଣ୍ଟ ପାଇଁ ଦଳ ନିଜକୁ ଭଲଭାବେ ପ୍ରସ୍ତୁତ କରିଛି। ଟୁର୍ନାମେଣ୍ଟରେ ଦଳ ଆକ୍ରମଣାତ୍ମକ ଓ ଶୃଙ୍ଖଳିତ ହକି ଖେଳିବ।

**ମହିଳା ଏସିଆ କପ୍ ପାଇଁ ଭାରତୀୟ ଦଳ:** ଗୋଲକିପର: ବନସାରୀ ସୋଲାଙ୍କି, ବିଚୁ ଦେବି ଖରିବାମ୍; ଡିଫେଣ୍ଡର ମନୀଷା ଚୌହାନ, ଉଦିତା, ଜ୍ୟୋତି, ସୁମନ ଦେବୀ ଥୋଦମ, ନିକ୍କି ପ୍ରଧାନ, ଇଶିକା ଚୌଧାରୀ। ମିଡ୍‌ଫିଲ୍ଡର: ନେହା, ବୈଷ୍ଣବୀ ଭିଧାଲ ଫାଲ୍‌କେ, ସାଲିମା ଟେଟେ, ଶର୍ମିଳା ଦେବୀ, ଲାଲ୍‌ରେମ୍‌ସିଆମି, ସୁନେଲିତା ଟେପ୍ପୋ। ଫରୱାର୍ଡ: ନବନୀତ କୌର, ଋତାଜା ଦାଦାସୋ ପିସାଲ, ବ୍ୟୁଟି ଡୁଙ୍ଗଡଙ୍ଗ, ମମତାଜ ଖାନ୍, ଦୀପିକା ଓ ସଙ୍ଗୀତା କୁମାରୀ।



ସାଲିମା ଟେଟେ

# ରାଜ୍ୟ ଆନ୍ତଃସ୍କୁଲ ଟେବୁଲ ଟେନିସ

**ଭୁବନେଶ୍ୱର, ୨୧।୮ (ତପନ ସ୍ୱାଇଁ)**

ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ୬ଷ୍ଠ ରାଜ୍ୟ ଆନ୍ତଃସ୍କୁଲ ଟେବୁଲ ଟେନିସ ପ୍ରତିଯୋଗିତାର ଦଳଗତ ଇଭେଣ୍ଟ ଗୁରୁବାର କଟକ ସିଡିଏସ୍ଥିତ ବିଜୁପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ଶେଷ ହୋଇଛି। ଏହାର ସିନିୟର ବାଳିକା ଫାଇନାଲରେ ଷ୍ଟିୱାର୍ଟ ସ୍କୁଲକୁ ୩-୦ରେ ହରାଇ ଗୁରୁ ନାନକ ପବ୍ଲିକ୍ ସ୍କୁଲ ଏବଂ ସିନିୟର ବାଳକରେ ଖ୍ରୀଷ୍ଟ କଲିଜିଏଟକୁ ୩-୦ରେ ପରାସ୍ତ କରି ଭୁବନେଶ୍ୱର କେଭି-୧ ଚାମ୍ପିୟନ ହୋଇଛି। ଜୁନିୟର ବାଳକରେ ଡିପିଏସ୍ କଳିଙ୍ଗାକୁ ୩-୧ରେ ହରାଇ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ଏବଂ ଜୁନିୟର ବାଳିକାରେ ପୁରୀ ଜିଲା ସ୍କୁଲକୁ ୩-୧ରେ ପରାସ୍ତ କରି କଟକ ସିଡିଏ ଡିଏଭି ପବ୍ଲିକ୍ ସ୍କୁଲ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ପ୍ରତିଯୋଗିତାରେ ୬୬ ସ୍କୁଲର ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ୟଙ୍ଗ ଜେନେରେଶନ ଟେବୁଲ ଟେନିସ ଆସୋସିଏଶନ (ୱାଇଜିଟିଟିଏ) ଆନୁକୂଲ୍ୟରେ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ ପ୍ରତିଯୋଗିତା ୨୨ରୁ ୨୪ ପର୍ଯ୍ୟନ୍ତ ଖେଳାଯିବ।



ସିନିୟର ବାଳିକା ବିଭାଗ ଚାମ୍ପିୟନ
ଗୁରୁ ନାନକ ପବ୍ଲିକ୍ ସ୍କୁଲର ଶ୍ୱେତା ବର୍ମା ଓ ଉର୍ଜା ବର୍ମା।

# ଭାରତୀୟ ଦଳରେ ଆକାଶ ପଡ଼ିଆମି

**ମାଲକାନଗିରି, ୨୧।୮ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା କୋୟା ସମ୍ପ୍ରଦାୟର ଦୃଷ୍ଟିବାଧିତ ଯୁବକ ଜାତୀୟ ଫୁଟବଲ ଦଳରେ ପ୍ରତିନିଧିତ୍ୱ କରି ଜିଲା ପାଇଁ ଗୌରବ ଆଣିଦେଇଛି। ସଦର ବ୍ଲକ ଗୋରାଖୁଣ୍ଟା ପଞ୍ଚାୟତ କୃସୁବାଡା ଗ୍ରାମର ଦୁଲା ପଡ଼ିଆମିଙ୍କ ପୁଅ ଆକାଶ ପଡ଼ିଆମି । ସେ କୃସୁବାଡାରେ ପ୍ରଥମରୁ ଯୁକ୍ତ ୨ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରିଥିବା ବେଳେ କୃସୁବାଡା ଫୁଟ୍‌ବଲ ଟୁର୍ନାମେଣ୍ଟରେ ଆକାଶଙ୍କ ଦଳ ଚାମ୍ପିୟନ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଉଚ୍ଚ ଶିକ୍ଷା ନିମନ୍ତେ ଯାଇଥିଲେ। ବିଶ୍ୱବିଦ୍ୟାଳୟରେ ହେଉଥିବା କ୍ରିକେଟ ଓ ଫୁଟ୍‌ବଲ ଆଦି ସବୁ ଇଭେଣ୍ଟରେ ଭାଗ ନେଇ ଉଲ୍ଲେଖନୀୟ ପ୍ରଦର୍ଶ କରିଥିଲେ। ପରେ ଅଧ୍ୟାପକ ଆଶିଷ କୁମାର ସାହୁ ଓ ତ୍ରିଲୋଚନ ବେଉରାଙ୍କ ଚେଷ୍ଟାରେ ଓଡ଼ିଶା ଦୃଷ୍ଟିବାଧିତ ଫୁଟ୍‌ବଲ ସଂଘ ସହାୟତାରେ ବିଶ୍ୱ ଦୃଷ୍ଟିବାଧିତ ଫୁଟ୍‌ବଲ ଖେଳିବା ପାଇଁ ମନୋନୀତ ହୋଇଥିଲେ। ପ୍ରଥମେ ସେ ଝାଡ଼ଖଣ୍ଡର ଟାଟାନଗର ଜାମଶେଦପୁରରେ ଜାତୀୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଖେଳ ପ୍ରଦର୍ଶନ କରି ଚାମ୍ପିୟନ ହୋଇ ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କାର ପାଇଥିଲେ। ପରବର୍ତ୍ତୀ ସମୟରେ ମହାରାଷ୍ଟ୍ର, ପୁଣେ, ଗ୍ୱାଲିୟର ଓ ମଧ୍ୟପ୍ରଦେଶରେ ଖେଳ ପ୍ରଦର୍ଶନ କରିଥିଲେ। ଚଳିତବର୍ଷ ଗୁଜରାଟର ଅହମ୍ମଦାବାଦରେ ନ୍ୟାଶନାଲ ବ୍ଲାଇଣ୍ଡ ଫୁଟ୍‌ବଲ ଲିଗ୍ ପାଇଁ ଚୟନ ହେଲାପରେ କେରଳରେ ଖେଳ ପ୍ରଦର୍ଶନ କରିଥିଲେ। ବର୍ତ୍ତମାନ ସେ ଜାତୀୟ ପୁରୁଷ ଦୃଷ୍ଟି ବାଧିତ ଫୁଟ୍‌ବଲ ଦଳରେ ସ୍ଥାନ ପାଇଛନ୍ତି।



ଆକାଶ ପଡ଼ିଆମି



ବିହାରର ରାଜଗିର ହକି ଷ୍ଟାଡିୟମରେ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ପୁରୁଷ ଏସିଆ କପ୍ ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଗୌରବ ଯାତ୍ରାର ଅଂଶବିଶେଷ ସ୍ୱରୂପ ଏସିଆ କପ୍ ଟ୍ରଫି ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଛି। ଟ୍ରଫିକୁ ସ୍ୱାଗତ ଅବସରରେ କଳିଙ୍ଗ ଷ୍ଟାଡିୟମରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କ ସହ ରାଜ୍ୟ କ୍ରୀଡ଼ା ବିଭାଗ କର୍ମକର୍ତ୍ତା ଓ ଖେଳାଳିମାନେ।

# ଭାରତ-ପାକିସ୍ତାନ ମ୍ୟାଚ୍ ହେବ

**ନୂଆଦିଲ୍ଲୀ, ୨୧।୮ (ପି.ଟି.):** ଆସନ୍ତା ୧୪ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ଏସିଆ କପ୍ ଟି୨୦ କ୍ରିକେଟ୍ ମ୍ୟାଚ୍ ଖେଳାଯିବ। ପହଲଗାମ ଆକ୍ରମଣ ଓ ଅପରେଶନ ସିନ୍ଦୂର କାରଣରୁ ଏହି ମ୍ୟାଚ୍‌କୁ ନେଇ ଅନିଶ୍ଚିତତା ଲାଗି ରହିଥିଲା। କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଉନ୍ମୋଚିତ କରାଯାଇଥିବା ଭାରତର ଅନ୍ତର୍ଜାତୀୟ କାର୍ଯ୍ୟ ସମ୍ପର୍କୀତ ନୂଆ ନୀତିରେ ପାକିସ୍ତାନକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ନୀତି ଭାରତୀୟ ଆଥ୍‌ଲେଟ୍‌ଙ୍କୁ ପାକିସ୍ତାନ ଟ୍ରାଭେଲ କରିବାକୁ ବାରଣ କରିବା ସହ ପଡ଼ୋଶୀ ଦେଶର କ୍ରୀଡ଼ାବିତ୍‌ଙ୍କୁ ଦ୍ୱିପାକ୍ଷୀକ ପ୍ରତିଯୋଗିତା ଲାଗି ଭାରତ ଆସିବା ଉପରେ କଟକଣା ଜାରି କରିଛି। ଦ୍ୱିପାକ୍ଷୀକ ସ୍ପୋର୍ଟିଂ ଇଭେଣ୍ଟ କ୍ଷେତ୍ରରେ ପାକିସ୍ତାନରେ ହେଉଥିବା ପ୍ରତିଯୋଗିତାରେ ଭାରତୀୟ ଦଳ ଅଂଶଗ୍ରହଣ କରିବ ନାହିଁ। ସେହିଭଳି ଭାରତରେ ପାକିସ୍ତାନ ଦଳକୁ ଖେଳିବାକୁ ଅନୁମତି ମିଳିବ ନାହିଁ। କିନ୍ତୁ ଭାରତୀୟ କ୍ରିକେଟ୍ ଦଳକୁ ଏସିଆ କପ୍‌ରେ ଭାଗ ନେବାରୁ ରୋକାଯିବ ନାହିଁ। କାରଣ ଏହା ଏକ ବହୁ ଦେଶ ଭିତ୍ତିକ ଟୁର୍ନାମେଣ୍ଟ।

# ରଶ୍ମିଙ୍କୁ ସ୍ୱର୍ଣ୍ଣ, ନାଓରେମଙ୍କୁ ରୌପ୍ୟ



ନାଓରେମ ଜେମ୍ସ ସିଂ



ରଶ୍ମିତା ସାହୁ

**ଭୁବନେଶ୍ୱର, ୨୧।୮ (ତପନ ସ୍ୱାଇଁ)**

ଜମ୍ମୁ-କଶ୍ମୀରର ଶ୍ରୀନଗରଠାରେ ସର୍ବପ୍ରଥମ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲ ଆରମ୍ଭ ହୋଇଛି। ଏହାର ସି୧ଡବ୍ଲ୍ୟୁ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତି ରଶ୍ମିତା ସାହୁ ଓଡ଼ିଶାକୁ ଗର୍ବିତ କରିଛନ୍ତି। ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସରେ ଓଡ଼ିଶାର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ। ସେହିପରି

**ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲ**

ଓଡ଼ିଶା ଜଳକ୍ରୀଡ଼ା କେନ୍ଦ୍ରରେ ପ୍ରଶିକ୍ଷଣ ନେଉଥିବା ନାଓରେମ ଜେମ୍ସ ସିଂ ରୌପ୍ୟ ପଦକ ଲାଭ କରିଛନ୍ତି। ସେ କାୟାକିଂ ଆଣ୍ଡ କାନୋଇଂ କେ୧ଏମ୍-୧୦୦୦ ମିଟର ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି।

# ଜୁନିୟର ପୁରୁଷ ହକି: ଓଡ଼ିଶା-ହରିୟାଣା ଫାଇନାଲ

**ଜଳନ୍ଧର, ୨୧।୮ (ପି.ଟି.)**

ଓଡ଼ିଶା ଓ ହରିୟାଣା ସେମାନଙ୍କ ସେମିଫାଇନାଲ ମ୍ୟାଚ ଜିତି ଏଠାରେ ଚାଲିଥିବା ୧୫ତମ ହକି ଇଣ୍ଡିଆ ଜୁନିୟର ପୁରୁଷ ଜାତୀୟ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଓଡ଼ିଶା ସେମିଫାଇନାଲରେ ପଞ୍ଜାବକୁ ୩-୨ ଗୋଲ୍‌ରେ ହରାଇ ଦେଇଛି। ଓଡ଼ିଶା ତରଫରୁ ପ୍ରତାପ ଟପ୍ପୋ (୧ମ ଓ ୧୫ତମ ମିନିଟ) ଦୁଇଟି ଗୋଲ ଦେଇଥିବା ବେଳେ କରଣ ଲାକ୍ରା ୫୮ତମ ମିନିଟରେ ଦଳ ପକ୍ଷରୁ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। ପଞ୍ଜାବ ତରଫରୁ ଗୁରସେବକ ସିଂ (୧୨ତମ) ଓ ମନ୍‌ମିତ୍ ସିଂ ରାୟ (୪୪ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ପ୍ରଥମ ସେମିଫାଇନାଲରେ ହରିୟାଣା ୩-୦ ଗୋଲ୍‌ରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଥିଲା।

# ଅଜୟ ସିଂ ପୁଣିଥରେ ସଭାପତି

**ଗୁରୁଗ୍ରାମ, ୨୧।୮ (ପି.ଟି.)**

ଅଜୟ ସିଂ ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍ଆଇ) ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ବହୁ ପ୍ରତୀକ୍ଷିତ ମହାସଂଘ ନିର୍ବାଚନରେ ସେ ପ୍ରତିପକ୍ଷ ଯଶପାଲ ପ୍ରଧାନଙ୍କୁ ହରାଇ କ୍ରମାଗତ ତୃତୀୟ ଥର ଲାଗି ସଭାପତି ହୋଇଛନ୍ତି।

**ବିଏଫ୍ଆଇ ନିର୍ବାଚନ**

ଆଇନଗତ ବିବାଦ କାରଣରୁ ୬ରୁ ଅଧିକ ମାସ ପାଇଁ ସ୍ଥଗିତ ହୋଇଥିବା ନିର୍ବାଚନ ରିଟର୍ନିଂ ଅଫିସର ରାଜେଶ ଟଣ୍ଡନ ଓ ୱାର୍ଲ୍ଡ ବକ୍ସିଂ ପକ୍ଷରୁ ଅବଜରଭର ଭାବେ ପଠାଯାଇଥିବା ବିଏଫ୍ଆଇ ଅନ୍ତରୀଣ କମିଟି ମୁଖ୍ୟ ସିଙ୍ଗାପୋରର ଫାଇରୁଜ ମହମ୍ମଦଙ୍କ ଉପସ୍ଥିତିରେ ହୋଇଥିଲା। ଡବ୍ଲ୍ୟୁବି ସଭାପତି ବୋରିସ ଭାନ ଡର ଭର୍ଷ୍ଟ ଓ ସମ୍ପାଦକ ମାଇକ ମ୍ୟାକଏଟି ଯୋଗ ଦେଇ ନ ଥିଲେ। କ୍ରୀଡ଼ା ମନ୍ତ୍ରଣାଳୟ ଓ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ପକ୍ଷରୁ ମଧ କୌଣସି ଅବଜରଭର ପଠାଯାଇଥିଲା। ସ୍ପାଇସ୍‌ଜେଟ ଏୟାରଲାଇନ୍ସର ମ୍ୟାନେଜିଂ ଡାଇରେକ୍ଟର ଥିବା ଅଜୟ ୪୦-୨୬ ବ୍ୟବଧାନରେ ନିର୍ବାଚନ ଜିତିଛନ୍ତି। ସେ ନୂଆ ସମ୍ପାଦକ ଉତ୍ତର ପ୍ରଦେଶର ପ୍ରମୋଦ କୁମାରଙ୍କ ସହ କାର୍ଯ୍ୟ କରିବେ। ସେ ସମ୍ପାଦକ ଭାବେ ଆସାମର ହେମନ୍ତ କାଲିଟାଙ୍କ ସ୍ଥାନ ନେଇଛନ୍ତି। ଲଗାତର ଦୁଇ ଥର କର୍ମକର୍ତ୍ତା ଭାବେ ୪ ବର୍ଷିଆ କାର୍ଯ୍ୟକାଳ ପୂରଣ କରିଥିବାରୁ କାଲିଟାଙ୍କୁ ନିର୍ବାଚନ ଲାଗି ଅଯୋଗ୍ୟ ଘୋଷିତ କରାଯାଇଥିଲା। ତାମିଲନାଡୁର ପନ ବାସ୍କରନ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ତେବେ ଏହି ଫଳାଫଳ ଦିଲ୍ଲୀ ହାଇକୋର୍ଟରେ ଚାଲିଥିବା ମାମଲାର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରେ। କାରଣ କିଛି ରାଜ୍ୟ ଶାଖା ବିଏଫ୍ଆଇ ଦୈନନ୍ଦିନ କାର୍ଯ୍ୟକଳାପର ତଦାରଖ କରିବା ଦାୟିତ୍ୱରେ ଥିବା ଅନ୍ତରୀଣ କମିଟି ଦ୍ୱାରା ମହାସଂଘର ସମ୍ବିଧାନରେ କରାଯାଇଥିବା ସଂଶୋଧନକୁ ଚ୍ୟାଲେଞ୍ଜ କରିଛନ୍ତି।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା–୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୨/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Friday, August 22/2025 Page 16 ₹ 7.00 | BALASORE
୫୧ଶ ଭାଗ ୨୬୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 267 ମୂଲ୍ୟ ₹୭/-

DSPL-223



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶୁଭାରମ୍ଭ

## ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ

# ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା ସାମର୍ଥ୍ୟ ହବ୍ (I-GFTCH)

# 'ଭାରତନେତ୍ର'

**୨୨ ଅଗଷ୍ଟ ୨୦୨୫ | ଭୁବନେଶ୍ୱର**

- ବିଶ୍ୱସ୍ତରୀୟ ପ୍ରଶିକ୍ଷଣ
- ବିଶ୍ୱସ୍ତରୀୟ ଜ୍ଞାନ ଆଦାନ ପ୍ରଦାନ
- ବିଶ୍ୱସ୍ତରୀୟ ନବସୃଜନ କେନ୍ଦ୍ର
- ବିଶ୍ୱସ୍ତରୀୟ ସାମର୍ଥ୍ୟ କେନ୍ଦ୍ର

- ସିଙ୍ଗାପୁରସ୍ଥିତ ଗ୍ଲୋବାଲ୍ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟୱାର୍କ (GFTN), ନ୍ୟାସନାଲ୍ ୟୁନିଭରସିଟି ଅଫ୍ ସିଙ୍ଗାପୁର (NUS) ଏବଂ ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜିଟାଲ୍ ଫାଇନାନ୍ସ (AIDF)ର ସହଯୋଗରେ
- ୭,୦୦୦ ସ୍ନାତକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି
- ୨୯୯ କୋଟି ଟଙ୍କାର ପ୍ରତ୍ୟକ୍ଷ ସମ୍ବଳ ସୃଷ୍ଟି
- ୮୯୮ କୋଟି ଟଙ୍କାର ପରୋକ୍ଷ ଅର୍ଥନୈତିକ ପ୍ରଭାବ
- ଡିଜିଟାଲ ନବସୃଜନ ଏବଂ ବ୍ୟବସାୟକୁ ତ୍ୱରାନ୍ୱିତ କରିବା ପାଇଁ ଉତ୍କର୍ଷ କେନ୍ଦ୍ର

OIPR-16003/13/0115/2526

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର

# ଅଶାନ୍ତ ସମୁଦ୍ର, ଅସୁରକ୍ଷିତ ବନ୍ଧ

■ସମୁଦ୍ର ଆଁ ଭିତରେ ଶତାଧିକ ଗାଁ
■କାର୍ଯ୍ୟକାରୀ ହେଉନି ତଟ ସୁରକ୍ଷା ବଳୟ ଯୋଜନା

ଭୋଗରାଇ, ୨୧।୮ (ପ୍ରଦୀପ ଦାସ)

ଓଡ଼ିଶା ସୀମାନ୍ତ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଉଦୟପୁରଠାରୁ ଗଞ୍ଜାମର ଗୋପାଳପୁର ପର୍ଯ୍ୟନ୍ତ ୮୨କି.ମି. ବ୍ୟାପୀ ସୁଦୀର୍ଘ ଉପକୂଳ ରହିଛି। ଏତଦଭିନ୍ନ ଜିଲାରେ ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ୨ଟି ବଡ ନଦୀ ସମୁଦ୍ରକୁ ସଂଯୋଗ ହୋଇଛି। ପ୍ରତିବର୍ଷ ସାମୁଦ୍ରିକ ଝଡ଼ ସହିତ ଘନ ଘନ ବନ୍ୟା ଜନଜୀବନକୁ ଦୁର୍ବିଷହ କରୁଥିବା ବେଳେ ସମୁଦ୍ର ଜୁଆର କୂଳକୁ ଆକସ୍ମିକ ମାଡିଆସି କୂଳବାସୀଙ୍କୁ ଭୟଭୀତ କରୁଛି। ସମୁଦ୍ରର ଉଚ୍ଚ ଜୁଆର କୂଳରେ ମାଡ଼ ହେଉଥିବାରୁ ମୃତ୍ତିକା କ୍ଷୟ ହେବା ସହ ଶତାଧିକ ଗାଁ ସମୁଦ୍ର ଆଁ ଭିତରେ ରହିଛି। ଏଥିସହିତ ବିଗତ ୨୯ଅକ୍ଟୋବର ୧୯୯୯ମହାବାତ୍ୟା ପରଠାରୁ ଅଦ୍ୟାବଧି ୮ରୁ ଅଧିକ ସାମୁଦ୍ରିକ ଝଡ଼ କୂଳବାସୀଙ୍କୁ ପ୍ରଭାବିତ କରିଛି। ଉପକୂଳ ସୁରକ୍ଷାବନ୍ଧ କାର୍ଯ୍ୟକାରୀ ହେଉ ନ ଥିବାରୁ ସମୁଦ୍ରର ଉତ୍ତାଳ ଢେଉ କୂଳରେ ମାଡ଼ କରି ଧନଜୀବନ କ୍ଷତି ଘଟାଉଛି। ଚାଷଜମିକୁ ଲୁଣି ପାଣି ପ୍ରବେଶ କରି ଚାଷୀଙ୍କ ଆର୍ଥିକ ମାନଦଣ୍ଡକୁ ଶୋଚନୀୟ କରୁଥିବାରୁ ପରିବାର ପ୍ରତିପୋଷଣ ଲାଗି ଯୁବ ସମ୍ପ୍ରଦାୟ ଭିନ୍ନ ରାଜ୍ୟକୁ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ସୂଚନାନୁଯାୟୀ ୨୦୨୧ ମେ ୨୭ରେ ୟାସ୍ ନାମିତ ସାମୁଦ୍ରିକ ଝଡ଼ ବାଲେଶ୍ୱର ଉପକୂଳରେ କଡାଡି ପଡିବା ଯୋଗୁ ସମୁଦ୍ରର ୧୨ରୁ ୧୪ ଫୁଟ ଉଚ୍ଚର ଢେଉ କୂଳ ବନ୍ଧବାଡ଼ ଡେଇଁ ଶତାଧିକ ଗାଁକୁ ପ୍ରବେଶ କରିବା ପରଠୁ ଝାଡ଼ବାତ୍ୟା ଶୁଣିଲେ ଲୋକଙ୍କ ମନରେ ଛନକା ପଶୁଛି। ଅମାବାସ୍ୟା ଓ ପୂର୍ଣ୍ଣିମା ତିଥି ସହ ଝଡ଼ ସାଥୀ ହେବାରୁ ସମୁଦ୍ର ଉଚ୍ଚ ଜୁଆର ମାଡ଼ରେ କୂଳରେ ଥିବା ଝାଉଁ ଜଙ୍ଗଲ ସହ ପ୍ରାକୃତିକ ବିପର୍ଯ୍ୟୟକୁ ରକ୍ଷା ନିମନ୍ତେ ସବୁଜ ବନାନୀ ଧ୍ୱଂସ ହେଉଛି। ଏଭଳି ସ୍ଥିତିରେ ଉଦୟପୁରଠାରୁ ତାଳସାରୀ ୨.୭ କି.ମି. ପର୍ଯ୍ୟନ୍ତ କୋଟି କୋଟି ଟଙ୍କା ଅନୁମୋଦିତ ଅର୍ଥ ଦୀର୍ଘ ବର୍ଷ ଧରି ତଟ ସୁରକ୍ଷା ପଥରବନ୍ଧ କାର୍ଯ୍ୟ କରାଯାଉଥିବା ବେଳେ ତାଳସାରୀଠାରୁ କୀର୍ତ୍ତନିଆ ଓ ଚନ୍ଦ୍ରେଶ୍ୱର ପର୍ଯ୍ୟନ୍ତ ତଟ ମୁକୁଳା ରହିଛି। ଭୋଗରାଇ ତାଳସାରୀ ନିକଟ ସୁବର୍ଣ୍ଣପୁର ଦୀପ ସମୁଦ୍ର ଏକ ପ୍ରକାର ଗିଳି ଦେବାକୁ ଲାଗିଛି ଏଠାରେ ସହସ୍ରାଧିକ ଝାଉଁ ଗଛ ଜୁଆର ମାଡ଼ରେ ଧରାଶାୟୀ ହୋଇଛି। ବ୍ଲକର ତାଳସାରୀ, କୃଷ୍ଣନଗର, କନ୍ୟାନଗରୀ, ଖଡ଼ିବିଲ, ବିଚିତ୍ରପୁର, କାଁଥିଭଉଁରୀ, ବଡ଼ପାହି, ଏନ୍‌ଏମ ପଡିଆ, କୀର୍ତ୍ତନିଆ, ଚନ୍ଦ୍ରାବାଲି, ଝୁଙ୍କୁରି ହାଜିରା, ବାଲିଆପାଳ ବ୍ଲକର କଙ୍କଡାପାଳ, ଚୌମୁଖ, ହସକରା, ଚାଉଳତୀ ଆଦି ସମୁଦ୍ରକୂଳିଆ ଗାଁ ଗୁଡିକରେ ଲୋକଙ୍କ ଭୀତି ବଢ଼ାଉଛି। ବ୍ରିଟିଶ ଅମଳରୁ ନଦୀ ଓ ସମୁଦ୍ର ତଟରେ ଉଚ୍ଚ ପଥରବନ୍ଧ କାର୍ଯ୍ୟର ମାଁ ଗନ୍ଧ ନ ଥିବାରୁ କୂଳବାସୀ ଆଶା ଓ ଆଶଙ୍କା ଭିତରେ ଦିନ ଗଣୁଛନ୍ତି। ତଟ ପଥରବନ୍ଧ କାର୍ଯ୍ୟ ନିମନ୍ତେ ସରକାରୀ କଳର ପ୍ରତିବନ୍ଧକ ଯୋଗୁ ପଥର ଆସିବା ବିଭିନ୍ନ ସମସ୍ୟା ଉପୁଜିଥିବାର ସେଚ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରିୟବ୍ରତ ସିଂ, ବସନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀ ଡାକ୍ତର ସିଂ ଓ ପ୍ରମଥ କୁମାର ଦେ ସୂଚନା ଦେଇଛନ୍ତି। ତଟ ସୁରକ୍ଷା ବଳୟ ପଥର ବନ୍ଧ ଯୋଜନା କାର୍ଯ୍ୟକାରୀ କରିବାକୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ସରକାରଠାରେ ଦାବି ରଖିଛନ୍ତି। ଏ ସମସ୍ତ ସମୁଦ୍ର ତଟରେ ଅବିଳମ୍ବେ ଉଚ୍ଚ ପଥରବନ୍ଧ ନିର୍ମାଣ ନ ହେଲେ କିଛି ବର୍ଷ ମଧ୍ୟରେ ଅଶାନ୍ତ ସମୁଦ୍ର ଏହି ଗାଁଗୁଡ଼ିକ ଗିଳି ଦେଇ ଭୌଗୋଳିକ ସ୍ଥିତି ବଦଳାଇ ଦେଇପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି।


ସମୁଦ୍ର ତଟବର୍ତ୍ତୀ ଏକ ଗାଁକୁ ଜୁଆର ମାଡ଼ କରୁଛି।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂଆ ଡାକ୍ତର ନିଯୁକ୍ତ


ଜଣେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି ଡାକ୍ତର କାଳୀଚରଣ ମଣ୍ଡଳ।

**ଧରିତ୍ରୀ ପ୍ରଭାବ**

ଜଳେଶ୍ୱର, ୨୧।୮ (ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଖୁଆଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂଆ ଡାକ୍ତର କାଳୀଚରଣ ମଣ୍ଡଳ ଯୋଗ ଦେଇଛନ୍ତି। ଏ ସଂକ୍ରାନ୍ତରେ 'ଧରିତ୍ରୀ'ରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ବୁଧବାର ନୂତନ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଥିଲେ ବି ସେ ଦୀର୍ଘଦିନ ଧରି ଅନୁପସ୍ଥିତ ରହୁଥିଲେ। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବା ପାଇଁ ମିଳିଥିଲା। ଡାକ୍ତର ଯୋଗ ଦେବା ପରେ ଖୁଆଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁର୍ବେଦିକ ଚିକିତ୍ସକ ସରୋଜ ଦେ, ପୂର୍ବତନ ଫାର୍ମାସିଷ୍ଟ ପରିମଳ ବେଜ, ପଞ୍ଚାୟତ ଭାଜପା ସଭାପତି ସୁଜିତ ଦାସ, ସନତ ସାହୁ, ତପନ ସାହୁ, ପଞ୍ଚାନନ ବେହେରା, ବାଦଲ ସୋରେନ, ମହେନ୍ଦ୍ର ମାରାଣ୍ଡି ଡାକ୍ତରଙ୍କୁ ଶୁଭେଚ୍ଛା ଜଣାଇବା ସହିତ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଭାତ କୁମାର ବେହେରା, ଖୁଆଡ଼ ମାଟିର ସନ୍ତାନ ତଥା ଜଳେଶ୍ୱର ବିଧାୟକ, ବାଲେଶ୍ୱର ଏମ୍ପିଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଡା. କାଳୀଚରଣ ମଣ୍ଡଳ ନିରନ୍ତର ସେବା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଲକ୍ଷାଧିକ ମୂଲ୍ୟର କାଠଗଣ୍ଡି ଜବତ

### ପଶ୍ଚିମବଙ୍ଗକୁ ଚାଲାଣ ବେଳେ ଧରିଲା ବନ ବିଭାଗ

ଭୋଗରାଇ, ୨୧।୮ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ସୀମାନ୍ତ ଭୋଗରାଇ, ବାଲିଆପାଳ, ବସ୍ତା ଓ ବାଲିଆପାଳ ବ୍ଲକରେ ବେଆଇନ କରତକଳ ବନ୍ଦ ଥିବା ବେଳେ କାଠ ଚୋରାଚାଲାଣକାରୀମାନେ ଗଳାବାଟ ଦେଇ ପଶ୍ଚିମବଙ୍ଗକୁ କାଠ ଚୋରାଚାଲାଣ କରୁଥିବା ଅଭିଯୋଗ ହେଉଛି। ଏଭଳି ସ୍ଥିତିରେ ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ଜଳେଶ୍ୱର ବନାଞ୍ଚଳ ଦାୟିତ୍ୱରେ ଥିବା ସହକାରୀ ବନ ସଂରକ୍ଷକ ଜୟଶ୍ରୀ ମୁର୍ମୁଙ୍କ ନିର୍ଦ୍ଦେଶରେ ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ଓ ସ୍କ୍ୱାର୍ଡମାନେ ଗୁରୁବାର ସକାଳ ସାଢେ ୬ଟାରେ ଭୋଗରାଇରୁ ଭୁଆବନ୍ଧ ଦେଇ ପଶ୍ଚିମବଙ୍ଗକୁ ପିକଅପ ଭ୍ୟାନ(ନଂ.ଓଆର୦୧ ଜେ୨୪୨୫)ରେ ଦାମୀ ଚୋରାକାଠ ବୋଝେଇ ହୋଇଯାଉଥିବାବେଳେ ବାଟଗ୍ରାମ ପୋଲଠାରେ ବନବିଭାଗ ଅଚାନକ ଚଢ଼ାଉ କରିଥିଲେ। ଗାଡି ଡ୍ରାଇଭର କୌଶଳକ୍ରମେ ଗାଡି ଛାଡି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ୪୨ଫୁଟ ଲମ୍ବର ଲକ୍ଷାଧିକ ଟଙ୍କାର ଦାମୀ ଚୋରା କାଠଗଣ୍ଡି ଜବତ କରାଯାଇ ବନବିଭାଗ ପକ୍ଷରୁ ମାମଲା(ନଂ. ୬/୨୫) ରୁଜୁ ହୋଇଛି।

## କାର୍ଯ୍ୟକାରୀ ହେଉନି ପଞ୍ଚାୟତିରାଜ ବ୍ୟବସ୍ଥା

### 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଦିଗହରା

ବାଲେଶ୍ୱର, ୨୧।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଦିଗହରା ହୋଇପଡ଼ିଛି। ନିର୍ବାଚିତ ଜନପ୍ରତିନିଧିଙ୍କୁ ଉପେକ୍ଷା କରି ପଞ୍ଚାୟତ ଆଇନ୍‌କୁ ଉଲ୍ଲଂଘନ କରାଯାଉଛି ବୋଲି ବାଲେଶ୍ୱର ଷ୍ଟେଶନ ଛକସ୍ଥିତ ଏକ ହୋଟେଲରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ସମର୍ଥିତ ନିର୍ବାଚିତ ପ୍ରତିନିଧିମାନେ ସୂଚନା ଦେଇଛନ୍ତି।

ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା ସମ୍ମିଳନୀରେ ଅଧ୍ୟକ୍ଷତା କରି ଗ୍ରାମସଭା ଓ ପଲ୍ଲୀ ସଭାରେ ଗୃହୀତ ପ୍ରକଳ୍ପକୁ ଅନୁମୋଦନ କରିବାକୁ ଗାଇଡ଼ଲାଇନ୍ ଥିଲେ ମଧ୍ୟ ଏହା ହେଉନାହିଁ। ସରପଞ୍ଚ, ସମିତିସଭ୍ୟ, ବ୍ଲକ ଅଧ୍ୟକ୍ଷାଙ୍କ ହାତକୁ ଟଙ୍କା ଖର୍ଚ୍ଚ କରିବାର କ୍ଷମତା ଦିଆଯାଇନାହିଁ। ସମସ୍ତ କ୍ଷମତା ଜିଲାପାଳଙ୍କ ହାତରେ ରହିଛି। ଫଳରେ ଯୋଜନାର ନିୟମାବଳୀ କାର୍ଯ୍ୟକାରୀ ହେଉନାହିଁ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ଭିତରେ ୨୮ନଂ. ଜିଲାପରିଷଦ ସଭ୍ୟ ସଞ୍ଜୟ ସେଠୀ, ଶ୍ରୀକୋଣା ସରପଞ୍ଚ କମଳଲୋଚନ ସାହୁ, ରାଇସୁଆଁ ସରପଞ୍ଚ ଅଜିତ୍ କୁମାର ମହାପାତ୍ର, ରଣସାହି ସରପଞ୍ଚ ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ରସଲପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଅକ୍ରୁର ତରେଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଉଲ୍ଲଂଘନ ଅଭିଯୋଗରେ ବ୍ଲକ ଅଧ୍ୟକ୍ଷା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ପ୍ରସଙ୍ଗରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ମୋଟ୍ ୩ଟି ମାମଲାରେ ହାଇକୋର୍ଟ ରହିତାଦେଶ ଦେଇଥିବା ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରଶାସନ କୋର୍ଟଙ୍କ ଉକ୍ତ ରହିତାଦେଶକୁ ଅବମାନନା କଲେ ବ୍ଲକ ଅଧ୍ୟକ୍ଷା ବେହେରା ହାଇକୋର୍ଟରେ ପୁନଃ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଥିଲେ। ଏଥିସହ ପଞ୍ଚାୟତିରାଜ ଆଇନ୍ ଅନୁଯାୟୀ ନିର୍ବାଚିତ ଜନପ୍ରତିନିଧିଙ୍କ ମାଧ୍ୟମରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ କରାଯିବାକୁ ଦାବି ହୋଇଥିଲା।



ଖବରଦାତା ସମ୍ମିଳନୀରେ ଜନପ୍ରତିନିଧି।

## ସଦ୍‌ଭାବନା ଦିବସ ପାଳିତ

ସୋର, ୨୧।୮ (ଜନ୍ମେଜୟ ମିଶ୍ର)

ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ଏବଂ ଭାରତ ସରକାରଙ୍କର ଯୁବ ଓ କ୍ରୀଡ଼ା ମନ୍ତ୍ରାଳୟର ମାଇଁ ଭାରତ ବାଲେଶ୍ୱର ଶାଖାର ମିଳିତ ଆନୁକୂଲ୍ୟରେ ସୋର ପୌରପାଳିକାର ମେଘମାଧବଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମଜୟନ୍ତୀ ତଥା ସଦ୍‌ଭାବନା ଦିବସ ବୁଧବାର ପାଳିତ ହୋଇଯାଇଛି। ଯୁବକ ସଂଘ ସଭାପତି କମଳଲୋଚନ ବାରିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମକୁ ବିଧିବଦ୍ଧ ଭାବେ ଶୁଭାରମ୍ଭ କରିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ ପାରିଷଦ ନିଶାକର ମହାନ୍ତିଙ୍କ ସହ ପୂର୍ବତନ ପାରିଷଦ ରାଜେଶ କୁମାର ବେହେରା, ଶିକ୍ଷାବିତ୍ ଦିଲୀପ ବୈଶାଖ ଯୋଗଦେଇ ରାଜୀବ ଗାନ୍ଧୀଙ୍କ ସ୍ମୃତିକୁ ମନେ ପକାଇବା ସହ ସଦ୍‌ଭାବନା, ଶାନ୍ତି ଏବଂ ଏକତା ମାଧ୍ୟମରେ ଏକ ଶୃଙ୍ଖଳିତ ରାଷ୍ଟ୍ର ଗଠନ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ 'ପରିବେଶ ସୁରକ୍ଷା, ଜୀବନ ରକ୍ଷା' ସମ୍ପର୍କିତ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂଜା ବିଶ୍ୱାଳ ପ୍ରଥମ, ଗୌତମ ଦାସ ଦ୍ୱିତୀୟ, ଜିଜ୍ଞାସା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉପସ୍ଥିତ ଅତିଥିବୃନ୍ଦ କୃତି ପ୍ରତିଯୋଗଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଯୁବକ ସଂଘର କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ସାହୁ ମଞ୍ଚ ସଞ୍ଚାଳନ କରିଥିଲା ବେଳେ ସମ୍ପାଦକ ସରୋଜ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ସ୍ଲୋଗାନ ଦାସ, ପ୍ରଭୁଜ୍ୟୋତି ମହାନ୍ତି, ପରେଶ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଖଟିଆରେ ବୁହାହେଲେ ରୋଗୀ

ନୀଳଗିରି, ୨୧।୮ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସିଆଡ଼ିମାଳ ପଞ୍ଚାୟତ ଅଧୀନ ଡେଉଁଚଖାଲ ଗ୍ରାମର ରୂପି ସିଂ (୬୦) ନାମକ ଜଣେ ରୋଗୀଙ୍କୁ ଗ୍ରାମବାସୀ ଖଟିଆରେ ବୋହି କାଦୁଅ ରାସ୍ତା ପାରି କରିବା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେଇଛନ୍ତି। ଡେଉଁଚଖାଲ ଗ୍ରାମରେ ୪ ଶହ ଲୋକ ବସବାସ କରନ୍ତି। ଏହି ଗ୍ରାମରେ ବର୍ଷା ଦିନେ ଗୋଟିଏ କି.ମି. ରାସ୍ତା କାଦୁଅ ପଚପଚ ହୋଇଥାଏ। ଏହି ଗ୍ରାମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ମେଗା ପାନୀୟଜଳ ଯୋଗାଣ ପାଇଁ ରାସ୍ତା ତଡ଼ାଯାଇଥିବାରୁ ରାସ୍ତା ଅଧିକ କାଦୁଅ ହୋଇଛି। ଏଥିଲାଗି ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡେଉଁଚଖାଲ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଠିକ୍‌ଠାକ୍ ନିର୍ମାଣ କରାଯାଉ ନ ଥିବାରୁ ବର୍ଷାଦିନେ ଲୋକେ ଜରୁରୀକାଳୀନ ସେବା ପାଇବାରୁ ବଞ୍ଚିତ ହେଉଥିବା ଗ୍ରାମର ବନ ସିଂ, ବାପି ସିଂ, ସିବ ସିଂ ଓ ସମା ସିଂ କହିଛନ୍ତି।

## ଅଣ ଅନୁଦାନପ୍ରାପ୍ତ ଅଧ୍ୟାପକ, କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଖଇରା, ୨୧।୮ (ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଣଅନୁଦାନପ୍ରାପ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ କଲେଜ ସମ୍ମୁଖରେ ଧାରଣାରେ ବସିଛନ୍ତି। ରାଜ୍ୟ ସରକାର ୨୦୦୮ ରୁ ୨୦୧୮ ପର୍ଯ୍ୟନ୍ତ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ସରକାର ସମାନ କାମକୁ ସମାନ ଦରମା ନଦେବା ଯାଏ ଧାରଣା ଜାରି ରହିବ ବୋଲି କହିଛନ୍ତି । ଅଧ୍ୟାପିକା ନିବେଦିତା ରାଉତ, ମଞ୍ଜୁଲତା ବେହେରା, ଅଧ୍ୟାପକ ଗୋପିନାଥ ପାତ୍ର, ଗଣେଶ ପ୍ରସାଦ ପଣ୍ଡା ପ୍ରମୁଖ ସାମିଲ ଥିଲେ।

## ନିଷ୍ପତ୍ତିରେ ପରିବର୍ତ୍ତନ ନ ହେଲେ ଆନ୍ଦୋଳନ

### ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଆବେଦନ ପାଇଁ କଟକଣା



ବୈଠକରେ ଉପସ୍ଥିତ ଖଇରା ସାମ୍ବାଦିକ ସଂଘର ସଦସ୍ୟ।

ଖଇରା, ୨୧।୮ (ଉତ୍କଳବନ୍ଧୁ ପଣ୍ଡା)

କାର୍ଯ୍ୟରତ କର୍ମଜୀବୀ ଖବରଦାତାଙ୍କ ପାଇଁ ପୂର୍ବରୁ ପ୍ରଚଳିତ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଆବେଦନରେ କୌଣସି କଟକଣା ନ ଥିଲା। ହେଲେ ଭାଜପା ସରକାର ସମୟରେ ଆୟୁଷ୍ମାନ କାର୍ଡ ଥିବା ଖବରଦାତାଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମାରେ ଆବେଦନ ଉପରେ କଟକଣା ଲଗାଇଥିବାରୁ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଖଇରା ସାମ୍ବାଦିକ ସଂଘର ଏକ ପ୍ରତିବାଦ ବୈଠକ ଗୁରୁବାର ଖଇରା ସାମ୍ବାଦିକ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ଅନାମ ଚରଣ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବରିଷ୍ଠ ଖବରଦାତା କୈଳାସ ଚନ୍ଦ୍ର ଦାସ, ଉପସଭାପତି ତପୋଧନ ବାରିକ୍, ସଭାପତି ଉତ୍କଳବନ୍ଧୁ ପଣ୍ଡା ପ୍ରମୁଖ ଭାଜପା ସରକାର ଏହି ଯୋଜନା ଲାଗୁ ଉପରେ ଚଳିତବର୍ଷ କଟକଣା ଦୁର୍ଭାଗ୍ୟଜନକ ବୋଲି ପ୍ରକାଶ କରିଥିଲେ। ସେହିଭଳି ସମ୍ପାଦକ ବଳରାମ ଲେଙ୍କା, ସଭ୍ୟ ଛାୟାକାନ୍ତ ମହାନ୍ତି, ବରିଷ୍ଠ ସଦସ୍ୟ ଉମେଶ କୁମାର ଜେନା, ସଞ୍ଜୟ କୁମାର ବେହେରା ପ୍ରମୁଖ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବି କରିଥିଲେ।

## ଗାଁ ଲୋକଙ୍କ ଦ୍ୱାରା ରାସ୍ତା ସଫେଇ


ସଫେଇ କାର୍ଯ୍ୟରେ ନିୟୋଜିତ ଯୁବକ।

ଗାନ୍ଧିଛକ, ୨୧।୮ (ଦିଲୀପ ପଣ୍ଡା)

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଜମାଲପୁର ଗାଁରେ ଗୁଞ୍ଜା ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ରାସ୍ତା ସଫେଇ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମବାସୀ ସହଯୋଗ କରିଥିଲେ। ଏହାଦ୍ୱାରା ଗାଁ ପରିବେଶ ସ୍ୱଚ୍ଛତା ହେବା ସହିତ ଗାଁର ଭାଇଚାରାର ଅଭିବୃଦ୍ଧି ହୋଇଥିଲା। ପରେ ଏନ୍‌ଜିଓ ପକ୍ଷରୁ ଗାଁର ସ୍ୱଚ୍ଛତାକାରୀଙ୍କୁ କିଛି ଉପହାର ଦେଇ ଖୁସି କରାଇଥିଲେ। ଗୁଞ୍ଜାର କର୍ମକର୍ତ୍ତାଙ୍କୁ ଗାଁ ଲୋକେ ଧନ୍ୟବାଦ ଜଣାଇଛନ୍ତି।

## ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ପକ୍ଷରୁ ୮ ଘଣ୍ଟିଆ ବନ୍ଦ

### ଏନ୍‌ଏସି ତାଲିକାରୁ ବାଲିଆପାଳ ବାଦ୍ ପ୍ରସଙ୍ଗ

ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୨୧।୮



ବାଲିଆପାଳଠାରେ ବନ୍ଦ ପାଳନ କରାଯାଉଛି।

ରାଜ୍ୟ ସରକାର ନୂତନ ଏନ୍‌ଏସି ଘୋଷଣା ତାଲିକାରେ ବାଲିଆପାଳକୁ ବାଦ୍ ଦେବା ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଜୋର ଧରିଛି। ଏନେଇ ଗୁରୁବାର ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ପକ୍ଷରୁ ୮ ଘଣ୍ଟିଆ ବାଲିଆପାଳ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ ଶତପ୍ରତିଶତ ହୋଇଛି। ମଞ୍ଚର ଆବାହକ ସତ୍ୟକାମ ମହାନ୍ତିଙ୍କ ଆହ୍ୱାନକ୍ରମେ ବାଲିଆପାଳର ଜନସାଧାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ପୂର୍ବାହ୍ନ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦିଆଯାଇଥିବା ବନ୍ଦ ଡାକରାରେ ସାମିଲ ହୋଇ ବାଲିଆପାଳ ଓ ସିମୁଳିଆ ମାର୍କେଟରେ ସମସ୍ତ ଦୋକାନ ବଜାରକୁ ବନ୍ଦ ରଖିଥିଲେ। ୨ ଚକିଆ ଯାନକୁ ଛାଡ଼ିଦେଲେ ସମସ୍ତ ବଡ ଗାଡ଼ି ଚଳାଚଳ ବନ୍ଦ ଥିଲା। କେତେକ ବ୍ୟାଙ୍କ ଓ ସରକାରୀ ଅଫିସ ବନ୍ଦ ଥିଲା। ୨୦୨୪ରେ ନବୀନ ସରକାରଙ୍କ ନୂଆ ଏନ୍‌ଏସି ଘୋଷଣାରେ ପ୍ରଥମେ ବାଲିଆପାଳ ଏନ୍‌ଏସିରୁ ବାଦ୍ ପଡ଼ିଥିଲା। ଫଳରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆନ୍ଦୋଳନକୁ ଜୋରଦାର ପରେ ସେତେବେଳେ ସରକାର ପୁଣି ବାଲିଆପାଳକୁ ଏନଏସି ତାଲିକାରେ ଅନ୍ତର୍ଭୁକ୍ତ କରାଗଲା ବୋଲି ସରକାରୀ ସ୍ତରରେ ଘୋଷଣା କରିଥିଲେ। ହେଲେ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଭାଜପା ସରକାରଙ୍କ ନୂଆ ଏନ୍‌ଏସି ତାଲିକାରୁ ବାଲିଆପାଳ ବାଦ୍ ପଡିଛି। ଏଠାରେ ଏନ୍‌ଏସି ଗଠନ ପାଇଁ ଆବଶ୍ୟକ ଭିତ୍ତିଭୂମି ଥିବାରୁ ବାଲିଆପାଳବାସୀ ଦୀର୍ଘଦିନ ଧରି ରାଜ୍ୟ ସରକାରଙ୍କଠାରେ ବାଲିଆପାଳକୁ ଏନ୍‌ଏସି ଘୋଷଣା କରିବାକୁ ଦାବି କରିଆସୁଥିଲେ। ରାଜ୍ୟ ସରକାର ଏହାକୁ ଅଣଦେଖା କରିଆସୁଛନ୍ତି। ଯଦି ସରକାର ତୁରନ୍ତ ବାଲିଆପାଳକୁ ଏନ୍‌ଏସି ଘୋଷଣା ନ କରନ୍ତି ତେବେ ବାଲିଆପାଳିଆ ସ୍ୱାଭିମାନୀ ମଞ୍ଚ ଓ ବାଲିଆପାଳବାସୀ ସରକାରୀ କାର୍ଯ୍ୟକୁ ଅସହଯୋଗ କରି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

## 'ନବୀନତାର ସମ୍ଭାବ୍ୟ ଦିଗରେ ଅଗ୍ରସର ହୁଅ'

### ଏଫ୍‌ଏମ୍‌ୟୁରେ ବିଶ୍ୱ ଉଦ୍ୟୋଗ ଦିବସ

ବାଲେଶ୍ୱର, ୨୧।୮ (ବାଞ୍ଛାନିଧି ଦେ)



କାର୍ଯ୍ୟକ୍ରମରେ ଉପସ୍ଥିତ କୁଳପତିଙ୍କ ସହ ଅତିଥିଗଣ।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଗୁରୁବାର ବିଶ୍ୱ ଉଦ୍ୟୋଗ ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରଙ୍କୁ ନବୀନତାର ସମ୍ଭାବ୍ୟ ଦିଗରେ ଚିନ୍ତା କରିବା, ସମସ୍ୟାକୁ ସୁଯୋଗରେ ପରିଣତ କରିବା ଓ ନିଜର ଉଦ୍ୟମିତା ଯାତ୍ରା ଦିଗରେ ଅଗ୍ରସର ହେବା ପାଇଁ ଆହ୍ୱାନ ଦେଇଥିଲେ।

ସମ୍ମାନିତ ବକ୍ତା ମ୍ୟାନେଜିଂ ପାର୍ଟନର (ତିସ୍ୟା ଏଗ୍ରି ଭେନ୍‌ଚର ଏଲଏଲ୍‌ପି) ଡ. ନୀନା ସିଂହ ଯୋଗଦେଇ କୃଷି ଉଦ୍ୟମିତାରେ ନିଜର ଅନୁଭବ ଆଧାରରେ ସୁସ୍ଥିରତା ଓ ସାମାଜିକ ପ୍ରଭାବକୁ ସର୍ବଦା ଉଦ୍ୟୋଗୀକରଣର ମୂଳକେନ୍ଦ୍ରରେ ରଖିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସୁର୍ଜ ପାୱର କ୍ରାଫ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍‌ର ସ୍ଥାପକ ଓ ନିର୍ଦ୍ଦେଶକ ଗଦାଧର ସାହୁ ଯୋଗଦେଇ ବିଦ୍ୟୁତ୍ ଯାନ ନିର୍ମାଣ ମାଧ୍ୟମରେ ନିଜର ଉଦ୍ୟମିତା ଯାତ୍ରାର କାହାଣୀକୁ ଆଲୋଚନା କରି ଛାତ୍ରୀଛାତ୍ରଙ୍କୁ ଦକ୍ଷତାସମ୍ପନ୍ନ ହେବା ତଥା ସୃଜନଶୀଳ ଓ କେନ୍ଦ୍ରୀଭୂତ ଲକ୍ଷ୍ୟ ସହ ଭବିଷ୍ୟତ ଆରମ୍ଭ କରିବାକୁ ପ୍ରେରଣା ଦେଇଥିଲେ। କୁଳସଚିବ କୁକୁମିନା ଦାସ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ବିଜନେସ୍ ମ୍ୟାନେଜମେଣ୍ଟ ବିଭାଗ ପ୍ରଫେସର ପଦ୍ମଲିତା ରାଉତରାୟ ମଞ୍ଚାସୀନ ହୋଇ ସାମୂହିକ ଉଦ୍ୟୋଗିକ ପ୍ରୟାସ ଓ ନିରନ୍ତର ଶିକ୍ଷାକୁ ସଫଳ ଉଦ୍ୟମର ଦୁଇଟି ମାନଦଣ୍ଡ ବୋଲି କହିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଟିବିଆଇ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ସହଯୋଗରେ 'ଇନୋଭେଶନ ଓ ଷ୍ଟାର୍ଟ ଅପ୍ ପ୍ରତିଯୋଗିତା ୨୦୨୫' ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଶ୍ୱବିଦ୍ୟାଳୟ ଟିବିଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନେନ୍ଦୁ ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଟିବିଆଇର ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାଢ଼ି ସ୍ୱାଗତ ବକ୍ତବ୍ୟ ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୨/୨୦୨୫ | Bhubaneswar, Friday, August 22/2025




ଗଣେଶ ପୂଜାକୁ ଆଉ ୬ଦିନ ଥିବାବେଳେ କଟକ ଶିଳ୍ପୀ କୁମ୍ଭାର ସାହିରେ ଜଣେ କାରିଗର ଗଣେଶ ମୂର୍ତ୍ତିରେ ରଙ୍ଗ ଲଗାଇ ଶେଷ ସ୍ପର୍ଶ ଦେଉଛନ୍ତି। (ଫଟୋ- ରାଜକିଶୋର ମହାନ୍ତି)

# ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ସ୍ଥଗିତ

କଟକ,୨୧।୮(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି)କୁ ପୁଣି ସ୍ଥଗିତ ରଖାଯାଇଛି। ବୋର୍ଡ ପକ୍ଷରୁ ଗତ ଅଗଷ୍ଟ ୧ରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ଅଗଷ୍ଟ ୩୧ ତାରିଖରେ ଏହି ପରୀକ୍ଷା ହେବାକୁ ଥିଲା। ଓଟିଇଟିର ପେପର-୧ ଓ ପେପର-୨ ପରୀକ୍ଷା ସମାନ ଦିନରେ ୨ଟି ସିଟିଂରେ ହେବାର ଥିଲା। ମାତ୍ର ଅନିବାର୍ଯ୍ୟ କାରଣବଶତଃ ଉକ୍ତ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି ଓ ଖୁବ୍‌ଶୀଘ୍ର ଏହି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରେ ଗୁରୁବାର ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ବିଭ୍ରାଟକୁ ନେଇ କ୍ରାଇମବ୍ରାଞ୍ଚ ଖୋଳତାଡ଼ କରୁଥିବା ବେଳେ ପରୀକ୍ଷା କରାଇବା ନିମନ୍ତେ ବୋର୍ଡରେ ଏକପ୍ରକାର ଅସ୍ଥିରତା ଦେଖାଦେଇଥିଲା। ଯଦ୍ୱାରା ବୋର୍ଡ ସଭାପତି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପରୀକ୍ଷା ଘୁଞ୍ଚାଇବା ପାଇଁ ଚିଠି ଲେଖିଥିବା ନେଇ ଚର୍ଚ୍ଚା ହୋଇଥିଲା। ମାତ୍ର ସେତେବେଳେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଏହାକୁ ଅସ୍ୱୀକାର କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୨୦ରେ ସ୍ପେଶାଲ ଓଟିଇଟି ପରୀକ୍ଷା ହେବାକୁ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିଲା। ମାତ୍ର ପୂର୍ବଦିନ ଅର୍ଥାତ ୧୯ ତାରିଖ ରାତିରେ ଓଟିଇଟି ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ପ୍ରଘଟ ହୋଇଥିଲା। ଏ ବାବଦରେ ବୋର୍ଡ କର୍ତ୍ତୃପକ୍ଷ ଅବଗତ ହେବା ପରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ଏଥିସହ କ୍ରାଇମବ୍ରାଞ୍ଚରେ ଏନେଇ ବୋର୍ଡ ପକ୍ଷରୁ ଅଭିଯୋଗ କରାଯିବା ପରେ କ୍ରାଇମ୍‌ବ୍ରାଞ୍ଚ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପର୍ଯ୍ୟାୟକ୍ରମେ ବୋର୍ଡ ଉପସଭାପତିଙ୍କ ସମେତ ମୋଟ ୮ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା।

## କ୍ରାଇମ୍‌ବ୍ରାଞ୍ଚ ରିମାଣ୍ଡରେ ଅଭିଯୁକ୍ତ ରାମଜୀ, ସନାତନ

**ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା**

କଟକ,୨୧।୮(କାର୍ତ୍ତିକ ସାହୁ)

ସ୍ପେଶାଲ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଅନ୍ୟ ଦୁଇ ଜଣ ଅଭିଯୁକ୍ତଙ୍କୁ ଗୁରୁବାର ରିମାଣ୍ଡରେ ଆଣିଛି କ୍ରାଇମବ୍ରାଞ୍ଚ। ଅଭିଯୁକ୍ତ ଦ୍ୱୟ ହେଲେ ରାମଜୀ ପ୍ରସାଦ ଗୁପ୍ତା ଓ ସନାତନ ବିଶୋଇ। ଉଭୟଙ୍କୁ ଚୌଦ୍ୱାର ଜେଲରୁ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟ ଆଣିଛି ତଦନ୍ତକାରୀ ଟିମ। ରିମାଣ୍ଡରେ ଆସିଥିବା ଦୁଇ ଅଭିଯୁକ୍ତ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ପହଞ୍ଚି ସାରିଛନ୍ତି। ଗୋଟିଏ ଦିନ ପାଇଁ ଉଭୟଙ୍କୁ ରିମାଣ୍ଡରେ ନେବା ପାଇଁ କୋର୍ଟ ଦେଇଛନ୍ତି ଅନୁମତି। ଗୁରୁବାର ଦିନ ୨ଟାରୁ ଶୁକ୍ରବାର ଦିନ ୨ଟା ପର୍ଯ୍ୟନ୍ତ ଉଭୟ ରିମାଣ୍ଡରେ ରହିବେ। ଅନ୍ୟପଟେ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲାର ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବେଦନ ଶୁଣାଣି ନିମନ୍ତେ ଶୁକ୍ରବାରକୁ ଧାର୍ଯ୍ୟ ହୋଇଛି।

# ସାମ୍ବିଧାନିକ ପଦାଧିକାରୀ କାର୍ଯ୍ୟ ନ କଲେ ଅଦାଲତ ହାତବାନ୍ଧି ବସିପାରିବେ କି

**ସାମ୍ବିଧାନିକ ପଦାଧିକାରୀମାନେ ଯଦି ସେମାନଙ୍କ କର୍ତ୍ତବ୍ୟ ପାଳନ ନ କରନ୍ତି କିମ୍ବା ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍ ଉପରେ ରାଜ୍ୟପାଳ କୌଣସି ପଦକ୍ଷେପ ନ ନେଇ ବସିରହନ୍ତି, ତେବେ ସାମ୍ବିଧାନିକ ଅଦାଲତ ହାତବାନ୍ଧି ବସିପାରିବେ କି ବୋଲି ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଯଦି କୌଣସି ରାଜ୍ୟପାଳ ବିଲ୍ ଉପରେ ଚୁପ୍ ରହୁଛନ୍ତି, ତେବେ ରାଜ୍ୟଗୁଡ଼ିକ ଏହାର ରାଜନୈତିକ ସମାଧାନ ପନ୍ଥା ବାହାର କରିବା ଆବଶ୍ୟକ; ନ୍ୟାୟିକ ସମାଧାନ ନୁହେଁ ବୋଲି କେନ୍ଦ୍ର ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ କହିବା ପରେ ପ୍ରଧାନ ବିଚାରପତି ବି.ଆର୍. ଗବଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।**

ନୂଆଦିଲ୍ଲୀ,୨୧।୮(ପି.ଟି.)

ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍ ଉପରେ ନିଷ୍ପତ୍ତି ନେବାକୁ ସର୍ବୋଚ୍ଚ ଅଦାଲତ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିମନ୍ତେ ସମୟସୀମା ଧାର୍ଯ୍ୟ କରିପାରିବେ କି ବୋଲି ପ୍ରଶ୍ନ ଉଠିଥିଲା। ପ୍ରେସିଡେନ୍ସିଆଲ୍ ରିଫରେନ୍ସର ଶୁଣାଣି ପାଇଁ ଗଠିତ ଖଣ୍ଡପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ବିକ୍ରମ ନାଥ, ପି.ଏସ୍. ନରସିମ୍ହା ଏବଂ ଏ.ଏସ୍. ଚନ୍ଦୁରକର ରହିଛନ୍ତି। ଯଦି କୌଣସି ଭୁଲ୍ ରହିଛି, ତେବେ ତାହାର ସମାଧାନର ଉପାୟ ରହିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।

ମେହେଟ୍ଟା କହିଥିଲେ, ଅଦାଲତରେ ସବୁ ସମସ୍ୟାର ସମାଧାନ ହୋଇପାରିବ ନାହିଁ। ଏକ ଗଣତନ୍ତ୍ରରେ ଆଲୋଚନାକୁ ପ୍ରାଧାନ୍ୟ ଦେବାକୁ ହେବ। ଏହା ଉପରେ ଜଷ୍ଟିସ୍ କାନ୍ତ ପ୍ରଶ୍ନ କରିଥିଲେ, ଯଦି ବିଭିନ୍ନ ରାଜ୍ୟରେ ରାଜ୍ୟପାଳ କାର୍ଯ୍ୟ ନ କରନ୍ତି ଏବଂ ସମ୍ପୃକ୍ତ ରାଜ୍ୟ ଅଦାଲତଙ୍କ ଦ୍ୱାରସ୍ଥ ହୁଅନ୍ତି, ତେବେ ସେଭଳି କ୍ଷେତ୍ରରେ ନ୍ୟାୟିକ ସମୀକ୍ଷାକୁ ସମ୍ପୂର୍ଣ୍ଣ ବର୍ଜନ କରାଯାଇପାରିବ କି? ତେବେ ସମାଧାନ କ'ଣ ହୋଇପାରିବ ଜଣାଇବାକୁ ସେ ମେହେଟ୍ଟାଙ୍କୁ ପ୍ରଶ୍ନ କରିଥିଲେ। ଏହାର ଜବାବରେ ସଲିସିଟର ଜେନେରାଲ କହିଥିଲେ, ରାଜ୍ୟପାଳ ବିଲ୍‌କୁ ପକାଇ ରଖୁଥିଲେ, ଏହାର ରାଜନୈତିକ ସମାଧାନକୁ ଗ୍ରହଣ କରାଯାଇପାରେ। ସବୁଠାରେ ମୁଖ୍ୟମନ୍ତ୍ରୀ କୋର୍ଟକୁ ଯାଉନାହାନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଭେଟି ଆଲୋଚନା କରୁଥିବାର ବହୁ ନଜିର ରହିଛି। ସେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଭେଟି ସମାଧାନର ସୂତ୍ର ବାହାର କରୁଛନ୍ତି। ଅଚଳାବସ୍ଥା ଦୂର ପାଇଁ ଟେଲିଫୋନ୍ ଯୋଗେ ଆଲୋଚନା ହେଉଥିବା ଦେଖାଯାଇଛି ବୋଲି ମେହେଟ୍ଟା କହିଥିଲେ। ବିବାଦ ସମାଧାନ ନେଇ ବହୁ ଦଶନ୍ଧି ହେଲା ଏଭଳି ବ୍ୟବସ୍ଥା ଗ୍ରହଣୀୟ ହୋଇଆସିଛି। ପ୍ରତିନିଧିମାନେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ଭେଟି ଏକ ମଧ୍ୟବର୍ତ୍ତୀ ପନ୍ଥା ବାହାର କରିଥାନ୍ତି। ତେଣୁ ରାଜ୍ୟ ସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ଅଚଳାବସ୍ଥା ଦୂରକରିବା ପାଇଁ ରାଷ୍ଟ୍ରନାୟକତ୍ୱ ଓ ରାଜନୈତିକ ପରିପକ୍ୱତାର ପ୍ରୟୋଗ ଉପରେ ମେହେଟ୍ଟା ଗୁରୁତ୍ୱ ଦେଇଥିଲେ। ବିଲ୍ ଉପରେ ନିଷ୍ପତ୍ତି ନେବା ଲାଗି ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କ ନିମନ୍ତେ ସମ୍ବିଧାନରେ କେଉଁଠି ସମୟସୀମା ଧାର୍ଯ୍ୟ ହୋଇନାହିଁ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ଏହାର ଜବାବରେ ସିଜେଆଇ ଗବାଇ କହିଥିଲେ, ଯଦି ☞ପୃଷ୍ଠା-୪

**କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**



## ୩ ପାକ୍ସ ସମ୍ପାଦକଙ୍କ ପରେ ଡିଆର୍‌ସିଏସ୍ ନିଲମ୍ବିତ

**ଚାଷୀ ପଞ୍ଜୀକରଣ ବେଳେ ଥାଇଲାଣ୍ଡ ଗସ୍ତ**

ବୌଦ୍ଧ,୨୧।୮(ଅଜିତ କୁମାର ବାରିକ)

ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ସମୟରେ ଥାଇଲାଣ୍ଡ ବୁଲିବା ପାଇଁ ଯିବା ଅଭିଯୋଗରେ ଗୁରୁବାର ବୌଦ୍ଧ ଜିଲା ଡିଆରସିଏସ୍‌ଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସେ ହେଲେ ଗିରିଶ ଚନ୍ଦ୍ର ପୁରୋହିତ। ନିଲମ୍ବନ ସମୟରେ ଡିଆର୍‌ସିଏସ୍ ପୁରୋହିତ ଭୁବନେଶ୍ୱରଠାରେ ଆର୍‌ସିଏସ୍ କାର୍ଯ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ରହିଛି। ସୂଚନା ଅନୁସାରେ, ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ଚାଲିଥିବାବେଳେ ବୌଦ୍ଧ ଓ ସୋନପୁର ଜିଲା ସମବାୟ ବିଭାଗର ଅଧିକାରୀ ଓ କେତେଜଣ ପାକ୍ସ ସମ୍ପାଦକ ଗତ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡ ବୁଲିବାକୁ ଯାଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ସମବାୟ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଦେଶ ବୁଲା ଘଟଣାରେ ଗତ ୧୨ ତାରିଖରେ ସୋନପୁର ଜିଲା ସମବାୟ ସମିତି ନିବନ୍ଧକ ଓ ୩ ଜଣ ପାକ୍ସ ସମ୍ପାଦକଙ୍କୁ ନିଲମ୍ବିତ କରାଯାଇଥିଲା। ସେହିପରି ଗତ ବୁଧବାର ବୌଦ୍ଧ ଜିଲାର ଲୁଣିବାହାଲ, ବୌଦ୍ଧ ଓ ଖୁଣ୍ଟବନ୍ଧ ପାକ୍ସ ସମ୍ପାଦକ ନିଲମ୍ବିତ ହୋଇଥିବା ବେଳେ ଗୁରୁବାର ସମବାୟ ବିଭାଗ ପକ୍ଷରୁ ବୌଦ୍ଧ ଡିଆର୍‌ସିଏସ୍ ପୁରୋହିତଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।

# ଆଇପିଏସ୍ ସ୍ତରରେ ବଡ଼ ଅଦଳବଦଳ

ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)

- **୮ ଜିଲାର ଏସ୍‌ପି ସ୍ତରରେ ଅଦଳବଦଳ**
- **ପୁରୀ ଏସ୍‌ପି ହେଲେ ପ୍ରତୀକ ସିଂ, ସନ୍ତୋଷ ବାଲାଙ୍କୁ ଏସ୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକ ଭାବେ ବଦଳି**

ରାଜ୍ୟ ସରକାର ଗୁରୁବାର ଆଇପିଏସ୍ ସ୍ତରରେ ଏକ ବଡଧରଣର ଅଦଳବଦଳ କରିଛନ୍ତି। ଏହିକ୍ରମରେ ୮ ଜିଲାର ଏସ୍‌ପି ବଦଳିଛନ୍ତି। ପୁରୀରେ ପୁଣିଥରେ ନୂଆ ଏସ୍‌ପି ଭାବେ ପ୍ରତୀକ ସିଂଙ୍କୁ ଦାୟିତ୍ୱ ମିଳିଛି। ରଥଯାତ୍ରା ଦଳଚକଟାରେ କେତେଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ପରେ ପୁରୀ ଏସ୍‌ପିଙ୍କୁ ସରକାର ପରିବର୍ତ୍ତନ କରି ପିନାକ ମିଶ୍ରଙ୍କୁ ଦାୟିତ୍ୱ ଦେଇଥିଲେ। ପୁଣିଥରେ ସରକାର ପୁରୀ ଏସ୍‌ପିଙ୍କୁ ବଦଳାଇଥିବାରୁ ଏହାକୁ ନେଇ ଚର୍ଚ୍ଚା ହେଲାଣି।

୧୯୯୫ ବ୍ୟାଚ୍ ଆଇପିଏସ୍ ଅଫିସର ସନ୍ତୋଷ ବାଲାଙ୍କୁ ଏସ୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେ ପୂର୍ବରୁ ଏସ୍‌ସିଆର୍‌ବି ନିର୍ଦ୍ଦେଶକ ଏବଂ ଏସ୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ। ୨୦୦୨ ବ୍ୟାଚ୍ ଆଇପିଏସ୍ ଅଫିସର୍ ପ୍ରବୀଣ କୁମାରଙ୍କୁ ପୋଲିସ୍ ପ୍ରୋଭିଜନିଂର ଆଇଜି ଭାବେ ନୂଆ ଦାୟିତ୍ୱ ମିଳିଛି। ୨୦୦୨ ବ୍ୟାଚ୍ ଆଇପିଏସ୍ ଅଧିକାରୀ ସଶସ୍ତ୍ର ପୋଲିସ୍ ବଳର ଆଇଜି, ୨୦୦୩ ବ୍ୟାଚ୍ ଆଇପିଏସ୍ ଅଫିସର୍ ସଞ୍ଜୟ କୁମାର କୌଶଲଙ୍କୁ ଇଓଡବ୍ଲ୍ୟୁର ଆଇଜି, ୨୦୦୭ ବ୍ୟାଚ୍ ଆଇପିଏସ୍ ଅଫିସର ଅଶ୍ୱିନୀ କୁମାରଙ୍କୁ ଷ୍ଟେଟ୍ କ୍ରାଇମ୍ ରେକର୍ଡ ବ୍ୟୁରୋର ନିର୍ଦ୍ଦେଶକ, ୨୦୦୮ ବ୍ୟାଚ୍ ଆଇପିଏସ୍ ଅଫିସର୍ ସତ୍ୟଜିତ୍ ନାୟକଙ୍କୁ ସେଣ୍ଟ୍ରାଲ ରେଞ୍ଜ ଡିଆଇଜି, ୨୦୧୧ ବ୍ୟାଚ୍ ଆଇପିଏସ୍ ଅଫିସର୍ ପିନାକ ମିଶ୍ରଙ୍କୁ ଇଷ୍ଟର୍ଣ୍ଣ ରେଞ୍ଜ ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି। ପିନାକ ମିଶ୍ର ରଥଯାତ୍ରା ଚାଲିଥିବା ବେଳେ ପୁରୀ ଏସ୍‌ପି ଥିଲେ। ସେହିପରି ୨୦୧୩ ବ୍ୟାଚ୍ ଆଇପିଏସ୍ ଅଫିସର ☞ପୃଷ୍ଠା-୪

# ରହିବ ୫%, ୧୮% ସ୍ଲାବ୍: ୯୦% ସାମଗ୍ରୀ ଶସ୍ତା ହେବ

**ଜିଏସ୍‌ଟି ସ୍ଲାବ୍‌ରେ ପରିବର୍ତ୍ତନକୁ ମନ୍ତ୍ରୀଗୋଷ୍ଠୀର ସମର୍ଥନ**




ନୂଆଦିଲ୍ଲୀ,୨୧।୮

ଦେଶର ଟିକସ ବ୍ୟବସ୍ଥାକୁ ଅଧିକ ସରଳ କରିବା ପ୍ରକ୍ରିୟାକୁ ମନ୍ତ୍ରୀଗୋଷ୍ଠୀ (ଜିଓଏମ୍) ସମର୍ଥନ ଜଣାଇଛି। ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି)ରେ ପୂର୍ବରୁ ରହିଥିବା ୧୨% ଓ ୨୮% ସ୍ଲାବ୍‌କୁ ହଟାଇ କେବଳ ୫% ଓ ୧୮% ସ୍ଲାବ୍ ରଖିବା ପାଇଁ କେନ୍ଦ୍ର ସରକାର ଆଣିଥିବା ପ୍ରସ୍ତାବ ଗୁରୁବାର ଅନୁଷ୍ଠିତ ମନ୍ତ୍ରୀଗୋଷ୍ଠୀ ବୈଠକରେ ଗୃହୀତ ହୋଇଛି। କେନ୍ଦ୍ର ସରକାରଙ୍କ ଏହି ଲୋକାଭିମୁଖୀ ନିଷ୍ପତ୍ତି ସପକ୍ଷରେ ସବୁ ରାଜ୍ୟ ସହମତ ଥିବା ବୈଠକ ଶେଷରେ ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ଗଣମାଧ୍ୟମକୁ ଜଣାଇଛନ୍ତି। ତେବେ ଏହାଦ୍ୱାରା କେତେ ରାଜସ୍ୱ କ୍ଷତି ହେବ ତାହାର ଆକଳନ କରିବାକୁ ରାଜ୍ୟଗୁଡ଼ିକ କହିଥିଲେ। ପରବର୍ତ୍ତୀ ଜିଏସ୍‌ଟି କାଉନ୍‌ସିଲ ବୈଠକରେ ଏହା ଉପସ୍ଥାପନ କରାଯିବ। ଦୁଇଥାକିଆ ଜିଏସ୍‌ଟି ବ୍ୟବସ୍ଥା ଲୋକାଭିମୁଖୀ। ତେବେ ରାଜ୍ୟଗୁଡ଼ିକ ଯେତେବେଳେ ରାଜସ୍ୱ ହରାଇବେ, ତାହା ପରୋକ୍ଷରେ ସାଧାରଣ ଲୋକଙ୍କ ଉପରକୁ ଯିବ। ତେଣୁ ତାହାର ଅନୁଧ୍ୟାନ କରାଯିବା ଆବଶ୍ୟକ ବୋଲି ଭଟ୍ଟାଚାର୍ଯ୍ୟ କହିଥିଲେ। ୬ ଜଣିଆ ଜିଓଏମ୍ ବୈଠକରେ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, କର୍ଣ୍ଣାଟକ ଓ କେରଳର ଅର୍ଥ ଓ ରାଜସ୍ୱ ମନ୍ତ୍ରୀମାନେ ଯୋଗଦେଇଥିଲେ।

କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଜିଏସ୍‌ଟି ବ୍ୟବସ୍ଥା ଅନୁଯାୟୀ ଅତ୍ୟାବଶ୍ୟକ ଏବଂ ସମାଜ ଓ ବ୍ୟକ୍ତିବିଶେଷ ପାଇଁ ଉତ୍ତମ ବିବେଚିତ ସାମଗ୍ରୀଗୁଡ଼ିକ ଉପରେ ୫% ଜିଏସ୍‌ଟି ଲାଗୁ ହେବାକୁ ଥିବାବେଳେ ଅନ୍ୟ ଦ୍ରବ୍ୟ ଓ ସେବା କ୍ଷେତ୍ରରେ ୧୮% ଜିଏସ୍‌ଟି ଲାଗିବ। ଏବେ ୯୯ ପ୍ରତିଶତ ସାମଗ୍ରୀ ଉପରେ ୧୨% ଜିଏସ୍‌ଟି ଲାଗୁ ହେଉଥିବାବେଳେ ସେଗୁଡ଼ିକ ଉପରେ ୫% ଜିଏସ୍‌ଟି ଲାଗୁ ହେବ। ସେହିପରି ୨୮% ଟିକସ ଲାଗୁଥିବା ସାମଗ୍ରୀଗୁଡ଼ିକୁ ୧୮% ସ୍ଲାବ୍ ଅଧୀନକୁ ଅଣାଯିବ। ଏହା ଦ୍ୱାରା ପ୍ରାୟ ୯୦ ପ୍ରତିଶତ ସାମଗ୍ରୀ ଶସ୍ତା ହୋଇପାରେ ବୋଲି କୁହାଯାଉଛି। ଏହାବ୍ୟତୀତ ବିଳାସପୂର୍ଣ୍ଣ ଦ୍ରବ୍ୟ ଓ ତମାଖୁ ଆଦି କ୍ଷେତ୍ରରେ ୪୦% ଜିଏସ୍‌ଟି ଲାଗୁ କରାଯିବା ପ୍ରସ୍ତାବ ରହିଥିବା ଉତ୍ତରପ୍ରଦେଶ ଅର୍ଥମନ୍ତ୍ରୀ ସୁରେଶ କୁମାର ଖାନ୍ନା କହିଛନ୍ତି। ଅତ୍ୟାଧୁନିକ ଓ ବିଳାସପୂର୍ଣ୍ଣ କାର୍ ଉପରେ ୪୦%ରୁ ଅଧିକ ଜିଏସ୍‌ଟି ଲାଗୁ କରିବାକୁ ପଶ୍ଚିମବଙ୍ଗ ସମେତ କେତେକ ରାଜ୍ୟ ପ୍ରସ୍ତାବ ଦେଇଥିଲେ। ସୂଚନାଯୋଗ୍ୟ, ଆଗାମୀ ଦୀପାବଳି ସୁଦ୍ଧା ଜିଏସ୍‌ଟିରେ ସଂସ୍କାର କାର୍ଯ୍ୟକାରୀ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସ୍ୱାଧୀନତା ଦିବସ ଭାଷଣରେ ଘୋଷଣା କରିଥିଲେ।

## ଅନ୍‌ଲାଇନ ଗେମିଂ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

ନୂଆଦିଲ୍ଲୀ,୨୧।୮

ରାଜ୍ୟ ସଭାରେ ଗୁରୁବାର ବିରୋଧୀ ସଦସ୍ୟମାନଙ୍କ ପ୍ରତିବାଦ ଓ ହୋହଲ୍ଲା ମଧ୍ୟରେ ପ୍ରମୋଶନ ଆଣ୍ଡ ରେଗୁଲେଶନ୍ ଅଫ୍ ଅନ୍‌ଲାଇନ ଗେମିଂ ବିଲ୍ ଗୃହୀତ ହୋଇଯାଇଛି। ବୁଧବାର ଏହି ବିଲ୍‌କୁ ଲୋକ ସଭାର ଅନୁମୋଦନ ମିଳିଥିଲା। ବିଲ୍ ଆଗତ କରି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ, ଅର୍ଥ ଆଧାରିତ ଗେମ୍‌ଗୁଡ଼ିକୁ ନିୟନ୍ତ୍ରଣ କରିବାରେ ଏହି ବିଲ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଟଙ୍କା ବାଜି ଲଗାଇ ଖେଳାଯାଉଥିବା ଅନ୍‌ଲାଇନ୍ ଗେମ୍‌ଗୁଡ଼ିକୁ ବ୍ୟାନ୍ କରିବା ପାଇଁ ପ୍ରମୋଶନ୍ ଆଣ୍ଡ ରେଗୁଲେଶନ୍ ଅଫ୍ ଅନ୍‌ଲାଇନ୍ ଗେମିଂ ବିଲ୍-୨୦୨୫ ଲୋକ ସଭାରେ ଧ୍ୱନିମତରେ ପାରିତ ହୋଇଥିଲା। ଦେଶରେ ଦିନକୁ ଦିନ ବଢ଼ିଚାଲିଥିବା ଆର୍ଥିକ ଠକେଇ, ମନି ଲଣ୍ଡରିଂ ଓ ଗେମିଂ ଆଡିକ୍ସନକୁ ରୋକିବା ଉଦ୍ଦେଶ୍ୟରେ ଅଣାଯାଇଥିବା ଏହି ବିଧେୟକ ଗୁରୁବାର ରାଜ୍ୟ ସଭାରେ ପାରିତ ହୋଇଛି। ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିବା ପରେ ଏହା ଆଇନରେ ପରିଣତ ହେବ।

# ପାଟଣାରେ ପ୍ରତିଷ୍ଠା ହେବ ଇସ୍ପାତ କାରଖାନା



ପାଟଣାରେ ଇସ୍ପାତ କାରଖାନା ପ୍ରତିଷ୍ଠା ଘୋଷଣା ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟ ଅତିଥିଭବନଠାରେ କେନ୍ଦୁଝର ଜିଲାର ବିଭିନ୍ନ ସଙ୍ଗଠନ ଓ ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)

- **ପୋସ୍କୋ ଓ ଜେଏସ୍‌ଡବ୍ଲୁ ମିଳିତ ଆନୁକୂଲ୍ୟରେ ପ୍ରତିଷ୍ଠା ହେବ**
- **ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଜିଲାର ବିଭିନ୍ନ ସଙ୍ଗଠନ ଓ ନାଗରିକ ମଞ୍ଚ**
- **କେନ୍ଦୁଝର ସମୃଦ୍ଧ ହେଲେ ରାଜ୍ୟର ବିକାଶ ହେବ: ମୁଖ୍ୟମନ୍ତ୍ରୀ**

ଦକ୍ଷିଣ କୋରିଆର ପ୍ରସିଦ୍ଧ ଇସ୍ପାତ କମ୍ପାନୀ ପୋସ୍କୋ ଏବଂ ଭାରତର ଜେଏସ୍‌ଡବ୍ଲ୍ୟୁର ମିଳିତ ଆନୁକୂଲ୍ୟରେ କେନ୍ଦୁଝର ଜିଲାର ପାଟଣା ଅଞ୍ଚଳରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଏହା ହେବ ରାଜ୍ୟର ୨ୟ ବୃହତ୍ ଇସ୍ପାତ କାରଖାନା। ଜିଲାରେ ଏହି କାରଖାନା ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ଶାସନକୁ ଆସିବା ଆଗରୁ ଦାବିକରି ଆସୁଥିଲେ। ଏହା ମଧ୍ୟ ଦଳର ନିର୍ବାଚନ ଇସ୍ତାହାରରେ ସ୍ଥାନ ପାଇଥିଲା। କେନ୍ଦୁଝରର ଲୁହାପଥର ବିଦେଶକୁ ରପ୍ତାନି ହୋଇ କାମରେ ଆସୁଛି, କିନ୍ତୁ ଓଡ଼ିଶାରେ ଏହା କାହିଁକି ବ୍ୟବହାର ହୋଇପାରୁନାହିଁ ବୋଲି ମୁଖ୍ୟମନ୍ତ୍ରୀ ସବୁବେଳେ ଦାବି କରିଆସୁଥିଲେ ଏବଂ ଏଥିପାଇଁ ଲଗାତର ଉଦ୍ୟମ ଜାରି ରଖିଥିଲେ।

କେନ୍ଦୁଝର ଜିଲାବାସୀଙ୍କ ବହୁଦିନର ସ୍ୱପ୍ନ ଥିଲା, ଜିଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେଉ। ଏହା ସାକାର ହେବାକୁ ଯାଉଛି। ଏହା ସମ୍ଭବ ହୋଇଛି ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକ ପ୍ରଚେଷ୍ଟା ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ବୋଲି ଧନ୍ୟବାଦ ଦେବାପାଇଁ ଆସିଥିବା କେନ୍ଦୁଝର ଜିଲାବାସୀଙ୍କ ମତ ଥିଲା। ☞ପୃଷ୍ଠା-୪

## ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ଆନନ୍ଦପୁର,(ସୁଶାନ୍ତ କୁମାର ସାହୁ): ଆନନ୍ଦପୁର ଥାନା ଅଧୀନ ପୁରୁଣାଘାଟି ଗ୍ରାମରେ ଗୁରୁବାର ପୋଖରୀରେ ବୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ଆନନ୍ଦପୁର ବ୍ଲକ ପଦ୍ମପୁର ବିରିଲଙ୍କର ବୁଦୁନୀ ହେମ୍ବ୍ରମ (୫୦)। ସେ ପୁରୁଣାଘାଟି ସମ୍ପର୍କୀୟଙ୍କ ଘରକୁ ଯାଇଥିବା ବେଳେ ପୋଖରୀକୁ ଗାଧୋଇବାକୁ ଯାଇ ବୁଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।

**କେନ୍ଦୁଝର**

# ପାଣି ପାଇଁ ଡହଳବିକଳ ଯୋଡ଼ାବାସୀ

ଯୋଡ଼ା,୨୧।୮ (ମାନସ ମହାନ୍ତି)

■ ୭ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ
■ ସୁନା ନଦୀରୁ ଦୂଷିତପାଣି ବ୍ୟବହାର କରୁଛନ୍ତି

କେନ୍ଦୁଝର ଜିଲ୍ଲା ଯୋଡ଼ା ସହରବାସୀ ପାଣି ପାଇଁ ହାହାକାର ହେଉଛନ୍ତି। ଦୀର୍ଘ ୭ ଦିନ ହେଲା ଯୋଡ଼ା ସହରକୁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଜଳ ଯୋଗାଣ ବନ୍ଦ କାରଣରୁ ସହରର ବିଭିନ୍ନ ବସ୍ତି ବାସିନ୍ଦା ନିକଟରେ ଥିବା ସୁନା ନଦୀର କାଦୁଅପାଣି ବ୍ୟବହାର କରୁଛନ୍ତି। ଦୂଷିତ ପାଣି ବ୍ୟବହାର ଦ୍ୱାରା ବିଭିନ୍ନ ରୋଗ ବ୍ୟାପିବା ଆଶଙ୍କା କରାଯାଉଛି। ବାରମ୍ବାର ଅଭିଯୋଗ ପରେ ବି କେହି କର୍ଣ୍ଣପାତ କରୁ ନ ଥିବାରୁ ସ୍ଥାନୀୟ ଲୋକେ କହିଛନ୍ତି। ଅଭିଯୋଗ ଅନୁଯାୟୀ, ଅଗଷ୍ଟ ୧୫ରୁ ସହରକୁ ପାନୀୟ ଜଳ ଆସିବା ବନ୍ଦ ହୋଇଯାଇଛି। ଯୋଡ଼ା ପିଏଚ୍‌ଡି ଅଫିସକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି ସୁଦ୍ଧା ପାନୀୟ ଜଳ ବ୍ୟବସ୍ଥା ହୋଇପାରୁନାହିଁ। ବସ୍ତି ବାସିନ୍ଦା ବାଧହୋଇ ସୁନା ନଦୀ ଜଳକୁ ପାନୀୟ ଓ ଘର କାମରେ ବ୍ୟବହାର କରୁଛନ୍ତି। ଲଗାଣ ବର୍ଷା ଯୋଗୁ ନଦୀ ଜଳ ଦୂଷିତ ହୋଇଯାଇଛି। ତଥାପି ଅନ୍ୟ ଉପାୟ ନ ପାଇ ଲୋକେ ଏହି ଜଳରେ ଗାଧୋଇବା, ଶୌଚହେବା, କପଡ଼ା ଧୋଇବା ପରି ଦୈନନ୍ଦିନ କାର୍ଯ୍ୟ କରୁଛନ୍ତି। ଫଳରେ ଚର୍ମ, ଝାଡ଼ାବାନ୍ତି ଭଳି ରୋଗର ଶିକାର ହେଉଥିବା କହିଛନ୍ତି। ଦୀର୍ଘ ୭ ଦିନ ହେଲେ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଦୌଡ଼ିଲେ ମଧ୍ୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି ଓଲଟା ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିବାକୁ କହୁଥିବା ବସ୍ତିବାସିନ୍ଦା ଏମ୍‌ଡି ସଫିକ, ମହେଶ୍ୱର ମୁଣ୍ଡା, ନିର୍ମଳ ନାଏକ, କୁଞ୍ଜ ମହାକୁଡ଼, ବୀର ନାଏକ, ଗୁରୁଦେବ ପାତ୍ର ଗଣମାଧ୍ୟମକୁ ଜଣାଇଛନ୍ତି। ଯୋଡ଼ା ଉପ ନଗରପାଳ ପୁରୁଷୋତ୍ତମ ଦାସ କହିଛନ୍ତି,



ପାଇପ ଫାଟିଥିବା ସ୍ଥାନ ମରାମତି କରିବା ପାଇଁ ଖୋଳାଯାଇଛି।

ପିଏଚ୍‌ଡି କାର୍ଯ୍ୟାଳୟରେ ଏସ୍‌ଡିଓ ନାହାନ୍ତି। ୨ ଜଣ କନିଷ୍ଠ ଯନ୍ତ୍ରୀ ରହିବା ସ୍ଥଳେ ଜଣେ ମାତ୍ର ଅଛନ୍ତି। କର୍ମଚାରୀ ଅଭାବ ହେତୁ ଲୋକେ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳିପାରୁନାହିଁ। ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର କହିଛନ୍ତି, ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଗୁଡ୍ଡୁ ବାବୁଙ୍କୁ ସେ ଏ ନେଇ ପଚାରିଥିଲେ। ସେ ମରାମତି କାମ ଚାଲିଛି, କେତେ ଦିନରେ ସମ୍ପୂର୍ଣ୍ଣ ହେବ କହି ପାରିବେ ନାହିଁ ବୋଲି ଉତ୍ତର ଦେଇଥିଲେ। ବିଭାଗୀୟ ଅଧିକାରୀମାନେ ଦୀର୍ଘ ବର୍ଷ ଧରି ଯୋଡ଼ାରେ ରହି ଆସୁଥିଲେ ହେଁ ସହରବାସୀଙ୍କ ସମସ୍ୟା ସମାଧାନ କରିବାରେ ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଆଗରେ ଯୋଡ଼ାବାସୀ ଧାରଣା ଦେବାକୁ ବାଧ ହେବେ ବୋଲି ବହିଦାର କହିଥିଲେ। ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ କହେଇ ଗୁଡ୍ଡୁ କହିଛନ୍ତି, ବାଂଶପାଣିଠାରେ ଏକ ଶିଳ୍ପସଂସ୍ଥା ଘୁରି ପାଇପଲାଇନ କାର୍ଯ୍ୟ କରୁଥିବା ସମୟରେ ଜନସ୍ୱାସ୍ଥ୍ୟ ବିଭାଗର ଜଳ ଯୋଗାଣ ପାଇପକୁ ଭାଙ୍ଗିଦେଇଥିଲା। ପରେ ଏହାର ମରାମତି କରାଯାଇଥିଲା। ତେବେ ପୁନର୍ବାର ସେହିଠାରେ ପାଇପ ଫାଟିଯାଇଛି। ପାଇପ ଫାଟିଥିବା ସ୍ଥାନଟି ପ୍ରାୟ ୧୦ ରୁ ୧୨ ଫୁଟ ତଳେ ହୋଇଥିବା ଏବଂ ବର୍ଷାଜଳ ସହ ବାରମ୍ବାର ମାଟି ପୋତିହୋଇଯାଉଥିବାରୁ ମରାମତି କାର୍ଯ୍ୟ କରିବାକୁ ଅସୁବିଧା ହେଉଛି। ମରାମତି ଜାରି ରହିଛି, କେତେଦିନ ଲାଗିବ କହି ପାରିବେ ନାହିଁ ବୋଲି ସେ କହିଥିଲେ। ଜିଲାପାଳ ବିଶାଲ ସିଂ ଜନସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନାକରି ଏହାର ଶୀଘ୍ର ସମାଧାନ କରିବେ ବୋଲି କହିଥିଲେ।

# ୧୧ ଦଫା ଦାବିରେ ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଙ୍ଗନୱାଡ଼ି କର୍ମୀମାନେ।

କେନ୍ଦୁଝର,୨୧।୮ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୧ ଦଫା ଦାବି ନେଇ ଅଙ୍ଗନୱାଡ଼ି କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ମୁତାବକ, ଆଇସିଡିଏସ ଯୋଜନା ଉଚ୍ଛେଦ, ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ ମାନ୍ୟତା, ୧୮ ହଜାର ଓ ସହାୟିକାଙ୍କୁ ୯ ହଜାର ଟଙ୍କା ପ୍ରଦାନ, ପୋଷଣ ଟ୍ରାକରରେ ହେଉଥିବା ଅସୁବିଧା ନେଇ ନୂତନ ମୋବାଇଲ ସହ ରିଚାର୍ଜ ପ୍ରଦାନ, ଅବସରକାଳୀନ ସହାୟତା ରାଶି ସହ ପେନ୍‌ସନ, ଗ୍ରାଚ୍ୟୁଇଟି ଓ ଜିଲାରେ ଅଭିଯୋଗ ନିବାରଣ କମିଟି ଗଠନ, ୨୦୨୪ ନିର୍ବାଚନ ଇସ୍ତାହାର ତୁରନ୍ତ ପାଳନ ଆଦି ଦାବି ରହିଛି। ଏହି ପରିପ୍ରେକ୍ଷୀରେ ୩ ହଜାରରୁ ଊର୍ଦ୍ଧ୍ୱ ଅଙ୍ଗନୱାଡ଼ି କର୍ମୀ ଗ୍ରାମ୍ୟାଞ୍ଚଳ ପଡ଼ିଆରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ସରକାର ଦାବି ପୂରଣ ନ କଲେ ଜିଲାରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଧାନ ବିକ୍ରି ପାଇଁ ପଞ୍ଜୀକରଣରେ ଅନିୟମିତତା

ପାଟଣା,୨୧।୮(ବୀର କିଶୋର ଦାଶ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଖଜିରାପାଟ ସମବାୟ ସମିତିରେ ଧାନ ବିକ୍ରି ନିମନ୍ତେ ଚାଷୀ ପଞ୍ଜୀକରଣରେ ଅନିୟମିତତା ହୋଇଛି। ଗୋଟିଏ ଜମି ପଟ୍ଟାରେ ଅନେକ ଭାଇଙ୍କ ନାମ ଥିଲେ ମଧ୍ୟ ଜଣେ ଜଣେ ଭାଇ ସମସ୍ତ ପ୍ଲଟ୍‌କୁ ଧାନ ବ୍ୟବସାୟୀଙ୍କୁ ଧରି ପଞ୍ଜିକୃତ କରି ନେଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ବାଇକଳା ଗ୍ରାମର ମହେନ୍ଦ୍ର ମହାନ୍ତ ଏବଂ ଅନନ୍ତ ମହାନ୍ତଙ୍କ ୩ ଉତ୍ତରାଧିକାରୀ। ମାତ୍ର ଜଣକ ନାମରେ ପଞ୍ଜୀକରଣ ନେଇ ଉଦୟପୁର ମଣ୍ଡଳ ଭାଜପା କୃଷକ ମୋର୍ଚ୍ଚା ସଭାପତି ଅନନ୍ତ ମହାନ୍ତ ଏମ୍‌ଡି ରାଜ୍ଞୁଶ୍ରୀ ରଞ୍ଜିତା ମହାନ୍ତଙ୍କୁ ଅଭିଯୋଗ କରିଥିଲେ। ପରେ ସମସ୍ୟାର ସମାଧାନ ହୋଇଥିଲା। ସେହିଭଳି ଲୁଙ୍ଗା ଗ୍ରାମର କେଦାରନାଥ ଆରୁକ ଓ ତାଙ୍କ ସାନ ଭାଇ ସୁଶାନ୍ତ ଆରୁକଙ୍କ ନାମରେ ଥିବା ଜମି ପଟ୍ଟାରେ କେବଳ ସାନଭାଇ ସୁଶାନ୍ତଙ୍କ ନାମରେ ପଞ୍ଜିକୃତ ହୋଇଥିଲା। ସୁଶାନ୍ତ କହିଛନ୍ତି, ସାହାରପଡ଼ାର ଜଣେ ଧାନ ବ୍ୟବସାୟୀ ତାଙ୍କ ଘରକୁ ଆସି ନାମ ପଞ୍ଜୀକରଣ କରିଛନ୍ତି। ସେ ଅଧା ଜମି ପଞ୍ଜୀକରଣ କରିବେ କହି ସବୁ ପ୍ଲଟ୍ ପଞ୍ଜୀକୃତ କରିଦେଇଛନ୍ତି। ସାହାରପଡ଼ା ବ୍ଲକ୍‌ରେ ପଞ୍ଜୀକରଣର ପୁନଃ ଯାଞ୍ଚ ଦାବି ହୋଇଛି।

# ବେସରକାରୀ ଅଧ୍ୟାପକଙ୍କ ଅଧିକାର ଯାତ୍ରା

ଚମ୍ପୁଆ,୨୧।୮(ମହେଶ୍ୱର ଦାସ): ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ବେସରକାରୀ ଅଧ୍ୟାପକ ଓ କର୍ମଚାରୀମାନେ ଅନୁଦାନ ଆମ ଅଧିକାର ଦାବିରେ ଗୁରୁବାର କାର୍ଯ୍ୟବନ୍ଦ କରିବା ସହିତ ଅଧିକାର ଯାତ୍ରା ଆରମ୍ଭ କରି ମହାବିଦ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ୨୦୦୮ ରୁ ୨୦୧୮ ପର୍ଯ୍ୟନ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ଦାବିରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଡାକରା ଦିଆଯାଇଛି। ଧାରଣା କାରଣରୁ ମହାବିଦ୍ୟାଳୟର ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଅଭିଯୋଗ ଅନୁଯାୟୀ, ଅନୁଦାନ ପାଇଁ ପୂର୍ବରୁ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ସଂଘ ପକ୍ଷରୁ ଦାବି ହୋଇଆସୁଥିଲେ ମଧ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏପରିକି ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଶିକ୍ଷକତା କରୁନାହୁ, ଆମେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ କରୁଛୁ ତେଣୁ ଆମ ପ୍ରତି ସରକାର ସଦୟ ଦୃଷ୍ଟି ଦିଅନ୍ତୁ ବୋଲି ଦାବି କରିଥିଲେ।

# ଚୋରି ଅଭିଯୋଗରେ ଦମ୍ପତି ଗିରଫ

ଢେଙ୍କିକୋଟ,୨୧।୮(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ ହାଉସ ଅଧୀନସ୍ଥ ଢେଙ୍କିକୋଟ ପଞ୍ଚାୟତ ଟିକିରା ଛେଳିହାଟ ପଡ଼ିଆରୁ ୨ ଲୁଟେରା ଦମ୍ପତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ଭଦ୍ରକ ଜିଲା ଧାମରା ପାଇକସାହିର କାଳିଆ ଶବର, ତାଙ୍କ ସ୍ତ୍ରୀ ବର୍ଷା ସିଂହ। ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ ହୋଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ଯାଯାବର ଭଳି ଗାଁ ଗାଁ ବୁଲି ହାତ ରେଖା ଦେଖିବା କାମ କରନ୍ତି। ବୁଧବାର ଦମ୍ପତି ଦ୍ୱୟ ପାଟଣା ବ୍ଲକ୍ ଚିନାମାଳିପଶି ପଞ୍ଚାୟତ ଚିନାମାଳିପଶିର ଲକ୍ଷ୍ମୀପ୍ରିୟା ମହାନ୍ତଙ୍କ ଘରକୁ ଯାଇଥିଲେ। ପରିବାର ଲୋକେ ବିଲକୁ କାମ କରିବାକୁ ଯାଇଥିବା ବେଳେ ଦମ୍ପତି ଘରେ ପଶି ବାକ୍ସରୁ ସୁନା ଚେନ୍, ହଳେ ସୁନା କାନଫୁଲ, ହଳେ ରୁପା ପାଉଁଜି ଚୋରି କରି ଫେରାର ହୋଇଯାଇଥିଲେ। ଲକ୍ଷ୍ମୀପ୍ରିୟା ଘରକୁ ଫେରି ଚୋରି ହୋଇଥିବା ଜାଣି ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକଙ୍କୁ ଜଣାଇଥିଲେ। ପୋଲିସ ତଦନ୍ତ କରି ଗୁରୁବାର ଦମ୍ପତିଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଛି। ଘଟଗାଁ ପୋଲିସ ଏକ ମାମଲା(ନଂ. ୩୪୯/୨୫) ରୁଜୁ କରି ଦମ୍ପତିଙ୍କୁ କୋର୍ଟଚାଲାଣ କରି ଅଧିକ ତଦନ୍ତ କରୁଥିବା ଢେଙ୍କିକୋଟ୍ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକ ପ୍ରକାଶ କରିଛନ୍ତି।

**ସୋସୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

# ଡାକ୍ତର ନାହାନ୍ତି, ଫାର୍ମାସିଷ୍ଟ ଭରସାରେ ରୋଗୀ

ବଡ଼ଲା,୨୧।୮(ଦୁର୍ଗାପ୍ରସାଦ ଆୟଚ)

ସରକାର ଗରୀବ ଲୋକଙ୍କୁ ମାଗଣାରେ ଚିକିତ୍ସାଠାରୁ ଆରମ୍ଭକରି ଔଷଧ ପ୍ରଦାନ କରୁଛନ୍ତି। ବିଭିନ୍ନ ଯୋଜନା ବାବଦରେ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ଡାକ୍ତରଖାନାରେ ଡାକ୍ତର ଅଭାବ ସମସ୍ୟା ଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଯୋଜନା ଫଳପ୍ରଦ ହେଉନାହିଁ। ଏଭଳି ସମସ୍ୟା କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୋସୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି।

ପ୍ରକାଶ ଯେ, ୧୯୩୦ରୁ ଆରମ୍ଭ ହୋଇଥିବା ସୋସୋ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସୋସୋ, ବାଲିବରେଇ, ବାଙ୍ଗୋର, ପଡ଼ିଆରୀପଲ୍ଲୀ, ଧନୁର୍ଜୟପୁର, କେ. ବାଲିପାଳ, ଢେଙ୍କା ଆଦି ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରୁଛନ୍ତି। ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଉକ୍ତ କେନ୍ଦ୍ର ନବକଳେବର ହୋଇ ଡାକ୍ତରଙ୍କଠାରୁ




ଆରମ୍ଭ କରି ବିଭିନ୍ନ କର୍ମଚାରୀଙ୍କ ପାଇଁ ନୂତନ ଗୃହ ନିର୍ମାଣ ହୋଇଛି। ବିଭିନ୍ନ ପରୀକ୍ଷା ପାଇଁ ଲାବ୍ ତିଆରି ହେବା ସହ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଆରୋଗ୍ୟ କେନ୍ଦ୍ର ହେବା ପରେ ସ୍ୱାସ୍ଥ୍ୟସେବା ଠିକ୍ ଭାବରେ ପାଇବେ ବୋଲି ଅଞ୍ଚଳବାସୀ ଆଶା କରିଥିଲେ। ମାତ୍ର ଡାକ୍ତରଖାନାରେ ଜଣେ ମାତ୍ର ଡାକ୍ତର ପଦବୀ ଥିବା ବେଳେ ଦୀର୍ଘ ମାସ ହେଲା ପଦବୀ ଖାଲି ପଡ଼ୁଛି। ଫଳରେ ଫାର୍ମାସିଷ୍ଟ ରୋଗୀସେବା କରୁଛନ୍ତି। ସନ୍ଧ୍ୟା ହେଲା ପରେ ରୋଗୀ ସେବା ବନ୍ଦ ରହୁଛି। ରୋଗୀ ପଡ଼ୋଶୀ ଭଦ୍ରକ ଜିଲାର ଆଗରପଡ଼ା ଓ ଭଦ୍ରକ ମେଡିକାଲ ଉପରେ ଭରସା କରୁଛନ୍ତି। ନଚେତ୍ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଯିବାକୁ ପଡୁଥିବା କହିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନ ନେଲେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହ ଆନ୍ଦୋଳନ କରିବେ ବୋଲି ସ୍ଥାନୀୟ ବାସିନ୍ଦା ଶରତ ରାଉତ, ସୋସୋ ପୂର୍ବତନ ସରପଞ୍ଚ ତ୍ରୈଲୋଚନ ନାୟକ, ସୋସୋ ସରପଞ୍ଚ ରାଜକିଶୋର ଦାସ, ପଡ଼ିହାରୀପଲ୍ଲୀ ସରପଞ୍ଚ ଅଜିତ ରାଉତ, ବାଙ୍ଗୋର ସରପଞ୍ଚ ଅଙ୍କିତା ପଡ଼ିଆରୀ, ବାଙ୍ଗୋର ପୂର୍ବତନ ସରପଞ୍ଚ ବସନ୍ତ ପଡିଆରୀ, ଧନୁର୍ଜୟପୁର ସରପଞ୍ଚ ସର୍ଦ୍ଦାର ହୋ, କେ.ବାଲିପାଳ ସରପଞ୍ଚ କୁନ୍ତଳା ନାଇକ, ବରିଷ୍ଠ ନାଗରିକ ବିଦ୍ୟାଧର ପୁହାଣ, ଭୁବନା ପଟ୍ଟନାୟକ, ପଡ଼ିହାରୀପଲ୍ଲୀ ପୂର୍ବତନ ସରପଞ୍ଚ ବିଷ୍ଣୁପଦ ନାୟକ, ରବୀନ୍ଦ୍ର ବିଶ୍ୱାଳ, ଗିରିଶ ନାୟକ, ରଙ୍ଗଧର ସିଂ, ବିକ୍ରମ ବିଶ୍ୱାଳ, ଆଦିକନ୍ଦ ବେହେରା, ରକ୍ଷାକର ଜେନା, ଗୋଲିଆ ରାଉତ, ବିନୋଦ ବିଶ୍ୱାଳ ପ୍ରମୁଖ ଚେତାବନୀ ଦେଇଛନ୍ତି। ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ.ପ୍ରଭାତ ନାୟକ କହିଛନ୍ତି, ଡାକ୍ତର ଅଭାବ ରହିଛି। ଖୁବ୍‌ଶୀଘ୍ର ଅନ୍ୟ ମେଡିକାଲରୁ ଦିନେରୁ ଦୁଇ ଦିନ କିଭଳି ସୋସୋ ମେଡିକାଲରୁ ଡାକ୍ତର ଯିବେ ତା'ର ବ୍ୟବସ୍ଥା କରୁଛନ୍ତି।


**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OHPC
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com (0663) 2460661,
No. CAD-1518 Email-hpschiplima@yahoo.in, Fax No. (0663) 2460505
No.-CHEP/TW-302/3202 Date: 19.08.2025

**TENDER CALL NOTICE NO.-CHEP-27/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Authorized Distributors / Channel Partners meeting Eligibility Criteria only for the procurement of the following materials;

| Description | Cost of Tender Paper (Non-refundable) | EMD in Rs. (Refundable) |
|---|---|---|
| Supply, Erection, Testing & Commissioning of 4 Nos. High Mast Lights for CHEP, Chiplima | Rs.7,080/- (Rs.6,000/- + GST @18%) | 26,940/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.22.08.2025 up to 12:30 PM of dtd.04.09.2025.
OIPR-04006/11/0099/2526 Sd/- C & P Head, CHEP, Chiplima

Govt. of Odisha
**PANCHAYAT SAMITI, DHARMASALA**
Email: ori-dharmasala@nic.in, Tel/Fax:06725-283023
**1st Corrigendum to Tender Call Notice No. "Tender Online 01 DMSL/2025-26"**
**No.i-284:**The following modifications are made in respect of the Tender Call Notice No. **"Tender Online 01DMSL/2025-26"** due to some unavoidable circumstances.
1. The Tender Call Notice No. **Tender Online 01DMSL/2025-26** will be available for online bidding from **30.08.2025** at 11.00 AM to **15.09.2025** upto 5.00 PM instead of **16.08.2025** at 11.00 AM to **01.09.2025** upto 5.00 PM.
2. The last date & time seeking tender clarification will be **12.09.2025** upto 5.00 PM instead of **30.08.2025** upto 5.00 PM.
3. The date of opening of tender shall be **16.09.2025** at 11.00 AM instead of **02.09.2025** at 11.00 AM
All other terms & conditions remain unchanged.
The above corrigendum shall only be published in the Govt. website **www.tendersodisha.gov.in.**
Sd./- Block Development Officer
OIPR-19216/11/0004/2526 Dharmasala

**OFFICE OF THE SUPERINTENDING ENGINEER**
**DEOGARH (R&B) DIVISION, DEOGARH**
Email ID- eepwddeogarh@gmail.com
**INVITATIONS FOR BIDS (IFB)**
Letter No.2254, Dtd.19.08.2025
No.B-424: **Invitation For Bids**
**Bid Identification No.SE PWD DGR No. 11 of 2025-26**

| | | | |
|---|---|---|---|
| 1. | The Superintending Engineer, Deogarh (R&B) Division, Deogarh on behalf of Government of Odisha, invites percentage rate bids in Single cover system in ONLINE MODE only, for Construction of Road works as detailed below. | | |
| 2. | Nature of Work | : | Road Works |
| 3. | No. of Works | : | Road 07 Nos. |
| 4. | Bid Cost | : | Rs.6000/- & 10000/- |
| 5. | Class of Contractor | : | "D", "C" & "B" Class |
| 6. | Availability of Bid documents in the website | : | From dt.26.08.2025 to 17.00 hours of dt.04.09.2025 |
| 7. | Date of Opening of Technical Bid | : | Dt.06.09.2025 at 11.30 AM |
| 8. | The Bidders have to participate in ONLINE bidding only. Further details can be seen from the website: http://www.tendersorissa.gov.in. Any addendum/ corrigendum/cancellation of tender can also be seen in the said website only. | | |

Sd./- Superintending Engineer
OIPR-34061/11/0013/2526 Deogarh (R&B) Division

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL,PO-SUNGUDA, JAJPUR-755044, Tel.No.0671-2444488, Email: serw_kpd@yahoo.com
Office Order:2534, Date:12.8.25
**CANCELLATION OF TENDER**
**No.O-628:** The following tender of RCK-25/24 invited vide this office letter no-3489, dtd.23.12.2024 is hereby cancelled as per the instruction issued by Chief Engineer (Roads).
1.Impvt. to RD Road (Chakroda) to Sunduria Road in the Dist. of Jajpur vide ltr no.25707, dtd.8.8.25. 2. Impvt. to Kalando to Bichhakhandi Road in the Dist. of Jajpur ltr no.25321, dtd.6.8.25. 3. Impvt. to Dharmasala to Bhubana Road in the Dist. of Jajpur ltr no.25322, dtd.6.8.25. 4. Impvt. to Nuapatana to Kotapur River Embankment via Muratapur Alarpur Road in the Dist. of Jajpur ltr no.25308, dtd.6.8.25.
Sd./- Chief Construction Engineer
OIPR-25129/11/0061/2526 Rural Works Circle, Kendrapara-Jajpur

**OFFICE OF THE PRINCIPAL**
**GOPABANDHU AYURVEDA MAHAVIDYALAYA**
V.I.P. ROAD, PURI (ODISHA) - 752002
Tel.: 06752-222072(O)/E-mail: principalgampuri@gmail.com
No. 3781/GAM Dated: 19.08.2025
**WALK-IN-INTERVIEW**
No. E-333: Walk-in-Interview for temporary and co-terminus post of One MPHW for one year at Gopabandhu Ayurveda Mahavidyalaya, Puri for Central Sector Scheme for implementation of National Programme on Osteoarthritis and other musculoskeletal disorders in Brahmagiri Block of Puri district and public health programme on AYUSH Geriatric Health Care Services - Vayomitra will be held in the office of the Principal of this institution on 29.08.2025 (Friday) at 11.00 A.M.
Details are available on website i.e. **www.gampuri.nic.in**.
Sd./- Principal
Gopabandhu Ayurveda Mahavidyalaya
OIPR-10044/11/0008/2526 Puri

**DISTRICT PROJECT OFFICE**
**SAMAGRA SIKSHA (SS), SAMBALPUR**
2nd Floor, Collectorate, Sambalpur - 768001
Email: dpcsambalpur.opepa@nic.in
**SHORT TENDER CALL NOTICE FOR SUPPLY OF TLM & EQUIPMENTS**
No. 1588/IE/ Date: 19.08.2025
No. n-127: Sealed tenders are invited from the reputed firms/ organizations having valid PAN, GST Registration and business setup in Odisha for supply of TLM & EQUIPMENTS (Physiotherapy, Auditory Training, Speech Therapy, Mobility & Braille Training, ADL & behavioral Modification Training, Equipment & Furniture for 07 Nos. of PMSHRI Schools) of Sambalpur district in two bid systems (Technical & Financial Bid). Last date & time of receiving the tender is 01.09.2025, 2.00 P.M.
For details please visit **www.sambalpur.odisha.gov.in** & **www.osepa.odisha.gov.in**.
By the order of Collector-cum-Chairman
Sd./- District Project Coordinator
OIPR-15013/11/0073/2526 SS, Sambalpur

**JEYPORE MUNICIPALITY, JEYPORE**
Phone No.06854231098, Fax No.06854230104
Email:ulbjeypore@gmail.com & jayporem.hud@nic.in
Letter No.3635/JM Date:19.08.2025
**EXPRESSION OF INTEREST (EOI)**
**Plantation and Maintenance of Trees under the "Women for Trees" Campaign under Jeypore Municipality**
**No.C-923:** Applications are invited in the prescribed format from eligible and interested **local Self-Help Groups (SHGs) of Jeypore Municipality area** registered under the National Urban Livelihoods Mission (NULM) for the execution of Plantation and Maintenance of Trees under the Women for Trees Campaign in observance of Local Self Governance Day, as per the Standard Operating Procedure (SOP) and guidelines issued by the Housing & Urban Development Department, Government of Odisha.
EOI must reach the undersigned on or before 26.08.2025 by 1.00 PM.
The details of the programme and application format can be downloaded from the office website (www.jeyporemunicipality.in) or obtained from the office of Jeypore Municipality, Jeypore.
Sd./- Executive Officer
OIPR-13079/11/0061/2526 Jeypore Municipality

H&UD Department, Government of Odisha
**OFFICE OF THE MUNICIPAL COUNCIL, BARGARH**
Pin:768028 (Odisha), Tel.No-06646-223355/
E.Mail: bargarhmuniciplity.eo@gmail.com
No.C-928: Letter No.3345 SBM, Dated 19.08.2025

The Executive Officer, Bargarh Municipality, H&UD Department, Government of Odisha invites technical and financial proposals from reputed implementing Agencies/ Firms of National and international repute for **"Selection of An Agency/Firm For "Supplying of Door-to-Door Waste Collection Compartmentalized LCV Vehicles Including Drivers. Tractor Vehicles Including Drivers on Hiring Basis for Bargarh Municipality Area** in Bargarh District detailed in the Scope of Work in this DTCN. The interested and eligible Firms with valid Registration Certificate as a Company, as detailed in DTCN, may apply for the same in OFF-LINE mode. (For details visit https://bargarh.odisha.gov.in/tender & https://www.bargarhmunicipality.in/tender.php)

| | | |
|---|---|---|
| 01 | Nature of Works | Selection of An Agency/ Firm For "Supplying of Door To Door Waste Collection Compartmentalized LCV Vehicles Including Drivers. Tractor Vehicles Including Drivers on Hiring Basis for Bargarh Municipality |
| 02 | RFP (Bid) Cost | 1000/- (Rupees one Thousand only) (non-refundable) Only |
| 03 | EMD | Rs. 3,00,000/- (Rupees Three Lakh) only |
| 04 | Availability of RFP document in the website | 21-08-2025 |
| 05 | Last date of receipt of Bid | 06-09-2025 |
| 06 | Mode of Receipt of Bids | Speed / Regd. Post/ Courier |
| 07 | Date of opening of Technical Bid & PPT (Methodology including Management) | 08.09.2025 at 03.00 PM |
| 08 | Financial Bid | 09.09.2025 at 11.00 AM |
| 09 | Address for Business query and correspondence | Bargarh Municipality, Ward No-10, Dist: Bargarh Pin-768028 |

The bidders have to participate in OFF-LINE bidding only. Further details can be seen from the Bargarh District website https://bargarh.odisha.gov.in/tender & https://www.bargarhmunicipality.in/tender.php) Any addendum /corrigendum / cancellation of tender can also be seen in the said websites. If any query then contacts E-mail ID www.bargarhmunicipality.eo@gmail.com.
Sd./- Executive Officer,
OIPR-13078/11/0060/2526 Bargarh Municipality

**OFFICE OF THE EXECUTIVE ENGINEER**
**RWS&S DIVISION, KENDRAPARA**
At:Ichhapur, Post: Shree Baladevjew, Email:eerwsskendrapara@gmail.com
**INVITATIONS FOR BIDS (IFB) [e-Procurement]**
Bid Identification No.RWS/42/2025-26
Letter No.5211/Dated 19.08.2025
**No.O-623:**1.The Executive Engineer, RWS&S Division, Kendrapara on behalf of Governor of Odisha invites percentage bid in **SINGLE** cover system in **ONLINE MODE** from eligible **Electrical** contractors for **External electrification** works of different Rural Piped Water Supply Schemes in Kendrapara District.
2. Name of the Work : External electrification works for different RPWS Scheme in Kendrapara District.
3. No. of Work : 02 Nos. (Two) only
4. Value of the Work : Rs.6.21 to 8.80 Lakhs
5. Concerned tender inviting authority : **Executive Engineer, RWS&S Division, Kendrapara.**
6. Cost of Bid documents (Rs.) (Online) : Rs.4000/-
7. Cost of EMD @ 1% (Online) : Rs.6300/- to 8900/-
8. Class of Bidder : "HT"
9. Period of Completion : 30 days
10. Availability of bid documents in the website : From date 25.08.2025 at 10.00 A.M. to date 06.09.2025 till 5.30 P.M.
11. Last date & time of seeking tender clarification : Upto 29.08.2025 upto 5.30 P.M.
12. Date of Opening of Bid : 08.09.2025 at 11.00 AM onwards
The bidders have to participate in the tender through ONLINE bidding only. Further details can be had from the website i.e http://tendersodisha.gov.in. The bid shall be accompanied with valid Contractor Registration Certificate, PAN, GST, No relation certificate in Schedule-A, Affidavit in support of authenticity of documents in Schedule-F and information regarding current litigation in Schedule-E. Subsequent corrigendum/addendum if required shall only be appeared in the above website.
Sd./- Executive Engineer
OIPR-25004/11/0044/2526 RWS&S Division, Kendrapara

**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION,DHENKANAL**
Email- eedklpwd@gmail.com
**INVITATION FOR BIDS THROUGH e-Procurement**
Bid Identification No.SEDKL (R&B) 17/2025-26
No.B-422: **Invitation For Bids**

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha invites percentage rate bids in Double cover system in ONLINE MODE only, for Construction of Building works as detailed below. | | |
| 2. | Nature of Work | : | 1 Nos. Road Works |
| 3. | No. of Work | : | 01 Nos. |
| 4. | Bid Cost | : | Rs.10,000/- |
| 5. | Class of Contractor | : | 'B' Class |
| 6. | Availability of Bid documents in the website | : | From 10.00 AM of 25.08.2025 to 5.00 PM of 08.09.2025 |
| 7. | Date of Opening of Bid | : | Dt.09.09.2025 at 11.00 AM |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/cancellation of tender can also be seen in the said website only. | | |

Sd./- Superintending Engineer
Dhenkanal (R&B) Division,
OIPR-34016/11/0053/2526 Dhenkanal

**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR-751002
Tel-MD 0674-2340573, E-mail-mdosscltd456@gmail.com
NIT No.OSSC/Mktg (Hort)-42/2025
**Short e-Tender Call Notice for Procurement of Dragon Fruit Planting Materials (Stem cutting) for the Year 2025-26**
**No.CAD-1528:**OSSC Ltd. invites Short e-Tender from Producers/ Licensed suppliers only on item wise rate contract basis for Procurement of Dragon Fruit Planting Materials (Stem Cutting) for the Year-2025-26 in double cover system through online mode only for the work below.

| | |
|---|---|
| Name of the Work | Purchase of Dragon Fruit Planting Materials (Stem cutting) for the Year 2025-26 |
| No. of Work | One |
| Availability of bid documents in portal | 15 hours on dt.22.08.2025 to 17 hours of dt.01.09.2025 |
| Last date of receipt of tender in portal | 17 hours of dt.01.09.2025 |
| Date and Time opening of Bid | 10.30 hours of dt.02.09.2025 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/ corrigendum/ cancellation can also be seen in the said website.
OIPR-01045/11/0090/2526 Sd./- Managing Director, OSSC Ltd.

# ପାଣି ପାଇଁ ହନ୍ତସନ୍ତ ଯୋଡ଼ାବାସୀ

ଯୋଡ଼ା,୨୧।୮ (ମାନସ ମହାନ୍ତି)

■୭ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ
■ସୁନା ନଦୀରୁ ଦୂଷିତପାଣି ବ୍ୟବହାର କରୁଛନ୍ତି

କେନ୍ଦୁଝର ଜିଲା ଯୋଡ଼ା ସହରବାସୀ ପାଣି ପାଇଁ ହାହାକାର ହେଉଛନ୍ତି। ଦୀର୍ଘ ୭ ଦିନ ହେଲା ଯୋଡ଼ା ସହରକୁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ଜଳ ଯୋଗାଣ ବନ୍ଦ କାରଣରୁ ସହରର ବିଭିନ୍ନ ବସ୍ତି ବାସିନ୍ଦା ନିକଟରେ ଥିବା ସୁନା ନଦୀର ଦୂଷିତ କାଦୁଅପାଣି ବ୍ୟବହାର କରୁଛନ୍ତି। ବର୍ଷାଦିନ ହୋଇଥିବାରୁ ଦୂଷିତ ପାଣି ବ୍ୟବହାର ଦ୍ୱାରା ଝାଡ଼ାବାନ୍ତି ଭଳି ବିଭିନ୍ନ ରୋଗ ବ୍ୟାପିବା ଆଶଙ୍କା କରାଯାଉଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବି କେହି କର୍ଣ୍ଣପାତ କରୁ ନ ଥିବାରୁ ସ୍ଥାନୀୟ ଲୋକେ କହିଛନ୍ତି। ଅଭିଯୋଗ ଅନୁଯାୟୀ, ଅଗଷ୍ଟ ୧୫ରୁ ସହରକୁ ପାନୀୟ ଜଳ ଆସିବା ବନ୍ଦ ହୋଇଯାଇଛି। ଏ ନେଇ ଯୋଡ଼ା ପିଏଚ୍‌ଡି ଅଫିସକୁ ଯାଇ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ପାନୀୟ ଜଳ ବ୍ୟବସ୍ଥା ହୋଇପାରୁନାହିଁ। ବସ୍ତି ବାସିନ୍ଦା ବାଧ୍ୟହୋଇ ସୁନା ନଦୀର ଜଳକୁ ପାନୀୟ ଓ ଘର କାମରେ ବ୍ୟବହାର କରୁଛନ୍ତି। ଲଗାଣ ବର୍ଷା ଯୋଗୁ ସୁନା ନଦୀର ଜଳ ଦୂଷିତ ହୋଇଯାଇଛି। ଅନ୍ୟ କୌଣସି ଉପାୟ ନ ପାଇ ଲୋକେ ଏହି ଜଳରେ ଗାଧୋଇବା, ଶୌଚହେବା, କପଡ଼ା ଧୋଇବା ପରି ଦୈନନ୍ଦିନ କାର୍ଯ୍ୟ କରୁଛନ୍ତି। ଫଳରେ ଚର୍ମ, ଝାଡ଼ାବାନ୍ତି ଭଳି ରୋଗର ଶିକାର ହେଉଥିବା କହିଛନ୍ତି। ଦୀର୍ଘ ୭ରୁ ୮ ଦିନ ହେଲା ଜନସ୍ୱାସ୍ଥ୍ୟ ବିଭାଗକୁ ଅଭିଯୋଗ କରିଥିଲେ ହେଁ ଜଳ ଯୋଗାଣ ହୋଇପାରିନାହିଁ। ବାରମ୍ବାର ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଦୌଡ଼ିଲେ ମଧ୍ୟ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ଉକ୍ତ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିବାକୁ କହୁଥିବା ବସ୍ତିବାସିନ୍ଦା ଏମ୍‌ଡି ସଫିକ, ମହେଶ୍ୱର ମୁଣ୍ଡା, ନିର୍ମଳ ନାୟକ, କୁଞ୍ଜ ମହାକୁଡ଼, ବୀର ନାୟକ, ଗୁରୁଦେବ ପାତ୍ର ଗଣମାଧ୍ୟମକୁ ଜଣାଇଛନ୍ତି। ଯୋଡ଼ା ଉପ ନଗରପାଳ ପୁରୁଷୋତ୍ତମ ଦାସ କହିଛନ୍ତି, ପିଏଚ୍‌ଡି କାର୍ଯ୍ୟାଳୟରେ କେହି ଏଯାଏଁ ନାହାନ୍ତି। ୨ ଜଣ କନିଷ୍ଠ ଯନ୍ତ୍ରୀ ରହିବା ସ୍ଥଳେ ଜଣେ ମାତ୍ର ଅଛନ୍ତି। କର୍ମଚାରୀ ଅଭାବ ହେତୁ ସମସ୍ୟା ସୁଧାରିବାରେ ବିଳମ୍ବ ଘଟୁଛି। ଲୋକେ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳିପାରୁନାହିଁ। ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର କହିଛନ୍ତି, ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଗୁରୁ ବାବୁଙ୍କୁ ସେ ଏ ନେଇ ପଚାରିଥିଲେ। ସେ ଏ ବିଷୟରେ କିଛି ଜାଣି ନ ଥିବା କହିବା ସହିତ ମରାମତି କାମ ଚାଲିଛି, କେତେ ଦିନରେ ସମ୍ପୂର୍ଣ୍ଣ ହେବ କହି ପାରିବେ ନାହିଁ ବୋଲି ଉତ୍ତର ଦେଇଥିଲେ। ବିଭାଗୀୟ ଅଧିକାରୀମାନେ ଦୀର୍ଘ ବର୍ଷ ଧରି ଯୋଡ଼ାରେ ରହି ଆସୁଥିଲେ ହେଁ ସହରବାସୀଙ୍କ ସମସ୍ୟା ସମାଧାନ କରିବାରେ ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଆଗରେ ଯୋଡ଼ାବାସୀ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ବହିଦାର କହିଥିଲେ। ଜନସ୍ୱାସ୍ଥ୍ୟ ବିଭାଗର କନିଷ୍ଠ ଯନ୍ତ୍ରୀ କହ୍ନେଇ ଗୁରୁ କହିଛନ୍ତି, ବାଂଶପାଣିଠାରେ ଏକ ଶିଳ୍ପସଂସ୍ଥା ଘୁରି ପାଇପଲାଇନ କାର୍ଯ୍ୟ କରୁଥିବା ସମୟରେ ଜନସ୍ୱାସ୍ଥ୍ୟ ବିଭାଗର ଜଳ ଯୋଗାଣ ପାଇପ୍‌କୁ ଭାଙ୍ଗିଦେଇଥିଲା। ତେବେ ପୁନର୍ବାର ସେହିଠାରେ ପାଇପ୍ ଫାଟିଯାଇଛି। ପାଇପ ଫାଟିଥିବା ସ୍ଥାନଟି ପ୍ରାୟ ୧୦ ରୁ ୧୨ ଫୁଟ ତଳେ ହୋଇଥିବା ଏବଂ ବର୍ଷାଜଳ ସହ ବାରମ୍ବାର ମାଟି ପୋତିହୋଇଯାଉଥିବାରୁ ମରାମତି କାର୍ଯ୍ୟ କରିବାକୁ ଅସୁବିଧା ହେଉଛି। ମରାମତି ଜାରି ରହିଛି, କେତେଦିନ ଲାଗିବ କହି ପାରିବେ ନାହିଁ ବୋଲି ସେ କହିଥିଲେ। ଜିଲାପାଳ ବିଶାଳ ସିଂ ଜନସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନାକରି ଏହାର ଶୀଘ୍ର ସମାଧାନ କରିବେ ବୋଲି କହିଥିଲେ।


ପାଇପ ଫାଟିଥିବା ସ୍ଥାନ ମରାମତି ପାଇଁ ଖୋଳାଯାଇଛି।

# 'ଆର୍ଥିକ ନିରାପତ୍ତା, ପୁଞ୍ଜି ନିବେଶ' ସଚେତନତା କର୍ମଶାଳା

ଚରମ୍ପା,୨୧।୮ (ଅମରେନ୍ଦ୍ର ପଣ୍ଡା)

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସେଲ୍ଫ ଫାଇନାନ୍ସିଂ ବିଭାଗ ଆନୁକୂଲ୍ୟରେ ଆର୍ଥିକ ପୁଞ୍ଜି ନିବେଶ ସଂସ୍ଥା 'ସେବୀ' ପକ୍ଷରୁ ବୁଧବାର ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। 'ଆର୍ଥିକ ନିରାପତ୍ତା, ପୁଞ୍ଜି ନିବେଶ' ଶୀର୍ଷକ କର୍ମଶାଳାରେ ଅଧ୍ୟକ୍ଷ ଡ.ଦୁର୍ଗାଶଙ୍କର ଦାସ ପୌରୋହିତ୍ୟ କରିଥିଲେ। କୋଲକାତା ମଣ୍ଡଳ ଅଧିକାରୀ ଅଦ୍ୱୈତ ଦହାଲେ ମୁଖ୍ୟଅତିଥି ଓ ଭୁବନେଶ୍ୱର କାର୍ଯ୍ୟାଳୟ ଅଧିକାରୀ ସୌମ୍ୟରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶେୟାର ବଜାରରେ ଆର୍ଥିକ ନିରାପତ୍ତା, ପୁଞ୍ଜି ନିବେଶ କ୍ଷେତ୍ରରେ ଉତ୍ଥାନ-ପତନର ଭାରସାମ୍ୟତା ଓ ଲାଭକ୍ଷତିର ମୁଖ୍ୟ ଉପାଦାନଗୁଡ଼ିକ ସମ୍ପର୍କରେ ଅତିଥିମାନେ ଉପସ୍ଥିତ ଏମ୍‌କମ୍, ବିସିଏ, ବିବିଏ, ଏମ୍‌ଏସ୍‌ଡବ୍ଲ୍ୟୁ, ଜେଏମ୍‌ସି, ପିଏମ୍‌ଆଇଆର୍ ବିଭାଗର ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ବିଭାଗୀୟ ଅଧ୍ୟାପିକା ଅଧ୍ୟାପକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭାଗୀୟ ମୁଖ୍ୟ ପୀତାମ୍ବର ପଣ୍ଡା ସଂଯୋଜକ ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ବିଭୁଦତ୍ତ ଦାସ କର୍ମଶାଳା ପରିଚାଳନା କରିଥିଲେ। ସତ୍ୟସୌରଭ ନନ୍ଦୀ ଧନ୍ୟବାଦ ଦେଇଥିଲେ।


ସଚେତନତା କର୍ମଶାଳାରେ ଉପସ୍ଥିତ ଅତିଥି।

# ୧୧୪ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା


ଶିବିରରେ ଜଣେ ଦିବ୍ୟାଙ୍ଗ ଛାତ୍ରଙ୍କ ପରୀକ୍ଷା କରାଯାଉଛି।

ବନ୍ତ,୨୧।୮ (ହରିନାରାୟଣ ମହାନ୍ତି)

ବନ୍ତସ୍ଥିତ ମହତାବ ମଇ ବିଦ୍ୟାଳୟ ପରିସରରେ ଗୁରୁବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଡାକ୍ତରୀ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶାରୀରିକ, ମାନସିକ, ପକ୍ଷାଘାତ, ଶ୍ରବଣ ବାଧିତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବିଭିନ୍ନ ବିଭାଗର ବିଶେଷଜ୍ଞମାନେ ଉପସ୍ଥିତ ରହି ପରୀକ୍ଷା କରିଥିଲେ। ୧୧୪ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ୨୬ଜଣଙ୍କୁ ଉପକରଣ ବଣ୍ଟନ କରାଯାଇଛି। ସମ୍ବଳ ଶିକ୍ଷୟିତ୍ରୀ ଟୁନାବାଳା ଦାଶ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ସତ୍ୟନାରାୟଣ ଦାଶ, ଆଶୁତୋଷ ଲେଙ୍କା, ଆଶାଲତା ନାୟକ, ମହେଶ୍ୱତା ଲେଙ୍କା, ବିଷ୍ଣୁନାରାୟଣ ପରିଡ଼ା ଓ ଲକ୍ଷ୍ମୀଧର ସେଠୀ ସହଯୋଗ କରିଥିଲେ।

# ଡାକ୍ତର ନାହାନ୍ତି, ଫାର୍ମାସିଷ୍ଟ ଭରସାରେ ରୋଗୀ

ବଉଳା,୨୧।୮ (ଦୁର୍ଗାପ୍ରସାଦ ଆୟତ)

ସୋସୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ସରକାର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଯୋଜନା ପରେ ଯୋଜନା କରୁଛନ୍ତି। ଲୋକଙ୍କୁ ମାଗଣାରେ ଚିକିତ୍ସାଠାରୁ ଆରମ୍ଭକରି ମାଗଣାରେ ଔଷଧ ପ୍ରଦାନ କରାଯାଉଛି। ଏ ବାବଦରେ ବହୁ କୋଟି ଟଙ୍କା ରାଜକୋଷରୁ ଖର୍ଚ୍ଚ ହେଉଛି। ମାତ୍ର ଡାକ୍ତରଖାନାରେ ଡାକ୍ତର ଅଭାବ ସମସ୍ୟା ଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଫଳରେ ଅନେକ ଡାକ୍ତରଖାନା ଫାର୍ମାସିଷ୍ଟଙ୍କ ଭରସାରେ ଚାଲୁଛି। ଏଭଳି ସମସ୍ୟା କେନ୍ଦୁଝର ଜିଲା ହାତଡ଼ିହି ବ୍ଲକ୍ ସୋସୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି। ପ୍ରକାଶ ଯେ, ୧୯୩୦ରୁ ଆରମ୍ଭ ହୋଇଥିବା ସୋସୋ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅଞ୍ଚଳର ସୋସୋ, ବାଲିବରେଇ, ବାଙ୍ଗୋର, ପଡ଼ିଆରୀପଲ୍ଲୀ, ଧନୁର୍ଜୟପୁର, କେ. ବାଲିପାଳ, ଢେଙ୍କା ଆଦି ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରୁଛନ୍ତି। ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଉକ୍ତ କେନ୍ଦ୍ର ନବକଳେବର ହୋଇ ପରିସରରେ ଡାକ୍ତରଙ୍କଠାରୁ ଆରମ୍ଭ କରି ବିଭିନ୍ନ କର୍ମଚାରୀଙ୍କ ପାଇଁ ନୂତନ ଗୃହ ନିର୍ମାଣ ହୋଇଛି। ବିଭିନ୍ନ ପରୀକ୍ଷା, ନିରୀକ୍ଷା ପାଇଁ ଲାବ୍ ତିଆରି ହେବା ସହ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଆରୋଗ୍ୟ କେନ୍ଦ୍ର ହେବା ପରେ ବିଭିନ୍ନ ସ୍ୱାସ୍ଥ୍ୟସେବା ଠିକ୍ ଭାବରେ ପାଇବେ ବୋଲି ଅଞ୍ଚଳବାସୀ ଆଶା କରିଥିଲେ। ମାତ୍ର ଡାକ୍ତରଖାନାରେ ଜଣେ ମାତ୍ର ଡାକ୍ତର ପଦବୀ ଥିବା ବେଳେ ଦୀର୍ଘ ମାସ ହେଲା ପଦବୀ ଖାଲି ପଡୁଛି। ଫଳରେ ଫାର୍ମାସିଷ୍ଟ ରୋଗୀସେବା କରୁଛନ୍ତି। ମାତ୍ର ସନ୍ଧ୍ୟା ହେଲା ପରେ ରୋଗୀ ସେବା ପ୍ରଭାବିତ ହେଉଛି। ରୋଗୀ ପଡ଼ୋଶୀ ଭଦ୍ରକ ଜିଲାର ଆଗରପଡ଼ା ଓ ଭଦ୍ରକ ମେଡିକାଲ ଉପରେ ଭରସା କରୁଛନ୍ତି। ନଚେତ୍ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଯିବାକୁ ପଡୁଥିବା କହିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ଯଦି ପଦକ୍ଷେପ ନ ନିଅନ୍ତି ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହ ଆନ୍ଦୋଳନ କରିବେ ବୋଲି ସ୍ଥାନୀୟ ବାସିନ୍ଦା ଶରତ ରାଉତ, ସୋସୋ ପୂର୍ବତନ ସରପଞ୍ଚ କୈଲୋଚନ ନାୟକ, ସରପଞ୍ଚ ରାଜକିଶୋର ଦାସ, ଅଜିତ ରାଉତ, ଅଙ୍କିତା ପଡ଼ିଆରୀ, ବାଙ୍ଗୋର ପୂର୍ବତନ ସରପଞ୍ଚ ବସନ୍ତ ପଡ଼ିଆରୀ, ଧନୁର୍ଜୟପୁର ସରପଞ୍ଚ ସର୍ଦ୍ଦାର ହୋ, କେ.ବାଲିପାଳ ସରପଞ୍ଚ କୁନ୍ତଳା ନାଇକ, ବରିଷ୍ଠ ନାଗରିକ ବିଦ୍ୟାଧର ପ୍ରଧାନ, ପୂର୍ବତନ ସରପଞ୍ଚ ବିଷ୍ଣୁପଦ ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ.ପ୍ରଭାତ ନାୟକ କହିଛନ୍ତି, ଡାକ୍ତର ଅଭାବ ରହିଛି। ଖୁବ୍‌ଶୀଘ୍ର ଅନ୍ୟ ମେଡିକାଲରୁ ଦିନେରୁ ଦୁଇ ଦିନ କିଭଳି ସୋସୋ ମେଡିକାଲରୁ ଡାକ୍ତର ଯିବେ ତା'ର ବ୍ୟବସ୍ଥା କରୁଛନ୍ତି।

# ଧାନ ବିକ୍ରି ପାଇଁ ପଞ୍ଜୀକରଣରେ ଅନିୟମିତତା

ପାଟଣା,୨୧।୮ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଖଜିରାପାଟ ସମବାୟ ସମିତିରେ ଧାନ ବିକ୍ରି ନିମନ୍ତେ ଚାଷୀ ପଞ୍ଜୀକରଣରେ ଅନିୟମିତତା ଅଭିଯୋଗ ହୋଇଛି। ଗୋଟିଏ ଜମି ପଟ୍ଟାରେ ଅନେକ ଭାଇଙ୍କ ନାମ ଥିଲେ ମଧ୍ୟ ଜଣେ ଜଣେ ଭାଇ ସମସ୍ତ ପ୍ଲଟ୍‌କୁ ଧାନ ବ୍ୟବସାୟୀଙ୍କୁ ଧରି ପଞ୍ଜିକୃତ କରି ନେଇଥିବା ଅଭିଯୋଗ ହୋଇଛି। ଫଳରେ ଅନ୍ୟ ଭାଇମାନେ ସମବାୟ ସମିତିକୁ ଆସିବା ପରେ ଜଣେ ଭାଇ ସବୁ ପ୍ଲଟ୍ ପଞ୍ଜୀକରଣ କରିଥିବା ଦେଖି ନିରାଶ ହୋଇଥିଲେ। ଉକ୍ତ ପଞ୍ଚାୟତ ବାଇକଳା ଗ୍ରାମର ମହେନ୍ଦ୍ର ମହାନ୍ତ ଏବଂ ଅନନ୍ତ କୁମାର ମହାନ୍ତଙ୍କ ୩ ଉତ୍ତରାଧିକାରୀ। ମାତ୍ର ଜଣକ ନାମରେ ପଞ୍ଜୀକରଣ ନେଇ ଉଦୟପୁର ମଣ୍ଡଳ ଭାଜପା କୃଷକ ମୋର୍ଚ୍ଚା ସଭାପତି ଅନନ୍ତ ମହାନ୍ତ ଏମ୍‌ଡି ରାଞ୍ଜୁଶ୍ରୀ ରଞ୍ଜିତା ମହାନ୍ତଙ୍କୁ ଅଭିଯୋଗ କରିଥିଲେ। ପରେ ସମସ୍ୟାର ସମାଧାନ ହୋଇଥିଲା। ସେହିଭଳି ଲୁଙ୍ଗା ଗ୍ରାମର କେଦାରନାଥ ଆରୁକ ଓ ତାଙ୍କ ସାନ ଭାଇ ସୁଶାନ୍ତ ଆରୁକଙ୍କ ନାମରେ ଥିବା ଜମି ପଟ୍ଟାରେ କେବଳ ସାନଭାଇ ସୁଶାନ୍ତଙ୍କ ନାମରେ ପଞ୍ଜିକୃତ ହୋଇଥିଲା। ଏ ନେଇ ସୁଶାନ୍ତଙ୍କୁ ପଚାରିବାରୁ ସାହାରପଡ଼ାର ଜଣେ ଧାନ ବ୍ୟବସାୟୀ ଅଧିକାରୀଙ୍କୁ ସାଙ୍ଗରେ ନେଇ ତାଙ୍କ ଘରକୁ ଆସି ନାମ ପଞ୍ଜୀକରଣ କରି ଆଖି ସ୍କାନ ମଧ୍ୟ କରିନେଇଛନ୍ତି। ସେ ଅଧା ଜମି ପଞ୍ଜୀକରଣ କରିବେ କହି ସବୁ ପ୍ଲଟ୍ ପଞ୍ଜୀକୃତ କରିଦେଇଛନ୍ତି। ସାହାରପଡ଼ା ବ୍ଲକ୍ ଅଞ୍ଚଳରେ ଅସାଧୁ ଧାନ ବ୍ୟବସାୟୀଙ୍କ ସମ୍ପୃକ୍ତିରେ ପଞ୍ଜିକରଣ ହେଇଥିବାରୁ ସମସ୍ତ ପଞ୍ଜୀକରଣର ପୁନଃ ଯାଞ୍ଚ କରିବାକୁ ଦାବି ହୋଇଛି।


**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OHPC
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No. CAD-1518 Email-hpschiplima@yahoo.in, Fax No. (0663) 2460505
No.-CHEP/TW-302/3202 Date: 19.08.2025
**TENDER CALL NOTICE NO.-CHEP-27/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Authorized Distributors / Channel Partners meeting Eligibility Criteria only for the procurement of the following materials;

| Description | Cost of Tender Paper (Non-refundable) | EMD in Rs. (Refundable) |
|---|---|---|
| Supply, Erection, Testing & Commissioning of 4 Nos. High Mast Lights for CHEP, Chiplima | Rs.7,080/- (Rs.6,000/- + GST @18%) | 26,940/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.22.08.2025 up to 12:30 PM of dtd.04.09.2025.
OIPR-04006/11/0099/2526 Sd/- C & P Head, CHEP, Chiplima

Govt. of Odisha
**PANCHAYAT SAMITI, DHARMASALA**
Email: ori-dharmasala@nic.in, Tel/Fax:06725-283023
**1st Corrigendum to Tender Call Notice No. "Tender Online 01 DMSL/2025-26"**
**No.i-284:** The following modifications are made in respect of the Tender Call Notice No. **"Tender Online 01DMSL/2025-26"** due to some unavoidable circumstances.
1. The Tender Call Notice No. **Tender Online 01DMSL/2025-26** will be available for online bidding from **30.08.2025** at 11.00 AM to **15.09.2025** upto 5.00 PM instead of **16.08.2025** at 11.00 AM to **01.09.2025** upto 5.00 PM.
2. The last date & time seeking tender clarification will be **12.09.2025** upto 5.00 PM instead of **30.08.2025** upto 5.00 PM.
3. The date of opening of tender shall be **16.09.2025** at 11.00 AM instead of **02.09.2025** at 11.00 AM
All other terms & conditions remain unchanged.
The above corrigendum shall only be published in the Govt. website **www.tendersodisha.gov.in.**
Sd./- Block Development Officer
OIPR-19216/11/0004/2526 Dharmasala

**OFFICE OF THE SUPERINTENDING ENGINEER DEOGARH (R&B) DIVISION, DEOGARH**
Email ID- eepwddeogarh@gmail.com
**INVITATIONS FOR BIDS (IFB)**
Letter No.2254, Dtd.19.08.2025
No.B-424: **Invitation For Bids**
**Bid Identification No.SE PWD DGR No. 11 of 2025-26**

| | | | |
|---|---|---|---|
| 1. | The Superintending Engineer, Deogarh (R&B) Division, Deogarh on behalf of Government of Odisha, invites percentage rate bids in Single cover system in ONLINE MODE only, for Construction of Road works as detailed below. | | |
| 2. | Nature of Work | : | Road Works |
| 3. | No. of Works | : | Road 07 Nos. |
| 4. | Bid Cost | : | Rs.6000/- & 10000/- |
| 5. | Class of Contractor | : | "D", "C" & "B" Class |
| 6. | Availability of Bid documents in the website | : | From dt.26.08.2025 to 17.00 hours of dt.04.09.2025 |
| 7. | Date of Opening of Technical Bid | : | Dt.06.09.2025 at 11.30 AM |
| 8. | The Bidders have to participate in ONLINE bidding only. Further details can be seen from the website: http://www.tendersorissa.gov.in. Any addendum/ corrigendum/cancellation of tender can also be seen in the said website only. | | |

Sd./- Superintending Engineer
OIPR-34061/11/0013/2526 Deogarh (R&B) Division

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL,PO-SUNGUDA, JAJPUR-755044, Tel.No.0671-2444488, Email: serw_kpd@yahoo.com
Office Order:2534, Date:12.8.25
**CANCELLATION OF TENDER**
**No.O-628:** The following tender of RCK-25/24 invited vide this office letter no-3489, dtd.23.12.2024 is hereby cancelled as per the instruction issued by Chief Engineer (Roads).
1.Impvt. to RD Road (Chakroda) to Sunduria Road in the Dist. of Jajpur vide ltr no.25707, dtd.8.8.25. 2. Impvt. to Kalando to Bichhakhandi Road in the Dist. of Jajpur ltr no.25321, dtd.6.8.25. 3. Impvt. to Dharmasala to Bhubana Road in the Dist. of Jajpur ltr no.25322, dtd.6.8.25. 4. Impvt. to Nuapatana to Kotapur River Embankment via Muratapur Alarpur Road in the Dist. of Jajpur ltr no.25308, dtd.6.8.25.
Sd./- Chief Construction Engineer
OIPR-25129/11/0061/2526 Rural Works Circle, Kendrapara-Jajpur

H&UD Department, Government of Odisha
**OFFICE OF THE MUNICIPAL COUNCIL, BARGARH**
Pin:768028 (Odisha), Tel.No-06646-223355/
E.Mail: bargarhmuniciplity.eo@gmail.com
No.C-928: Letter No.3345 SBM, Dated 19.08.2025

The Executive Officer, Bargarh Municipality, H&UD Department, Government of Odisha invites technical and financial proposals from reputed implementing Agencies/ Firms of National and international repute for **"Selection of An Agency/Firm For "Supplying of Door-to-Door Waste Collection Compartmentalized LCV Vehicles Including Drivers. Tractor Vehicles Including Drivers on Hiring Basis for Bargarh Municipality Area** in Bargarh District detailed in the Scope of Work in this DTCN. The interested and eligible Firms with valid Registration Certificate as a Company, as detailed in DTCN, may apply for the same in OFF-LINE mode. (For details visit https://bargarh.odisha.gov.in/tender & https://www.bargarhmunicipality.in/tender.php)

| | | |
|---|---|---|
| 01 | Nature of Works | Selection of An Agency/ Firm For "Supplying of Door To Door Waste Collection Compartmentalized LCV Vehicles Including Drivers. Tractor Vehicles Including Drivers on Hiring Basis for Bargarh Municipality |
| 02 | RFP (Bid) Cost | 1000/- (Rupees one Thousand only) (non-refundable) Only |
| 03 | EMD | Rs. 3,00,000/- (Rupees Three Lakh) only |
| 04 | Availability of RFP document in the website | 21-08-2025 |
| 05 | Last date of receipt of Bid | 06-09-2025 |
| 06 | Mode of Receipt of Bids | Speed / Regd. Post/ Courier |
| 07 | Date of opening of Technical Bid & PPT (Methodology including Management) | 08.09.2025 at 03.00 PM |
| 08 | Financial Bid | 09.09.2025 at 11.00 AM |
| 09 | Address for Business query and correspondence | Bargarh Municipality, Ward No-10, Dist: Bargarh Pin-768028 |

The bidders have to participate in OFF-LINE bidding only. Further details can be seen from the Bargarh District website https://bargarh.odisha.gov.in/tender & https://www.bargarhmunicipality.in/tender.php) Any addendum /corrigendum / cancellation of tender can also be seen in the said websites. If any query then contacts E-mail ID www.bargarhmunicipality.eo@gmail.com.
Sd./- Executive Officer,
OIPR-13078/11/0060/2526 Bargarh Municipality

**OFFICE OF THE PRINCIPAL GOPABANDHU AYURVEDA MAHAVIDYALAYA**
V.I.P. ROAD, PURI (ODISHA) - 752002
Tel.: 06752-222072(O)/E-mail: principalgampuri@gmail.com
No. 3781/GAM Dated: 19.08.2025
**WALK-IN-INTERVIEW**
No. E-333: Walk-in-Interview for temporary and co-terminus post of One MPHW for one year at Gopabandhu Ayurveda Mahavidyalaya, Puri for Central Sector Scheme for implementation of National Programme on Osteoarthritis and other musculoskeletal disorders in Brahmagiri Block of Puri district and public health programme on AYUSH Geriatric Health Care Services - Vayomitra will be held in the office of the Principal of this institution on 29.08.2025 (Friday) at 11.00 A.M.
Details are available on website i.e. **www.gampuri.nic.in**.
Sd./- Principal
Gopabandhu Ayurveda Mahavidyalaya
OIPR-10044/11/0008/2526 Puri

**DISTRICT PROJECT OFFICE SAMAGRA SIKSHA (SS), SAMBALPUR**
2nd Floor, Collectorate, Sambalpur - 768001
Email: dpcsambalpur.opepa@nic.in
**SHORT TENDER CALL NOTICE FOR SUPPLY OF TLM & EQUIPMENTS**
No. 1588/IE/ Date: 19.08.2025
No. n-127: Sealed tenders are invited from the reputed firms/ organizations having valid PAN, GST Registration and business setup in Odisha for supply of TLM & EQUIPMENTS (Physiotherapy, Auditory Training, Speech Therapy, Mobility & Braille Training, ADL & behavioral Modification Training, Equipment & Furniture for 07 Nos. of PMSHRI Schools) of Sambalpur district in two bid systems (Technical & Financial Bid). Last date & time of receiving the tender is 01.09.2025, 2.00 P.M.
For details please visit **www.sambalpur.odisha.gov.in** & **www.osepa.odisha.gov.in**.
By the order of Collector-cum-Chairman
Sd./- District Project Coordinator
OIPR-15013/11/0073/2526 SS, Sambalpur

**JEYPORE MUNICIPALITY, JEYPORE**
Phone No.06854231098, Fax No.06854230104
Email:ulbjeypore@gmail.com & jayporem.hud@nic.in
Letter No.3635/JM Date:19.08.2025
**EXPRESSION OF INTEREST (EOI)**
**Plantation and Maintenance of Trees under the "Women for Trees" Campaign under Jeypore Municipality**
**No.C-923:** Applications are invited in the prescribed format from eligible and interested **local Self-Help Groups (SHGs) of Jeypore Municipality area** registered under the National Urban Livelihoods Mission (NULM) for the execution of Plantation and Maintenance of Trees under the Women for Trees Campaign in observance of Local Self Governance Day, as per the Standard Operating Procedure (SOP) and guidelines issued by the Housing & Urban Development Department, Government of Odisha.
EOI must reach the undersigned on or before 26.08.2025 by 1.00 PM.
The details of the programme and application format can be downloaded from the office website (www.jeyporemunicipality.in) or obtained from the office of Jeypore Municipality, Jeypore.
Sd./- Executive Officer
OIPR-13079/11/0061/2526 Jeypore Municipality

**OFFICE OF THE EXECUTIVE ENGINEER RWS&S DIVISION, KENDRAPARA**
At:Ichhapur, Post: Shree Baladevjew, Email:eerwsskendrapara@gmail.com
**INVITATIONS FOR BIDS (IFB) [e-Procurement]**
Bid Identification No.RWS/42/2025-26
Letter No.5211/Dated 19.08.2025
**No.O-623:**1.The Executive Engineer, RWS&S Division, Kendrapara on behalf of Governor of Odisha invites percentage bid in **SINGLE** cover system in **ONLINE MODE** from eligible **Electrical** contractors for **External electrification** works of different Rural Piped Water Supply Schemes in Kendrapara District.
2. Name of the Work : External electrification works for different RPWS Scheme in Kendrapara District.
3. No. of Work : 02 Nos. (Two) only
4. Value of the Work : Rs.6.21 to 8.80 Lakhs
5. Concerned tender inviting authority : **Executive Engineer, RWS&S Division, Kendrapara.**
6. Cost of Bid documents (Rs.) (Online) : Rs.4000/-
7. Cost of EMD @ 1% (Online) : Rs.6300/- to 8900/-
8. Class of Bidder : "HT"
9. Period of Completion : 30 days
10. Availability of bid documents in the website : From date 25.08.2025 at 10.00 A.M. to date 06.09.2025 till 5.30 P.M.
11. Last date & time of seeking tender clarification : Upto 29.08.2025 upto 5.30 P.M.
12. Date of Opening of Bid : 08.09.2025 at 11.00 AM onwards
The bidders have to participate in the tender through ONLINE bidding only. Further details can be had from the website i.e http://tendersodisha.gov.in. The bid shall be accompanied with valid Contractor Registration Certificate, PAN, GST, No relation certificate in Schedule-A, Affidavit in support of authenticity of documents in Schedule-F and information regarding current litigation in Schedule-E. Subsequent corrigendum/addendum if required shall only be appeared in the above website.
Sd./- Executive Engineer
OIPR-25004/11/0044/2526 RWS&S Division, Kendrapara

**OFFICE OF THE SUPERINTENDING ENGINEER DHENKANAL (R&B) DIVISION,DHENKANAL**
Email- eedklpwd@gmail.com
**INVITATION FOR BIDS THROUGH e-Procurement**
Bid Identification No.SEDKL (R&B) 17/2025-26
No.B-422: **Invitation For Bids**

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha invites percentage rate bids in Double cover system in ONLINE MODE only, for Construction of Building works as detailed below. | | |
| 2. | Nature of Work | : | 1 Nos. Road Works |
| 3. | No. of Work | : | 01 Nos. |
| 4. | Bid Cost | : | Rs.10,000/- |
| 5. | Class of Contractor | : | 'B' Class |
| 6. | Availability of Bid documents in the website | : | From 10.00 AM of 25.08.2025 to 5.00 PM of 08.09.2025 |
| 7. | Date of Opening of Bid | : | Dt.09.09.2025 at 11.00 AM |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/cancellation of tender can also be seen in the said website only. | | |

Sd./- Superintending Engineer
Dhenkanal (R&B) Division,
OIPR-34016/11/0053/2526 Dhenkanal

**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR-751002
Tel-MD 0674-2340573, E-mail-mdosscltd456@gmail.com
NIT No.OSSC/Mktg (Hort)-42/2025
**Short e-Tender Call Notice for Procurement of Dragon Fruit Planting Materials (Stem cutting) for the Year 2025-26**
**No.CAD-1528:** OSSC Ltd. invites Short e-Tender from Producers/ Licensed suppliers only on item wise rate contract basis for Procurement of Dragon Fruit Planting Materials (Stem Cutting) for the Year-2025-26 in double cover system through online mode only for the work below.

| | |
|---|---|
| Name of the Work | Purchase of Dragon Fruit Planting Materials (Stem cutting) for the Year 2025-26 |
| No. of Work | One |
| Availability of bid documents in portal | 15 hours on dt.22.08.2025 to 17 hours of dt.01.09.2025 |
| Last date of receipt of tender in portal | 17 hours of dt.01.09.2025 |
| Date and Time opening of Bid | 10.30 hours of dt.02.09.2025 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/ corrigendum/ cancellation can also be seen in the said website.
OIPR-01045/11/0090/2526 Sd./- Managing Director, OSSC Ltd.

**ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର**

ଠାକୁରମୁଣ୍ଡା,(ତାରାକାନ୍ତ ପଟ୍ଟନାୟକ): ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ଟିଁଆବେଡ଼ା ଛକରୁ ଗହଳମୁଣ୍ଡା ରାସ୍ତାରେ ଯାଉଥିବା ବେଳେ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଆନନ୍ଦପୁର ଥାନା ଗହଳମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଧବଣୀ ଗ୍ରାମର ନରେନ୍ଦ୍ର ହୋଙ୍କ ପୁଅ ଜିତେନ (୨୦)। ଗୁରୁତର ଦ୍ୱୟ ହେଲେ ମୃତକଙ୍କ ସାଙ୍ଗ ଲାକ୍ଷ୍ମୀଧର ହୋ ଓ ଦିପୁ ଦେଓଗାମ। ୩ ଜଣ ବାଇକ୍‌ରେ ଯାଉଥିବାବେଳେ ଏକ ତାଲା ଅଟୋ ସେମାନଙ୍କୁ ଧକ୍କା ଦେଇଥିଲା। ମହୁଲଡ଼ିହା ପୋଲିସ ତଦନ୍ତ ଜାରି ରଖିଛି।

**ମୟୂରଭଞ୍ଜ**

# ନଦୀକୁ ଡେଇଁ ଯୁବକ ମୃତ

## ୧୨ଘଣ୍ଟା ପରେ ଉଦ୍ଧାର ହେଲା ମୃତଦେହ

ଉଦଳା,୨୧।୮(ସନ୍ତୋଷ କୁମାର ବାଛିନୀ): ମୟୂରଭଞ୍ଜ ଜିଲା ଉଦଳାସ୍ଥିତ ଜିରିଡ଼ା ପୋଲ ଉପରୁ ସୋନ ନଦୀକୁ ଡେଇଁ ନିଖୋଜ ଥିବା ଯୁବକଙ୍କ ମୃତଦେହ ୧୨ ଘଣ୍ଟା ପରେ ମିଳିଛି। ମୃତକ ହେଲେ ଉଦଳା ଏନ୍‌ଏସି ଅଧୀନ ୯ନଂ. ୱାର୍ଡର ଅସୀମ ଅମିତାଭ ବିଶ୍ୱାଳ। ବୁଧବାର ରାତି ୮ଟାରେ ସେ ଜଣେ ସାଙ୍ଗଙ୍କ ସହିତ ବାଇକ୍‌ରେ ଆସି ହଠାତ୍ ଗାଡ଼ିରୁ ଓହ୍ଲାଇ ପୋଲ ଉପରୁ ତଳକୁ ଡେଇଁ ପଡ଼ିଥିଲେ। ଖବରପାଇ ଉଦଳା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ରାତି ତମାମ ଯୁବକଙ୍କୁ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର ପତ୍ତା ପାଇ ପାରି ନ ଥିଲା। ଗୁରୁବାର ଭୋର ସମୟରେ ବାରିପଦାରୁ ଓଡ୍ରାଫ ଟିମ୍ ଏବଂ କପ୍ତିପଦା ଓ ଉଦଳା ଅଗ୍ନିଶମ ବିଭାଗ ଭରା ନଦୀରେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ୧୨ ଘଣ୍ଟା ପରେ ଗୁରୁବାର ପୋଲ ନିକଟରୁ ମାତ୍ର ୧୦୦ ମିଟର ଦୂରରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଉଦଳା ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଯୁବକ ଜଣକ କ'ଣ ପାଇଁ ଏଭଳି ଚରମ ନିଷ୍ପତ୍ତି ନେଲେ ତାହା ଅସ୍ପଷ୍ଟ ରହିଛି। ପାରିବାରିକ କଳହ ଏବଂ ଟଙ୍କା ନେଣଦେଣକୁ ନେଇ ଏପରି ଘଟଣା ଘଟିଥାଇପାରେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

ଗୋପବନ୍ଧୁ ନଗର,୨୧।୮(ଶାନ୍ତନୁ କୁମାର ମଣ୍ଡୁଆଳ)- ଖୁଣ୍ଟା ଥାନା ଅଧୀନ ନଛିପୁର ଗ୍ରାମର ଜଣେ ବୃଦ୍ଧଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଡାଲମା ହେମ୍ବ୍ରମ(୬୦)। ଗତ ୧୨ ତାରିଖ ରାତିରେ ସେ ଶୌଚ ହେବାକୁ ଯାଇଥିବା ବେଳେ ତାଙ୍କ ଗୋଡ଼କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ତାଙ୍କୁ ପ୍ରଥମେ ଖୁଣ୍ଟା ଓ ପରେ ବାରିପଦା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪୬/୨୫) ରୁଜୁ ହୋଇଛି।

# ଅବକାରୀ ଚଢ଼ାଉ, ୬ ଗିରଫ



ଗିରଫ ଅଭିଯୁକ୍ତମାନେ।

ମୋରଡ଼ା,୨୧।୮(ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୩୭ ଲିଟର ଦେଶୀ ମଦ ଜବତ କରିବା ସହିତ ୬ଜଣଙ୍କୁ ଗିରଫ କରିଛି। ମୋରଡା ଅବକାରୀ ଅଧିକାରୀ ଦୀପକ କୁମାର ରାଉତଙ୍କ ସୂଚନା ମୁତାବକ, ମୋରଡା ଓ ବାରିପଦା ସଦର ଅବକାରୀ ବିଭାଗ ମିଳିତ ଭାବେ ରାସଗୋବିନ୍ଦପୁର ବ୍ଲକର ରାଇଶୋଳ ଗ୍ରାମରେ ଚଢ଼ାଉ କରି ୪୦ ଲିଟର ମଦ ଜବତ କରିବା ସହିତ ଜାନକୀ ପାତ୍ର ଏବଂ ଲାବନ୍ୟା ବେହେରାଙ୍କୁ ଗିରଫ କରିଛି। ଏନେଇ ଅବକାରୀ ଥାନାରେ ୮୮ ଓ ୮୯/୨୦୨୫ରେ ମାମଲା ରୁଜୁ ହୋଇଛି। ସେହିପରି ଉକ୍ତ ବ୍ଲକ ଅଧୀନ ଭରଡ଼ାଶୋଳ ଏବଂ କମାରଡିହା ଗ୍ରାମରେ ଚଢ଼ାଉ କରି ୪୦ ଲିଟର ଦେଶୀ ମଦ ଜବତ କରିବା ସହିତ ଲକ୍ଷ୍ମଣ ସୋରେନ ଏବଂ ମଲ୍ଲୀ ବିନ୍ଧାଣୀଙ୍କୁ ବିଭାଗ ଗିରଫ କରିଛି। ଏନଇ ମୋରଡ଼ା ଅବକାରୀ ଥାନାରେ ୯୦ ଓ ୯୧/୨୫ରେ ମାମଲା ରୁଜୁ ହୋଇଛି। ସେହିପରି ମୋରଡ଼ା ବ୍ଲକ ଅଧୀନ ପରମାନନ୍ଦ ଖୁଣ୍ଟାପାଳ ଗ୍ରାମରେ ଚଢ଼ାଉ କରି ୫୭ ଲିଟର ମଦ ଜବତ କରିବା ସହିତ ଉକ୍ତ ଗ୍ରାମର ସୁକୁଲ ମାଣ୍ଡି ଏବଂ ଗୁନା ହେମ୍ବ୍ରମଙ୍କୁ ଗିରଫ କରିଛି ବିଭାଗ। ଏନେଇ ଥାନାରେ ୯୨ ଓ ୯୩/୨୫ରେ ମାମଲା ରୁଜୁ ହୋଇଛି।

# ନିଆଁରେ ପୋଡ଼ିହୋଇ ଗୋଡ଼ ବୁଲିଯାଇଛି

## ନାବାଳିକାଙ୍କ ଚିକିତ୍ସାରେ ଅର୍ଥ ବାଧକ, ସହାୟତା ନିବେଦନ

କେନ୍ଦୁଝର,୨୧।୮(ନରେଶ ଚନ୍ଦ୍ର ପଟ୍ଟନାୟକ): ୨ ବର୍ଷ ପୂର୍ବେ ଶୀତଋତୁରେ ନିଆଁପୁଇଁ ହେଉଥିବା ବେଳେ ପଡ଼ିହୋଇ ଗୁରୁତର ହୋଇଥିଲେ। ଚିକିତ୍ସା ପରେ ସୁସ୍ଥ ହୋଇଥିଲେ ବି ଏକ ଗୋଡ଼ ବୁଲିଯାଇଥିଲା। ଅର୍ଥ ଅଭାବରୁ ପରବର୍ତ୍ତୀ ଅସ୍ତ୍ରୋପ୍ରଚାର ହୋଇ ନ ପାରିବାରୁ କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ଭଇଁରପୁର ପଞ୍ଚାୟତ ଭଇଁରପୁର ଗାଁର ସୁଶାନ୍ତ ମୁଣ୍ଡା ଓ ଲକ୍ଷ୍ମୀ ମୁଣ୍ଡାଙ୍କ କନ୍ୟା ଦୀପାଞ୍ଜଳି ମୁଣ୍ଡା(୮) ଦିବ୍ୟାଙ୍ଗ ହୋଇଯାଇଛନ୍ତି। ନାବାଳିକା ବହୁ କଷ୍ଟରେ ସ୍କୁଲ ଯାଉଥିବା ବେଳେ ଝିଅର ଚିକିତ୍ସା ପାଇଁ ପରିବାର ଲୋକେ ଚିନ୍ତାରେ ରହିଛନ୍ତି। ସରକାରୀସ୍ତରରେ ସହାୟତା ନିମନ୍ତେ ସୁଶାନ୍ତ ନିବେଦନ କରିଛନ୍ତି।

ପ୍ରକାଶ ଯେ, ଦୀପାଞ୍ଜଳି ଶୀତରୁ ରକ୍ଷା ପାଇବା ପାଇଁ ନିଆଁପୁଇଁ ହେଉଥିବା ବେଳେ ଅସାବଧାନତା କାରଣରୁ ପୋଷାକରେ ନିଆଁ ଲାଗି ଦେହ, ହାତ ଓ ଗୋଡ଼ ପୋଡ଼ି ଯାଇଥିଲା। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ମାସ ଚିକିତ୍ସା ପରେ ସୁସ୍ଥ ହୋଇଥିଲେ ବି ବାମଗୋଡ଼ ଚମଡା ପୋଡ଼ିଯାଇ ମାଂସ ସହ ଲାଗିଯାଇଥିଲା। ଗୋଡ଼ ବୁଲିଯିବାରୁ ଦୀପାଞ୍ଜଳି ଚଳପ୍ରଚଳ କରିପାରୁନାହାନ୍ତି। ସୁଶାନ୍ତ ମିସ୍ତ୍ରିଭାବେ କାମ କରୁଥିବା ବେଳେ ଯାହା କିଛି ଖଟି ଆଣନ୍ତି ସେଥିରେ ସଂସାର ଚଳାଇବା କଷ୍ଟ ହେଉଛି। ବଡ଼ ଝିଅ ଲିପ୍ସା ଏସ୍‌ଟି, ଏସ୍‌ସି ସ୍କୁଲରେ ୭ମ ଶ୍ରେଣୀରେ ପଢୁଥିବା ବେଳେ ତା' ତଳକୁ ଝରଣା ଗାଁ ସ୍କୁଲରେ ୪ ଶ୍ରେଣୀରେ ପଢୁଛନ୍ତି। ଦୀପାଞ୍ଜଳି ଅସୁସ୍ଥତା କାରଣରୁ ଏବେ ପ୍ରଥମ ଶ୍ରେଣୀରେ ନାମ ଲେଖାଇଛନ୍ତି। ଏହା ପରେ ଆଉ ଜଣେ ୩ ବର୍ଷର ସାନ ଝିଅ ଘରେ ରହିଛନ୍ତି। ଗତ ଜୁନ୍‌ରେ ଦୀପାଞ୍ଜଳିଙ୍କ ପ୍ଲାଷ୍ଟିକ୍ ସର୍ଜରି ହେବାର ଥିଲା। କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସୁଥିବା ଜଣେ ସୁପର ସ୍ପେଶାଲିଷ୍ଟ ଡାକ୍ତର ଅପରେଶନ କରିବା ନେଇ କହିଥିଲେ। କିନ୍ତୁ ହଠାତ୍ ଆୟୁଷ୍ମାନ କାର୍ଡ ପ୍ରଚଳନ ଯୋଗୁ ଝିଅର ଅପରେଶନରେ ବାଧକ ସୃଷ୍ଟି ହେଲା ବୋଲି ସୁଶାନ୍ତ କହିଛନ୍ତି। ଝିଅ ନାମରେ ଆୟୁଷ୍ମାନ କାର୍ଡ ହୋଇପାରିଲାନାହିଁ। ଏଣୁ ମାଗଣା ଚିକିତ୍ସା ହୋଇପାରୁନାହିଁ। ଅପରେଶନ ପାଇଁ ୧.୨୦ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଡାକ୍ତର କହୁଛନ୍ତି। ଏତେ ଟଙ୍କା କେଉଁଠୁ ଯୋଗାଡ଼ କରିବେ ବୋଲି ସେ ଚିନ୍ତାରେ ପଡ଼ିଛନ୍ତି। ମୁଖ୍ୟମନ୍ତ୍ରୀ ସହାୟତା ପ୍ରଦାନ କଲେ ଝିଅର ଅପରେଶନ ହୋଇପାରନ୍ତା ବୋଲି ସୁଶାନ୍ତ କହିଛନ୍ତି। ଏଣୁ ତୁରନ୍ତ ଶିଶୁକନ୍ୟାର ଅସ୍ତ୍ରୋପ୍ରଚାର ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ମଧ୍ୟ ନିବେଦନ କରିଛନ୍ତି।

# ପଛରେ ପଡ଼ିଛି ପିଏମ୍ ସୂର୍ଯ୍ୟଘର ବିଜୁଳି ଯୋଜନା

ବାରିପଦା,୨୧।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ଅଧିକାରୀ ଓ ଅଭିଜ୍ଞ କର୍ମଚାରୀ ଅଭାବ
- ଧାର୍ଯ୍ୟଲକ୍ଷ୍ୟ ୧୦ ହଜାର
- ୫୦୮ ହିତାଧିକାରୀ ଉପକୃତ

ଗ୍ରାହକଙ୍କ ମଧ୍ୟରେ ଆଗ୍ରହ ଅଛି ହେଲେ ସଚେତନତା ଅଭାବରୁ ମୟୂରଭଞ୍ଜ ଜିଲାରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର: ମାଗଣା ବିଜୁଳି ଯୋଜନା ବାଟବଣା ହୋଇଛି। ସ୍ୱତନ୍ତ୍ର ଅଧିକାରୀ ଓ ଅଭିଜ୍ଞ କର୍ମଚାରୀ ଅଭାବରୁ ଲକ୍ଷ୍ୟ ଧାର୍ଯ୍ୟ ଅନେକ ପଛରେ ରହିଛି।

ସୌରଶକ୍ତିରୁ ବିଜୁଳି ଉତ୍ପାଦନ କରି ୩୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ସୁବିଧା ବ୍ୟବସ୍ଥା ଥିବା ଏହି ଲାଭକାରୀ ଯୋଜନା କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପ୍ରଣୟନ କରିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ଭଲ ରିହାତି ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ସଚେତନ ଗ୍ରାହକଙ୍କ ମଧ୍ୟରେ ଆଗ୍ରହ ମଧ୍ୟ ପରିଲକ୍ଷିତ ହେଉଛି। ଯେଉଁମାନେ ଏହି ଯୋଜନାରେ ସାମିଲ ହୋଇଛନ୍ତି, ସେମାନେ ମାଗଣା ବିଜୁଳି ବ୍ୟବହାର କଲେଣି। ଏହା ଦେଖି ଆତ୍ମୀୟ ସ୍ୱଜନ ଓ ପଡ଼ୋଶୀ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି। କିନ୍ତୁ ମୟୂରଭଞ୍ଜ ଜିଲାରେ ଆବଶ୍ୟକ ଅଧିକାରୀ, ଅଭିଜ୍ଞ କର୍ମଚାରୀ ଓ ସଚେତନତା ଅଭାବରୁ ଜିଲାବାସୀ ଏହି ଯୋଜନାର ଲାଭ ଉଠାଇବାରୁ ବଞ୍ଚିତ ରହିଛନ୍ତି। ଟାଟା ପାୱାର ନର୍ଦ୍ଦନ ବିଦ୍ୟୁତ୍ ବିତରଣ ସଂସ୍ଥା (ଟିପିଏନ୍‌ଓଡିଏଲ)ର ଜିଲା ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜିଲାପାଇଁ ୧୦ହଜାର ଗ୍ରାହକଙ୍କ ଘରେ ରିହାତି ମୂଲ୍ୟରେ ଅନଗ୍ରୀଡ ପିଏମ ସୂର୍ଯ୍ୟଘର, ମାଗଣା ବିଜୁଳି ଯୋଜନା କାର୍ଯ୍ୟକାରୀ ପାଇଁ ଲକ୍ଷ୍ୟ ଥିବା ବେଳେ ଅଦ୍ୟାବଧି ୪୨୨୭ଜଣ ଉପଭୋକ୍ତା ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫୦୮ ଜଣଙ୍କ ଘରେ ଏହି ଯୋଜନା କାର୍ଯ୍ୟକାରୀ ହୋଇସାରିଲାଣି ଓ ୩୮୯ ଉପଭୋକ୍ତା ରିହାତି ଅର୍ଥ ଫେରି ପାଇଲେଣି। ଜିଲାରେ ୨୬ଟି ବ୍ଲକ୍ ଥିବାରୁ ଯୋଜନା କାର୍ଯ୍ୟକାରୀ ପାଇଁ ସଚତନତା କାର୍ଯ୍ୟକ୍ରମ ମଧ୍ୟ ଜରୁରୀ। ଏହି ଯୋଜନା ଯଦିଓ ଭେଣ୍ଡର ଜରିଆରେ ସମ୍ପାଦିତ ହେଉଛି, ତେବେ ଟିପିଏନ୍‌ଓଡିଏଲ୍‌ର ସ୍ୱୀକୃତି ପ୍ରାପ୍ତ ୨୧ଜଣ ଭେଣ୍ଡରଙ୍କ ମଧ୍ୟରୁ ମାତ୍ର ୬/୭ଜଣ ଭେଣ୍ଡର କାର୍ଯ୍ୟକରୁଛନ୍ତି। ଜିଲାରେ ଏହି ଯୋଜନା ସମ୍ପାଦନ କାର୍ଯ୍ୟ ତୁଲାଇବା ପାଇଁ ଜଣେ ଅତିରିକ୍ତ ଅଧିକାରୀ ରହିଛନ୍ତି। ଅପରପକ୍ଷରେ ତୃଣମୂଳସ୍ତରରେ ଏହାର ପ୍ରଚାରପ୍ରସାର ପାଇଁ କୌଣସି ପଦକ୍ଷେପ ନାହିଁ ତଥା ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ବିଭାଗୀୟ କର୍ମଚାରୀ ନିଜେ ଯୋଜନା ସମ୍ବନ୍ଧରେ ସଚେତନ ହୋଇନାହାନ୍ତି। ଏହି ଯୋଜନାକୁ ବ୍ୟାପକ କରିବା ପାଇଁ ଆବଶ୍ୟକ ଅଧିକାରୀ ଓ ତାଲିମପ୍ରାପ୍ତ କର୍ମଚାରୀ ନିଯୁକ୍ତି ସକାଶେ ବିଭାଗ ପକ୍ଷରୁ ଖୁବଶୀଘ୍ର ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ। ପ୍ରତି ସେକ୍ସନରେ ସଚେତନତା କାର୍ଯ୍ୟକ୍ରମ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ଇଂ. ଦେବଦତ୍ତ ପଣ୍ଡା କହିଛନ୍ତି।

# ଭୁଲ୍ ଟ୍ରେନରେ ଚଢ଼ି ଯୁବତୀ ନିଖୋଜ

ବୈଶିଙ୍ଗା,୨୧।୮(ରତନ ଦାଶ): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପଦ୍ମନାଭପୁର ଗ୍ରାମର ଜଣେ ଯୁବତୀ ବେଙ୍ଗାଲୁରୁରୁ ଫେରୁଥିବା ବେଳେ ଭୁଲବଶତଃ ଅନ୍ୟ ଏକ ଟ୍ରେନରେ ଉଠିଯିବା ପରେ ତାଙ୍କର ଆଉ କୌଣସି ଖୋଜଖବର ମିଳୁ ନାହିଁ। ଏଭଳି ପରିସ୍ଥିତିରେ ତାଙ୍କ ପରିବାର ଲୋକେ ବ୍ୟସ୍ତ ବିବ୍ରତ ହୋଇ ପଡ଼ିଛନ୍ତି। ସୂଚନା ମୁତାବକ, ରବିନ୍ଦ୍ର ବିନ୍ଧାଣିଙ୍କ ଝିଅ ସୁକୁମାରୀ(୨୦) ବେଙ୍ଗାଲୁରୁଠାରେ ଏକ ଘରୋଇ କମ୍ପାନୀରେ ନିଯୁକ୍ତି ପାଇଛନ୍ତି। ଛୁଟିରେ ସେ ଫେରୁଥିବା ବେଳେ ଭୁଲ ବଶତଃ ଅନ୍ୟ ଏକ ଟ୍ରେନରେ ଚଢ଼ିଯାଇ ଉତ୍ତର ପ୍ରଦେଶର ଲକ୍ଷ୍ନୌ ଷ୍ଟେଶନଠାରେ ପହଞ୍ଚିଥିଲେ। ସେଠାରେ ଟ୍ରେନରୁ ଓହ୍ଲାଇ ଘରକୁ ଫୋନକରି ଘଟଣା ବାବଦରେ ଜଣାଇଥିଲେ। ହେଲେ ତାପରଠାରୁ ଆଉ ତାଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ମୋବାଇଲ ସୁଇଚ ଅଫ ସଙ୍କେତ ଆସୁଛି। ବ୍ୟସ୍ତ ବିବ୍ରତ ପରିବାର ଲୋକେ ଯେତେ ଯାହା ଚେଷ୍ଟା କରିଥିଲେ ହେଁ ତାଙ୍କର ଖୋଜଖବର ମିଳିନାହିଁ। ଶେଷରେ ଅନ୍ୟଉପାୟ ନ ପାଇ ବୁଧବାର ରାତି ବାରଟା ସମୟରେ ବୈଶିଙ୍ଗା ଥାନାରେ ଏତଲା ଦେଇଥିଲେ ମା' ସୁଭଦ୍ରା। ତେବେ ପୋଲିସ ପକ୍ଷରୁ ସଙ୍ଗେସଙ୍ଗେ ନିଖୋଜ ଘଟଣା ବାବଦରେ ଉତ୍ତର ପ୍ରଦେଶ ପୋଲିସକୁ ସୂଚନା ଦିଆଯାଇଥିବା ଥାନାଧିକାରୀ ବାରିଣୀ ଦାସ କହିଛନ୍ତି।

# ଶିକ୍ଷକଙ୍କ ବଦଳିକୁ ବିରୋଧ



ଧାରଣାରତ ଛାତ୍ରୀଛାତ୍ରମାନେ।

## ଧାରଣାରେ ବସିଲେ ଛାତ୍ରୀଛାତ୍ର

ମୋରଡ଼ା,୨୧।୮(ସ୍ମାରକ ମାଜୀ)

ଶିକ୍ଷକଙ୍କ ବଦଳିକୁ ବିରୋଧ କରି ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ମୁଖ୍ୟ ଫାଟକ ସାମ୍ନାରେ ଧାରଣା ଦେଇଛନ୍ତି । ପରେ ଛାତ୍ରୀଛାତ୍ର ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ବର୍ଷାରେ ଭିଜି ଭିଜି ଯାଇ ପ୍ରତିବାଦ କରିଥିଲେ। ଶିକ୍ଷକ ଘଡେଇ ଗଣିତ ଭଲ ପଢ଼ାନ୍ତି ଏବଂ ବର୍ତ୍ତମାନ ତାଙ୍କର ବଦଳି ହେଲେ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେବ ବୋଲି ଛାତ୍ର ପ୍ରୟାସ ମଣ୍ଡଳ, ଛାତ୍ରୀ ନନ୍ଦିନୀ ପାତ୍ର ଏବଂ ଅନ୍ୟମାନେ କହିଛନ୍ତ। ଶିକ୍ଷକ ଘଡେଇଙ୍କ ବଦଳି କରା ନ ଯାଉ ବୋଲି ଛାତ୍ରୀଛାତ୍ର ସ୍ଲୋଗାନ ଦେଇଥିଲେ। ରାସଗୋବିନ୍ଦପୁର ବିଇଓ ଦାୟିତ୍ୱରେ ଥିବା ବିଜୟ କୁମାର ପାଣିଗ୍ରାହୀ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ ଏବଂ ଏବାବଦରେ ଡିଇଓଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ। ତେବେ ଶିକ୍ଷକ ଘଡେଇଙ୍କ ବଦଳି ବାବଦରେ ଛାତ୍ରୀଛାତ୍ରଙ୍କୁ କିଏ କହିଲା ଏବଂ ଛାତ୍ରୀଛାତ୍ରଙ୍କୁ ଉସୁକାଇ କିଏ ଧାରଣା ତଥା ବର୍ଷାରେ ବିଇଓ କାର୍ଯ୍ୟାଳୟକୁ ପଠାଇଲା ଏହାର ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ଆଲୋଚନା ହେଉଛି।

# ହରିଣ, ବାର୍‌ହା କଟା ମୁଣ୍ଡ ଜବତ, ଜଣେ ଗିରଫ

ଠାକୁରମୁଣ୍ଡା,୨୧।୮(ତାରାକାନ୍ତ ପଟ୍ଟନାୟକ)- କରଞ୍ଜିଆ ବନଖଣ୍ଡ ସାତକୋଶିଆ ବନ୍ୟ ପ୍ରାଣୀ ବିଭାଗ ଗୁରୁବାର ଜଣେ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରି କଟା ହରିଣ ଓ ବାର୍‌ହା ମୁଣ୍ଡ ସହ ୭ କେଜି ହରିଣ ଓ ୧୦ କେଜି ବାର୍‌ହା ମାଂସ ଜବତ କରଛି। ଏଥି ସହିତ ବ୍ୟବହୃତ କୁରାଢ଼ି ଓ କଟୁରି ଜବତ କରିଛି। ଘଟଣାରେ ଜଡ଼ିତ ସାତକୋଶିଆ ଗାଁ ଗାଡ଼ାସାହିର ଡୁଙ୍ଗୁରି ଲିଆଙ୍ଗିଙ୍କ ପୁଅ ପୀତାମ୍ବର (୪୦) ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସାତକୋଶିଆ ରେଞ୍ଜ ଅଧିକାରୀ ରବୀନ୍ଦ୍ର ନାଥ ମହାନ୍ତଙ୍କ ନେତୃତ୍ୱରେ ଫରେଷ୍ଟର ବିଜୟ ମହାନ୍ତ, ବିଶ୍ୱଜିତ ମହାନ୍ତଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ।

# ଦୁର୍ଘଟଣାରେ ସାଇକେଲ ଆରୋହୀ ମୃତ

ରାଇରଙ୍ଗପୁର,୨୧।୮(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ ପୁରୁଣାପାଣି ଗ୍ରାମ ନିକଟସ୍ଥ ୨୨୦ନଂ. ଜାତୀୟ ରାଜପଥରେ ବୁଧବାର ସନ୍ଧ୍ୟା ୬ଟା୩୦ ବେଳେ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୁଣାପାଣି ଗ୍ରାମର ସପନ କୁମାର ମହାନ୍ତ(୫୮)। ମୃତ ସପନ ସାଇକେଲ ଯୋଗେ ଦାଣ୍ଡବୋଷ ଗ୍ରାମରୁ ନିଜ ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୨୦୬/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଗୁରୁବାର ରାଇରଙ୍ଗପୁର ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ୧୯୧ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

ବାରିପଦା,୨୧।୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବରିଷ୍ଠ ନାଗରିକ ଦିବସ ଅବସରରେ ବାରିପଦାସ୍ଥିତ ଜୟ ହିନ୍ଦ କ୍ଲବଠାରେ ୱାର୍ଡ ନମ୍ବର ୩ କାଉନସିଲର ରାଜ ଗୁପ୍ତାଙ୍କ ସଂଯୋଜନାରେ ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଓ ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ୱାର୍ଡ ନମ୍ବର ୩ର ୬୦ବର୍ଷରୁ ଊର୍ଦ୍ଧ୍ୱ ୧୯୧ ବରିଷ୍ଠ ନାଗରିକଙ୍କୁ ସାଲ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ୱାର୍ଡ ନମ୍ବର ୩ର ବୟୋଜେଷ୍ଠ ଗୁରୁଜନ ନନ୍ଦ ମହାପାତ୍ର ଓ ମାଳତୀ ସାହୁ ଯଥାକ୍ରମେ ଅତିଥି ସରୋଜିନୀ ହେମ୍ବ୍ରମ ଓ କୃଷ୍ଣାନନ୍ଦ ମହାନ୍ତିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ କାଉନସିଲର ଗୁପ୍ତାଙ୍କ ଏଭଳି କାର୍ଯ୍ୟକ୍ରମକୁ ଅତିଥି ଓ ବରିଷ୍ଠ ନାଗରିକମାନେ ପ୍ରଶଂସା କରିଥିଲେ।


**TPNODL**

**TP Northern Odisha Distribution Limited**
(A Tata Power & Odisha Govt. Joint Venture)
Regd. Off: Corp Office, Januganj, RemunaGolei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT) August 22nd, 2025**

**TP Northern Odisha Distribution Limited** invites tender from eligible Bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500001047 | Rate Contract for Supply of Ring type LTCT's of different ratings for FY 25-26. |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

**Chief- Contracts & MM**

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଏଏମ୍‌ସିସି ନୟାଗଡ଼
ଜିଲ୍ଲା: ନୟାଗଡ଼

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ଏହାପରେ ଆକ୍ଟ କୁହାଯିବ) ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ ।

ଏତଦ୍‌ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ସହ-ଋଣଗ୍ରହୀତାମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି କି ସେମାନେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣ ଆକାଉଣ୍ଟକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି(ଏନପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସେମାନଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ନୋଟିସ୍ ଜାରି କରାଯାଇଥିଲା, କିନ୍ତୁ ସେଗୁଡ଼ିକ ଦିଆଯାଇ ନପାରି ଫେରସ୍ତ ଆସିଅଛି, ଏବଂ ଏଥିପାଇଁ ସେମାନଙ୍କୁ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଅବଗତ କରାଯାଉଅଛି।

| ଏସିବି ଓଡଗାଁ ଶାଖା / ଆକାଉଣ୍ଟ ନଂ. /ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ସୁରକ୍ଷିତ ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଥିବା ସମ୍ପତ୍ତି ଠିକଣା | ନୋଟିସ୍ ତାରିଖ / ଏନ୍‌ପିଏ ତାରିଖ | ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ |
|---|---|---|---|
| ଆକାଉଣ୍ଟ ନଂ.: ୩୩୪୮୭୭୯୧୮୭ (ସିସି) ଋଣଗ୍ରହୀତା: ଶ୍ରୀମତୀ ବସନ୍ତ ମଞ୍ଜରୀ ଆଚାରୀ, ସ୍ୱାମୀ: ଶ୍ରୀ ଶଶି ଭୂଷଣ ଆଚାରୀ / ଗ୍ୟାରେଣ୍ଟିଦାତା: ଶ୍ରୀ ଶଶି ଭୂଷଣ ଆଚାରୀ, ଉଭୟଙ୍କ ଠିକଣା- ସା: ଲକ୍ଷ୍ମୀ ବଜାର, ଓଡଗାଁ, ଜିଲ୍ଲା: ନୟାଗଡ଼ | ଶ୍ରୀ ଶଶି ଭୂଷଣ ଆଚାରୀଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଓଡଗାଁ, ଥାନା: ଓଡଗାଁ, ତହସିଲ ନଂ.: ୨୯୯, ଜିଲ୍ଲା: ନୟାଗଡ, ଖାତା ନଂ.: ୮୩୯/ ୩୭୪, ପ୍ଲଟ୍ ନଂ.: ୨୨୪୪/୩୦୧୦, କ୍ଷେତ୍ର: ଏକର୦.୦୩ ଡିସିମିଲ, ପ୍ଲଟ୍ ନଂ.: ୨୨୪୬/ ୩୦୧୧, କ୍ଷେତ୍ର: ଏକର୦.୦୨ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଇନ୍ଦ୍ରମଣୀ ସାହୁ, ପଶ୍ଚିମ: ଇନ୍ଦୁମତୀ ମହାପାତ୍ର, ଉତ୍ତର: ଶଶି ଭୂଷଣ ଆଚାରୀ, ଦକ୍ଷିଣ: ରାସ୍ତା | ୦୧.୦୭.୨୦୨୫ / ୩୦.୦୬.୨୦୨୫ | ୦୧.୦୭.୨୦୨୫ ସୁଦ୍ଧା ଟ.୧୫,୩୪,୫୪୧/- + ସେବାବଦ ସୁଧ ଏବଂ ଖର୍ଚ୍ଚ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଋଣଗ୍ରହୀତାମାନଙ୍କୁ ଏବଂ/କିମ୍ବା ସେମାନଙ୍କର ଗ୍ୟାରେଣ୍ଟିଦାତାମାନଙ୍କୁ (ଯେଉଁଠାରେ ପ୍ରଯୁଜ୍ୟ) ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩ର ଉପଧାରା (୪) ଅନୁସାରେ ଏହି ନୋଟିସ୍‌ର **୬୦ଦିନ** ଅତିକ୍ରାନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ।

ସ୍ଥାନ: ନୟାଗଡ଼, ତାରିଖ : ୨୧.୦୮.୨୦୨୫ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**न्यायालय कलेक्टर**
**जिला सारंगढ़-बिलाईगढ़ (छ.ग.)**
**सूचना पत्र**

क्रमांक/464/रीडर/2025 — सारंगढ़, दिनांक : 14.08.2025

प्रति,
1. श्री इन्द्रजीत बाघ, पिता: सत्यानंद बाघ
साकिन-कुड़ापाली, थाना: अम्बाभौना, जिला: बरगढ़ (उड़ीशा)
2. श्री नरसिंग राणा उर्फ विनोद, पिता: पुनाऊ राणा
साकिन-जामपाली, थाना: अम्बाभौना, जिला: बरगढ़ (उड़ीशा)
3. श्री लक्ष्मण प्रसाद ओग्रे, पिता: बट्टूलाल ओग्रे (वाहन स्वामी)
ग्राम: पामगढ़, जिला: जांजगीर-चांपा

**विषय:** प्रकरण की सुनवाई हेतु उपरिस्थत होने बाबत्। पेशी दिनांक 16.09.2025.
आपको पेपर प्रकाशन के जरिये सूचित किया जाता है कि इस न्यायालय के छ.ग. आबकारी अधिनियम के तहत लंबित प्रकरण क्रमांक 202505321300007/अ-47क (2)/2024-2025 पक्षकार छ.ग. शासन बनाम इन्द्रजीत बाघ वगै. में आगामी पेशी दिनांक 16.09.2025 को नियत है। उक्त सुनवाई तिथि में आपकी उपस्थिति अनिवार्य है। निर्धारित तिथि को उपस्थित नहीं होने की दशा में आपके विरूद्ध एक पक्षीय कार्यवाही कर दी जावेगी।
(कले. महो. द्वारा आदेशित)

G-252602931/1 — स्वा:/- अपर कलेक्टर, सारंगढ़-बिलाईगढ़

No.CAD-1477

**OFFICE OF THE EXECUTIVE ENGINEER LIFT IRRIGATION DIVISION, BHADRAK**

E-mail : eelidbdk@gmail.com

**E-Procurement Notice**

**Bid Identification No.01/2025-26 (3047)/OLIC (BDK)/ Dt.14.08.2025**

The Executive Engineer, Lift Irrigation Division, Bhadrak on behalf of Odisha Lift Irrigation Corporation Limited, Bhubaneswar invites percentage Rate bids for Installation and Energisation of Lift Irrigation Projects on Turnkey basis from reputed Contractors/Firms having EXPERIENCE in similar nature of work with valid PWD License of required class for Civil Works should have Truck Mounted Mud Rotary Rig for Drilling of TWs including the Erection of 11 KV Line, L.T Line & Commissioning of Electrical Substation for power supply to L.I Projects along with installation of Pump Set, Starter and its energisation. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. | Number of Projects | 11 Nos. L.I. Ps (BKVY) for the year 2025-26 |
| 2. | Estimated Cost | Rs.23.84 Lakh to Rs.24.10 Lakh |
| 3. | Cost of Tender Paper | Rs.7080/- (including GST @ 18%) as mentioned against each L.I. Project through online mode as mentioned in DTCN |
| 4. | Date and Time of Publication | Dt.25.08.2025 from 11.00 A.M. |
| 5. | Date & Time of Closing with Seeking Clarification | Dt.03.09.2025 up to 5.00 P.M. |
| 6. | Date & Time of Opening of Bid | Dt.04.09.2025 at 11.00 A.M. |
| 7. | The bidders have to participate in online bidding only as per Codal provision. | |

Further details can be seen from the website www.tendersorissa.gov.in. Addendum/corrigendum/cancellation of tender if any can be seen in the said website.

OIPR-32239/11/0003/2526 — Sd/- Executive Engineer

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.
MSM-HYDPNE-SBP-KBJ-19-25

କାର୍ଯ୍ୟର ନାମ : ତିନି ବର୍ଷ ନିମନ୍ତେ ସମ୍ବଲପୁର ଏବଂ କଣ୍ଟାବାଞ୍ଜିର 140T BD କ୍ରେନ୍‌ର ହାଇଡ୍ରୋଲିକ୍ ଏବଂ ନ୍ୟୁମେଟିକ୍ (Hydraulic and Pneumatic) ସିଷ୍ଟମ୍ (ମୁଖ୍ୟ ଇଞ୍ଜିନ ଏବଂ SLI ସିଷ୍ଟମ ବ୍ୟତୀତ) ସମସ୍ତ ସିଷ୍ଟମ୍‌ର ରକ୍ଷଣାବେକ୍ଷଣ ନିମନ୍ତେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 40,35,968.00, EMD : ₹ 80,700/-, ଟେଣ୍ଡର ଦଲିଲର ମୂଲ୍ୟ : ₹ 3,540/-, କାର୍ଯ୍ୟ ଶେଷ କରିବା ଅବଧି : 36 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 05.09.2025 1500 ଘଣ୍ଟାରେ।
[illegible] www.ireps.gov.in [illegible]
PR-501/O/25-26 (ପରିବହନ) / ସମ୍ବଲପୁର

**ପୂର୍ବ ତଟ ରେଳପଥ**

(1) ବିଜ୍ଞପ୍ତି ସଂ.: e-Tender-Elect-G-35-25
[illegible]
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 11,29,27,274.82, EMD : ₹ 7,14,600/-
(2) ବିଜ୍ଞପ୍ତି ସଂ.: e-Tender-Elect-G-36-25
[illegible]
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 9,77,48,350.00, EMD : ₹ 6,38,800/-
(3) ବିଜ୍ଞପ୍ତି ସଂ.: e-Tender-Elect-G-37-25
[illegible]
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 7,47,21,425.70, EMD : ₹ 5,23,600/-
[illegible] 36 ମାସ [illegible]
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.05.09.2025ରିଖ 1500 ଘଣ୍ଟାରେ [illegible]
[illegible] www.ireps.gov.in [illegible]
PR-499/O/25-26

# ୧୧ ଫୁଟ୍‌ରୁ ଅଧିକ ହେବନି ତାଜିଆ ଉଚ୍ଚତା

ଭଦ୍ରକ,୨୧।୮(ସନାତନ ରାଉତ)



ପ୍ରସ୍ତୁତି ବୈଠକରେ ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଅଧିକାରୀମାନେ।

## ମହମ୍ମଦ ଜୟନ୍ତୀ ଉପଲକ୍ଷେ ପ୍ରଶାସନର ପ୍ରସ୍ତୁତି ବୈଠକ

- ଶୋଭାଯାତ୍ରାରେ ବାଜିବନି ଡିଜେ
- ସୋସିଆଲ ମିଡିଆରେ ଅପପ୍ରଚାର ନେଇ କଟକଣା
- ବିଦେଶୀ ପତାକା ବ୍ୟବହାର ଉପରେ ପ୍ରତିବନ୍ଧକ

ଭଦ୍ରକ ସହରରେ ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ ଉତ୍ସବରେ ଶୋଭାଯାତ୍ରାରେ ବିଭିନ୍ନ ସାହିବସ୍ତିରୁ ୭୫ଟି ତାଜିଆ ବାହାରିବ। ତାଜିଆର ଉଚ୍ଚତା ୧୧ ଫୁଟ୍‌ରୁ ଅଧିକ ହେବନାହିଁ ବୋଲି ଗୁରୁବାର ସନ୍ଧ୍ୟା ୬ଟାରେ ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଦିଲୀପ ରାଉତରାଏ ଅଧ୍ୟକ୍ଷତା କରିଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶୋଭାଯାତ୍ରାରେ ଡିଜେର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହ ବିଦେଶୀ ପତାକା ବ୍ୟବହାର ଉପରେ କଡ଼ା ପ୍ରତିବନ୍ଧକ ଲଗାଯାଇଛି। ସୋସିଆଲ ମିଡିଆରେ କୌଣସି ଗୁଜବ କିମ୍ବା କୌଣସି ଧର୍ମକୁ ଆକ୍ଷେପ କରି ଅପପ୍ରଚାର କଲେ ଦୃଢ଼ ପଦକ୍ଷେପ ନିଆଯିବ। ସମ୍ବେଦନଶୀଳ ଜାଗାଗୁଡ଼ିକରେ ସିସି କ୍ୟାମେରା ଲଗାଯିବାକୁ ନିଷ୍ପତ୍ତି ନିଆଯାଇଛି।

ମୁସ୍‌ଲିମ୍ ଜମାତର ସଭାପତି ଅବଦୁଲ ମୋକିତ ଖାଁ ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଆସନ୍ତା ସେପ୍ଟେମ୍ବର ୫ କିମ୍ବା ୬ରେ ପର୍ବ ପାଳନ କରାଯିବା ନିମନ୍ତେ ଧାର୍ଯ୍ୟ କରାଯାଇଛି। ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ମୁସ୍‌ଲିମ୍ ସମ୍ପ୍ରଦାୟର ବ୍ୟକ୍ତି ଶୋଭାଯାତ୍ରାରେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି। ଉତ୍ସବ ପୂର୍ବରୁ ସହରରେ ରାସ୍ତାଘାଟର ମରାମତି, ଆଲୋକୀକରଣ, ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ସହରରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଆଦି ବ୍ୟବସ୍ଥାର ତଦାରଖ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ରବିନାରାୟଣ ସାହୁ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ, ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ସହ ଶାନ୍ତି କମିଟି ଓ ମୁସ୍‌ଲିମ୍ ଜମାତର କର୍ମକର୍ତ୍ତା ବୈଠକରେ ଯୋଗ ଦେଇଥିଲେ। ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ, ଶାନ୍ତି କମିଟି ସଦସ୍ୟ ଅତିଶ ବେହେରା, ସୁଧାକର ରାଉତ, ଗୌରାଙ୍ଗ ପଣ୍ଡା, ସେକ୍ ଉମର ଅଲ୍ଲୀ, ଏସ୍.ଏମ୍. ଫାରୁକ୍, ସେକ୍ ମହମ୍ମଦ ଜକାଉଲ୍ଲା, ସେକ୍ ଏନାମ ମହମ୍ମଦ, ହବିବୁଲ୍ଲା ଖାଁ, ଜମିଲ ଅକତର ଖାଁ, ମିର୍ଜା ଏକ୍ରାମ ବେଗ, ସେକ୍ ରଜାଏ ରସୁଲ, ଅସରଫ୍ ଅଲ୍ଲୀ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

# ମୃତ ନାବାଳକଙ୍କ ପରିବାରକୁ ସରକାରୀ ସହାୟତା ଦାବି

ତିହିଡ଼ି,୨୧।୮(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ବାରସର ପଞ୍ଚାୟତ ନୂଆବନ୍ଧ ଗ୍ରାମର ନରହରି ଦାସଙ୍କ ପୁଅ ସ୍ୱାଧୀନ(୧୬)ଙ୍କର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଥିଲା। ନରହରି ଗୁରୁବାର ପୂର୍ବାହ୍ନରେ ଅତିରିକ୍ତ ତହସିଲଦାର ନମିତା ଧଳଙ୍କୁ ଭେଟି ଏ ସମ୍ପର୍କରେ ଜଣାଇବା ସହ ସରକାରୀ ସହାୟତା ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ନରହରି ଦର୍ଶାଇଛନ୍ତି ଯେ, ଗତ ୧୮ ତାରିଖ ସନ୍ଧ୍ୟାରେ ତାଙ୍କ ପୁଅ ସ୍ୱାଧୀନ ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ବହୁ ଖୋଜାଖୋଜି ପରେ ଘରଠାରୁ କିଛି ଦୂରରେ ଥିବା ଏକ ପୋଖରୀରୁ ତାଙ୍କୁ ଉଦ୍ଧାର କରାଯାଇ ତିହିଡ଼ି ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# ରେଳପଥ ଲେଭଲକ୍ରସିଂ ସଂଯୋଗ ରାସ୍ତା ବିପଦସଙ୍କୁଳ



ରେଳପଥ ଲେଭଲକ୍ରସିଂକୁ ସଂଯୋଗ କରୁଥିବା ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି।

ତିହିଡ଼ି,୨୧।୮(ସଞ୍ଜିତ ବଳ)

## ୧୫ଦିନ ଭିତରେ ମରାମତି ନ ହେଲେ ରେଳରୋକୋ

ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ନନ୍ଦପୁର ବଜାରଠାରୁ ତିହିଡ଼ି-ସୟାକୁ ସଂଯୋଗ କରୁଥିବା ରାସ୍ତାର ରେଳପଥ ଲେଭଲକ୍ରସିଂ ପାର୍ଶ୍ୱବର୍ତ୍ତୀ ରାସ୍ତା ବିପଦସଙ୍କୁଳ ହୋଇପଡ଼ିଛି। ଫଳରେ ଅଚକ ଓ ମହରମପୁର ପଞ୍ଚାୟତର ଅଧିବାସୀ ଯାତାୟାତ ପାଇଁ ଦୁର୍ଦ୍ଦଶା ଭୋଗି ଚାଲିଛନ୍ତି। ୨ ପଞ୍ଚାୟତର ଲୋକେ ବିଭିନ୍ନ ସମୟରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ମଧ୍ୟ କୌଣସି ସୁଫଳ ନ ପାଇବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଗୁରୁବାର ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନେ ଡାକ ଯୋଗେ ଏକ ଦାବିପତ୍ର ଜିଲାପାଳଙ୍କ ନିକଟକୁ ପଠାଇଛନ୍ତି। ଆସନ୍ତା ୧୫ଦିନ ଭିତରେ ରାସ୍ତା ମରାମତି ଦିଗରେ ପଦକ୍ଷେପ ନିଆ ନ ଗଲେ ସେମାନେ ରେଳରୋକୋ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ନନ୍ଦପୁର ବଜାରଠାରୁ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଏକ ବ୍ୟସ୍ତବହୁଳ ରାସ୍ତା ଭାବେ ପରିଗଣିତ। ଏହି ରାସ୍ତାରେ ଅଚକ ଓ ମହରମପୁର ସମେତ ପଡ଼ୋଶୀ ପଞ୍ଚାୟତର ଲୋକେ ମଧ୍ୟ ଯାତାୟାତ କରିଥାନ୍ତି। ନନ୍ଦପୁର ବଜାର ନିକଟରୁ ୩ଶହ ମିଟର ଦୂରରେ ଥିବା ଅଚକ ଆଞ୍ଚଳିକ ସହଯୋଗ ହାଇସ୍କୁଲଠାରୁ ଭଦ୍ରକ-ଧାମରା ରେଳପଥ ଲେଭଲକ୍ରସିଂ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ଯାତାୟାତ ଅନୁପଯୋଗୀ ହୋଇପଡ଼ିଛି। ଫଳରେ ପଞ୍ଚାୟତବାସୀଙ୍କ ସମେତ ସ୍କୁଲ, କଲେଜ ଛାତ୍ରୀଛାତ୍ର ସମସ୍ୟାର ସମ୍ମୁଖୀନ ହେବା ସହ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିଲେ ମଧ୍ୟ ଧାମରା ପୋର୍ଟ କମ୍ପାନୀ ଲିମିଟେଡ୍ (ଡିପିସିଏଲ)ର ସୀମା ଅନ୍ତର୍ଭୁକ୍ତ ହୋଇଥିବାରୁ ବିଭାଗ ପକ୍ଷରୁ ରାସ୍ତା ମରାମତି କରାଯାଉ ନାହିଁ। ଅପରପକ୍ଷେ ଡିପିସିଏଲ୍ ପକ୍ଷରୁ ମଧ୍ୟ ମରାମତି ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ରାସ୍ତାର ସେହି ସ୍ଥାନ ଶୋଚନୀୟ ହେବାରେ ଲାଗିଛି। ଛୋଟବଡ଼ ଖାଲଖମାରେ ଭର୍ତ୍ତି ରାସ୍ତାରେ ଯାତାୟତ କରିବା କଷ୍ଟସାଧ୍ୟ ହୋଇଛି। ଆଗକୁ ଆସୁଛି ପାର୍ବଣ ଋତୁ। ନନ୍ଦପୁର ବଜାରରେ ଦୁର୍ଗାପୂଜା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ରାସ୍ତା ମରାମତି ନ ହେଲେ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେବେ। ଏହି ପରିପ୍ରେକ୍ଷୀରେ ତୁରନ୍ତ ରାସ୍ତା ମରାମତି କରାଯିବାକୁ ମାଧବ ଚନ୍ଦ୍ର ପଶୁପାଳକ, ନିରାକାର ବେହେରା, ମନୋଜ ଦାସ, ମହେଶ୍ୱର ନାୟକ, ମାୟାଧର ନାୟକ, ସୀତାକାନ୍ତ ସାହୁ, ଚିନ୍ତାମଣି ସାହୁ, ପ୍ରିୟରଞ୍ଜନ ସାହୁ, ଅଲେଖ ବେହେରା, କରୁଣାକର ମଳିକ, ପ୍ରଭାତ ବୈୟାରୀ ପ୍ରମୁଖ ଦାବି ଜଣାଇଛନ୍ତି।

# ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ

ଭଦ୍ରକ,୨୧।୮(ସନାତନ ରାଉତ)

ବିଭିନ୍ନ ଦାବିରେ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଗୁରୁବାର ଭଦ୍ରକ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବାହ୍ନ ୧୦ଟାରେ ଜିଲାର ବହୁ ଅଙ୍ଗନୱାଡି କର୍ମୀମାନେ ବିଭିନ୍ନ ନାରା ଦେଇ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ ମାନ୍ୟତା, ଅନ୍‌ଲାଇନ କାମ କରିବା ପାଇଁ ଉନ୍ନତମାନର ମୋବାଇଲ କିମ୍ବା ଟ୍ୟାବ୍ ପ୍ରଦାନ, ଗର୍ଭବତୀ, ପ୍ରସୂତି ହିତାଧିକାରୀମାନଙ୍କୁ ଉନ୍ନତମାନର ଖାଦ୍ୟ ପ୍ରଦାନ, ଅବସରକାଳୀନ ଭତ୍ତା ୫ ଲକ୍ଷ ଟଙ୍କାକୁ ବୃଦ୍ଧି ଆଦି ଦାବି ରହିଛି। ଉନ୍ନତମାନର ମୋବାଇଲ ନ ଥିବାରୁ ବର୍ତ୍ତମାନ ଚାଲିଥିବା ପୋଷଣ ଟ୍ରାକର୍ ଓ ଏଫ୍‌ଆର୍‌ଏସ୍ ଭଳି ବିଭିନ୍ନ ଅନ୍‌ଲାଇନ କାମରେ ବାଧା ସୃଷ୍ଟି ହେଉଛି। ଉନ୍ନତମାନର ମୋବାଇଲ ସହ ୱାଇଫାଇ ବ୍ୟବସ୍ଥା, ୩ ମାସ ଭିତରେ ୯ ଶହ ଟଙ୍କା ରିଚାର୍ଜ ପାଇଁ ଯୋଗାଇ ଦେବାକୁ ଦାବି ସେମାନେ କରିଛନ୍ତି। ଅପରପକ୍ଷେ ସିଡିପିଓମାନେ ଦରମା ବନ୍ଦ କରିବା ପାଇଁ ଧମକ ଦେଉଥିବା ଅଭିଯୋଗ ହୋଇଛି। ଅନ୍‌ଲାଇନ କାମ ବନ୍ଦ କରିବା ସହ ସଂଘର ଦାବିକୁ ସରକାର ଶୀଘ୍ର ପୂରଣ କରନ୍ତୁ ବୋଲି ରାଜ୍ୟ ସଭାନେତ୍ରୀ ସୁମିତା ମହାପାତ୍ର କହିଛନ୍ତି। ପରେ ଏକ ପ୍ରତିନିଧି ଦଳ ଜିଲାପାଳ ଦିଲୀପ ରାଉତରାଏଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।




ଶୋଭାଯାତ୍ରାରେ ଅଙ୍ଗନୱାଡି କର୍ମୀ।

# ୫ବର୍ଷ ହେଲା ସରୁନି ରାସ୍ତାକାମ

- ପିଚୁ ଉଠିଯିବାକୁ ନେଇ ଅସନ୍ତୋଷ

ଧୁଷୁରୀ, ୨୧।୮(ଦୀପ୍ତିରଞ୍ଜନ ନାୟକ)

ଭଦ୍ରକ-ଆରଡ଼ି ୩୫ ନଂ. ରାଜ୍ୟ ରାଜପଥ ସମ୍ପ୍ରସାରଣ କାମ ୫ ବର୍ଷ ହେଲା ସରୁନି। ଠିକାଦାର ନିଜ ମନମାନିରେ କାମ ଚାଲୁ ରଖିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ପୁରୁଣା ମୂଲ୍ୟବାନ ଗଛକୁ ହାଣି ଦିଆଯାଇଛି। ହେଲେ ସମ୍ପ୍ରସାରଣ କାର୍ଯ୍ୟ ଅଧାରୁ ଅଟକିଛି। ଶ୍ରାବଣୀ ଯାତ୍ରା ପୂର୍ବରୁ ଏହି ନିର୍ମାଣ କାର୍ଯ୍ୟ ସାରିବାକୁ ଜିଲାପାଳ ଦିଲୀପ ରାଉତରାଏ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତରବରିଆ ଭାବେ ଠିକାଦାର ନିମ୍ନମାନର କାମ କରିଥିବା ରାସ୍ତା ଅବସ୍ଥାରୁ ଜଣାପଡୁଛି। ମଙ୍ଗଳପୁରଠାରୁ ଅସୁରାଳି ମଧ୍ୟରେ ସ୍ଥାନେ ସ୍ଥାନେ ପିଚୁ ଉଠି ଯାଇଥିବା ବେଳେ ପୁନଃ ପିଚୁ କାମ କରାଯିବାର ପ୍ରତିଶ୍ରୁତି ଦେଇ ଠିକାଦାର ଚୁପ୍ ହୋଇ ବସିବା ଓ ସେହି ସ୍ଥାନରେ ଛୋଟ ଛୋଟ ଦୁର୍ଘଟଣା ଘଟୁଥିଲେ ବି ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି।

୧୫ ଦିନ ତଳେ ପତ୍ରିସାହି ନିକଟରେ ହୋଇଥିବା ପିଚୁ କାମ ନିମ୍ନମାନର ହୋଇଥିବା ବେଳେ ଦିନକ ପରେ ପିଚୁ ଉଠିଯାଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ସୁନ୍ଦରପୁର, ଦୋହରାପାଟଣା ଏବଂ ମଠଡିହ ନିକଟରେ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ କିଛି ସ୍ଥାନରେ କେଇ ବସ୍ତା ଡଷ୍ଟ ପକାଇ କାମ କରାଯାଇଛି।



ପତ୍ରିସାହି ନିକଟରେ ରାସ୍ତାରୁ ପିଚୁ ଉଠିଯାଇଛି।

ଏସବୁ ସ୍ଥାନରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏସବୁର ସମାଧାନ ଆଶା କରିବା ବୃଥା ବୋଲି କହିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ। ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ମଲ୍ଲିକ ରାସ୍ତାର ଦୁରବସ୍ଥା ଦେଖି ଦୁଃଖ ପ୍ରକାଶ କରିବା ସହ ନିମ୍ନମାନର କାର୍ଯ୍ୟର ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଏସ୍‌ଡିଓ ମହେଶ୍ୱର ସାହୁ କହିଛନ୍ତି, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତିନିଧି, ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ, ଭଦ୍ରକ ଉପଜିଲାପାଳ ଗୁରୁବାର ସୁନ୍ଦରପୁର, ଦୋହରାପାଟଣା ଓ ମଠଡିହ ଯାଇ ରାସ୍ତା ଅବସ୍ଥା ଦେଖିଛନ୍ତି। ବର୍ଷା ଛାଡ଼ିଲେ ଏସବୁ ସ୍ଥାନରେ ରାସ୍ତାର ସ୍ଥାୟୀ ମରାମତି କରାଯିବ। ଏଥିପାଇଁ ଟେଣ୍ଡର କାର୍ଯ୍ୟ ମଧ୍ୟ ସରିଛି।

# ରୋଟାରି କ୍ଲବ୍ ମିଡ୍‌ଟାଉନର ଅଧିଷ୍ଠାନ ଦିବସ

ଭଦ୍ରକ, ୨୧।୮(ରବିନାରାୟଣ ଖିଲାର)

ରୋଟାରି କ୍ଲବ୍ ମିଡ୍‌ଟାଉନ ଭଦ୍ରକର ୨୧ତମ ଅଧିଷ୍ଠାନ ଦିବସ ସମାରୋହ ରବିବାର ଏକ ହୋଟେଲରେ ରୋଟାରିଆନ ଗୌରବ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ତଥା ରୋଟାରିଆନ ଚୈତାଳି ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ୨୦୨୭-୨୮ ପାଇଁ ରୋଟାରି ଗଭର୍ନର ଇନ୍ଦ୍ରଜିତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ଲବର ଆଭିମୁଖ୍ୟ ସମ୍ବନ୍ଧରେ କହିଥିଲେ। ଅନ୍ୟତମ ନିମନ୍ତ୍ରିତ ଅତିଥି ଧାମରା ବନ୍ଦରର ଏଚ୍‌ସିଏ ଆଶିଷ ଦାସ କ୍ଲବ୍‌ର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ କ୍ଲବ୍‌ର ସଦସ୍ୟତା ଗ୍ରହଣ କରିଥିଲେ। ପୂର୍ବତନ ସଭାପତି ଗୌରବ ଅଗ୍ରୱାଲ ଓ ସମ୍ପାଦକ ନିରଞ୍ଜନ ମଲ୍ଲିକ ଚଳିତବର୍ଷର ସଭାପତି ଭାବେ ସନ୍ଧ୍ୟା ଗୁପ୍ତା ଓ ସମ୍ପାଦକ ଭାବେ ସିଲୁ ଲଖାନୀଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ଜିଲା ୩୨୬୨ର ପ୍ରାକ୍ତନ ସମ୍ପାଦକ, ସାମାଜିକ କର୍ମୀ ରୋଟାରିଆନ ଡ. ଶିଶିର ମିଶ୍ର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏସ୍‌ପିସି ହୋମଗାର୍ଡ ଦୋଳଗୋବିନ୍ଦ ମହାପାତ୍ର, ସହକାରୀ ଅଗ୍ନି ନିର୍ବାହ ଅଧିକାରୀ ପୋରନ ସୋରେନ ଓ ଟ୍ରାଫିକ ହାବିଲଦାର ଅଜୟ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମାଟ୍ରିକରେ ଜିଲାର ଦ୍ୱିତୀୟ ସର୍ବୋଚ୍ଚ ନମ୍ବର ରଖିଥିବା ପଲ୍ଲିଶ୍ରୀ ହାଇସ୍କୁଲର ଛାତ୍ରୀ ଶୁଭଲକ୍ଷ୍ମୀ କରଙ୍କୁ କ୍ଲବ୍ ଓ ବାସୁଦେବ ନାୟକ ସ୍ମୃତିରେ ୨ ହଜାର ଟଙ୍କା ସହ ସାର୍ଟିଫିକେଟ ଓ ଫଳକ ପ୍ରଦାନ, ରାମଚନ୍ଦ୍ର ବିହାରୀଲାଲ ହାଇସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଅଂଶୁମାନ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରିଆନ ଅତିସ ବେହେରା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୫ ରୋଟାରି କ୍ଲବ୍, ୨ଟି ଲାୟନ୍ସ କ୍ଲବ୍, ମାରୱାଡି ଯୁବ ମୋର୍ଚ୍ଚା ଓ ବରିଷ୍ଠ ନାଗରିକ ସଂଘର ସଭ୍ୟମାନେ ଯୋଗ ଦେଇଥିଲେ। ବେଦ ପ୍ରକାଶ ଗୁପ୍ତା, ପ୍ରମୋଦ ଲଖାନୀ, ଅଶୋକ ଲଖାନୀ, ରତନଲାଲ ଗୁପ୍ତା, ସନାତନ ଜେନା, ଅଶୋକ ବିଶ୍ୱାଳ, ମନୋଜ ଅଗ୍ରୱାଲ, ଜିତେନ୍ଦ୍ର ଅଗ୍ରୱାଲ, ସମୀତା ମିଶ୍ର, ଅନୀଲ ଦେ, ସଂଗୀତା ଦେ, ପବିତ୍ର ମୋହନ ଖିଲାର, ପ୍ରୀତି ଅଗ୍ରୱାଲ, ଶଶୀ ଲଖାନୀ, ପ୍ରଣିତା ପଲାର, ଇନ୍ଦ୍ରଜିତ ସିଂ ପ୍ରମୁଖ ସହଯୋଗ କରିଥିଲେ। ମହେଶ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




ରୋଟାରି କ୍ଲବ୍‌ର ଅଧିଷ୍ଠାନ ଦିବସ ସମାରୋହରେ ଅତିଥି ଓ ଅନ୍ୟମାନେ।


**TPNODL**

**TP Northern Odisha Distribution Limited**
(A Tata Power & Odisha Govt. Joint Venture)
Regd. Off: Corp Office, Januganj, RemunaGolei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT) August 22nd, 2025**

**TP Northern Odisha Distribution Limited** invites tender from eligible Bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500001047 | Rate Contract for Supply of Ring type LTCT's of different ratings for FY 25-26. |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

**Chief- Contracts & MM**

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଏଏମ୍‌ସିସି ନୟାଗଡ଼
ଜିଲ୍ଲା: ନୟାଗଡ଼
ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ଏହାପରେ ଆକ୍ଟ କୁହାଯିବ) ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ ।

ଏତଦ୍‌ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ସହ-ଋଣଗ୍ରହୀତାମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି କି ସେମାନେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣ ଆକାଉଣ୍ଟକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି(ଏନପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସେମାନଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ନୋଟିସ୍ ଜାରି କରାଯାଇଥିଲା, କିନ୍ତୁ ସେଗୁଡ଼ିକ ଦିଆଯାଇ ନପାରି ଫେରସ୍ତ ଆସିଅଛି, ଏବଂ ଏଥିପାଇଁ ସେମାନଙ୍କୁ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଅବଗତ କରାଯାଉଅଛି ।

| ଏସବି ଓଡଗାଁ ଶାଖା / ଆକାଉଣ୍ଟ ନଂ. /ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ସୁରକ୍ଷିତ ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଥିବା ସମ୍ପତ୍ତି ଠିକଣା | ନୋଟିସ୍ ତାରିଖ / ଏନ୍‌ପିଏ ତାରିଖ | ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ |
|---|---|---|---|
| ଆକାଉଣ୍ଟ ନଂ.: ୩୩୪୮୭୭୯୧୮୭ (ସିସି) ଋଣଗ୍ରହୀତା: ଶ୍ରୀମତୀ ବସନ୍ତ ମଞ୍ଜରୀ ଆଚାରୀ, ସ୍ୱାମୀ: ଶ୍ରୀ ଶଶି ଭୂଷଣ ଆଚାରୀ / ଗ୍ୟାରେଣ୍ଟିଦାତା: ଶ୍ରୀ ଶଶି ଭୂଷଣ ଆଚାରୀ, ଉଭୟଙ୍କ ଠିକଣା- ସା: ଲକ୍ଷ୍ମୀ ବଜାର, ଓଡଗାଁ, ଜିଲ୍ଲା: ନୟାଗଡ଼ | ଶ୍ରୀ ଶଶି ଭୂଷଣ ଆଚାରୀଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଓଡଗାଁ, ଥାନା: ଓଡଗାଁ, ତହସିଲ ନଂ.: ୨୯୯, ଜିଲ୍ଲା: ନୟାଗଡ, ଖାତା ନଂ.: ୮୩୯/୩୭୪, ପ୍ଲଟ୍ ନଂ.: ୨୨୪୪/୩୦୧୦, କ୍ଷେତ୍ର: ଏକର୦.୦୩ ଡିସିମିଲି, ପ୍ଲଟ୍ ନଂ.: ୨୨୪୬/୩୦୧୧, କ୍ଷେତ୍ର: ଏକର୦.୦୨ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଇନ୍ଦ୍ରମଣୀ ସାହୁ, ପଶ୍ଚିମ: ଇନ୍ଦୁମତୀ ମହାପାତ୍ର, ଉତ୍ତର: ଶଶି ଭୂଷଣ ଆଚାରୀ, ଦକ୍ଷିଣ: ରାସ୍ତା | ୦୧.୦୭.୨୦୨୫ / ୩୦.୦୬.୨୦୨୫ | ୦୧.୦୭.୨୦୨୫ ସୁଦ୍ଧା ଟ.୧୫,୩୪,୫୪୧/- + ସେବାବଦ ସୁଧ ଏବଂ ଖର୍ଚ୍ଚ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଋଣଗ୍ରହୀତାମାନଙ୍କୁ ଏବଂ/କିମ୍ବା ସେମାନଙ୍କର ଗ୍ୟାରେଣ୍ଟିଦାତାମାନଙ୍କୁ (ଯେଉଁଠାରେ ପ୍ରଯୁଜ୍ୟ) ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩ର ଉପଧାରା (୪) ଅନୁସାରେ ଏହି ନୋଟିସ୍‌ର ୬୦ଦିନ ଅତିକ୍ରାନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ।

ସ୍ଥାନ: ନୟାଗଡ଼, ତାରିଖ : ୨୧.୦୮.୨୦୨୫ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**न्यायालय कलेक्टर**
**जिला सारंगढ़-बिलाईगढ़ (छ.ग.)**
**सूचना पत्र**

क्रमांक/464/रीडर/2025 — सारंगढ़, दिनांक : 14.08.2025

प्रति,
1. श्री इन्द्रजीत बाघ, पिता: सत्यानंद बाघ
साकिन-कुड़ापाली, थाना: अम्बाभौना, जिला: बरगढ़ (उड़ीशा)
2. श्री नरसिंग राणा उर्फ विनोद, पिता: पुनाऊ राणा
साकिन-जामपाली, थाना: अम्बाभौना, जिला: बरगढ़ (उड़ीशा)
3. श्री लक्ष्मण प्रसाद ओग्रे, पिता: बट्टूलाल ओग्रे (वाहन स्वामी)
ग्राम: पामगढ़, जिला: जांजगीर-चांपा

**विषय:** प्रकरण की सुनवाई हेतु उपस्थित होने बाबत्। पेशी दिनांक 16.09.2025.
आपको पेपर प्रकाशन के जरिये सूचित किया जाता है कि इस न्यायालय के छ.ग. आबकारी अधिनियम के तहत लंबित प्रकरण क्रमांक 202505321300007/अ-47क (2)/2024-2025 पक्षकार छ.ग. शासन बनाम इन्द्रजीत बाघ वगै. में आगामी पेशी दिनांक 16.09.2025 को नियत है। उक्त सुनवाई तिथि में आपकी उपस्थिति अनिवार्य है। निर्धारित तिथि को उपस्थित नहीं होने की दशा में आपके विरूद्ध एक पक्षीय कार्यवाही कर दी जावेगी।
(कले. महो. द्वारा आदेशित)
G-252602931/1 — स्वा:/- अपर कलेक्टर, सारंगढ़-बिलाईगढ़

No.CAD-1477
**OFFICE OF THE EXECUTIVE ENGINEER LIFT IRRIGATION DIVISION, BHADRAK**
E-mail : eelidbdk@gmail.com
**E-Procurement Notice**
**Bid Identification No.01/2025-26 (3047)/OLIC (BDK)/ Dt.14.08.2025**

The Executive Engineer, Lift Irrigation Division, Bhadrak on behalf of Odisha Lift Irrigation Corporation Limited, Bhubaneswar invites percentage Rate bids for Installation and Energisation of Lift Irrigation Projects on Turnkey basis from reputed Contractors/Firms having EXPERIENCE in similar nature of work with valid PWD License of required class for Civil Works should have Truck Mounted Mud Rotary Rig for Drilling of TWs including the Erection of 11 KV Line, L.T Line & Commissioning of Electrical Substation for power supply to L.I Projects along with installation of Pump Set, Starter and its energisation. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. | Number of Projects | 11 Nos. L.I. Ps (BKVY) for the year 2025-26 |
| 2. | Estimated Cost | Rs.23.84 Lakh to Rs.24.10 Lakh |
| 3. | Cost of Tender Paper | Rs.7080/- (including GST @ 18%) as mentioned against each L.I. Project through online mode as mentioned in DTCN |
| 4. | Date and Time of Publication | Dt.25.08.2025 from 11.00 A.M. |
| 5. | Date & Time of Closing with Seeking Clarification | Dt.03.09.2025 up to 5.00 P.M. |
| 6. | Date & Time of Opening of Bid | Dt.04.09.2025 at 11.00 A.M. |
| 7. | The bidders have to participate in online bidding only as per Codal provision. | |

Further details can be seen from the website www.tendersorissa.gov.in. Addendum/corrigendum/cancellation of tender if any can be seen in the said website.

OIPR-32239/11/0003/2526 — Sd./- Executive Engineer

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. MSM-HYDPNE-SBP-KBJ-19-25
**କାର୍ଯ୍ୟର ନାମ :** ତିନି ବର୍ଷ ନିମନ୍ତେ ସମ୍ବଲପୁର ଏବଂ କଣ୍ଟାବାଞ୍ଜିର 140T BD କ୍ରେନ୍‌ର ହାଇଡ୍ରୋଲିକ୍ ଏବଂ ନ୍ୟୁମେଟିକ୍ (Hydraulic and Pneumatic) ସିଷ୍ଟମ୍ (ମୁଖ୍ୟ ଇଞ୍ଜିନ୍ ଏବଂ SLI ସିଷ୍ଟମ ବ୍ୟତୀତ ସମସ୍ତ ସିଷ୍ଟମ)ର ରକ୍ଷଣାବେକ୍ଷଣ ନିମନ୍ତେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 40,35,968.00, EMD : ₹ 80,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : 36 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** 05.09.2025, 1500 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଆସିଷ୍ଟାଣ୍ଟ ଡିଭିଜନାଲ ମେକାନିକାଲ ଇଞ୍ଜିନିୟର (ପରିବହନ) / ସମ୍ବଲପୁର
PR-501/Q/25-26

**ପୂର୍ବ ତଟ ରେଳପଥ**
(1) ବିଜ୍ଞପ୍ତି ସଂ.: e-Tender-Elect-G-35-25
**କାର୍ଯ୍ୟର ବିବରଣୀ :** ତିନି ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭୁବନେଶ୍ୱର କୋଚିଙ୍ଗ୍ ଡିପୋ ଠାରେ LHB / SGAC ଟାଇପ୍ AC କୋଚ୍, ପାୱାର କାର, ପ୍ୟାଣ୍ଟ୍ରି କାର, ହାଇବ୍ରିଡ୍ ଟାଇପ୍ LHB AC କୋଚ୍ ଏବଂ RA / ପର୍ଯ୍ୟବେକ୍ଷଣ କାର୍ / WCD / LOMS କୋଚ୍‌ଗୁଡ଼ିକ ଭଳି ଅନ୍ୟାନ୍ୟ ସ୍ୱତନ୍ତ୍ର କୋଚ୍‌ଗୁଡ଼ିକରେ ଲାଗିଥିବା RMPUs ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 11,29,27,274.82, EMD : ₹ 7,14,600/-
(2) ବିଜ୍ଞପ୍ତି ସଂ.: e-Tender-Elect-G-36-25
**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ସ୍ଥାନରେ 164 ଗୁମଟିଗୁଡ଼ିକରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ସହିତ ପ୍ରିସିଜନ (Precision) ACsର ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 9,77,48,350.00, EMD : ₹ 6,38,800/-
(3) ବିଜ୍ଞପ୍ତି ସଂ.: e-Tender-Elect-G-37-25
**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଷ୍ଟେସନଗୁଡ଼ିକରେ କଲର ଲାଇଟ୍ ସିଗ୍‌ନାଲିଙ୍ଗ୍ ପ୍ୟାନେଲ ନିମନ୍ତେ ଅତ୍ୟଧିକ ପୁରୁଣା (Over aged) ଅଟୋ ଚେଞ୍ଜଓଭର ପ୍ୟାନେଲର ପୁନଃସ୍ଥାପନ ସହିତ ବୈଦ୍ୟୁତିକ ସମ୍ପତ୍ତିର (Asset) ବୃଦ୍ଧିକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 7,47,21,425.70, EMD : ₹ 5,23,600/-
ଶେଷ ହେବା ଅବଧି : 36 ମାସ (କ୍ରମ ସଂ. 1 ପାଇଁ), 04 ମାସ (କ୍ରମ ସଂ. 2 ପାଇଁ) ଏବଂ 06 ମାସ (କ୍ରମ ସଂ. 3 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.05.09.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ପାଇଁ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ଖୋର୍ଦ୍ଧା ରୋଡ଼
PR-499/Q/25-26

# ପଥର ସନ୍ଧିରେ ଚାପି ହୋଇ ଛାତ୍ରଙ୍କ ମୃତ୍ୟୁ

## ଝରଣାରେ ଗାଧୋଇବା କାଳ ହେଲା

ପାତ୍ରପୁର,୨୧।୮
(ଉମା ଚରଣ ନେପାକ)

ଗଞ୍ଜାମ ଜିଲା ଜରଡା ଥାନା ତୁମ୍ବା ପଞ୍ଚାୟତ ସୁନାରୀବାଡ ନିକଟ ମେଙ୍କାଡ଼ାଇ ଗ୍ରାମରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଯାଇଛି। ଗ୍ରାମଠାରୁ ଅଳ୍ପ ଦୂରରେ ଥିବା ଝରଣାରେ ଗାଧୋଉଥିବା ବେଳେ ପଥର ତଳେ ଚାପି ହୋଇ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଭୀମ ଶବରଙ୍କ ପୁଅ ଶଙ୍କର ଶବର (୧୨)। ସେ ଅଣ୍ଡରସିଙ୍ଗି ପ୍ରାଥମିକ ବିଦ୍ୟାଳୟରେ ପଢୁଥିଲେ। ଖବରରୁ ଜଣାପଡିଛି, ସକାଳେ ଶଙ୍କର ତାଙ୍କର ଅନ୍ୟ ୨ ସାଙ୍ଗଙ୍କ ସହ ନିକଟରେ ଥିବା ଏକ ଝରଣାକୁ ଗାଧୋଇବା ପାଇଁ ଯାଇଥିଲେ। ଝରଣାରେ ତିନି ଛାତ୍ର ଗାଧୋଉଥିବା ବେଳେ ହଠାତ୍ ଝରଣାର ଉପର ପଟରେ ଥିବା ପାହାଡ଼ରୁ ଏକ ବଡ଼ ପଥର ଖସି ଆସି ୨ଖଣ୍ଡ ହୋଇ ଝରଣାରେ ପଡିଥିଲା। ଫଳରେ ଶଙ୍କର ଦୁଇଟି ପଥର ସନ୍ଧିରେ ଚାପି ହୋଇ ରହିଯାଇଥିଲେ। ତାଙ୍କ ସହିତ ଥିବା ଅନ୍ୟ ଦୁଇ ଛାତ୍ରଙ୍କ ମଧ୍ୟରୁ ଜଣେ ଗ୍ରାମକୁ ଦୌଡିଯାଇ ଗ୍ରାମବାସୀଙ୍କୁ ଡାକି ଆଣିଥିଲେ। ଗ୍ରାମବାସୀ ଝରଣାଠାରେ


ଶଙ୍କର ଶବର

ପହଞ୍ଚି ଶଙ୍କରଙ୍କୁ ପଥର ସନ୍ଧିରୁ ଉଦ୍ଧାର କରି ଦୋଳାରେ ବୋହି ଆଣିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଜରଡା ଥାନା ଏଏସ୍ଆଇ କୃଷ୍ଣଚନ୍ଦ୍ର ଭୂୟାଁ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ। ନଂ. ୧୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଟୁନା ସାସମଲ କହିଛନ୍ତି।

# ବିଏସ୍ଇ, ସିଏଚ୍ଏସ୍ଇକୁ ମିଶାଇ ହେବ ଗୋଟିଏ ବୋର୍ଡ

## ଆସନ୍ତା ୩ ବର୍ଷରେ ପୂରଣ ହେବ ୪୪,୪୩୩ ଶିକ୍ଷକ ପଦବୀ

- ସ୍କିମାଟିକ୍ ପ୍ରାଥମିକ ଶିକ୍ଷକଙ୍କୁ ନିୟମିତ କରିବାକୁ ନିଆଯିବ ପଦକ୍ଷେପ
- ନୂତନ ଶିକ୍ଷାନୀତି ଅନୁଯାୟୀ ଆଉ ୩୯, ୩୬୬ ପଦବୀ ସୃଷ୍ଟି କରାଯିବ
- ୩୦୦ ପିଲାଙ୍କ ପାଇଁ ଜଣେ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ ହେବେ

ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)

ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରାଥମିକ ଶିକ୍ଷାର ଯଥେଷ୍ଟ ଗୁରୁତ୍ୱ ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଅଧିକ ଫୋକସ୍ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରେ ଗୁରୁବାର ମୁଖ୍ୟମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକ୍ରମ ସମୀକ୍ଷାକରି ଏହି ପରାମର୍ଶ ଦେବା ସହ ଅନେକ ନୂତନ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ସ୍କିମାଟିକ୍ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ନୂତନ ଶିକ୍ଷାନୀତି ଅନୁଯାୟୀ ଅଧିକ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ରାଜ୍ୟରେ ବର୍ତ୍ତମାନ ୪୫,୨୯୨ଟି ପ୍ରାଥମିକ ବିଦ୍ୟାଳୟରେ ୧, ୬୦, ୩୧୯ ଟି ଶିକ୍ଷକ ପଦବୀ ରହିଛି। ନୂତନ ଶିକ୍ଷାନୀତି ଅନୁଯାୟୀ ଆଉ ୩୯, ୩୬୬ଟି ପଦବୀ ସୃଷ୍ଟି କରାଯିବ। ଏହାସହ ଡିସେମ୍ବର ୨୦୨୫ ସୁଦ୍ଧା ୫,୦୬୭ଟି ଶିକ୍ଷକ ପଦବୀ ମଧ୍ୟ ଖାଲି ହେବ। ତେଣୁ ଏହି ସମସ୍ତ ପଦବୀକୁ ମିଶାଇ ଆସନ୍ତା ୩ ବର୍ଷ ମଧ୍ୟରେ ୪୪, ୪୩୩ଟି ପଦବୀ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷକୁ ପ୍ରାୟ ୧୫ ହଜାର ପଦବୀ ପୂରଣ କରାଯିବ।

ସ୍କୁଲ ଶିକ୍ଷାକୁ ସୁଦୃଢ଼ ଓ ଉନ୍ନତ କରିବା ପାଇଁ ରାଜ୍ୟରେ ଗୋଟିଏ ବୋର୍ଡର ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଏହି ଅନୁଯାୟୀ ରାଜ୍ୟର ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ, ସିଏଚ୍ଏସଇ) କୁ ମିଶାଇ ଗୋଟିଏ ବୋର୍ଡ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉଥିବା ବେଳେ ନବମ ଓ ଦଶମ ଶ୍ରେଣୀରେ କେବଳ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ପାଠ୍ୟପୁସ୍ତକ ଦିଆଯାଉଛି। ନବମ ଓ ଦଶମ ଶ୍ରେଣୀର ସବୁ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଶିକ୍ଷାର ଆବଶ୍ୟକତା ସହିତ ସ୍ୱାସ୍ଥ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ହଷ୍ଟେଲରେ ରହୁଥିବା ପିଲାମାନଙ୍କ ଲାଗି ଏନ୍ଏମ୍ ନିଯୁକ୍ତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତ୍ୟେକ ୩୦୦ ପିଲାଙ୍କ ପାଇଁ ଜଣେ ଏଏନ୍ଏମ ବା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ନୂତନ ବେସରକାରୀ ବିଦ୍ୟାଳୟ ଅନୁମୋଦନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଅନ୍‌ଲାଇନ ପ୍ରକ୍ରିୟାରେ କରିବା ପାଇଁ ବୈଠକରେ ନିଷ୍ପତ୍ତି କରାଯାଇଛି। ସେହିପରି ଆଦିବାସୀ ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ଦେବା ଉପରେ ଗୁରୁତ୍ୱାରୋପ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ପିଲାମାନଙ୍କ ସହିତ ଭାଷାଗତ ଯୋଗାଯୋଗରେ ସୁବିଧା ହେବ ଏବଂ ଶିକ୍ଷାର ମାନ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ସହିତ ଏସ୍ସିଏସ୍ଟିଆର୍‌ଟିଆଇ ସହଯୋଗରେ କୋରାପୁଟରେ ଏକ ବହୁଭାଷୀ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯିବ। ସେହିପର ଭିନ୍ନକ୍ଷମ ପିଲାଙ୍କ ଶିକ୍ଷା ପାଇଁ ନିୟମିତ ଶିକ୍ଷକମାନଙ୍କୁ ଯେଉଁମାନେ ବିଇଡି କରିଥିବେ, ସେମାନଙ୍କୁ ବିଭିନ୍ନ କ୍ଲଷ୍ଟରରେ ରିସୋର୍ସ ପର୍ସନ ଭାବେ ନିଯୁକ୍ତି ଦିଆଯିବ। ଏନ୍ସିଇଆର୍‌ଟି ଢାଞ୍ଚାରେ ଏସ୍ସିଇଆର୍‌ଟିକୁ ବିକଶିତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଡାଇରେକ୍ଟର ଅଫ ଟେକ୍ସଟବୁକ୍ ପବ୍ଲିକେସନ ଆଣ୍ଡ ମାର୍କେଟିଂ ସଂସ୍ଥାର ସୁଦୃଢ଼ୀକରଣ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ବୈଠକରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ, ଓସେପାର ନିର୍ଦ୍ଦେଶିକା ଅନନ୍ୟା ଦାସ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପିଏମ୍ କୃଷି ସିଞ୍ଚାୟୀ ଯୋଜନା: ପାଣି ବ୍ୟବହାରରେ ଓଡ଼ିଶା ଶ୍ରେଷ୍ଠ

ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା ୨.୦ ର ଜଳବିଭାଜିକା ଅଧୀନରେ ପାଣି ବ୍ୟବହାରରେ ଓଡ଼ିଶା ସର୍ବୋତ୍ତମ ପ୍ରଦର୍ଶନକାରୀ ରାଜ୍ୟ ହୋଇଛି। କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଦେଶର ସମସ୍ତ ରାଜ୍ୟ ଏବଂ ଜମ୍ମୁ କଶ୍ମୀର, ଲଦାଖ କେନ୍ଦ୍ରଶାସିତ ପ୍ରଦେଶର ଜଳବିଭାଜିକା-ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା ୨.୦ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଅନୁମୋଦିତ ପାଣିର ୮୩% ବ୍ୟବହାରକରି ଓଡ଼ିଶା ସାରା ଦେଶରେ ୧ମ ସ୍ଥାନରେ ରହିଛି। ଏହି ପ୍ରକଳ୍ପର ଅବଧି ୨୦୨୧-୨୨ ଆର୍ଥିକ ବର୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରହିଥିବା ବେଳେ ମୋଟ ପ୍ରକଳ୍ପ ବ୍ୟୟ ୭୫୯.୨୭ କୋଟି ଟଙ୍କା ଏବଂ ଏଥିରେ କେନ୍ଦ୍ର ଏବଂ ରାଜ୍ୟ ଅଂଶ ୬୦:୪୦ ରହିଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସମୀକ୍ଷା ସମୟରେ କେନ୍ଦ୍ରମନ୍ତ୍ରୀଙ୍କୁ ଓଡ଼ିଶା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ଡବ୍ଲ୍ୟୁଡିସି-ପିଏମ୍‌କେଏସ୍‌ୱାଇ ୨.୦ ଅଧୀନରେ ଆବଣ୍ଟିତ ପାଣିର ସର୍ବୋତ୍ତମ ବ୍ୟବହାର ପାଇଁ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଏହା ମଧ୍ୟ ଆଲୋକପାତ କରିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷରେ ଡବ୍ଲ୍ୟୁଡିସି-ପିଏମ୍‌କେଏସ୍‌ୱାଇ ୨.୦ ଅଧୀନରେ ୭ଟି ଅତିରିକ୍ତ ପ୍ରକଳ୍ପ ମଞ୍ଜୁର କରାଯାଇଛି ଯାହାର ମୋଟ ପ୍ରକଳ୍ପ ବ୍ୟୟ ୮୨.୧୦ କୋଟି ଟଙ୍କା ହେବ। ଏହାଦ୍ୱାରା ସମନ୍ୱିତ ଜଳଛାୟା ପରିଚାଳନା ମାଧ୍ୟମରେ ଜମିର ଉତ୍ପାଦନ କ୍ଷମତା ବୃଦ୍ଧି କରାଯାଇପାରିବ।

# ଭାଜପା ପୂର୍ବତନ ଜିଲା ସଭାପତି, କୁଜାସିଂ ପୂର୍ବତନ ସରପଞ୍ଚ ଦଳରୁ ନିଲମ୍ବିତ

## ଦଳ ବିରୋଧୀ କାର୍ଯ୍ୟ ମହଙ୍ଗା ପଡ଼ିଲା

ପାରଳାଖେମୁଣ୍ଡି,୨୧।୮
(ଗିରିଧାରୀ ପରିଛା)

ଦଳୀୟ ବିଶୃଙ୍ଖଳା ଓ ଦଳ ବିରୋଧୀ କାର୍ଯ୍ୟ ପାଇଁ ଗଜପତି ଜିଲା ଭାଜପାର ପୂର୍ବତନ ସଭାପତି ସିଦ୍ଧେଶ୍ୱର ମିଶ୍ର ଓ ଗୁମ୍ମା ବ୍ଲକ କୁଜାସିଂ ପଞ୍ଚାୟତର ପୂର୍ବତନ ସରପଞ୍ଚ କାହ୍ନୁ ଭୂୟାଁଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଏନେଇ ଗଜପତି ଜିଲା ଭାଜପା ସଭାପତି ନବ କିଶୋର ଶବର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗତ ନିର୍ବାଚନ ସମୟରେ ସିଦ୍ଧେଶ୍ୱର ଓ କାହ୍ନୁ ଦଳରେ ଥାଇ ସୁଦ୍ଧା ଅନ୍ୟ ଦଳର ପ୍ରାର୍ଥୀଙ୍କୁ ସହାୟତା କରିଥିଲେ। ସେହିପରି ନିର୍ବାଚନ ପରେ ମୋହନାରେ ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ଧରି ବିଭିନ୍ନ ଦଳ ବିରୋଧୀ କାର୍ଯ୍ୟ କରୁଥିଲେ। ଫଳରେ ଦଳ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ଏନେଇ ସିଦ୍ଧେଶ୍ୱର ନିଜ ପ୍ରତିକ୍ରିୟାରେ କହିଛନ୍ତି, ଜିଲା ସଭାପତି ଜଣେ ଅପରିପକ୍ୱ ନେତା। ତେଣୁ ଏଭଳି ନିଷ୍ପତ୍ତି ନେଇଛନ୍ତି। ସେ ଏବେ ଦଳକୁ ଆସିଛନ୍ତି। ଫଳରେ ଦଳର ନିୟମକୁ ଜାଣିନାହାନ୍ତି।

# ବିନା ଆଇଓଟି ଫ୍ଲୋମିଟରରେ ପାଣି ଚୋରି

## ୩୫ ଶିଳ୍ପାନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚେତାବନୀ

ଯାଜପୁର,୨୧।୮(ହର୍ଷବର୍ଦ୍ଧନ ବେହେରା)

ଜଳ ସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ସହର, ଶିଳ୍ପ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡିକୁ ଆଇନ ଅନୁଯାୟୀ ଜଳଯୋଗାଣ କରାଯାଉଛି। ତେବେ କେଉଁ ଅନୁଷ୍ଠାନ କେତେ ଜଳ ଉତ୍ତୋଳନ କରୁଛି ତା'ର ହିସାବ ରଖିବାକୁ ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍(ଆଇଓଟି)ଜଳ ମାପକ ଯନ୍ତ୍ର ଫ୍ଲୋମିଟର ବ୍ୟବହାର କରାଯାଉଛି। ଏହି ଯନ୍ତ୍ରର ମିଟର ଅନୁଯାୟୀ ସରକାରଙ୍କ ପକ୍ଷରୁ ଜଳକର ଆଦାୟ ହେଉଛି। ଏହି ଯନ୍ତ୍ରରେ ସଂପୃକ୍ତ ଶିଳ୍ପାନୁଷ୍ଠାନ କେତେ ଜଳ ଉତ୍ତୋଳନ କରୁଛି ତାହାର ହିସାବ ଯନ୍ତ୍ରରେ ଲାଗିଥିବା ମେଶିନରେ ମଧ୍ୟ ସୂଚନା ଦେବ। କିନ୍ତୁ ବିଡମ୍ବନା ଯେ, ରାଜ୍ୟର ୮୮ଟିରୁ ୩୫ ଶିଳ୍ପାନୁଷ୍ଠାନରେ ଆଇଓଟି ଫ୍ଲୋମିଟର ଏଯାଏ ଲାଗି ପାରିନାହିଁ। ଫଳରେ ଏହି ଶିଳ୍ପାନୁଷ୍ଠାନଗୁଡିକ ମନଇଚ୍ଛା ବିଭିନ୍ନ ନଦୀନାଳ ଓ ଅନ୍ୟାନ୍ୟ ଜଳଉତ୍ସରୁ ପାଣି ଚୋରି କରୁଥିବା ସ୍ପଷ୍ଟ ହୋଇଛି।

ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କଳିଙ୍ଗନଗର ଶିଳ୍ପାଞ୍ଚଳର ନୀଳାଚଳ ଇସ୍ପାତ ନିଗମ ଲିଃ(ଏନ୍ଆଇଏନ୍ଏଲ୍) ଖରସ୍ରୋତା ନଦୀରୁ ୧୨.୯୪ କ୍ୟୁସେକ ଜଳ ବ୍ୟବହାର କରୁଥିବାବେଳେ ଏଯାଏ ଫ୍ଲୋମିଟର ଲଗାଇ ନାହିଁ। ସେହିପରି ସମ୍ବଲପୁର ବିଆର ଷ୍ଟିଲ ଆଣ୍ଡ ପାୱାର, ଝାରସୁଗୁଡ଼ା ଇଷ୍ଟର୍ନ ଷ୍ଟିଲ ଆଣ୍ଡ ପାୱାର, ଭୂଷଣ ପାୱାର ଏଣ୍ଡ ଷ୍ଟିଲ ଲିଃ, ଆର୍ସେଲର ମିତ୍ତଲ



ନିପନ ଷ୍ଟିଲ ଇଣ୍ଡିଆ ଲିଃ, ବ୍ରାହ୍ମଣୀପାଳ ଫେରୋ ଆଲୋଏଜ ପ୍ଲାଣ୍ଟ, ଜିଏମ୍ଆର କମଲଙ୍ଗା ଏନର୍ଜି ଲିଃ, ଭୂଷଣ ଷ୍ଟିଲ ଆଣ୍ଡ ଷ୍ଟ୍ରିପ ଲିଃ, ଓସିଏଲ ଇଣ୍ଡିଆ ସିମେଣ୍ଟ ଏଣ୍ଡ ରେଫ୍ରାକ୍ଟୋରି ପ୍ଲାଣ୍ଟ, ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିଃ, ଜେକେ ପେପର ଲିଃ, ଝାରସୁଗୁଡା ବେଦାନ୍ତ ଆଲୁମିନା ଲିଃ, ଆଇଟିପିସି ଲିଃ, ହିର୍ମା ଏସ୍ଏମ୍ସି ପାୱାର ଜେନେରେଶନ ଲିଃ, ବଡମାଲ ଏସ୍ଏମ୍ସି ପାୱାର ଜେନେରେଶନ ଲିଃ, ଓଡ଼ିଶା ସ୍ପଞ୍ଜ ଆଇରନ ଲିଃ, ଯୋଡା ଟାଟା ଷ୍ଟିଲ ମାଇନ୍ସ ଡିଭିଜନ, ବଡବିଲ ସେଲ, ବୋଲାନି ଓର୍ ମାଇନ୍ସ ଅଫ୍ ସେଲ, ଏମଜିଏମ୍ ମାଇନ୍ସ ଲିଃ, ଲାର୍ସେନ ଆଣ୍ଡ ଟର୍ବୋ ଲିଃ, ବରସୁଆ ଆଇରନ ଓର ମାଇନ୍ସ ଅଫ୍ ସେଲ୍, ମାସ୍ ବାୟୋ ଫୁଏଲ ପ୍ରାଲିଃ, ଲଖନପୁର ଏମ୍ସିଏଲ୍, ଆଇବି ଭ୍ୟାଲି ଏମ୍ସିଏଲ୍, ବେଲପାହାଡ ଏମ୍ସିଏଲ୍ ଇଣ୍ଟିଗ୍ରେଟେଡ ଟାଉନ ଶିପ, ପାରାଦୀପ ପୋର୍ଟ ଟ୍ରଷ୍ଟ, ଆଇଓସିଏଲ୍ ପାରାଦୀପ ରିଫାଇନେରି ପ୍ରୋଜେକ୍ଟ, ଭଦ୍ରକ ଫେକର ପାୱାର ଲିଃ, ଭରତପୁର ଏମ୍ସିଏଲ, ଏମ୍ସିଏଲ ଇଣ୍ଟିଗ୍ରେଟେଡ ୱାଟର ସପ୍ଲାଏ ସ୍କିମ, ଏମ୍ସିଏଲ ଲିଙ୍ଗରାଜ ଓସିପି, ଏମ୍ସିଏଲ ବସୁନ୍ଧରା ଓ ରାଉରକେଲା ସେଲ୍ ଆଇଓଟି ଫ୍ଲୋମିଟର ଲଗାଇ ନାହାନ୍ତି।

ସୂଚନାଯୋଗ୍ୟ, ଉପରୋକ୍ତ ଶିଳ୍ପାନୁଷ୍ଠାନ ସ୍ଥାନୀୟ ଅଞ୍ଚଳର ଭୂତଳ ଜଳସ୍ତର ତଳକୁ ଚାଲି ଯାଇଥିବାବେଳେ ଗ୍ରୀଷ୍ମଋତୁରେ ଅଞ୍ଚଳର ବନ୍ଧ, କଟା, ନାଳ ଇତ୍ୟାଦି ଶୁଖି ଯାଇଥାଏ। ଫଳରେ ଅଞ୍ଚଳବାସୀ ଗ୍ରୀଷ୍ମ ଋତୁରେ ଜଳ କଷ୍ଟରେ ହନ୍ତସନ୍ତ ହୋଇଥାନ୍ତି। ଏହାକୁ ନେଇ ସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିବାବେଳେ ଲୋକେ ଆପତ୍ତି କଲେ ମଧ୍ୟ କେହି ଶୁଣୁନାହାନ୍ତି। ଅନ୍ୟପକ୍ଷେ ଅନେକ ଶିଳ୍ପାନୁଷ୍ଠାନ ପାଣି ନେଇ ଉପଯୁକ୍ତ ଭାବେ ଜଳକର ଦାଖଲ କରୁ ନ ଥିବା ବିଭିନ୍ନ ସମୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ତାଗିଦା କରାଯାଉଛି। କେତେକାଂଶରେ ଅତି ନିମ୍ନମାନର ଫ୍ଲୋମିଟର ଜରିଆରେ ପାଣି ଯୋଗାଇ ଦିଆଯାଉଥିବାରୁ ବାସ୍ତବରେ କେତେ ପରିମାଣର ପାଣି ଯାଉଛି ତାହା ମଧ୍ୟ ଆକଳନ କରିବା ସମ୍ଭବ ହୋଇ ପାରୁନାହିଁ। ଏଭଳି ଭାବେ ଭୂତଳ ଓ ନଦୀଜଳକୁ ଖଣି ଓ ଶିଳ୍ପାନୁଷ୍ଠାନ ଲୁଟ କରି ଆସୁଥିଲେ ହେଁ ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏହିକ୍ରମରେ ଜଳସମ୍ପଦ ବିଭାଗର ଚିଫ୍ ଇଞ୍ଜିନିୟର ଆଇଓଟି ଫ୍ଲୋମିଟର ଲଗାଇ ନ ଥିବା ଉପରୋକ୍ତ ଶିଳ୍ପାନୁଷ୍ଠାନ ବିରୋଧରେ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରିବାକୁ ୧୬।୮।୨୦୨୫ରେ ବିଭାଗୀୟ ଅତିରିକ୍ତ ସଚିବଙ୍କୁ ପତ୍ର ଲେଖିଛନ୍ତି।

# କଂଗ୍ରେସ ଗଠନ କଲା ସୃଜନ, ୱାର ରୁମ୍ କମିଟି

ଭୁବନେଶ୍ୱର,୨୧।୮
(ରବିନାରାୟଣ ଜେନା)

ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଓଡ଼ିଶାର ୩୫ ଗୋଟି ଜିଲା କଂଗ୍ରେସ କମିଟି ସଭାପତି ଚୟନ ପ୍ରକ୍ରିୟା ନିମନ୍ତେ ଅଖିଳ ଭାରତ କଂଗ୍ରେସ କମିଟି ୩୫ ଏଆଇସିସି ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ଏହି ପର୍ଯ୍ୟବେକ୍ଷକମାନଙ୍କ ସହିତ ଯୋଗାଯୋଗ ଓ ସମନ୍ୱୟ ରଖିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଗୁରୁବାର ଏକ ରାଜ୍ୟସ୍ତରୀୟ ସୃଜନ କମିଟି ଏବଂ ୱାର୍‌ରୁମ କମିଟି ଗଠନ କରିଛନ୍ତି। ଉପରୋକ୍ତ ଦୁଇ କମିଟି ମିଳିତ ଭାବେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ସୃଜନ କମିଟିରେ ଅଧକ୍ଷ ଭାବେ ଡ. ଦେବାଶିଷ ପଟ୍ଟନାୟକ ରହିଥିବା ବେଳେ ସହ ଅଧକ୍ଷ ଭାବେ ସୁଧାଂଶୁ ଶେଖର ଦେଓ ରହିଛନ୍ତି। ସେହିପରି ୱାର୍‌ରୁମ କମିଟିର ଅଧକ୍ଷ ଭାବେ ମନୋରଞ୍ଜନ ଦାଶ ରହିଥିବା ବେଳେ ସଭ୍ୟ ଭାବରେ ତରୁଣ ମିଶ୍ର, ବାଙ୍କନିଧି ବେହେରା, ଶାନ୍ତନୁ କୁମାର ସାହୁ ଓ ଜୟଶ୍ରୀ ପାତ୍ର ରହିଛନ୍ତି।

# ପଦୋନ୍ନତି,ବଦଳି ହୋଇଥିବା ଅଧିକାରୀ ବାହ୍ୟ ପ୍ରଭାବ ଆଣିବାକୁ ଚେଷ୍ଟାକଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)

କୃଷି ସଚିବ ଅରବିନ୍ଦ କୁମାର ପାଢ଼ୀ ଏକ ଆଦେଶନାମା ଜାରିକରି କହିଛନ୍ତି, ସମସ୍ତ ପଦୋନ୍ନତିପ୍ରାପ୍ତ/ ବଦଳି ହୋଇଥିବା ଅଧିକାରୀମାନେ ବିଳମ୍ବ ନ କରି ସେମାନଙ୍କ ନିଯୁକ୍ତ ସ୍ଥାନରେ ଯୋଗଦେବା ଉଚିତ। କୌଣସି ପରିସ୍ଥିତିରେ ସରକାରୀ ନିର୍ଦ୍ଦେଶର କାର୍ଯ୍ୟକାରିତାକୁ ସ୍ଥଗିତ ରଖାଯିବ ନାହିଁ। ଆସନ୍ତା ୩୧ ସୁଦ୍ଧା ତାଙ୍କ ନିଯୁକ୍ତି ସ୍ଥାନରେ ଯୋଗଦେବାରେ ବିଫଳ ହେଉଥିବା ଯେକୌଣସି ଅଧିକାରୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ରହିବେ। ଏପରି ଅଧିକାରୀମାନଙ୍କ ଦରମା ଆସନ୍ତା ସେପ୍ଟେମ୍ବରରୁ ବନ୍ଦ କରାଯିବ। ପୋଷ୍ଟିଂ ଆଦେଶର ପରିବର୍ତ୍ତନ ପାଇଁ ଅନୈତିକ ବାହ୍ୟ ପ୍ରଭାବ ଆଣିବାର ପ୍ରୟାସ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାଇ ଦିଆଯାଇଛି। ନିର୍ଦ୍ଦେଶାଳୟ କ୍ଷେତ୍ର ପ୍ରତିଷ୍ଠାନର ମୁଖ୍ୟ, ଅଧିକାରୀମାନଙ୍କୁ ଆଦେଶର ଅନୁପାଳନ ଉପରେ ନଜର ରଖିବାକୁ ଏବଂ କାର୍ଯ୍ୟସ୍ଥଳରେ ଯୋଗଦାନ ନ ଦେଉଥିବା ମାମଲାଗୁଡ଼ିକୁ ବିଭାଗରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତୃଣମୂଳ ସ୍ତରରେ କାର୍ଯ୍ୟାଳୟଗୁଡ଼ିକର ସୁଗମ କାର୍ଯ୍ୟ ପାଇଁ ଏହି ବିଜ୍ଞପ୍ତି ଜାରି କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ପାଟଣାରେ ପ୍ରତିଷ୍ଠା ...

କେନ୍ଦୁଝର ଜିଲାର ପ୍ରାୟ ସମସ୍ତ ଅଞ୍ଚଳର ଆଦିବାସୀ ମଞ୍ଚ, ଯୁବ ଛାତ୍ରସାମୁଖ୍ୟ, ନାଗରିକ ମଞ୍ଚ, ପ୍ରେସ୍ କ୍ଲବ, ବୁଦ୍ଧିଜୀବୀ ଓ ଅନ୍ୟାନ୍ୟ ସଙ୍ଗଠନର କର୍ମକର୍ତ୍ତା ଓ ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧିମାନେ ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଓ ଧନ୍ୟବାଦ ଅର୍ପଣ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା, ବିଶେଷକରି କେନ୍ଦୁଝର ଜିଲାକୁ ଏହି ଅମୂଲ୍ୟ ଉପହାର ପାଇଁ ମଧ୍ୟ ଜିଲାବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି। କେନ୍ଦୁଝର ଜିଲାବାସୀଙ୍କ ସହ ପାଟଣା ବିଧାୟକ ଅଖିଳ ନାୟକ ଏବଂ ତେଲକୋଇ ବିଧାୟକ ଫକୀର ନାୟକ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଜିଲାବାସୀଙ୍କୁ ପ୍ରତ୍ୟୁତ୍ତରରେ କହିଛନ୍ତି, ଖଣିବହୁଳ କେନ୍ଦୁଝର ଜିଲା ସମୃଦ୍ଧ ହେଲେ ଓଡ଼ିଶାର ବିକାଶ ହେବ। ଇସ୍ପାତ କାରଖାନା ଦାବି ଜିଲାବାସୀଙ୍କ ସବୁଠୁ ପୁରୁଣା ଓ ବଡ଼ ଦାବି ଥିଲା। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଖଣିବହୁଳ ରାଜ୍ୟରେ ୪ଟି ମେଗା ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ଘୋଷଣା କରିଥିଲେ। ୩ଟି ଇସ୍ପାତ କାରଖାନା ପ୍ରତିଷ୍ଠା ସରିଛି, କିନ୍ତୁ ଇଚ୍ଛାଶକ୍ତିର ଅଭାବରୁ ଓଡ଼ିଶା ଏଥିରୁ ବଞ୍ଚିତ ଥିଲା। ଡବଲ ଇଞ୍ଜିନ ସରକାରଙ୍କ ଯୋଗୁ ବର୍ତ୍ତମାନ ବିଶ୍ୱର ବୃହତ୍ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ପକ୍ଷରୁ ଏହା ସ୍ଥାପନ ହେବାକୁ ଯାଉଛି। ଏହି ଇସ୍ପାତ କାରଖାନା କେନ୍ଦୁଝର ଜିଲା ଓ ସମୃଦ୍ଧ ଓଡ଼ିଶାର ଭବିଷ୍ୟତ ନିର୍ମାଣ କରିବ। ଆଗାମୀ ଦିନରେ ପାଟଣା ଅଞ୍ଚଳ ମଧ୍ୟ ରାଉରକେଲା ଭଳି ଏକ ଅତ୍ୟାଧୁନିକ ସହରରେ ପରିଣତ ହେବ। ଡବଲ ଇଞ୍ଜିନ ସରକାରରେ କେବଳ କେନ୍ଦୁଝରରେ ନୁହେଁ, ସମଗ୍ର ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ ହେବ। ଓଡ଼ିଶା ପାଇଁ ଅନେକ ବଡ ବଡ ପ୍ରକଳ୍ପ କେନ୍ଦ୍ର ସରକାର ମଞ୍ଜୁର କରୁଛନ୍ତି। ମହାପ୍ରଭୁ ଜଗନ୍ନାଥ, ମା' ତାରିଣୀ ଏବଂ ପ୍ରଭୁ ବଳଦେବ ଜୀଉଙ୍କ ଆଶୀର୍ବାଦରୁ ଜିଲାରେ ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଏହା ମାଧ୍ୟମରେ କେନ୍ଦୁଝର ଜିଲା ସହ ସମଗ୍ର ରାଜ୍ୟର ବିକାଶ ହେବ। ତେଣୁ ଏଥିପାଇଁ ଜିଲାବାସୀ ବିଶେଷକରି ପାଟଣା ଅଞ୍ଚଳବାସୀ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି। ଗୁରୁବାର ଅପରାହ୍ନରେ ଭୁବନେଶ୍ୱର ରାଜ୍ୟ ଅତିଥି ଭବନଠାରେ କେନ୍ଦୁଝର ଜିଲାର ବିଭିନ୍ନ ସଙ୍ଗଠନ ଓ ନାଗରିକ ମଞ୍ଚ ଜିଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

### ସାମ୍ବିଧାନିକ ପଦାଧିକାରୀ ...

କୌଣସି ଭୁଲ୍ ଥାଏ, ତାହାର ସମାଧାନର ଉପାୟ ରହିବା ଆବଶ୍ୟକ। ସର୍ବୋଚ୍ଚ ଅଦାଲତ ହେଉଛନ୍ତି ସମ୍ବିଧାନର ତତ୍ତ୍ୱାବଧାରକ ଏବଂ ଏହାକୁ ଶାବ୍ଦିକ ଅର୍ଥରେ ସମ୍ବିଧାନର ବ୍ୟାଖ୍ୟା କରିବାକୁ ହେବ। ଜଷ୍ଟିସ୍ ମେହେଟ୍ଟା ମଧ୍ୟ ଏଥିରେ ସହମତ ହୋଇଥିଲେ। ନିର୍ବାଚିତ ଜନପ୍ରତିନିଧିଙ୍କର ଯଥେଷ୍ଟ ଅଭିଜ୍ଞତା ରହିଥିବାରୁ ସେମାନଙ୍କୁ ହେୟ କରା ନ ଯାଉ ବୋଲି ମେହେଟ୍ଟା କହିବାରୁ ସିଜେଆଇ କହିଥିଲେ, ଆମେ ସେଭଳି କେବେ କହିନାହୁଁ। ନ୍ୟାୟିକ ସକ୍ରିୟତା ନ୍ୟାୟିକ ଆତଙ୍କରେ ପରିଣତ ହେବା ଉଚିତ ନୁହେଁ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ତାମିଲନାଡୁ ବିଧାନସଭାରେ ଗୃହୀତ ୧୦ଟି ବିଲ୍ ଉପରେ ରାଜ୍ୟପାଳ ମଞ୍ଜୁରୀ ନ ଦେଇ ଏହାକୁ ଦୀର୍ଘଦିନ ପକାଇ ରଖିଥିବାରୁ ସମ୍ପୃକ୍ତ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଲ୍‌ଗୁଡ଼ିକ ଉପରେ ରାଜ୍ୟପାଳ ୧ ମାସ ମଧ୍ୟରେ ଏବଂ ରାଷ୍ଟ୍ରପତି ୩ ମାସ ମଧ୍ୟରେ ନିଷ୍ପତ୍ତି ନେବା ପାଇଁ ସର୍ବୋଚ୍ଚ ଅଦାଲତ ସମୟସୀମା ଧାର୍ଯ୍ୟ କରିଥିବାବେଳେ କେନ୍ଦ୍ର ସରକାର ଏହାର ପୁନର୍ବିଚାର ପାଇଁ ଆବେଦନ କରିଥିଲେ।

### ଆଇପିଏସ୍ ସ୍ତରରେ ...

ପରମର ସ୍ମିଥ୍ ପୁରୁଷୋତ୍ତମଦାସଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ପି, ୨୦୧୪ ବ୍ୟାଚ୍ ଆଇପିଏସ୍ ଅଧିକାରୀ ବିବେକାନନ୍ଦ ଶର୍ମାଙ୍କୁ ଖୋର୍ଦ୍ଧା ଏସ୍‌ପି, ୨୦୧୪ ବ୍ୟାଚ୍ ଆଇପିଏସ୍ ପ୍ରତୀକ ସିଂଙ୍କୁ ପୁରୀ ଏସ୍‌ପି, ୨୦୧୫ ବ୍ୟାଚ୍ ଆଇପିଏସ୍ ଅଫିସର ପ୍ରତ୍ୟୁଷ ଦିୱାକରଙ୍କୁ ବାଲେଶ୍ୱର ଏସ୍‌ପି, ୨୦୧୬ ବ୍ୟାଚ୍ ଆଇପିଏସ୍ ଅଫିସର ଭିନିତ୍ ଅଗ୍ରୱାଲ୍‌ଙ୍କୁ କଟକ(ଗ୍ରାମାଞ୍ଚଳ) ଏସ୍‌ପି, ୨୦୧୮ ବ୍ୟାଚ୍ ଆଇପିଏସ୍ ଅଫିସର ରାଜ ପ୍ରସାଦଙ୍କୁ ଏସ୍‌ପି ସ୍ପେଶାଲ ବ୍ରାଞ୍ଚରେ ନୂଆ ଦାୟିତ୍ୱ ଦିଆଯାଇଛି। ଅନୁରୂପ ଭାବେ ୨୦୧୯ ବ୍ୟାଚ୍ ଆଇପିଏସ୍ ଅଫିସର ଗୁନ୍ଦଲା ରେଡ୍ଡି ରାଘବେନ୍ଦ୍ରଙ୍କୁ ଝାରସୁଗୁଡା ଏସ୍‌ପି, ୨୦୨୧ ବ୍ୟାଚ୍ ଆଇପିଏସ୍ ଅଫିସର ଅଙ୍କିତ କୁମାର ବର୍ମାଙ୍କୁ ଜଗତ୍‌ସିଂହପୁର ଏସ୍‌ପି, ୨୦୨୧ ବ୍ୟାଚ୍ ଆଇପିଏସ୍ ଅଫିସର ଅମ୍ରିତ ପାଲ ସିଂଙ୍କୁ ନୂଆପଡା ଏସ୍‌ପି, ୨୦୨୧ ବ୍ୟାଚ୍ ଆଇପିଏସ୍ ଅଫିସର ଅମ୍ରିତପାଲ କୌରଙ୍କୁ ସୁନ୍ଦରଗଡ ଏସ୍‌ପି ଏବଂ ଓପିଏସ୍ ଭବାନୀ ଶଙ୍କର ଉଦ୍‌ଗତାଙ୍କୁ କଟକ ରେଲୱେର ଏସ୍‌ପି ଭାବେ ନୂଆ ଦାୟିତ୍ୱ ମିଳିଛି। ଏହି ଅବସରରେ ୧୨ଜଣ ଓପିଏସ୍ ସ୍ତରରେ ଅଦଳବଦଳ କରିଛନ୍ତି।

# ଗୋଟିଏ ଛତାତଳକୁ ଯିବ ବିଭାଗୀୟ ଯୋଜନା: ଉନ୍ନୟନ ଆୟୁକ୍ତ

ଭୁବନେଶ୍ୱର,୨୧।୮
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଛୋଟ ଛୋଟ ଯୋଜନାଗୁଡ଼ିକୁ ଗୋଟିଏ ଛତାତଳକୁ ନେବାପାଇଁ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ସବୁ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତମାସ ୧୩ରେ ବିଭାଗୀୟ ସମୀକ୍ଷା ବୈଠକ ଅବସରରେ ଉନ୍ନୟନ ଆୟୁକ୍ତ କହିଛନ୍ତି ଯେ, ଛୋଟ ଛୋଟ ଯୋଜନାଗୁଡ଼ିକୁ ଠିକଣା ଭାବେ ତଦାରଖ କରିବା ଏବଂ ଏହାକୁ କାର୍ଯ୍ୟକାରୀ କରିବା ଲାଗି ଯୋଜନା ଓ ସଂଯୋଜନା ଏବଂ ଅର୍ଥ ବିଭାଗ ସହିତ ବିଚାରବିମର୍ଶ କରି ତ୍ୱରିତ ପଦକ୍ଷେପ ଗ୍ରହଣ କର। ଯାହାଦ୍ୱାରା କି ଯୋଜନାର ସଫଳ ରୂପାୟନ ହୋଇପାରିବ। ଏହି ଅବସରରେ ଉନ୍ନୟନ ଆୟୁକ୍ତ ସବୁ ବିଭାଗକୁ ଚଳିତ ଆର୍ଥିକବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ଯୋଜନାଗୁଡ଼ିକର ଏକ୍ସପେଣ୍ଡିଚର ଫାଇନାନ୍ସ କମିଟି(ଇଏଫ୍‌ସି) ଏବଂ ଷ୍ଟାଣ୍ଡିଂ ଫାଇନାନ୍ସ କମିଟି(ସିଏଫ୍‌ସି)ର ଅନୁମୋଦନ ଚଳିତମାସ ୩୧ ସୁଦ୍ଧା କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅନୁମୋଦନ ପାଇଁ ସମୟ ଅପଚୟ ନ କରି ତଥା ଯୋଜନା ଓ ସଂଯୋଜନ ବିଭାଗର କମ୍ପ୍ଲାୟନ୍ସକୁ ଅପେକ୍ଷା ନ କରି ତୁରନ୍ତ ଅନୁମୋଦନ କରାଇବାକୁ ସେ ପରାମର୍ଶ ଦେଇଛନ୍ତି।

# 'ସଂସଦୀୟ ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥା ଉପରେ ପଦାଘାତ' ଶୀର୍ଷକ ଆଲୋଚନା




ଭୁବନେଶ୍ୱର,୨୧।୮
(ରବିନାରାୟଣ ଜେନା)

ଭାରତୀୟ ଗଣତନ୍ତ୍ରରେ ସମାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା କରି ସହମତିଭିତ୍ତିକ ସରକାର ଆଡ଼କୁ ଗତି କରିବା ବଦଳରେ କେନ୍ଦ୍ର ସରକାର ନିଜ ହାତରେ ସମସ୍ତ କ୍ଷମତା ଠୁଳକରି ଭାରତକୁ ଏକ ନବ୍ୟ ଫାସିବାଦୀ ରାଷ୍ଟ୍ରରେ ପରିଣତ କରିବା ଚେଷ୍ଟା ଚଳାଇଛନ୍ତି ବୋଲି ବିଶିଷ୍ଟ ସମାଜ ବିଜ୍ଞାନୀ ପ୍ରାଧ୍ୟାପକ ବିଜୟ ବହିଦାର ମତବ୍ୟକ୍ତ କରିଛନ୍ତି। ବୁଧବାର ସଂସଦରେ ସମ୍ବିଧାନର ୧୩୦ତମ ସଂଶୋଧନ ବିଲ୍ ଆଗତ ପରିପ୍ରେକ୍ଷୀରେ ଗୁରୁବାର କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ 'ସଂସଦୀୟ ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥା ଉପରେ ପଦାଘାତ' ଶୀର୍ଷକ ଆଲୋଚନା ସଭାରେ ବହିଦାର କହିଲେ, ଭୋଟଦାନ ପ୍ରକ୍ରିୟାରେ ସଂଶୋଧନ ଆଣି ବ୍ୟବସ୍ଥାକୁ ସଂସ୍କାରିତ କରିବା ପରିବର୍ତ୍ତେ ରାଜ୍ୟଗୁଡ଼ିକୁ ଦୁର୍ବଳ କରି ସଂଘୀୟ ବ୍ୟବସ୍ଥାକୁ ନଷ୍ଟ କରିବାକୁ ଚେଷ୍ଟା ଚାଲିଛି। ଏବେ ରାଜ୍ୟଗୁଡ଼ିକର ସ୍ୱାୟତ୍ତତା ନାହିଁ। ଏଥିରେ ପୁଣି କେନ୍ଦ୍ରୀୟ କାର୍ଯ୍ୟପାଳିକା କ୍ଷମତା ଆହୁରି ବୃଦ୍ଧି କରିବା ପାଇଁ ଏହି ସମ୍ବିଧାନ ସଂଶୋଧନ ଅଭିପ୍ରେତ। ଭାରତୀୟ ସମ୍ବିଧାନ କାର୍ଯ୍ୟପାଳିକାକୁ ବ୍ୟବସ୍ଥାପିକା ନିକଟରେ ଉତ୍ତରଦାୟୀ କରିଥିବା ବେଳେ ଏହି ସମ୍ବିଧାନ ସଂଶୋଧନ ବିଲ ଆଇନରେ ପରିଣତ ହେଲେ ନ୍ୟାୟପାଳିକାକୁ ଆଡେଇ କାର୍ଯ୍ୟପାଳିକା ସର୍ବେସର୍ବା ହୋଇଯିବ। ପୋଲିସ, ଇଡି, ସିବିଆଇକୁ ହାତ କରି କେନ୍ଦ୍ରୀୟ କାର୍ଯ୍ୟପାଳିକା ଯାହାକୁ ଚାହିଁବ ଦୋଷୀ ସାବ୍ୟସ୍ତ ହେବା ପୂର୍ବରୁ ୩୦ଦିନ ଜେଲରେ ରଖିବା କଷ୍ଟସାଧ୍ୟ ନୁହେଁ। ଫଳରେ ପ୍ରତିପକ୍ଷ ରାଜନେତାଙ୍କୁ ଜେଲରେ ପୂରାଇ ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ ପଦରୁ କେନ୍ଦ୍ର ଅତି ସହଜରେ ତଡ଼ିପାରିବେ ବୋଲି ସେ କହିଥିଲେ।

ପିସିସି ସଭାପତି ଭକ୍ତ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ନାମରେ ସବୁ ଥାନାରେ ଏତଲା ଦେବା ପରି ଆଗକୁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇ ଏହି କଳା ବିଧେୟକକୁ କଂଗ୍ରେସ ବିରୋଧ କରିବ। ଏମିତିରେ ବିପକ୍ଷ ଦଳର ନେତାଙ୍କୁ ଗିରଫ କରିବାର ଯେଉଁ ମାନସିକତା ଭାଜପାର ରହିଛି ତାକୁ ଆୟୁଧ କରି ବିପକ୍ଷ ଦଳର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ତଡ଼ିବା ପାଇଁ ବାଟ ପରିଷ୍କାର କରାଯାଉଛି।

ଆଲୋଚନାଚକ୍ରରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଓ ନିରଞ୍ଜନ ପଟ୍ଟନାୟକ କହିଥିଲେ, ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ ଦେଶର ସ୍ୱାଧୀନତା ସଂଗ୍ରାମର ପୁରୋଭାଗରେ ଥିବାରୁ ଏବେ ସ୍କୁଲ ପାଠ୍ୟକ୍ରମରେ ଦେଶ ବିଭାଜନକୁ ଆଗକୁ ଆଣିବା ପାଇଁ ଭାଜପା ସରକାର ଚକ୍ରାନ୍ତ କରୁଛି। ସମ୍ବିଧାନ ଉପରେ ଶାସକ ଦଳର ଏହି ଶକ୍ତ ପ୍ରହାରକୁ ବିରୋଧୀ ଦଳଗୁଡ଼ିକ କିପରି ମୁକାବିଲା କରିବେ ସେଥିନେଇ ଗଭୀର ଚିନ୍ତନର ଆବଶ୍ୟକତା ରହିଛି ବୋଲି ସେମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ ଓ ବିଭୂତି ଭୂଷଣ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଇଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଇଆର୍‌ଇଏଲ୍‌ର ୭୫ତମ ବାର୍ଷିକୀ ଉତ୍ସବ



**ଭୁବନେଶ୍ୱର,୨୧।୮**

ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ପ୍ରତିଷ୍ଠାନ ପ୍ରତିଷ୍ଠାର ୭୫ତମ ବାର୍ଷିକୀ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଇଆର୍‌ଇଏଲ୍ (ଇଣ୍ଡିଆ) ପକ୍ଷରୁ ଭୁବନେଶ୍ୱରର ମେଫେୟାର ଲାଗୁନଠାରେ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଏହାର ପୂର୍ବତନ ସିଏମ୍‌ଡି ଏବଂ ନିର୍ଦ୍ଦେଶକମାନଙ୍କୁ ସମ୍ମାନିତ କରିବା ସହିତ ଏହାର ଘରୋଇ ଏବଂ ବିଦେଶୀ ଗ୍ରାହକମାନଙ୍କୁ ପୁରସ୍କୃତ କରିବା।

ଅପରପକ୍ଷରେ ଭାରତ ସରକାରଙ୍କ ବିକଶିତ ଭାରତ ଲକ୍ଷ୍ୟ ଅନୁଯାୟୀ ହେମନ୍ତ ଶର୍ମା ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍‌କୁ ଏହାର ୭୫ ତମ ବାର୍ଷିକୀରେ ପହଞ୍ଚିବା ପାଇଁ ତାଙ୍କର ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶାରେ ବିରଳ ପୃଥିବୀ ଶିଳ୍ପକୁ ଆଗକୁ ବଢ଼ାଇବା ପାଇଁ ସବ୍‌ସିଡି ଭୂମି, ବିଦ୍ୟୁତ୍ ଏବଂ ଜଳଯୋଗାଣ, ରାସ୍ତା ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସହାୟତା କ୍ଷେତ୍ରରେ ଆଗାମୀ ୨୫ବର୍ଷ ପାଇଁ ପୂର୍ଣ୍ଣ ସମର୍ଥନ ଏବଂ ସହାୟତାର ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ଏହି କାର୍ଯ୍ୟକ୍ରମକୁ ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍‌ର ସିଏମ୍‌ଡି ଇନ୍‌ଚାର୍ଜ ଏବଂ ନିର୍ଦ୍ଦେଶକ (ଅର୍ଥ) ସାରଦା ଭୂଷଣ ମହାନ୍ତି, ନିର୍ଦ୍ଦେଶକ (ମାର୍କେଟିଂ) ଆର୍.ଏ.ଖାଲେଙ୍କ ସମେତ ନିର୍ଦ୍ଦେଶକ (ବୈଷୟିକ) ଅନୁତ୍ତମ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଅତ୍ୟାଧୁନିକ ପଦ୍ଧତିରେ ଉତ୍ପାଦନକୁ ଗୁରୁତ୍ୱ

**ଭୁବନେଶ୍ୱର,୨୧।୮**

## ପ୍ଲମ୍ବିଂ ଶିଳ୍ପରେ ଆଶୀର୍ବାଦର ଉଲ୍ଲେଖନୀୟ ଅଭିବୃଦ୍ଧି

ବର୍ତ୍ତମାନ ସମୟରେ ପ୍ଲମ୍ବିଂ ଶିଳ୍ପର ଚାହିଦା ବୃଦ୍ଧି ସାଙ୍ଗକୁ ବଜାର ଆବଶ୍ୟକତା ପୂରଣ ପାଇଁ ସବୁସ୍ତରରେ ଉତ୍ପାଦନକାରୀମାନେ ପ୍ରୟାସ କରୁଛନ୍ତି। ଏପରିକି ଗ୍ରାହକଙ୍କ ଚାହିଦା ମୁତାବକ ଗୁଣାତ୍ମକ ଉତ୍ପାଦ ଓ ଅତ୍ୟାଧୁନିକ ପଦ୍ଧତିର ବିନିଯୋଗକୁ ଉତ୍ପାଦନକାରୀ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱସ୍ତରୀୟ ଉତ୍ପାଦନକାରୀ ତଥା ଦେଶର ପ୍ରମୁଖ ଶିଳ୍ପ ବ୍ରାଣ୍ଡ ଆଶୀର୍ବାଦ (ଆଶୀର୍ବାଦ ବାଏ ଅଲିଆକ୍ସିସ୍)ର ଚାହିଦା ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଛି। ଏପରିକି ପ୍ଲମ୍ବିଂ ଶିଳ୍ପରେ ଆଶୀର୍ବାଦର ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଥିଲାବେଳେ ଅତ୍ୟାଧୁନିକ ପଦ୍ଧତିରେ ୟୁପିଭିସିର ଉତ୍ପାଦନ ସାଙ୍ଗକୁ ଅନ୍ୟାନ୍ୟ ଉତ୍ପାଦ ରେଞ୍ଜଗୁଡ଼ିକୁ ମଧ୍ୟ ବଜାରରେ ଉପଲବ୍ଧ କରାଉଛି। ପାଇପ ଆଣ୍ଡ ଫିଟିଂ ଇଣ୍ଡଷ୍ଟ୍ରିରେ ଏହାର ଯୋଗଦାନ ୯% ରହିଛି। ସେହିଭଳି ୨୦୨୨ରୁ ଓଡ଼ିଶାର କଟକଠାରେ ମଧ୍ୟ ଏହାର ଏକ ଉନ୍ନତ ବିନିର୍ମାଣ ବ୍ୟବସ୍ଥା ଜାରି ରହିଛି। କମ୍ପାନୀ ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ବିହାର ଭଳି ପୂର୍ବ ଭାରତୀୟ ରାଜ୍ୟରେ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ପାଇପ୍ ସମାଧାନର ବଢ଼ୁଥିବା ଚାହିଦାକୁ ପୂରଣ କରିବାକୁ ସମସ୍ତ ପ୍ରୟାସ କରୁଥିଲାବେଳେ ଏହି ୟୁନିଟ୍ ବଜାର ଆବଶ୍ୟକତା ପୂରଣ ପାଇଁ ସ୍ଥାପନ କରାଯାଇଥିଲା। ସେହିପରି କଟକର ଟାଙ୍ଗୀଠାରେ ଅବସ୍ଥିତ ଏହି ୟୁନିଟର ବାର୍ଷିକ ଉତ୍ପାଦନ କ୍ଷମତା ୧୦,୦୦୦ ମେଟ୍ରିକ୍ ଟନ୍ ରହିଛି, ଯାହା ୟୁପିଭିସି ପାଇପ ଏବଂ ଏଚ୍‌ଡିପିଇ ପାଇପର ଏକ ବିସ୍ତୃତ ପରିସର ନିର୍ମାଣ କରୁଛି। ଏପରିକି ଆଧୁନିକ ପ୍ରଯୁକ୍ତିରେ ସଜ୍ଜିତ ଏହି କାରଖାନା ବିଶ୍ୱସ୍ତରୀୟ ନିର୍ମାଣ ମାନକ ଏବଂ କାର୍ଯ୍ୟକ୍ଷେତ୍ର ର ସୁରକ୍ଷାକୁ ନିଶ୍ଚିତ କରିବାକୁ ଏଆଇ-ସକ୍ଷମ ତଦାରଖ, ଯନ୍ତ୍ର ସୁରକ୍ଷା ନିରୀକ୍ଷଣ ଏବଂ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ସହିତ ଆବଶ୍ୟକ ନିୟମାବଳୀକୁ ଦୃଢ଼ ଭାବେ ପାଳନ କରୁଛି।



ଅନିଲ ତୋମର

ଏ ନେଇ ଆଶୀର୍ବାଦ ବାଏ ଅଲିଆକ୍ସିସ୍‌ର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ଅନିଲ ତୋମାର କହିଛନ୍ତି, କଟକ ୟୁନିଟ୍ ଗ୍ରାହକଙ୍କ ନିକଟରେ ବିଶ୍ୱସ୍ତରୀୟ ବିନିର୍ମାଣ ପହଞ୍ଚାଇବା ପାଇଁ ଆଶୀର୍ବାଦର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଗତ ୩ବର୍ଷ ପୂର୍ବେ ଏହି ୟୁନିଟ୍ ନିର୍ମାଇ ହୋଇଥିଲାବେଳେ ପ୍ରଯୁକ୍ତିଗତ ଭାବେ ଏହା ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଉନ୍ନତ କାରଖାନା ବ୍ୟବସ୍ଥାରେ ପରିଚାଳିତ ହେଉଛି। ଏହାର ଶୁଭାରମ୍ଭ ପରଠାରୁ ଆମେ କେବଳ ପୂର୍ବ ଭାରତର ଆମ ଗ୍ରାହକଙ୍କ ପାଇଁ ଲଜିଷ୍ଟିକ୍ସ ଖର୍ଚ୍ଚରେ ଉନ୍ନତି କରିପାରିଛୁ ତାହା ନୁହେଁ ବିତରଣର ସମୟସୀମା ହ୍ରାସ କରିବା ସହ ଅର୍ଥପୂର୍ଣ୍ଣ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିଛୁ। ବିଶେଷକରି ଏଠାରେ ସବୁ ସମୟରେ ସ୍ଥିରତା ଏବଂ ସୁରକ୍ଷାର ଉଚ୍ଚତମ ମାନକଙ୍କୁ ବଜାୟ ରଖାଯାଇଛି। ଓଡ଼ିଶା ସରକାରଙ୍କ 'ମେକ୍ ଇନ୍ ଓଡ଼ିଶା' ପଦକ୍ଷେପ ସହ ସମନ୍ୱିତ ଏହି କାରଖାନା ବିଶ୍ୱସନୀୟ, ଉଚ୍ଚ ଗୁଣବତ୍ତା ବିଶିଷ୍ଟ ପାଇପ୍ ସମାଧାନ ସହ ସ୍ଥାନୀୟ ଅଞ୍ଚଳର ବଢ଼ୁଥିବା ମୌଳିକ ଭିତ୍ତିଭୂମି ଆବଶ୍ୟକତାକୁ ପୂରଣ କରିବାର ଆମର କ୍ଷମତାକୁ ଦୃଢ଼ କରୁଛି। ସେହିପରି କଟକ କାରଖାନା ଇତିମଧ୍ୟରେ ୨୫୦ରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏପରିକି ସ୍ଥାନୀୟ ଯୁବବର୍ଗଙ୍କୁ ମୂଲ୍ୟବାନ ବୈଷୟିକ ଦକ୍ଷତା ବିକଶିତ କରିବାରେ ଏହା ବେଶ୍ ସହାୟକ ଓ ସାହାଯ୍ୟ କରିଛି। ଏହାର ମୂଳରେ ସ୍ଥିରତା ସହିତ ପ୍ରସ୍ତୁତ କରାଯାଇଥିବା ଏହି କାରଖାନା ଏକ ସ୍ୱଚ୍ଛତା ଉନ୍ନୟନ ପ୍ରଣାଳୀ, ଶକ୍ତି ସମ୍ପର୍କିତ ଆଲୋକ ବ୍ୟବସ୍ଥା ଏବଂ ଏକ ବୃହତ୍ ସ୍ତରୀୟ ବୃକ୍ଷରୋପଣ ପଦକ୍ଷେପ ଭଳି ପରିବେଶ ଅନୁକୂଳ ପଦକ୍ଷେପ ଗ୍ରହଣ କରିଛି।

# ଭିଆଇଟିରେ କ୍ରିଷ୍ଟାଲ କନେକ୍ସନ୍ସ ଆଲୁମ୍‌ନି ମିଟ୍

**ଭୁବନେଶ୍ୱର,୨୧।୮ (ଅଭୟ ଦାଶ)**




ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଭିଆଇଟି)ର ଚେନ୍ନାଇ କ୍ୟାମ୍ପସ୍‌ରେ 'କ୍ରିଷ୍ଟାଲ କନେକ୍ସନ୍ସ ଆଲୁମ୍‌ନି ମିଟ୍-୨୦୨୫' ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭିଆଇଟି ଚେନ୍ନାଇର ପୁରାତନ ଛାତ୍ରୀଛାତ୍ରମାନଙ୍କୁ ଆଲୁମ୍‌ନି ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସିନେମା ଆଇକନ୍ ଏବଂ ସାଂସଦ ଡ. କମଲ ହାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରତାନ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ସେହିଭଳି ଭିଆଇଟିର ପ୍ରତିଷ୍ଠାତା କୁଳପତି ଡ. ଜି. ବିଶ୍ୱନାଥନ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଏବଂ ଭିଆଇଟି ଉପାଧ୍ୟକ୍ଷ ଡ. ଜି.ଭି. ସେଲ୍‌ଭାମ ଉପସ୍ଥିତ ଅତିଥି ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ସେହିଭଳି ଡକ୍ଟର କମଲ ହାସନ ତାଙ୍କ ଅଭିଭାଷଣରେ କହିଥିଲେ, ଯୁବପିଢ଼ି ଜୀବନରେ ସାହସର ସହିତ ବିଫଳତାକୁ ସାମ୍ନା କରିବା ଉଚିତ ଏବଂ ସଫଳତା ଆଡକୁ ଅଗ୍ରସର ହେବା ଉଚିତ। ଆମେ ବହୁତ କମ୍ ସ୍ୱାଧୀନତା ବିଷୟରେ କହୁଛୁ, ବିଫଳତାର ସ୍ୱାଧୀନତା, ଯାହା ବିନା କୌଣସି ନବସୃଜନ ସମ୍ଭବ ନୁହେଁ, କାରଣ ଯେଉଁ ଦେଶ ବିଫଳତାକୁ ଭୟକରେ ସେ କେବେ ବି ତା'ର ପ୍ରକୃତ ସମ୍ଭାବନାକୁ ଖୋଜିପାରିବ ନାହିଁ। ଭାରତରେ ମଧ୍ୟ ବିଫଳତାକୁ ପ୍ରାୟତଃ ଆଜୀବନ କାରାଦଣ୍ଡ ପରି ବ୍ୟବହାର କରାଯାଏ ଏବଂ ସେହି ଭୟ ଦାରିଦ୍ର୍ୟ ଅପେକ୍ଷା ଅଧିକ ସ୍ୱପ୍ନକୁ ମାରିଦିଏ ବୋଲି ସେ କହିଥିଲେ। ପ୍ରତ୍ୟେକ ସଫଳତାର କାହାଣୀରେ ଲୋକମାନେ କେବେ ଦେଖି ନ ଥିବା ବିଫଳତାର ଏକ ଲମ୍ବା ସମ୍ପାଦନାକୁ ପ୍ରଶଂସା କରନ୍ତି ବୋଲି ସେ କହିଛନ୍ତି। ଷ୍ଟାର୍ଟଅପ୍ ଇକୋସିଷ୍ଟମର ଉଦାହରଣ ଦେଇ ଡକ୍ଟର କମଲ ହାସନ କହିଥିଲେ, ପ୍ରତି ୧୦୦ଟି ଧାରଣା ପାଇଁ, ପ୍ରଥମ ୫ ବର୍ଷରେ ୯୦ଟି ବିଫଳ ହୁଏ। ସିଲିକନ୍ ଭ୍ୟାଲିରେ ଏହାକୁ ଅଭିଜ୍ଞତା ପ୍ରାପ୍ତ ଭାବେ ଦେଖାଯାଏ। ଭାରତରେ ଏହାକୁ ଲଜ୍ଜାର ସହିତ ଦେଖାଯାଏ ବୋଲି ସେ କହିଥିଲେ। ଭିଆଇଟିର ପ୍ରତିଷ୍ଠାତା ଏବଂ କୁଳପତି ଡକ୍ଟର ଜି. ବିଶ୍ୱନାଥନ ତାଙ୍କ ସଭାପତିତ୍ୱ ଅଭିଭାଷଣରେ କହିଥିଲେ, ତାଙ୍କର ଦୃଢ଼ବିଶ୍ୱାସ ଯେ କେବଳ ଶିକ୍ଷା, ବିଶେଷକରି ଉଚ୍ଚଶିକ୍ଷା ଭାରତକୁ ଏକ ବିକଶିତ ଦେଶ କରିପାରିବ। ଆମେ ସମସ୍ତେ ଚାହୁଁଛୁ ଯେ ଭାରତ ଏକ ବିକଶିତ ଦେଶ ହେଉ, ଏହା କେବଳ ଉଚ୍ଚଶିକ୍ଷା ଏବଂ ନିଶ୍ଚିତ ଭାବରେ କାମ କରିବାର ସୁଯୋଗ ଦ୍ୱାରା ସମ୍ଭବ ସେ ଆହୁରି ମଧ୍ୟ କହିଛନ୍ତି। ଭିଆଇଟି ଉପାଧ୍ୟକ୍ଷ ଡକ୍ଟର ସେଲ୍‌ଭାମ ତାଙ୍କ ଅଭିଭାଷଣରେ କହିଥିଲେ , ଛାତ୍ରମାନେ ଚାକିରି ଖୋଜିବା ଅପେକ୍ଷା ଉଦ୍ୟୋଗୀ ହୁଅନ୍ତି ଏବଂ ଅନ୍ୟମାନଙ୍କୁ ଚାକିରି ପ୍ରଦାନ କରନ୍ତି।

# ତନେଇରା କଟକ ଷ୍ଟୋରର ପ୍ରଥମ ବାର୍ଷିକୀ ଅଫର

**ଭୁବନେଶ୍ୱର,୨୧।୮**




ତନେଇରା କଟକ ଷ୍ଟୋରର ପ୍ରଥମ ବାର୍ଷିକୀ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ କଟକ ସିଡିଏ ସେକ୍ଟର-୬ରେ ଅବସ୍ଥିତ ତନେଇରା ଷ୍ଟୋର ପକ୍ଷରୁ ଆକର୍ଷଣୀୟ ରିହାତି ଅଫର ଦିଆଯାଉଛି। ଏହି ଅଫର ଜରିଆରେ ୨୦,୦୦୦ ଟଙ୍କା କିମ୍ବା ତଦୂର୍ଦ୍ଧ୍ୱ କ୍ରୟ ଉପରେ ଗ୍ରାହକଙ୍କୁ ଏକ କମ୍ପ୍ଲିମେଣ୍ଟାରି ଗୋଲ୍ଡ କଏନ୍ ପ୍ରଦାନ କରାଯାଉଛି। ଏହି ସୀମିତ ସମୟ ଅଫର ୨୦୨୫ ଅଗଷ୍ଟ ୨୫ପର୍ଯ୍ୟନ୍ତ ଉପଲବ୍ଧ। ଅପରପକ୍ଷରେ ଏହା କୃତଜ୍ଞତା ଏବଂ ଉତ୍ସବର ଏକ ନିଦର୍ଶନ ହୋଇଥିଲାବେଳେ ଠିକ୍ ପାର୍ବଣ ଋତୁ ଆରମ୍ଭ ହେବା ବେଳକୁ ଗ୍ରାହକଙ୍କୁ ତନେଇରା ସହ ଖୁସି ବାଣ୍ଟିବାକୁ ଆମନ୍ତ୍ରଣ କରାଯାଉଛି। ଭାରତର ପୁରୁଣା ବୟନ ପରମ୍ପରା ସହ ଜଡ଼ିତ ତନେଇରା ଦେଶର ବୁଣାକାରମାନଙ୍କ ଅତୁଳନୀୟ କରିବାକୁ ସମ୍ମାନ ଜଣାଉଛି। ଏହାର କଟକ ଷ୍ଟୋରରେ ଏହି ବିରାସତ ବର୍ତ୍ତମାନ ମଧ୍ୟ ପ୍ରତି ଅବସରକୁ ଖାପ ଖାଇଲା ଭଳି ବ୍ୟାପକ ପ୍ରକାର ବିକଳ୍ପଗୁଡ଼ିକ ସହ ଲାଇଭ ହୋଇଛି।

ସେହିଭଳି ଏହି ଷ୍ଟୋରରେ ଗ୍ରାହକ ଦେଶର କୋଣ ଅନୁକୋଣର ହସ୍ତତନ୍ତ ଶାଢ଼ି ମଧ୍ୟରୁ ନିଜ ମନ ପସନ୍ଦର ଶାଢ଼ି ବାଛିପାରିବେ। ବିଶେଷକରି ଇକତ, ସମ୍ବଲପୁରୀ, ଜାମଦାନୀ, ବନାରସୀ, ଟସର, କାଞ୍ଜିବରମ, ସାଉଥ ସିଲ୍‌କ କୋଟା ଦୋରିଆ, ଭେଗାନ୍ ସିଲକ ମାହେଶ୍ୱରୀ ଏବଂ ଚନ୍ଦେରି ଭଳି ପ୍ରମୁଖ ବ୍ରାଣ୍ଡ ଶାଢ଼ି ସହ ଷ୍ଟୋରରେ ରେଡି-ଟୁ-ୱେର ପୋଷାକ, ବ୍ଲାଉଜ, କୁର୍ତ୍ତା, ଅନ୍‌ଷ୍ଟିଚଡ କୁର୍ତ୍ତା ସେଟ୍ ଆଦିର ବ୍ୟାପକ ସମ୍ଭାର ଉପଲବ୍ଧ ରହିଛି। ଏ ସବୁ ଉତ୍ପାଦ ଶୁଦ୍ଧ ଏବଂ ପ୍ରାକୃତିକ ଫ୍ୟାବ୍ରିକ୍ସରେ ପ୍ରସ୍ତୁତ ହୋଇଛି।

# ଶେୟାର ବଜାର କାରବାରରେ ଉତ୍ସାହ


## ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା



**ଇଶୁ ପଟ୍ଟନାୟକ (ଡୁଗୁଲି)**
ବାଙ୍କୁଆଳ, ଭୁବନେଶ୍ୱର

ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ।

**ଶୁଭେଚ୍ଛା ସହ-** ଜେଜେ ମା, ଅଜା, ଆଇ, ବାବା, ମାମା, ଦାଦା, ମିନି ଅପା, ମାମି ଅପା, ଟୁଟୁ ପିଇସା, ମାନୁ ଅପା, ନବ ପିଇସା, ରାନୁ ଅପା, ଟିଲୁ ପିଇସା, ଲିପୁ ଭାଇ, ଡୁଗୁ ଭାଇ, ନବ୍ୟା ଦିଦି, ନାଓମି ଦିଦି, ଲୀନା ଓ ବନ୍ଧୁ ପରିବାର ବର୍ଗ।

ଧ-୧୭୧୪


**ମୁମ୍ବାଇ,୨୧।୮:** କ୍ରମାଗତ ଷଷ୍ଠ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୪୨.୮୭ ପଏଣ୍ଟ ବୃଦ୍ଧି ଘଟି ୮୨,୦୦୦.୭୧ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୩.୨୦ ପଏଣ୍ଟ ବଢ଼ି ୨୫,୦୮୩.୭୫ ଅଙ୍କରେ କାରବାର ଶେଷ ହୋଇଥିଲା।

# ଆର୍‌ସିଇଏମ୍‌ରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଭୁବନେଶ୍ୱର,୨୧।୮**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ମଞ୍ଚେଶ୍ୱରସ୍ଥିତ ରାଜଧାନୀ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜମେଣ୍ଟ (ଆର୍‌ସିଇଏମ୍) ପକ୍ଷରୁ ନବାଗତଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଚଳିତ ଶିକ୍ଷାବର୍ଷ ପାଇଁ ଅନୁଷ୍ଠାନର ନବାଗତ ଏମ୍‌ବିଏ ଓ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏର ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଉକ୍ତ ଉତ୍ସବରେ ମ୍ୟାନେଜମେଣ୍ଟ ଏଜୁକେଶନ କନ୍‌ସଲ୍ଟାଣ୍ଟ କମାଣ୍ଡର ନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ବିଜନେସ୍ ମ୍ୟାନେଜମେଣ୍ଟ ବିଭାଗର ପ୍ରାକ୍ତନ ପ୍ରଫେସର ଡ. ନିର୍ମଳ ଚନ୍ଦ୍ର କର,ବିପିୟୁଟି ରାଉରକେଲାର ପ୍ରାକ୍ତନ ଡିନ୍-ମ୍ୟାନେମେଣ୍ଟ ପ୍ରଫେସର ଶକ୍ତି ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ ପ୍ରକାର ଶିକ୍ଷାର ଜ୍ୱଳନ୍ତ ଉଦାହରଣ ଦେଇ ନିର୍ଦ୍ଦିଷ୍ଟ କାର୍ଯ୍ୟ ହାସଲକରିବା ପାଇଁ ଉପାୟଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ସେହିଭଳି ଆର୍‌ସିଇଏମ୍‌ର ଅଧ୍ୟକ୍ଷ ଡ. ତପନ କୁମାର ଲେଙ୍କା ତାଙ୍କ ଅଭିଭାଷଣରେ ଉନ୍ନତ ମାନର ଶିକ୍ଷାଦାନ ସହ ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିବା ସଙ୍ଗେସଙ୍ଗେ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ଅନୁଷ୍ଠାନର ସହ ପ୍ରଫେସର ବିଭୁପ୍ରସାଦ ମିଶ୍ର, ଡ. ଅମ୍ରିତା ରାଉତ, ଡ. ପ୍ରଜ୍ଞା ପାରମିତାଙ୍କ ସମେତ ସସ୍ମିତା ସାହୁ, ଶିତିକଣ୍ଠ ପରିଡ଼ା ଏବଂ ଅନୁଷ୍ଠାନର ସମସ୍ତ କର୍ମଚାରୀ ଯୋଗଦେଇ ଉତ୍ସବଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ପରିଶେଷରେ ଅନୁଷ୍ଠାନର ଡିନ୍ ଡ. ମାନସ ରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉକ୍ତ କାର୍ଯ୍ୟକ୍ରମଗୁଡ଼ିକର ସୁପରିଚାଳନା ପାଇଁ କଲେଜର ସମ୍ପାଦକ ସୁରେଶ କୁମାର ସାମଲ ସମସ୍ତ ଅତିଥି, କର୍ମଚାରୀ ଓ ଛାତ୍ରୀଛାତ୍ରମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ।


# Classified Everyday

**0674-2580101, 9692975378**



**REAL ESTATE**

**SALE**

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **8249976746, 7978660091.** D-1698

**A gharabari corner plot at Brahmanjharilo near Phulnakhara Cuttack 1560sqft. 20 lakhs including registration & compoundwall. 7809525452.** D-76482

Prime plot 3000sqft. (60'50') Nuagaon, Samantarapur only 5KMs from Rajmahal sqr. Bhubaneswar. Perfect for dream home/ future investment. Contact- 9040013345. D-76072

**2150sqft. Plot area & 2250sqft. Construction area with BDA Approved Individual house near Naveen Nivas, Aerodrome area, Bhubaneswar cost@2.15crore, Contact: 7978090773.** D-1715

**LOST**

By the virtue of affidavit at Notary Tangi, Dist.- Khorda .Affidavit No.- 70AA 238431 on dated 15.08.2025. I Manoranjan Sahoo S/o Surendranath sahoo, resident of Gopalaprasad Kuhudi 752027, lost sale deed document no.- 1524/2009/1 somewhere outside of the Tangi SR office. If anyone find can contact 8018329614. D-1721

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit No.- 1898, dated 20th August 2025 before Notary Public, Cuttack that I Sarojini Pati, W/o- Sanat Kumar Pati, residing At- Madhuban, P.O.- Madhuban, P.S.- Aul, Dist.- Kendrapara- 755061, Odisha declare that I have changed my name from Sarijini Pati to Sarojini Pati. Henceforth, I shall be known as Sarojini Pati for all purposes. D-1723

By virtue of an affidavit No.- 7360 sworn before Executive Magistrate, Bhadrak, dated 22.07.2025, I Benazir Khan, D/o- Anwar Hossain Khan, Vill- Bada Sankarpur, P.O./P.S.- Purunabazar, Dist.- Bhadrak, Pin- 756100, Odisha declare that I have changed my name from Banazeer Khatoon to Benazir Khan. Henceforth, she shall be known as Benazir Khan for all future purposes. D-1720

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Bijaylaxmi Rout, W/o- Ranjan Kumar Rout, Resident of Ranjan Villa, Chakeisiani, near Santoshi Maa Temple, P.O.- Rasulgarh, P.S.- Mancheswar, Bhubaneswar- 751010, Odisha declare by this affidavit No.- 181, dt. 16.08.2025 that now onwards I shall be known as Bijaylakhmi Rout for all future purposes. D-1710

By virtue of an affidavit sworn before the Executive Magistrate, Boudh, No.- 1166, date 20.08.25, I Dipanjali Danga, W/o- Khageswar Singh, R/o. Village/ P.O.- Mundipadar, P.S.- Baunsuni, Dist.- Boudh, Odisha, PIN- 762015 declare that I have changed my name from Dipa Danga to Dipanjali Danga. Henceforth, I shall be known as Dipanjali Danga for all purposes.
Dipanjali Danga
D-1718

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before affidavit No.- 1417, Executive Magistrate, Chhendipada, dated 21 August 2025, I, Prativa Sahu, Address W/o- Gyanedra Kumar Sahoo, At- Kampasala Jungle, P.O.- Kampasala, P.S.- Chhendipada, Dist.-Angul (Odisha), PIN-759130 declare that I have changed my name from Prativa Sahoo to Prativa Sahu. Henceforth, I shall be known as Prativa Sahu for all purposes.
Prativa Sahu
D-1722

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



# ମନେ ପଡ଼ନ୍ତି

## ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ହିମାଂଶୁ ମୋହନ ତ୍ରିପାଠୀ**
ପଲ୍ଲୀକଣ୍ଠା, ଏରସମା, ଜିଲ୍ଲା: ଜଗତ୍‌ସିଂହପୁର
ଆବିର୍ଭାବ: ୨୦।୦୪।୧୯୩୮
ତିରୋଧାନ: ୨୫।୦୮।୨୦୨୨
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା ।
-ଶୋକସନ୍ତପ୍ତ-
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୭୧୭

## ସହିଦ ଯବାନଙ୍କ ଏକାଦଶ



**ସହିଦ ଯବାନ ସ୍ୱର୍ଗତ କେଦାର ନାଥ ପରିଡ଼ା**
ପିତା- ସ୍ୱର୍ଗତ କୈଳାସ ଚନ୍ଦ୍ର ପରିଡ଼ା
ସା/ପୋ- କୁମୁରିସିଂହା, ଥା-ଅନୁଗୋଳ ସଦର, ଜିଲ୍ଲା- ଅନୁଗୋଳ
ଆପଣ 18.02.1979ରେ ଜନ୍ମ ଗ୍ରହଣ କରି 7 ବିହାର ରେଜିମେଣ୍ଟ ଆର୍ମି ନଂ JC-562908 ଯୋଗଦାନ କରି ପଞ୍ଜାବ ଫିରୋଜପୁରରେ ସୁବେଦାର ଭାବେ କାର୍ଯ୍ୟରତ ଥାଇ 12.08.2025ରେ ଦେଶ ପାଇଁ ସହିଦ ହୋଇଗଲେ । ଆପଣଙ୍କର ମେଳାପି, ମିଷ୍ଟଭାଷି, ସମାଜସେବା, ଦେଶସେବା, ପରୋପକାରିତା ଆମ୍ଭମାନଙ୍କୁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ତ୍ରୀ, ଦୁଇ ପୁଅ, ବୃଦ୍ଧା ମା' ଓ ପରିବାର ବର୍ଗ।
ଧ-୧୭୧୬

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୨/୨୦୨୫ Bhubaneswar, Friday, August 22/ 2025

# ଚର୍ଚ୍ଚାରେ ଏସିଆ କପ୍



ନିର୍ମଳ କୁମାର ମିଶ୍ର

**ଗୁରୁତ୍ୱପୂର୍ଣ୍ଣ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ସେପ୍ଟେମ୍ବର ୯ରୁ ୨୮ ପର୍ଯ୍ୟନ୍ତ ଟି୨୦ ଫର୍ମାଟରେ ଖେଳାଯିବ। ଦୁବାଇ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ୧୧ଟି ଓ ଆବୁଧାବିଠାରେ ୮ଟି ମ୍ୟାଚ ଅନୁଷ୍ଠିତ ହେବ। ଇତିମଧ୍ୟରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ଘୋଷଣା ହୋଇଯାଇଛି...**



ସମ୍ମାନଜନକ ଏସିଆ କପ୍ କ୍ରିକେଟକୁ ନେଇ ଉତ୍ସୁକତା ବଢ଼ିଛି। ଏସିଆର ଶ୍ରେଷ୍ଠ ଦଳ ଗୁଡ଼ିକୁ ନେଇ ଏହି ପ୍ରତିଯୋଗିତା ସେପ୍ଟେମ୍ବର ୯ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟ ଟି୨୦ ଫର୍ମାଟରେ ଖେଳାଯିବ। ଏସିଆ କପ୍‌କୁ ଆଇସିସି ଟି୨୦ ବିଶ୍ୱକପ୍-୨୦୨୬ ପାଇଁ ପ୍ରସ୍ତୁତିର ଏକ ଅଂଶ ଭାବେ ବିବେଚନା କରାଯାଉଛି। ଗତ କିଛିଦିନଧରି ଚର୍ଚ୍ଚାରେ ରହି ଆସିଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ପାଇଁ ଗତ ୧୯ ତାରିଖରେ ଭାରତୀୟ ଦଳ ଘୋଷଣା କରାଯାଇଛି। ସୂର୍ଯ୍ୟକୁମାର ଯାଦବ ଅଧିନାୟକ ପଦ ବଜାୟ ରଖିଥିବାବେଳେ ଟେଷ୍ଟରେ ଟିମ୍ ଇଣ୍ଡିଆର ନେତୃତ୍ୱ ନେଉଥିବା ଶୁବମନ ଗିଲ୍‌ଙ୍କୁ ଉପ-ଅଧିନାୟକ ମନୋନୀତ କରାଯାଇଛି। ଷ୍ଟ୍ରାଇକର ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଦଳରେ ସ୍ଥାନ ପାଇଛନ୍ତି। ଅନ୍ୟ ଯେଉଁ ମାନଙ୍କୁ ସୁଯୋଗ ମିଳିଛି ସେମାନେ ହେଲେ ଅଭିଷେକ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ଜୀତେଶ ଶର୍ମା, ଶିବମ୍ ଦୁବେ, ଅର୍ଶଦୀପ ସିଂ, ସଞ୍ଜୁ ସାମସନ, ହର୍ଷିତ ରାଣା, ତିଳକ ବର୍ମା, ରିଙ୍କୁ ସିଂ, ବରୁଣ ଚକ୍ରବର୍ତ୍ତୀ ଓ କୁଳଦୀପ ଯାଦବ।

ଭାରତ ୧୭ଶ ସଂସ୍କରଣର ଚାମ୍ପିୟନ। ଏସିସି ନିୟମ ଅନୁସାରେ ଚାମ୍ପିୟନ ଟିମ୍ ହିଁ ପରବର୍ତ୍ତୀ ସଂସ୍କରଣର ଆୟୋଜକ ରହିବା କଥା। ମାତ୍ର ପାକିସ୍ତାନ ଓ ବାଂଲାଦେଶ ସହିତ ରାଜନୈତିକ ସମ୍ପର୍କ ଭଲ ନ ଥିବାରୁ ୧୭ତମ ସଂସ୍କରଣର ଆୟୋଜନକୁ ନେଇ ଅନେକ ବାଦ ବିବାଦ ସୃଷ୍ଟି ହୋଇଛି। ଏପରି କି ବାତିଲ ହୋଇଯିବାର ସମ୍ଭାବନା ଥିଲା। ମାତ୍ର ପରବର୍ତ୍ତୀ ସମୟରେ ହାଇବ୍ରିଡ ମୋଡ୍‌ରେ ଖେଳାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏସିଆନ କ୍ରିକେଟ କାଉନସିଲ, ପାକିସ୍ତାନ କ୍ରିକେଟ ବୋର୍ଡ ସଭାପତି ମୋହସିନ ନାକଭି ଓ ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଳା ଭର୍ଚୁଆଲ ବୈଠକରେ ଯୋଗଦେଇ ବହୁ ଆଲୋଚନା ଓ ପର୍ଯ୍ୟାଲୋଚନା ମାଧ୍ୟମରେ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟ ୟୁଏଇରେ ଖେଳାଯିବା ପାଇଁ ରାଜି ହେବା ପରେ ଅଚଳ ଅବସ୍ଥା ଦୂର ହୋଇଥିଲା। ଏଥିରେ ଏସିସିର ୨୫ ସଦସ୍ୟ ଦେଶ ସହମତି ପ୍ରକାଶ କରିଥିଲେ।

ଏସିଆ କପ୍‌ର ଆଗାମୀ ସଂସ୍କରଣରେ ୮ଟି ଦଳ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଏଥିରେ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ, ହଂକଂ, ଓମାନ ଓ ସଂଯୁକ୍ତ ଆରବ ଏମିରେଟ୍ସ ଅନ୍ତର୍ଭୁକ୍ତ। ଭାଗ ନେଉଥିବା ୮ଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ -ଏ'ରେ ଭାରତ, ପାକିସ୍ତାନ, ୟୁଏଇ ଓ ଓମାନ ଏବଂ ଗ୍ରୁପ୍ -ବି'ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଂକଂ ରହିଛନ୍ତି। ଟୁର୍ନାମେଣ୍ଟରେ ୧୯ଟି ମ୍ୟାଚ ଖେଳାଯିବ। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ୩ଟି ମ୍ୟାଚ ଖେଳିବେ। ଭାରତ ତା'ର ପ୍ରଥମ ମ୍ୟାଚ ୧୦ ସେପ୍ଟେମ୍ବରରେ ୟୁଏଇ ବିପକ୍ଷରେ ଖେଳିବାକୁ ଥିବା ବେଳେ ୨ୟ ମ୍ୟାଚ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ସେପ୍ଟେମ୍ବର ୧୪ ଓ ଶେଷ ଗ୍ରୁପ୍ ମ୍ୟାଚ ୧୯ ତାରିଖରେ ଓମାନ ବିପକ୍ଷରେ ଖେଳିବ। ଗ୍ରୁପ୍-ଏ ଓ ଗ୍ରୁପ୍-ବି'ର ଶ୍ରେଷ୍ଠ ୨ଟି ଲେଖାଏ ଦଳ ସୁପର ଫୋର୍‌ରେ ପ୍ରବେଶ କରିବେ। ଏସିଆନ କ୍ରିକେଟ କାଉନସିଲର ୫ଟି ସମ୍ପୂର୍ଣ୍ଣ ସଦସ୍ୟ ଦେଶ ଆଫଗାନିସ୍ତାନ, ବାଂଲାଦେଶ, ପାକିସ୍ତାନ, ଭାରତ ଓ ଶ୍ରୀଲଙ୍କା ସିଧାସଳଖ ଅଂଶଗ୍ରହଣ କରୁଥିବା ବେଳେ ହଂକଂ, ଓମାନ ଓ ୟୁଏଇ କ୍ୱାଲିଫାଇ ମ୍ୟାଚ ଖେଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ଆୟୋଜକ ଦେଶ ଭାବରେ ୟୁଏଇ ସୁଯୋଗ ପାଇଛି। ନିୟମ ଅନୁଯାୟୀ ଏସିସି ଦ୍ୱାରା ଆୟୋଜିତ ୨୦୨୪ ପୁରୁଷ ପ୍ରିମିୟର କପର ଟେବୁଲ ଶୀର୍ଷରେ ଥିବା ୩ଟି ଟିମ୍ ଏଥିରେ ଖେଳିବାର ସୁଯୋଗ ମିଳିଛି।

ଏସିଆ କପ୍‌ରେ ଦୁବାଇ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ୧୧ଟି ଓ ଆବୁଧାବିଠାରେ ୮ଟି ମ୍ୟାଚ ଖେଳାଯିବ। ଏସିଆନ କ୍ରିକେଟ କାଉନସିଲ ଜୁଲାଇ ୨୬ରେ ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା କରିଥିବା ବେଳେ ଅଗଷ୍ଟ ୨ରେ ୨ଟି ଭେନ୍ୟୁରେ ସମସ୍ତ ମ୍ୟାଚ ଖେଳାଯିବାର ସୂଚନା ଦେଇଛି। ୨୦୨୩ରେ ଏସିଆ କପ୍‌ର ୧୪ଶ ସଂସ୍କରଣ ଅ।ଇ ସି ସି ଏକଦିବସୀୟ ଟୁର୍ନାମେଣ୍ଟ ପାଇଁ ଦିନିକିଆ ଫର୍ମାଟରେ ହୋଇଥିଲା। ପ୍ରଥମ ଏସିଆ କପ୍ ଭାବେ ଏହା ପାକିସ୍ତାନ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ହୋଇଥିଲା। ପାକିସ୍ତାନରେ ମାତ୍ର ୪ଟି ଓ ଶ୍ରୀଲଙ୍କାରେ ୯ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୬ଟି ଟିମ୍‌କୁ ନେଇ ଏହି ଟୁର୍ନାମେଣ୍ଟରେ ମୋଟ ୧୩ଟି ମ୍ୟାଚ ଖେଳାଯାଇଥିଲା। ଶ୍ରୀଲଙ୍କାକୁ ଫାଇନାଲରେ ହରାଇ ଭାରତ ତା'ର ୮ମ ଏସିଆ କପ୍ ଟାଇଟଲ ହାସଲ କରିଥିଲା। ଫାଇନାଲରେ ଶ୍ରୀଲଙ୍କା ମାତ୍ର ୫୦ରନ୍‌ରେ ଅଲ୍‌ଆଉଟ ହେବାରୁ ଭାରତ ମାତ୍ର ୬ ଓଭରରେ ୧୦ଉଇକେଟରେ ଏକତରଫା ବିଜୟ ହାସଲ କରିଥିଲା।

ଇତିହାସଅନୁସାରେ ଏସିଆ କପ୍‌ର ପ୍ରଥମ ସଂସ୍କରଣ ୧୯୮୪ରେ ଶାରଜାଠାରେ ଖେଳାଯାଇଥିଲା। ପ୍ରତି ୨ବର୍ଷରେ ଥରେ ହେଉଥିବା ଟୁର୍ନାମେଣ୍ଟରେ ଭାରତ ୭ଥର ଏକଦିବସୀୟ ଫର୍ମାଟରେ ଚାମ୍ପିୟନ ହୋଇଥିବା ବେଳେ ଗୋଟିଏ ଥର ଟି୨୦ ଫର୍ମାଟରେ ଟାଇଟଲ ବିଜୟୀ ହୋଇଛି। ଭାରତ ୧୯୮୪, ୧୯୮୬, ୧୯୮୮, ୧୯୯୦, ୧୯୯୫, ୨୦୧୦, ୨୦୧୬ ଏବଂ ୨୦୨୩ ଚାମ୍ପିୟନ ହୋଇଛି। ଅନ୍ୟପକ୍ଷରେ ଶ୍ରୀଲଙ୍କା ୬ଥର ଏବଂ ପାକିସ୍ତାନ ୨୦୦୦ ଏବଂ ୨୦୧୨ରେ ଶେଷ ଥର ପାଇଁ ଚାମ୍ପିୟନ ହୋଇଥିଲା। ପୂର୍ବରୁ ଭାରତ କେବଳ ୧୯୯୦ ମସିହାରେ ଏହି ଟୁର୍ନାମେଣ୍ଟର ଆୟୋଜକ ଥିଲା। ବାଂଲାଦେଶ ଓ ୟୁଏଇ ସର୍ବାଧିକ ୫ଥର ଲେଖାଏ ଏହି ଟୁର୍ନାମେଣ୍ଟ ଆୟୋଜନ କରିବାର ସୁଯୋଗ ପାଇଛନ୍ତି।

୨୦୨୪ ଏସିସି ପ୍ରିମିୟର କପ୍ ଫାଇନାଲରେ ୟୁଏଇ ୫୫ରନରେ ଓମାନକୁ ହରାଇ ଯୋଗ୍ୟତା ଅର୍ଜନ କରିଥିବା ବେଳେ ହଂକଂ ଶକ୍ତିଶାଳୀ ନେପାଳକୁ ୪ ଉଇକେଟରେ ହରାଇ ତୃତୀୟ ଦଳ ରୂପେ ଯୋଗ୍ୟତା ହାସଲ କରିଥିଲା।

ଆଗାମୀ ଏସିଆ କପ୍‌ରେ ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଥିବାରୁ ସମସ୍ତ କ୍ରିକେଟ ପ୍ରେମୀମାନଙ୍କ ନଜର ଏହି ମ୍ୟାଚ ଉପରେ ରହିଛି। ଉଭୟ ଦଳ ପରସ୍ପରକୁ ୩ଥର ଭେଟିବାର ସମ୍ଭାବନା ରହିଛି। ସେପ୍ଟେମ୍ବର ୧୪ରେ ପ୍ରଥମ ମ୍ୟାଚ ଦୁବାଇ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

ଏସିଆ କପ୍‌ର ଆୟୋଜନକୁ ନେଇ ସବୁବେଳେ ବିବାଦ ଦେଖାଦେଇଛି। ପ୍ରତ୍ୟେକ ସଂସ୍କରଣରେ ପିଚ୍, ଖେଳାଳିଙ୍କ ସୁବିଧା ସୁଯୋଗ, ଅମ୍ପାୟରିଂ, ଆୟୋଜନ, ଭାରତ ବିରୋଧୀ ସ୍ଲୋଗାନ, ଏସିସିର ଆସୋସିଏଟ୍ ମେମ୍ବର୍ସ ଦେଶଙ୍କ ଅଭିଯୋଗ, ଟିମ୍ ସଂଖ୍ୟା ବୃଦ୍ଧି, ରାଜନୈତିକ ଅସ୍ଥିରତା ପରି ଅନେକ କାରଣ ରହିଛି। ଏପରି କି ଟୁର୍ନାମେଣ୍ଟର ଗ୍ଲାମର କମାଇବା ପାଇଁ ଓ ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ପାଇଁ ସ୍ଥାୟୀ ସଦସ୍ୟ ଦେଶଗୁଡ଼ିକ ସେମାନଙ୍କର ଦ୍ୱିତୀୟ ଟିମ୍ ପଠାଇବା ଘଟଣା ବିବାଦ ସୃଷ୍ଟି କରିଛି। ଏପରି କି ଆତଙ୍କବାଦୀଙ୍କ ଆକ୍ରମଣ ଧମକ ମଧ୍ୟ ଏହି ଟୁର୍ନାମେଣ୍ଟ ଆୟୋଜନକୁ ଆଶଙ୍କା ଘେରକୁ ନେଇଯାଇଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଏସିଆ କପ୍‌ରେ ମ୍ୟାଚ ରହିଲେ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ଉଭୟ ଦଳକୁ ସମର୍ଥନ କରିବା ଦୃଷ୍ଟିକୋଣରୁ ମଧ୍ୟ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥାଏ। ଏଥର ମଧ୍ୟ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଓ ବାଂଲାଦେଶ ସହିତ ଖରାପ ସମ୍ପର୍କ ପାଇଁ ଭାରତ ଏସିଆ କପ୍ ଖେଳିବ ନାହିଁ ବୋଲି ମନା କରି ଦେଇଥିଲେ ଏସିସିର ବ୍ୟାପକ ଆର୍ଥିକ କ୍ଷତି ହୋଇଥାନ୍ତା। ଭାରତ ଆୟୋଜକ ହେଲେ ମଧ୍ୟ ସମ୍ପୂର୍ଣ୍ଣ ମ୍ୟାଚ ୟୁଏଇରେ ହେବା ପାଇଁ ଏସିସି ସର୍ତ୍ତରେ ରାଜି ହୋଇଛି।

ବର୍ତ୍ତମାନ ଭାରତ ବିଶ୍ୱକ୍ରୀଡ଼ାର ଶ୍ରେଷ୍ଠ ପ୍ରତିଯୋଗିତା ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି। ଅଲିମ୍ପିକ୍ସ (ଲସ୍‌ଏଞ୍ଜେଲ୍ସ)ରେ ମଧ୍ୟ ଏହି ଲୋକପ୍ରିୟ ଖେଳକୁ ସାମିଲ କରାଯାଇଛି। ୨୦୦୮ରେ ମୁମ୍ବାଇ ଆକ୍ରମଣ ପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ ହୋଇନାହିଁ। ଏପରି କି ଭାରତ ସରକାର ତାଙ୍କର ସ୍ପଷ୍ଟ ମନ୍ତବ୍ୟ ମାଧ୍ୟମରେ ୨୦୨୭ ପର୍ଯ୍ୟନ୍ତ ଏହା ଆଦୌ ସମ୍ଭବ ନୁହେଁ ବୋଲି କହିଛନ୍ତି। କେବଳ ଆଇସିସି ଦ୍ୱାରା ଆୟୋଜିତ ଟୁର୍ନାମେଣ୍ଟ ଗୁଡ଼ିକରେ ନିରପେକ୍ଷ ଭେନ୍ୟୁରେ ଦୁଇ ଦେଶ କ୍ରିକେଟ ଖେଳୁଛନ୍ତି। ଭାରତ ୧୯୮୬ରେ ଶ୍ରୀଲଙ୍କାରେ ଅନୁଷ୍ଠିତ ଏସିଆ କପ୍‌ରେ ସେଠାକାର ଉତ୍ତେଜନା ପରିସ୍ଥିତି ପାଇଁ ଯୋଗ ଦେଇ ନ ଥିଲା। ୨୦୧୦ରେ ପଡିଆ ମଧ୍ୟରେ ସୋଏବ ଅଖତର ଓ ହରଭଜନ ସିଂଙ୍କ କଥା କଟାକଟି ଘଟଣା ମଧ୍ୟ ବହୁ ବିବାଦ ସୃଷ୍ଟି କରିଥିଲା। ସେହିପରି ୧୯୯୦ରେ ପାକିସ୍ତାନ ଏସିଆ କପ ଖେଳି ନ ଥିଲା। ଗୌତମ ଗମ୍ଭୀର ଓ କମରନ ଅକମଲଙ୍କ ମଧ୍ୟରେ ବଚସା ମଧ୍ୟ ଏସିଆ କପ୍‌ରେ ଚର୍ଚ୍ଚାର ଅନ୍ୟତମ କାରଣ ଥିଲା। ଇଂଲଣ୍ଡରେ ଅନୁଷ୍ଠିତ ଲିଜେଣ୍ଡ୍ସ ଲିଗ୍‌ରେ ପାକିସ୍ତାନ ସହ ଭାରତ ମ୍ୟାଚ ନ ଖେଳିବା ସଦ୍ୟତମ ଚର୍ଚ୍ଚାର ବିଷୟ ହୋଇଛି।




# ଦୃଢ଼ମନା ଆବୁ ହୁବେଦା

**ପାରା ବ୍ୟାଡ୍‌ମିଣ୍ଟନ ତାରକା ଆବୁ ହୁବେଦା ବାହାରିନ, ବ୍ରାଜିଲ, ଦୁବାଇ, ଇଜିପ୍ଟ, ଜାପାନରେ ପଦକ ଜିତିବା ଓ ଏସିଆନ ପାରା ଗେମ୍ସରେ ଖେଳିବା ସହ ନିଜ କାଟେଗୋରିରେ ବିଶ୍ୱର ନଂ-୪ ମଧ୍ୟରେ ରହିଛନ୍ତି। ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ସର୍ବଶ୍ରେଷ୍ଠ ଲକ୍ଷ୍ମଣ ପୁରସ୍କାର ହାସଲ କରି ନିଜ ଦକ୍ଷତାର ପ୍ରମାଣ ଦେଇସାରିଛନ୍ତି...**

ଭାରତର ଅନ୍ୟତମ ପେସାଦାର ପାରା ବ୍ୟାଡ୍‌ମିଣ୍ଟନ ତାରକା ହେଲେ ଆବୁ ହୁବେଦା। ୨୦୧୬ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ଉତ୍ତର ପ୍ରଦେଶର ହୁବେଦା ୨୦୧୭ରେ ଉଗାଣ୍ଡା ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ପ୍ରଥମ ଅନ୍ତର୍ଜାତୀୟ ଟାଇଟଲ ଜିତିଥିଲେ। ଏଥିରେ ସେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୦୧୮ରେ ସେ ପୁରୁଷ ସିଙ୍ଗଲ୍ସରେ ଜାତୀୟ ଚାମ୍ପିୟନ ହୋଇଥିଲେ। ପିଲାଦିନ ସମ୍ପର୍କରେ ହୁବେଦା କୁହନ୍ତି ଯେ, ''ମୋତେ ଦୁଇ ବର୍ଷ ହୋଇଥିବାବେଳେ ଡାହାଣ ଗୋଡ଼ରେ ପୋଲିଓ ହୋଇଯାଇଥିଲା। ଗୋଡ଼ର ୬୦ ପ୍ରତିଶତ ଅକ୍ଷମ ହୋଇଥିଲା। ଆମ ପଡ଼ୋଶୀ ଲୋକେ, ଏପରି କି ସମ୍ପର୍କୀୟମାନେ ମୋ ମା'-ବାପାଙ୍କୁ କହୁଥିଲେ, ସୁନା ପରି ପିଲାଟିଏ ଏବେ ମାଟି ହୋଇଯାଇଛି। ଏହା ମୋ ମା'-ବାପାଙ୍କୁ ବାଧିଥିଲା। ସେମାନେ ଚିନ୍ତିତ ଥିଲେ ଯେ, ଆମ ଛୁଆ ତା' ଜୀବନରେ କ'ଣ କରିବ''। କ୍ରମେ ସମୟ ବଦଳିଲା। ସାହସ ଓ କଠିନ ପରିଶ୍ରମ ବଳରେ ହୁବେଦା ଏବେ ବିଶ୍ୱର ୪ ନମ୍ବର ପୁରୁଷ ଡବଲ୍ସ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି। ସେ ଦେଶର ସବୁଠୁ ସ୍ଥିର ପ୍ରଦର୍ଶନ କରୁଥିବା ପାରା ଆଥ୍‌ଲେଟ୍। ସେ ୪ ଥରର ଜାତୀୟ ଚାମ୍ପିୟନ ଓ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ରଦାନ କରାଯାଉଥିବା ସର୍ବଶ୍ରେଷ୍ଠ ଲକ୍ଷ୍ମଣ ପୁରସ୍କାର ବିଜେତା। ତାଙ୍କ ଅଭିଯାନରେ ଯେତିକି ସଂଘର୍ଷ ଥିଲା, ସେତିକି ସମର୍ଥନ ମଧ୍ୟ ରହିଥିଲା।

ହୁବେଦା ଚଳିତ ବର୍ଷ ଥାଇଲାଣ୍ଡର ନାଖନ ରାଚ୍‌ତାସିମାଠାରେ ଏସିଆନ୍ ପାରା-ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ପୁରୁଷ ଡବଲ୍ସ (ଡବ୍ଲ୍ୟୁଏଚ୍୧-ଡବ୍ଲ୍ୟୁଏଚ୍୨)ରେ ବ୍ରୋଞ୍ଜ ପଦକ ଜିତିଥିଲେ। ପ୍ରେମ କୁମାର ଆଲେଙ୍କୁ ସାଥି କରି ଖେଳୁଥିବା ହୁବେଦା ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଥାଇଲାଣ୍ଡର ଏ ସାଇ ଲେନ ଓ ଏ ଶ୍ରୀବୋରାନଙ୍କୁ ୨୧-୧୨, ୨୧-୧୨ ସିଧାସଳଖ ଗେମ୍‌ରେ ହରାଇ ଏହି ସଫଳତା ପାଇଥିଲେ। ହ୍ୱିଲଚେୟାର ଡବଲ୍ସରେ ଏହା ଭାରତ ପାଇଁ ପ୍ରଥମ ଏସିଆନ୍ କଣ୍ଟିନେଣ୍ଟାଲ ସ୍ତରର ପଦକ ଥିଲା।

ଲକ୍ଷ୍ନୌରେ ବଡ଼ ହେବା ବେଳେ ଆବୁ ନିଜକୁ କଦାପି ଭିନ୍ନକ୍ଷମ ଭାବେ ଭାବି ନ ଥିଲେ। ସାଙ୍ଗମାନଙ୍କ ସହ ଗଳି କ୍ରିକେଟ ଖେଳୁଥିଲେ। ଲକ୍ଷ୍ନୌରେ ଥିବା ଭିତ୍ତିଭୂମିର ସଦୁପଯୋଗ କରି ସେ ଆଗକୁ ବଢ଼ିଥିଲେ।

୨୦୦୮ରେ ସେ ପ୍ରଥମ ଥର ପାଇଁ ପାରା ସ୍ପୋର୍ଟ୍ସ ସମ୍ପର୍କରେ ଜାଣିବାକୁ ପାଇଥିଲେ। ପ୍ରଥମେ ଆଥ୍‌ଲେଟିକ୍ସରେ ଭାଗ୍ୟ ପରୀକ୍ଷା କରିଥିଲେ। କିନ୍ତୁ ଏଥିରେ ପଦକ ଆଣିବା ପାଇଁ ଲକ୍ଷ୍ନୌରେ ସେଭଳି କୌଣସି ସୁବିଧା, ଟ୍ରେନିଂ ବ୍ୟବସ୍ଥା ଓ ପରିବେଶ ନ ଥିବା ଅନୁଭବ କରିଥିଲେ। ଜଣେ ବନ୍ଧୁଙ୍କଠାରୁ ସେ ବ୍ୟାଡ୍‌ମିଣ୍ଟନ ସମ୍ପର୍କରେ ଜାଣିଥିଲେ। ୨୦୧୧ରେ ଚେନ୍ନାଇରେ ଏକ ଟୁର୍ନାମେଣ୍ଟ ଅବସରରେ ହ୍ୱିଲଚେୟାରରେ ପ୍ରତିଯୋଗୀମାନେ ବ୍ୟାଡ୍‌ମିଣ୍ଟନ ଖେଳୁଥିବା ସେ ପ୍ରଥମ ଥର ଦେଖିଥିଲେ। ଜଣେ ଅଧିକାରୀଙ୍କ ପରାମର୍ଶ କ୍ରମେ ସେ ହୁଇଲଚେୟାର ବ୍ୟାଡ୍‌ମିଣ୍ଟନକୁ କ୍ୟାରିୟର କରିବାକୁ ଆଗଭର ହୋଇଥିଲେ।



ସ୍ପୋର୍ଟ୍ସ ଲାଗି ସ୍ୱତନ୍ତ୍ର ହ୍ୱିଲଚେୟାରର ଆବଶ୍ୟକତା ଥିବା ବୁଝିପାରିଥିଲେ। କିନ୍ତୁ ସ୍ପୋର୍ଟ୍ସ ପାଇଁ ବ୍ୟବହୃତ ହ୍ୱିଲଚେୟାର ଖୁବ୍ ମହଙ୍ଗା ଥିଲା। ସେହି ସମୟରେ ତାହାର ମୂଲ୍ୟ ପ୍ରାୟ ୪୦ ହଜାର ଟଙ୍କା ଥିଲା ଏବଂ ସେଥିଲାଗି କୌଣସି ପାଣ୍ଠି ମଧ୍ୟ ନ ଥିଲା। ତାଙ୍କ ଲାଗି ଅର୍ଥ ଯୋଗାଡ଼ କରାଯାଇଥିଲା। ହ୍ୱିଲଚେୟାର କିଣିବା ପରେ ସେ ସେଥିରେ ବ୍ୟାଡ୍‌ମିଣ୍ଟନକୁ ସୁହାଇଲା ଭଳି ପରିବର୍ତ୍ତନ କରିଥିଲେ।

ସେ ଖେଳ ଆରମ୍ଭ କଲାବେଳେ ମାତ୍ର ୨ରୁ ୩ ଖେଳାଳି ଏକାଠି ଖେଳୁଥିଲେ। ସେ ବ୍ୟାଡ୍‌ମିଣ୍ଟନର ମୌଳିକତା ଜାଣିବା ପରେ ଅନ୍ୟ ହ୍ୱିଲଚେୟାର ବ୍ୟବହାରକାରୀଙ୍କୁ ଶିଖାଇଲେ। ସେମାନେ ପୂର୍ବରୁ କେବଳ କ୍ରିକେଟ ଖେଳୁଥିଲେ। ଏହା ହିଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। କୋଚ୍ ଗୌରବ ଖାନ୍ନା ଲକ୍ଷ୍ନୌ ବାସିନ୍ଦା ବୋଲି ସେ ଜାଣିବାକୁ ପାଇଲେ। ଗୌରବ ରେଫରି କାର୍ଯ୍ୟ କରିବା ସହିତ ବଧିର ବ୍ୟାଡ୍‌ମିଣ୍ଟନ ଦଳକୁ ପ୍ରଶିକ୍ଷଣ ଦେଉଥିଲେ। ତାଙ୍କୁ ଯୋଗାଯୋଗ କରାଯାଇଥିଲା। ସେ ପ୍ରଶିକ୍ଷଣ ଦେବାକୁ ରାଜି ହୋଇଥିଲେ। ସେ ପ୍ରତିଦିନ ତାଙ୍କ ରେଲୱେ ଚାକିରିକୁ ଯିବା ପୂର୍ବରୁ ସକାଳ ୮ଟାରୁ ୯.୩୦ ପର୍ଯ୍ୟନ୍ତ ଟ୍ରେନିଂ ଦେଉଥିଲେ। ଏବେ ସେ ଭାରତୀୟ ପାରା-ବ୍ୟାଡ୍‌ମିଣ୍ଟନ ଦଳର ମୁଖ୍ୟ କୋଚ୍, ଜଣେ ଦ୍ରୋଣାଚାର୍ଯ୍ୟ ଓ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ କୋଚ୍। ୨୦୧୨-୧୩ ବେଳକୁ ହୁବେଦା ହ୍ୱିଲଚେୟାର କାଟେଗୋରିରେ ପ୍ରତିଷ୍ଠିତ ଆଥ୍‌ଲେଟ ପାଲଟି ଯାଇଥିଲେ। ସେହିବର୍ଷ ସେ ଉତ୍ତର ପ୍ରଦେଶ ପାଇଁ ଏକ ଡବଲ ଗୋଲ୍ଡ ମେଡାଲ ଜିତିଥିଲେ। ଏ ସମ୍ପର୍କରେ ସେ କହିଛନ୍ତି ଯେ, ତାହା ମୋ ପାଇଁ ସମ୍ମାନର ବିଷୟ ଥିଲା। ସିନିୟର ଖେଳାଳି ଓ ଡବଲ୍ସ ପାର୍ଟନର ପ୍ରେମ କୁମାର ଆଲେ ମୋର ମାର୍ଗଦର୍ଶନ କରିଥିଲେ। ଆଜି ମୁଁ ଓ ପ୍ରେମ ୱାର୍ଲ୍ଡ ନଂ-୪ ଏବଂ ଏସିଆରେ ନଂ-୩ ପୁରୁଷ ଡବଲ୍ସ ଯୋଡ଼ି। ହୁବେଦାଙ୍କ ଅଗ୍ରଗତି ସହଜ ନ ଥିଲା। ତାଙ୍କୁ କିଛି ସମର୍ଥନ କରୁଥିଲେ ଓ ଅନ୍ୟମାନେ ସମର୍ଥନ କରୁ ନ ଥିଲେ। ଲକ୍ଷ୍ନୌରେ ସେ ଯେତେବେଳେ ପ୍ରଥମେ ହ୍ୱିଲଚେୟାର ବ୍ୟାଡ୍‌ମିଣ୍ଟନ ଖେଳିବା ଆରମ୍ଭ କରିଥିଲେ ଅନେକ ଏହାକୁ ବିରୋଧ କରିଥିଲେ। ଏପରିକି କୋର୍ଟରେ ତାଙ୍କୁ ପୂରାଇ ଦେବେ ନାହିଁ କହିଥିଲେ। ଅଧିକାର ପାଇଁ ତାଙ୍କୁ ଲଢ଼େଇ କରିବାକୁ ପଡ଼ିଥିଲା। ସରକାର ଓ କ୍ରୀଡ଼ା ଅଧିକାରୀଙ୍କୁ ଚିଠି ଲେଖିବା ପରେ ସେମାନେ ହ୍ୱିଲଚେୟାରକୁ ପରୀକ୍ଷା କରିଥିଲେ। ସ୍ପୋର୍ଟ୍ସ ହ୍ୱିଲଚେୟାର ଯୋଗୁ କୋର୍ଟର କୌଣସି କ୍ଷତି ହେବ ନାହିଁ ଜାଣିବା ପରେ ତାଙ୍କୁ ଖେଳିବାକୁ ଅନୁମତି ମିଳିଥିଲା। କେବଳ ଯେ ଅଜଣା ଲୋକେ ତାଙ୍କ ପାଇଁ ବାଧକ ସାଜିଥିଲେ ତା ନୁହେଁ, ବରଂ ସମ୍ପର୍କୀୟମାନେ ମଧ୍ୟ ତାଙ୍କୁ ଖେଳରୁ ଦୂରେଇ ରଖିବାକୁ ତାଙ୍କ ମା' ଓ ବାପାଙ୍କୁ ପରାମର୍ଶ ଦେଇଥିଲେ। ପାଠ ପଢ଼ିଲେ ଚାକିରି କରିବ, ପାରା ସ୍ପୋର୍ଟ୍ସରେ କ'ଣ ଅଛି ବୋଲି ସେମାନେ ମତ ଦେଉଥିଲେ। ଏହା ଶୁଣିବା ବହୁତ କଷ୍ଟଦାୟକ ଥିଲା। ଇତିମଧ୍ୟରେ ହୁବେଦା ବାହାରିନ, ବ୍ରାଜିଲ, ଦୁବାଇ, ଇଜିପ୍ଟ, ଜାପାନରେ ପଦକ ଜିତିବା ଓ ଏସିଆନ ପାରା ଗେମ୍ସରେ ପଦାର୍ପଣ କରିବା ସହ ନିଜ କାଟେଗୋରିରେ ବିଶ୍ୱର ନଂ-୪ ମଧ୍ୟରେ ରହିଛନ୍ତି। ନିକଟରେ ଜିତିଥିବା ବ୍ରୋଞ୍ଜ ପଦକ ତାଙ୍କ କ୍ୟାରିୟରକୁ ଆହୁରି ଋଦ୍ଧିମନ୍ତ କରିଛି।

## ସେଫ୍

ଗ୍ରାଣ୍ଡମାଷ୍ଟର ଦିବ୍ୟା ଦେଶମୁଖ ପାଇଁ
କଙ୍ଗ୍ରାଚୁଲେଶନ, ପୁରସ୍କାର
ତିନିକୋଟି ଆର୍ଥିକ ସହାୟତା ଦେଲା
ମହାରାଷ୍ଟ୍ର ସରକାର
ଭିଜିଟ୍ କରି ତାଙ୍କ ଘର
ଭାରତର ଚିଫ ଜଷ୍ଟିସ ଭୂଷଣ
କହନ୍ତି ଗର୍ବ ଆମ୍ଭର ...(୧)



ଫ୍ରେଣ୍ଡ ରିକ୍ୱେଷ୍ଟ ଗ୍ରହଣ କରି କରି
ଦି' ବର୍ଷରେ ଆଠ କୋଟି
ମୁମ୍ବାଇର ଜଣେ ବୃଦ୍ଧ ବ୍ୟକ୍ତିଠାରୁ
ଝୁଣି ନେଲା ଧରି ଚୁଟି
ବେଟା ହୋଇ କହି ବେଟି
ଶାର୍ଭି, କବିତା, ଦିନାଜ୍, ଜସ୍ମିନ
ନାମେ ଭାସିଗଲା ପାର୍ଟି....(୨)

ଖେଳାଳିଟି ଖେଳେ ସାଧନାରେ କିଏ
ରୋଜଗାର କରେ ଖଟି
ବମ୍ବେ ବୃଦ୍ଧ ଭଳି କଳା ପୋତାଧନ
ସାଇବର ନିଏ ଲୁଟି
ପଚାର ଯା' ଗୋଟି ଗୋଟି
ଅଣାଅଣୀ ତମ ସ୍ୱାଧିନତା ଦିବସରେ
ନାରୀ କେତେ ସେଫ୍ ଏଠି ?....(୩)

–ସୁବାସ ଚନ୍ଦ୍ର ପ୍ରଧାନ

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ